# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୮/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, July 18/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 234 | ମୂଲ୍ୟ ₹୭/-




**ଇନ୍‌ଷ୍ଟାରେ ପ୍ରିନ୍ସେସ୍‌ଙ୍କ ୩ ତଲାକ୍**

ଦୁବାଇ ଶାସକଙ୍କ ଝିଅ ଶଇଖା ମହରା ବିଣ୍ଟ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକ୍‌ତୋଉମ୍ ଇନ୍‌ଷ୍ଟାଗ୍ରାମରେ ନିଜ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦଙ୍କୁ ୩ ତଲାକ୍ (ଛାଡ଼ପତ୍ର) ଦେଇଛନ୍ତି। **୧୦**

**୦୨** **ସରକାରଠାରୁ ସଂଗଠନ ବଡ଼: ମୌର୍ଯ୍ୟ**

ସରକାର ଠାରୁ ସଂଗଠନ ବଡ଼ ବୋଲି ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି।



## ସୁନାରେ ଝଲସିଲେ ଦାରୁଦିଅଁ



ପୁରୀ ସିଂହଦ୍ୱାର ସମ୍ମୁଖରେ ବୁଧବାର ରଥାରୂଢ଼ ତିନି ଠାକୁରଙ୍କ ସୁନାବେଶ । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# କଟକ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

## ଜଗତ୍‌ସିଂହପୁର ଜିଲାପାଳ ଅନୁପମ ଶାହା ହେଲେ ଅତିରିକ୍ତ ସଚିବ

**ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)**



ଅରିନ୍ଦମ ଡାକୁଆ

କଟକ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ବୁଧବାର ନିଯୁକ୍ତି ଦିଆଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲାପାଳ ଅନୁପମ ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ ଦିଆଯାଇଛି। ଅରିନ୍ଦମ ଡାକୁଆ ୨୦୧୧ ବ୍ୟାଚ୍ ଏବଂ ଅନୁପମ ଶାହା ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର।


**SHAILABALA WOMEN'S AUTONOMOUS COLLEGE, CUTTACK**

ESTD. 1913

Accredited with 'A' grade by NAAC (UGC) (2006,2017)

**ADMISSION NOTICE 2024-25**

| Course | Duration | Eligibility |
| --- | --- | --- |
| B.Sc. (ITM) (Bachelor in Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board / University. |

Forms and Information Bulletins are available at College Counter on SFC Science Block Annex for Rs. 300/- on all working days OR you may download the form from the college website - www.shailabalawomenscollege.ac.in

E-mail: shailabalasfc@gmail.com Sd/- Principal

For Details, Call: 7978927972, 8249864218


# ଓଡ଼ିଶାରେ ଚାଲିବ ବୁଲ୍‌ଡୋଜର

## ସରକାରୀ ଜମିରେ ବେଆଇନ ନିର୍ମାଣ ଭଙ୍ଗାଯିବ



ଉତ୍ତରପ୍ରଦେଶରେ ଯୋଗୀ ସରକାରଙ୍କ ଭଳି ଓଡ଼ିଶାରେ ମଧ୍ୟ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସରକାର। ସରକାରୀ ଜମିରେ ହୋଇଥିବା ସମସ୍ତ ପ୍ରକାର ନିର୍ମାଣକୁ ଭଙ୍ଗାଯିବ। ତେବେ ସରକାରଙ୍କ ମୁଖ୍ୟ ଟାର୍ଗେଟ୍ ହେଉଛନ୍ତି ପ୍ରଭାବଶାଳୀ, ଯେଉଁମାନେ କି ବିପୁଳ ସରକାରୀ ଜମିକୁ ଅକ୍ତିଆର କରି ବ୍ୟବସାୟ ବିସ୍ତାର କରିଛନ୍ତି। ଗତ ମାସରେ ଖୋର୍ଦ୍ଧା ଜିଲାରେ ବଡ଼ଧରଣର ଜଙ୍ଗଲ ଜମି ଜବରଦଖଲକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

**ସମ୍ବଲପୁର (ପ୍ରମୋଦ ବହିଦାର)/ ଭୁବନେଶ୍ୱର (ଅନିଲ ଦାସ) ୧୭।୭**

ରାଜ୍ୟରେ ସରକାରୀ ଜମି ଜବରଦଖଲକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଜବରଦଖଲକାରୀ ଯେତେ ପ୍ରଭାବଶାଳୀ ହୁଅନ୍ତୁ ନା କାହିଁକି, ତାଙ୍କ ଅସଲ ମୁଖା ଖୋଲାଯିବ। ଜଙ୍ଗଲ ଜମି ହେଉ ବା ସରକାରୀ ଜମି, ବେଆଇନ ଭାବେ ନିର୍ମାଣ ହୋଇଥିବା ସମସ୍ତ ଅଟ୍ଟାଳିକା ଉପରେ ବୁଲ୍‌ଡୋଜର ଚାଲିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର କହିଛନ୍ତି। ସମ୍ବଲପୁରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବରୁ ଲୋକଦେଖାଣିଆ ଭାବେ ଜବରଦଖଲ ଉଚ୍ଛେଦ ଆଳରେ ପ୍ରଶାସନ ଗରିବ ଲୋକଙ୍କ ଉପରେ ଦାଉ ସାଧୁଥିଲା। ମୁଣ୍ଡ ଗୁଞ୍ଜିବା ପାଇଁ ୩/୪ ଡିସିମିଲ ସରକାରୀ ଜମିରେ ଘର ତିଆରି କରିଥିବା ଭୂମିହୀନ ଗରିବ ଲୋକଙ୍କୁ ଉଚ୍ଛେଦ କରି ବାହାବା ନେବାରେ ସୀମିତ ରହୁଥିଲା ସମ୍ପୃକ୍ତ ଜିଲା ପ୍ରଶାସନ। ତେବେ ଉକ୍ତ ଗରିବ ଲୋକଙ୍କୁ ଜବରଦଖଲକାରୀ ଭାବେ ବିବେଚନା କରାଯିବ ନାହିଁ। ରାଜ୍ୟରେ ୪ ଡିସିମିଲ୍‌ରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ କରି ବହୁତଳ ପ୍ରାସାଦ ନିର୍ମାଣ କରିଥିବା ପ୍ରତିପତ୍ତିଶାଳୀ ବ୍ୟକ୍ତି ଏବଂ ଅନୁଷ୍ଠାନର ବିଲ୍ଡିଂ ଉପରେ ବୁଲ୍‌ଡୋଜର ବୁଲିବ ବୋଲି ମନ୍ତ୍ରୀ କହିଛନ୍ତି।

ପୂର୍ବପୁରୁଷମାନେ ଦେଇ ଯାଇଥିବା ସ୍ୱାଧୀନତାର ଅସଲ ସ୍ୱାଦ ବର୍ତ୍ତମାନ ରାଜ୍ୟବାସୀ ଚାଖିବାର ସମୟ ଆସିଛି। ସମଗ୍ର ରାଜ୍ୟରେ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟକାରୀ ହେବ। ସରକାରୀ ଜମିଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣରେ ବ୍ୟବହାର ହୋଇଥାଏ। ମାତ୍ର ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟାତଳେ ରହି ସରକାରୀ ଜମିକୁ ହଡ଼ପ କରିଚାଲିଥିବା ଅସାଧୁ ବ୍ୟକ୍ତିଙ୍କ ଯୋଗୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ସମୂଳେ ବନ୍ଦ କରିବା ପାଇଁ ଉଚ୍ଛେଦ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ☞ପୃଷ୍ଠା-୪

# ତାରିଣୀ ପୀଠରେ ଜିଭ କାଟିଲେ ଭକ୍ତ

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ), ୧୭।୭**

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ମନ୍ଦିରରେ ଜଣେ ଶ୍ରଦ୍ଧାଳୁ ମାନସିକ ପୂରଣ ଲାଗି ସନ୍ଧ୍ୟା ଆଳତି ସମୟରେ ନିଜ ଜିଭକୁ କାଟି ଦେଇଛନ୍ତି। ସେ ହେଉଛନ୍ତି ଗଞ୍ଜାମ ଜିଲାର ବିଜୟ ପ୍ରଧାନ(୫୦)। ସୂଚନା ଅନୁଯାୟୀ, ବିଜୟ ମଙ୍ଗଳବାର ଘଟଗାଁ ମା' ତାରିଣୀଙ୍କ ଦର୍ଶନ ନିମନ୍ତେ ଆସିଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମା'ଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସନ୍ଧ୍ୟା ପ୍ରାୟ ୭.୪୫ରେ ଆଳତି ଚାଲିଥିବା ସମୟରେ ଜିଭକୁ ବ୍ଲେଡ୍‌ରେ କାଟି ☞ପୃଷ୍ଠା-୪

# ଭାଙ୍ଗିଲା ରାଜ୍ୟ ଯୋଜନା ବୋର୍ଡ

**ଭୁବନେଶ୍ୱର, ୧୭।୭(ଅନିଲ ଦାସ)**

ରାଜ୍ୟ ସରକାର ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ଦେଇଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଭାଙ୍ଗିବା ପାଇଁ ଆସିଥିବା ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ରାଜ୍ୟ ଯୋଜନା ବୋର୍ଡ ନୂଆ ଢଙ୍ଗରେ ପୁନର୍ଗଠନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବିଜେଡି ସରକାର ଅମଳରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ବୋର୍ଡର ☞ପୃଷ୍ଠା-୪

# ପୋଲିସ ଏନ୍‌କାଉଣ୍ଟରରେ ୧୨ ମାଓବାଦୀ ନିହତ

**ଗଡ଼ଚିରୋଲି, ୧୭।୭(ପି.ଟି.)**

ଛତିଶଗଡ଼ ସୀମାନ୍ତ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ବୁଧବାର ପୋଲିସ ଏନ୍‌କାଉଣ୍ଟରରେ ଅନ୍ୟୂନ ୧୨ ମାଓବାଦୀ ନିହତ ହୋଇଛନ୍ତି। ବୁଧବାର ଅପରାହ୍ନରେ ଜିଲାର ୱାଣ୍ଡୋଲି ଗ୍ରାମରେ ସି୬୦ କମାଣ୍ଡୋ ଏବଂ ମାଓବାଦୀଙ୍କ ମଧ୍ୟରେ ୬ ଘଣ୍ଟା ଧରି ଗୁଳିବିନିମୟ ଜାରି ରହିଥିଲା ବୋଲି ଗଡ଼ଚିରୋଲି ଏସ୍‌ପି ନୀଳୋତ୍ପଳ କହିଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ମାଓବାଦୀଙ୍କ ୧୨ ମୃତଦେହ ସହ ୩ଟି ଏକେ-୪୭ ରାଇଫଲ, ୨ଟି ଇନ୍‌ସାସ୍ ରାଇଫଲ, ଗୋଟିଏ କାର୍ବାଇନ୍ ଏବଂ ଗୋଟିଏ ଏସ୍‌ଏଲ୍‌ଆର୍ ଜବତ ହୋଇଛି। ମୃତ ମାଓବାଦୀ ଡିଭିସିଏମ୍ ଲକ୍ଷ୍ମଣ ଅତରାମ ଓରଫ ବିଶାଲ ଅତରାମ ହେଉଛନ୍ତି ଟିପାଗଡ଼ ଦଲମ୍‌ର ପ୍ରଭାରୀ। ଅନ୍ୟ ମାଓବାଦୀମାନଙ୍କ ପରିଚୟ ଖୋଜାଯାଉଥିବାବେଳେ ତଲାସି ଅଭିଯାନ ଜାରି ରହିଛି। ଏହି ସଫଳତାର ଶ୍ରେୟ ମହାରାଷ୍ଟ୍ର ପୋଲିସର ସି୬୦ କମାଣ୍ଡୋ ଟିମ୍‌କୁ ଯାଇଛି। ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଉକ୍ତ ଟିମ୍ ପାଇଁ ୫୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଗୁଳି ବିନିମୟ ବେଳେ ସି୬୦ ଟିମ୍‌ର ଜଣେ ସବ୍‌ଇନ୍ସପେକ୍ଟର ଓ ଜଣେ ଯବାନ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ନାଗପୁର ସ୍ଥାନାନ୍ତର କରାଯାଇଥିବାବେଳେ ବିପଦମୁକ୍ତ ଥିବା ଏସ୍‌ପି କହିଛନ୍ତି।

**ଆଜିର ସମ୍ପାଦକୀୟ** ଆମେରିକାରେ ରାଜନୈତିକ ହିଂସା

# ମେରୁ ବରଫ ତରଳୁଥିବାରୁ ପୃଥିବୀର ଘୂର୍ଣ୍ଣନ ବେଗ କମୁଛି

**ନୂଆଦିଲ୍ଲୀ, ୧୭।୭**

ଜଳବାୟୁ ପରିବର୍ତ୍ତନ ଯୋଗୁ କେବଳ ଉତ୍ତାପ ବଢ଼ୁଛି କିମ୍ବା ପାଣିପାଗରେ ପରିବର୍ତ୍ତନ ହେଉଛି ତାହା ନୁହେଁ, ପୃଥିବୀର ଘୂର୍ଣ୍ଣନ ଗତିରେ ମଧ୍ୟ ପରିବର୍ତ୍ତନ ଘଟୁଛି। ଫଳରେ ପୃଥିବୀ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଜଳବାୟୁ ପରିବର୍ତ୍ତନ ଏହାର ସବୁଠୁ ବଡ଼ କାରଣ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଇଟିଏଚ୍ ଜୁରିଚ୍ ପକ୍ଷରୁ କରାଯାଇଥିବା ନୂତନ ଗବେଷଣା ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପୃଥିବୀର ଘୂର୍ଣ୍ଣନ ଏବଂ ଅକ୍ଷରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣୁଛି। ମେରୁ ଅଞ୍ଚଳର ବରଫ ଅତ୍ୟଧିକ ମାତ୍ରାରେ ତରଳି ଜଳ ବିଷୁବ ମଣ୍ଡଳୀୟ ଅଞ୍ଚଳକୁ ବହିଯାଉଥିବାରୁ ଏହା ପୃଥିବୀର ବସ୍ତୁତ୍ୱ ବଣ୍ଟନକୁ ବଦଳାଇଦେଇଛି। ଫଳରେ ଆମ ଗ୍ରହର ଘୂର୍ଣ୍ଣନ ଗତି ହ୍ରାସ ପାଇଛି ଏବଂ ଦିନଗୁଡ଼ିକ ସାମାନ୍ୟ ବଢ଼ିଥିବା ଗବେଷଣାରେ କୁହାଯାଇଛି।



ପ୍ରଫେସର ବେନେଡିକ୍ଟ ସୋଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଅଧ୍ୟୟନ ନେଚର ଜିଓସାଇନ୍ସ ଏବଂ ପିଏନ୍‌ଏଏସ୍‌ରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଜଣେ ସ୍କେଟର ସ୍କେଟିଂ କରୁଥିବାବେଳେ ମୋଡ଼ ବୁଲିବାକୁ ଯାଇ ସନ୍ତୁଳନ ପାଇଁ ଦୁଇ ହାତକୁ ☞ପୃଷ୍ଠା-୪




## ସଂକ୍ଷେପରେ

### ୧୩ ଭାରତୀୟ ଥିବା ତୈଳ ଟ୍ୟାଙ୍କର ନିଖୋଜ

**ଉଦ୍ଧାର କାର୍ଯ୍ୟରେ ନୌସେନା ଜାହାଜ**

ନୂଆଦିଲ୍ଲୀ,୧୭।୭

ଓମାନ ଉପସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ତୈଳବାହୀ ଜାହାଜର ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟରେ ଭାରତୀୟ ନୌସେନା ଏହାର ଯୁଦ୍ଧଜାହାଜ ଆଇଏନ୍ଏସ୍ ତେଗ୍ ଓ ଅନ୍ୟାନ୍ୟ ଉପକରଣ ଲଗାଇଛି। ସମୁଦ୍ରରେ ଓଲଟି ପଡ଼ିଥିବା ପ୍ରେଷ୍ଟିଜ୍ ଫାଲ୍କନ୍ ନାମକ ଏହି ଜାହାଜରେ ୧୩ ଭାରତୀୟଙ୍କ ସମେତ ୧୬ ଜଣ ନାବିକ ଥିଲେ। ଗତ ୧୫ ତାରିଖ ସନ୍ଧ୍ୟାରେ ରାସ୍ ମାଦ୍ରାକାହ ଓମାନ୍‌ର ଦକ୍ଷିଣପୂର୍ବରେ ୨୫ ନଟିକାଲ ମାଇଲ୍ ଦୂରରେ ଏହି ଦୁର୍ଘଟଣା ଘଟିଥିଲା।

### ଗୌରୀ ଲଙ୍କେଶ ହତ୍ୟା ମାମଲା: ୩ ଅଭିଯୁକ୍ତଙ୍କୁ ଜାମିନ



ବେଙ୍ଗାଲୁରୁ,୧୭।୭

ସାମ୍ବାଦିକା ଗୌରୀ ଲଙ୍କେଶ ହତ୍ୟା ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ କର୍ଣ୍ଣାଟକ ହାଇକୋର୍ଟ ବୁଧବାର ଜାମିନ ମଞ୍ଜୁର କରିଛନ୍ତି। ବିଚାର ପ୍ରକ୍ରିୟାରେ ବିଳମ୍ବ ହେଉଥିବା ଦର୍ଶାଇ ଅଭିଯୁକ୍ତ ଅମିତ୍ ଦିଗ୍‌ଭେକର, ଏଚ୍.ଏଲ୍. ସୁରେଶ ଏବଂ କେ.ଟି. ନବୀନ କୁମାର ଜାମିନ ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଏସ୍. ବିଶ୍ୱଜିତ ସେଟ୍ଟୀ ସେମାନଙ୍କୁ ଜାମିନରେ ଯିବାକୁ ଅନୁମତି ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଅନ୍ୟତମ ଅଭିଯୁକ୍ତ ଏନ୍. ମୋହନ ନାୟକଙ୍କୁ ଜାମିନ ମିଳିଥିଲା। ହିନ୍ଦୁତ୍ୱବାଦୀ ସଂଗଠନଗୁଡ଼ିକୁ ସମାଲୋଚନା କରୁଥିବା ଗୌରୀଙ୍କୁ ୨୦୧୭ ସେପ୍ଟେମ୍ବର ୫ରେ ତାଙ୍କ ବେଙ୍ଗାଲୁରୁସ୍ଥିତ ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା।

### ହରିୟାଣା ପୋଲିସ, ସୁରକ୍ଷା କର୍ମୀ ଚାକିରିରେ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ

ଚଣ୍ଡିଗଡ଼,୧୭।୭

ହରିୟାଣା ସରକାର ରାଜ୍ୟର କେତେକ ସରକାରୀ ପଦବୀରେ ନିଯୁକ୍ତି ନିମନ୍ତେ ଅଗ୍ନିବୀରମାନଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ଘୋଷଣା କରିଛନ୍ତି। ରାଜ୍ୟର ପୋଲିସ କନ୍‌ଷ୍ଟେବଲ, ମାଇନିଂ ଗାର୍ଡ, ଫରେଷ୍ଟ ଗାର୍ଡ, ଜେଲ୍ ୱାର୍ଡେନ ଏବଂ ଏସ୍‌ପିଓ ପଦବୀରେ ଅଗ୍ନିବୀରମାନଙ୍କୁ ସିଧାସଳଖ ନିଯୁକ୍ତିରେ ୧୦% ସଂରକ୍ଷଣ ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନାୟବ ସାଇନି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ଜୁନ୍ ୧୪ରେ ଆରମ୍ଭ କରିଥିବା ଅଗ୍ନିପଥ ଯୋଜନା ସରକାରଙ୍କର ଏକ କଲ୍ୟାଣକାରୀ ସ୍କିମ୍। ୪ ବର୍ଷ ନିଯୁକ୍ତି ପରେ ସେମାନଙ୍କୁ ବିଭିନ୍ନ ସଂସ୍ଥାରେ ଚାକିରି ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି।

# ୟୁପି ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ



କେଶବ ପ୍ରସାଦ ମୌର୍ଯ୍ୟ



ଯୋଗୀ ଆଦିତ୍ୟନାଥ

ନୂଆଦିଲ୍ଲୀ/ଲକ୍ଷ୍ନୌ,୧୭।୭

ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ଅପେକ୍ଷାକୃତ ଦୁର୍ବଳ ପ୍ରଦର୍ଶନ ପରେ ଉତ୍ତର ପ୍ରଦେଶରେ ପୁଣି ହେବାକୁ ଯାଉଛି ଉପନିର୍ବାଚନ। ୧୦ ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ବି ଏହାକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ସ୍ତରରେ ରାଜନୈତିକ ସରଗରମ ବଢ଼ିବାରେ ଲାଗିଛି। ଯଦି 'ଜିତିଲେ ମୋଦି' ତେବେ 'ହାରିଲେ ବି ମୋଦି' ନ୍ୟାୟରେ ଭାଜପା ଏବଂ ସହଯୋଗୀ ଦଳଗୁଡ଼ିକର ନେତାମାନେ ସ୍ୱର ଉତ୍ତୋଳନ କରୁଛନ୍ତି। ବିଶେଷକରି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ 'ସରକାରଠାରୁ ସଙ୍ଗଠନ ବଡ଼' ମନ୍ତବ୍ୟ ୟୁପିର ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଅଡୁଆରେ ପକାଇଛି। ଭିତିରି ସୂତ୍ରରୁ ପ୍ରକାଶ ଯେ, କେଶବ ମୌର୍ଯ୍ୟ ସମାଜବାଦୀ ପାର୍ଟି ପଲା ଭାରି ଥିବା ଦେଖି ଅଖିଳେଶ ଯାଦବଙ୍କ ଯୋଗସୂତ୍ରରେ ରହିଛନ୍ତି। ଏଥିପାଇଁ ଭାଜପା ଭିତରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ତାଙ୍କ ବାର୍ଗେନିଂ କାପାସିଟି ବା ମୂଲଚାଲ ଦକ୍ଷତା ବଢ଼ିଯାଇଛି। ପାୱାର କରିଡରରେ ଏବେ ଗୋଟିଏ ଚର୍ଚ୍ଚା, ୟୁପିରେ କିଛି ଗୋଟିଏ ହେବାକୁ ଯାଉଛି। ତେବେ କେବଳ ୟୁପି ନୁହେଁ, ଇଣ୍ଡିଆ ମେଣ୍ଟ ମଜଭୁତ ହୋଇଥିବା ପ୍ରାୟ ସବୁ ରାଜ୍ୟରେ ଦଳୀୟ ନେତୃତ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

### ସରକାରଠାରୁ ସଙ୍ଗଠନ ବଡ଼: ମୌର୍ଯ୍ୟ

ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ବୁଧବାର ଏକ୍ସ'ରେ କହିଛନ୍ତି, ସରକାରଠାରୁ ଭାଜପାର ସଙ୍ଗଠନ ବଡ଼। କର୍ମୀଙ୍କ କଷ୍ଟ ମୋ କଷ୍ଟ। ସଙ୍ଗଠନଠାରୁ କେହି ବଡ଼ ନୁହନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। କେଶବ ମୌର୍ଯ୍ୟଙ୍କ ଏହି ମନ୍ତବ୍ୟ ପରେ ରାଜ୍ୟ ଭାଜପାରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚାକୁ ବଳ ଦେଇଛି।

ଜୁନ୍ ୭ରୁ ୧୮ ମଧ୍ୟରେ ୧୦ ବିଧାନସଭା ଆସନ କରହାଲ୍ (ମୈନପୁରୀ), ଖଇର (ଆଲିଗଡ଼), କୁନ୍ଦର୍କି (ମୋରାଦାବାଦ), କଟେହାରି (ଅମ୍ବେଦକରନଗର), ଫୁଲପୁର(ପ୍ରୟାଗରାଜ), ଗାଜିଆବାଦ (ଗାଜିଆବାଦ), ମଝାୱନ (ମିର୍ଜାପୁର), ମୀରାପୁର (ମୁଜାଫରନଗର), ମିଲ୍କିପୁର (ଅଯୋଧ୍ୟା) ଏବଂ ସିସାମଉ (କାନପୁର) ଖାଲି ହୋଇଥିଲା। ଏଥିରୁ କରହାଲ, କୁନ୍ଦର୍କି, କଟେହାରି, ମିଲ୍କିପୁର ଓ ସିସାମଉ ଆସନ ଏସ୍‌ପି ଦଖଲରେ ଥିବାବେଳେ ଭାଜପା ପାଖରେ ଖଇର, ଫୁଲପୁର ଓ ଗାଜିଆବାଦ ଆସନ ଥିଲା। ଭାଜପା ସହଯୋଗୀ ନିଷାଦ ପାର୍ଟି ମଝାୱନ ଆସନରେ ବିଜୟୀ ହୋଇଥିବାବେଳେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୀରାପୁରରେ ବିଜୟୀ ହୋଇଥିଲା। ଖାଲି ପଡ଼ିବା ଦିନଠାରୁ ୬ ମାସ ମଧ୍ୟରେ ଏହି ଆସନଗୁଡ଼ିକରେ ନିର୍ବାଚନ କମିଶନ ଭୋଟ ଗ୍ରହଣ କରାଇବେ। ଏଥିପାଇଁ ଲକ୍ଷ୍ନୌରୁ ଦିଲ୍ଲୀ ମାରାଥନ୍ ବୈଠକ ଚାଲିଛି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୩୦ ମନ୍ତ୍ରୀଙ୍କୁ ନେଇ ନିଜ ଟିମ୍ ଗଢ଼ିଛନ୍ତି। ଏହି ସୁପର-୩୦କୁ ଭୋଟ ହେବାକୁ ଥିବା ୧୦ ଆସନର ଦାୟିତ୍ୱ ଦିଆଯାଇଛି। ଅର୍ଥାତ୍ ପ୍ରତି ଆସନ ପାଇଁ ୩ ମନ୍ତ୍ରୀ। ପ୍ରାର୍ଥୀ ଚୟନରେ ସତର୍କତା ଓ ଜାତିଗତ ସମୀକରଣକୁ ଗୁରୁତ୍ୱ ଦିଆଯିବ ବୋଲି ବୁଧବାର ଯୋଗୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ସେପଟେ ଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଉପମୁଖ୍ୟମନ୍ତ୍ରୀ କେଶବ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ୪ ଘଣ୍ଟା ମନ୍ତ୍ରଣା ହୋଇଛି। ବୈଠକ ପରେ କେଶବ ଗଣମାଧ୍ୟମକୁ କିଛି ନ କହି ଚାଲିଯିବା ଅନେକ ପ୍ରଶ୍ନ ଛିଡ଼ା କରାଇଛି। କେତେକଙ୍କ ମତରେ ଉପନିର୍ବାଚନ ପରେ ୟୁପି ଭାଜପା ସଙ୍ଗଠନ ଏବଂ ଯୋଗୀ କ୍ୟାବିନେଟରେ ବଡ଼ ପରିବର୍ତ୍ତନ ହୋଇପାରେ। ଏପରି କି ଯୋଗୀଙ୍କ ସ୍ଥାନରେ କେଶବଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ମଧ୍ୟ କୁହାଯାଉଛି।

ନିକଟରେ ୭ ରାଜ୍ୟର ୧୩ ବିଧାନସଭା ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ଇଣ୍ଡିଆ ମେଣ୍ଟ ୧୦ ଆସନ ଜିତିଥିବାବେଳେ ଭାଜପା ମାତ୍ର ୨ଟିରେ ସୀମିତ ହୋଇ ରହିଯାଇଛି। ଲୋକ ସଭା ନିର୍ବାଚନ ପରେ ଏହା ହେଉଛି ଭାଜପାକୁ ପ୍ରଥମ ଝଟ୍‌କା। ଲୋକ ସଭା ନିର୍ବାଚନ ବେଳେ ଭାଜପା ୟୁପିରେ ୮୦ରୁ ୮୦ ପୋଛିନେବାକୁ ଲକ୍ଷ୍ୟ ରଖିଥିଲା। କିନ୍ତୁ ଶାସକ ଦଳ ମାତ୍ର ୩୩ ଜିତିବାରେ ସକ୍ଷମ ହୋଇଥିବାବେଳେ ସମାଜବାଦୀ ପାର୍ଟି ୩୭ ଏବଂ କଂଗ୍ରେସ ୬ ଆସନ ଜିତିଛି। ଇଣ୍ଡିଆ ବ୍ଲକ୍‌ର ଏହି ୨ ପ୍ରମୁଖ ଦାବିଦାର ଉପନିର୍ବାଚନ ହେବାକୁ ଥିବା ୧୦ ଆସନ ମଧ୍ୟରୁ ୫ଟି ଲେଖାଏ ଆସନରେ ପ୍ରାର୍ଥୀ ଦେବେ ବୋଲି ଜଣାପଡ଼ିଛି। ଏନେଇ ଦୁଇ ଦଳ ମଧ୍ୟରେ ଆଲୋଚନା ଚାଲିଥିବା ୟୁପି କଂଗ୍ରେସ ସଭାପତି ଅଜୟ ରାଏ ସୂଚନା ଦେଇଛନ୍ତି।

### ଖୁବ୍‌ଶୀଘ୍ର ଅଦଳବଦଳ

ଉତ୍ତର ପ୍ରଦେଶ ଭାଜପା ସଭାପତି ଭୂପେନ୍ଦ୍ର ଚୌଧରୀ ବୁଧବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ସାକ୍ଷାତ ବେଳେ ଭୂପେନ୍ଦ୍ର ଲୋକ ସଭା ନିର୍ବାଚନରେ ପରାଜୟ ପାଇଁ ଉତ୍ତରଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି। ଏପରି କି ସେ ରାଜ୍ୟ ଭାଜପା ସଭାପତି ପଦ ଛାଡ଼ିବା ପ୍ରସ୍ତାବ ମଧ୍ୟ ଦେଇଥିବା ଜଣାପଡ଼ିଛି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିଛନ୍ତି। ଦଳ ୟୁପିରେ ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଜଣେ ଓବିସି ଚେହେରାଙ୍କୁ ନୂଆ ଦାୟିତ୍ୱ ଦେଇପାରେ ବୋଲି ଆଲୋଚନା ହେଉଛି। କିଛିଦିନ ହେଲା ୟୁପି ଭାଜପା ନେତାମାନେ ଦିଲ୍ଲୀରେ ଡେରା ପକାଇଥିବାବେଳେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରି ଯୋଗୀଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପାରେ ବଡ଼ ପରିବର୍ତ୍ତନର ଆଭାସ ମିଳିଛି।

### ଉତ୍ତରାଖଣ୍ଡରେ ବି ବିଦ୍ରୋହର ସ୍ୱର

ୟୁପି ଭାଜପାରେ ଉଠିଥିବା ବିଦ୍ରୋହର ନିଆଁ ପଡ଼ୋଶୀ ଉତ୍ତରାଖଣ୍ଡକୁ ବ୍ୟାପିଲାଣି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ତୀରଥ ସିଂ ରାୱତ୍ କହିଛନ୍ତି, ସମସ୍ତଙ୍କ ସହ ବିଚାରବିମର୍ଶ କରି ଦଳ ଭିତରେ ନିଷ୍ପତ୍ତି ନିଆଯିବା ଉଚିତ। କାହା ଉପରେ ନିଷ୍ପତ୍ତି ଲଦିଦେବା ଅନୁଚିତ। ଆଜି ତୁମେ ଅଛ, କାଲି ଆଉ କେହି ଥିବେ ବୋଲି ସେ କହିଛନ୍ତି। ଉତ୍ତରାଖଣ୍ଡ ବିଧାନସଭାର ୨ ଆସନରେ ଉପନିର୍ବାଚନରେ ଭାଜପାର ପରାଜୟ ପରିପ୍ରେକ୍ଷୀରେ ସେ ଏଭଳି ଭାଷାରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିଥିବା କୁହାଯାଉଛି। ଡେରାଡୁନ୍‌ରେ ସୋମବାର ବସିଥିବା ଭାଜପା କାର୍ଯ୍ୟକାରୀ କମିଟି ବୈଠକରେ ରାୱତ୍ ଦେଇଥିବା ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।



ତୀରଥ ସିଂ ରାୱତ୍

### ହାଇକୋର୍ଟରେ କେଜ୍‌ରିୱାଲଙ୍କ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୭।୭

ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଗିରଫଦାରିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ବୁଧବାର ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଛୁଟିରେ ସ୍ୱତନ୍ତ୍ର ଶୁଣାଣି କରିଥିବା ଜଷ୍ଟିସ୍ ନୀନା ବଂସଲ କ୍ରିଷ୍ଣାଙ୍କ ଖଣ୍ଡପୀଠରେ କେଜ୍‌ରିୱାଲଙ୍କ ଓକିଲ ସିବିଆଇର ଗିରଫଦାରିକୁ ବେଆଇନ ଦର୍ଶାଇବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଯୁକ୍ତି ବାଢ଼ିଥିଲେ। ହାଇକୋର୍ଟ କେଜ୍‌ରିୱାଲଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଜୁଲାଇ ୨୯ରେ କରିବାକୁ ଧାର୍ଯ୍ୟ କରିଛନ୍ତି।

### ମସ୍‌ଜିଦରେ ଗୁଳିମାଡ଼: ଭାରତୀୟଙ୍କ ସମେତ ୬ ମୃତ

ମସ୍କାଟ,୧୭।୭

ଓମାନ୍ ରାଜଧାନୀ ମସ୍କାଟସ୍ଥିତ ଶିୟା ମୁସଲମାନଙ୍କ ଏକ ମସ୍‌ଜିଦ ନିକଟରେ ଗୁଳିକାଣ୍ଡ ଘଟି ଜଣେ ଭାରତୀୟଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୪ ଜଣ ପାକିସ୍ତାନୀ ଓ ଜଣେ ପୋଲିସ ଅଛନ୍ତି। ସୋମବାର ରାତିରେ ହୋଇଥିବା ଏହି ଗୁଳିମାଡ଼ରେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଭାରତୀୟ ରହିଥିବା ଜଣାପଡ଼ିଛି। ସୁରକ୍ଷା କର୍ମୀଙ୍କ ପାଲଟା ଗୁଳିରେ ୩ ଆକ୍ରମଣକାରୀ ନିହତ ହୋଇଛନ୍ତି। ଓମାନରେ ଘଟିଥିବା ଏହି ବିରଳ ଆକ୍ରମଣ ପାଇଁ ଆଇଏସ୍ ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି। ଓମାନ ଦୂତାବାସ ଏଥିପାଇଁ ଦୁଃଖ ପ୍ରକାଶ କରିବା ସହ ମୃତ ଭାରତୀୟଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି।



ଲକ୍ଷ୍ନୌରେ ବୁଧବାର ମହରମ ପାଳନ ଅବସରରେ ଅଶୁରା ଶୋଭାଯାତ୍ରା।

### ସଂରକ୍ଷଣ ବିରୋଧରେ ଆଜି ବାଂଲାଦେଶ ବନ୍ଦ

ଢାକା,୧୭।୭(ପି.ଟି.)

ବାଂଲାଦେଶର ସରକାରୀ ନିଯୁକ୍ତିରେ ରହିଥିବା ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଦାବିରେ ବିକ୍ଷୋଭକାରୀ ଛାତ୍ରୀଛାତ୍ରମାନେ ଗୁରୁବାର ଦେଶବ୍ୟାପୀ ବନ୍ଦ ଡାକରା ଦେଇଛନ୍ତି। ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଆଣିବା ଦାବିରେ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ମଙ୍ଗଳବାର ବିକ୍ଷୋଭକାରୀଙ୍କ ପୋଡ଼ାଜଳା ଓ ଭଙ୍ଗାରୁଜା ଯୋଗୁ ସ୍କୁଲ୍ କଲେଜ ବନ୍ଦ ହୋଇଯାଇଥିବାବେଳେ ପୋଲିସ ସହ ସଂଘର୍ଷରେ ୩ ଛାତ୍ରଙ୍କ ସମେତ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ଛାତ୍ର ସଂଗଠନଗୁଡ଼ିକ ବିରୋଧ କରିଛନ୍ତି। ଚିକିତ୍ସା ଓ ଜରୁରୀ ସେବାକୁ ବାଦ୍ ଦେଇ ଅନ୍ୟ ସମସ୍ତ ସେବା, କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଦୋକାନବଜାର ବନ୍ଦ ରହିବ ବୋଲି ଆନ୍ଦୋଳନର ମୁଖ୍ୟ ସଂଯୋଜକ ଅସିଫ୍ ମହମ୍ମଦ ସୋସିଆଲ ମିଡିଆ ପୋଷ୍ଟରେ ଘୋଷଣା କରିଛନ୍ତି। ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏଥିରେ ଭାଗନେବା ସହ ସେମାନଙ୍କ ଅଭିଭାବକମାନଙ୍କ ସମର୍ଥନ ମଧ୍ୟ ଲୋଡ଼ାଯାଇଛି।

ବିକ୍ଷୋଭକାରୀମାନେ ସରକାରୀ ଚାକିରିରେ ସଂରକ୍ଷଣକୁ ଉଚ୍ଛେଦ କରି ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ଦାବିରେ ସୋମବାର ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବାବେଳେ ପୋଲିସ ସମର୍ଥନରେ ଶାସକ ଆୱାମି ଲିଗ୍‌ର ଛାତ୍ର ସାମ୍ମୁଖ୍ୟ ବାଂଲାଦେଶ ଛାତ୍ର ଲିଗ୍ ସଦସ୍ୟମାନେ ବିକ୍ଷୋଭକାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ମୁଖ୍ୟ ୪ ସହର କେନ୍ଦ୍ରୀୟ ଢାକା, ରାଜସାହି, ଖୁଲ୍‌ନା ଏବଂ ଚଟ୍ଟୋଗ୍ରାମର ରାଜପଥ ଏବଂ ରେଳପଥକୁ ବିକ୍ଷୋଭକାରୀମାନେ ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ରବର ବୁଲେଟ୍ ମାଡ଼ କରିଥିଲା। ମଙ୍ଗଳବାର ସ୍ଥିତି ଅଣାୟତ ହେଉଥିବା ଦେଖି ସରକାର ଅର୍ଦ୍ଧସାମରିକ ବର୍ଡର ଗାର୍ଡ ବାଂଲାଦେଶକୁ ୪ ସହରରେ ମୁତୟନ କରିଥିଲେ। ସୁରକ୍ଷା ବଳ ଏବଂ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୬ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ଗତ ଜାନୁଆରୀରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର ଚତୁର୍ଥ ପାଳି ଆରମ୍ଭ କରିବା ପରେ ବାଂଲାଦେଶରେ ଏହା ହେଉଛି ପ୍ରଥମ ବୃହତ୍ ସରକାର ବିରୋଧୀ ଆନ୍ଦୋଳନ।

### ସ୍ମୃତି ହେଗ୍‌ଡେ ଭାରତର ପ୍ରଥମ ମିସ୍ ୟୁନିଭର୍ସାଲ ପେଟିଟ୍ କ୍ରାଉନ୍

ବେଙ୍ଗାଲୁରୁ,୧୭।୭

କର୍ଣ୍ଣାଟକର ହୁବ୍ଲିସ୍ଥିତ ଏକ ହସ୍ପିଟାଲରେ ୨୦୧୮ରୁ ଡାକ୍ତର ଭାବେ କାର୍ଯ୍ୟରତ ସ୍ମୃତି ହେଗ୍‌ଡେ ଭାରତର ପ୍ରଥମ ମିସ୍ ୟୁନିଭର୍ସାଲ ପେଟିଟ୍ କ୍ରାଉନ୍ ଜିତିଛନ୍ତି। ଏହି ବିଜୟକୁ ନେଇ ସ୍ମୃତିଙ୍କ ପରିବାର ଓ ଦେଶବାସୀ ଉଲ୍ଲସିତ ହୋଇଛନ୍ତି।

ଗେଡ଼ି ମହିଳାମାନଙ୍କୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସୁଯୋଗ ଦେବା ପାଇଁ ୨୦୦୯ରୁ ଆମେରିକାର ଫ୍ଲୋରିଡାସ୍ଥିତ ଥାମ୍ପାରେ ପ୍ରତିବର୍ଷ ମିସ୍ ୟୁନିଭର୍ସାଲ ପେଟିଟ୍ ଆୟୋଜିତ ହୋଇଆସୁଛି। ଜୁନ୍ ୧୦ରେ ସ୍ମୃତି ଭାରତର ପ୍ରଥମ ମିସ୍ ୟୁନିଭର୍ସ ପେଟିଟ୍ ହେବାରେ ସୌଭାଗ୍ୟ ଲାଭ କରିଥିଲେ। ଏହି ଅବସରରେ ସ୍ମୃତି କହିଛନ୍ତି, ଏହା ମୋ ପାଇଁ ସହଜ ନ ଥିଲା। ଜଣେ ଡାକ୍ତର ହେବା କେତେ କଷ୍ଟସାଧ୍ୟ ତାହା ମୁଁ ଅନୁଭବ କରିଥିଲି। ତେବେ ଉଭୟ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବାକୁ ପ୍ରଥମେ ଚେଷ୍ଟା କରିଥିଲି ବୋଲି ସ୍ମୃତି କହିଛନ୍ତି। ମୁକୁଟ ପରିଧାନ କରିବାବେଳେ ସ୍ମୃତି କହିଥିଲେ, ସେ ବିଜୟିନୀ ହେବା ନେଇ ସେତେଟା ଭାବି ନ ଥିଲେ ବୋଲି ତ୍ୱଚାରୋଗ ବିଜ୍ଞାନ (ଡର୍ମାଟୋଲୋଜି)ର ଏମ୍‌ଡି ଛାତ୍ରୀ ତଥା ମଡେଲ ଓ ଡ୍ୟାନ୍ସର ସ୍ମୃତି ପ୍ରକାଶ କରିଛନ୍ତି। ୟୁନିଭର୍ସାଲ ପେଟିଟ୍ ପିଜେଣ୍ଟରେ ଭାଗନେବା ପାଇଁ ମହିଳାଙ୍କ ଉଚ୍ଚତା ୫ ଫୁଟ୍ ୩ ଇଞ୍ଚ (୧୬୭.୫ ସେ.ମି.)ରୁ କମ୍ ହୋଇଥିବା ଆବଶ୍ୟକ ବୋଲି ଏହାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି।



### ୨୨୧୬ ପଦବୀ, ୨୫,୦୦୦ ଆଶାୟୀ: ଦଳାଚକଟା ସ୍ଥିତି

ମୁମ୍ବାଇ,୧୭।୭

ଏୟାର ଇଣ୍ଡିଆ ଏୟାରପୋର୍ଟ ସର୍ଭିସେସ୍ ଲିଃର ୨,୨୧୬ ଲୋଡର ପଦବୀ ପୂରଣ ପାଇଁ ମୁମ୍ବାଇରେ ସାକ୍ଷାତ୍‌କାର ପରୀକ୍ଷା ବେଳେ ଦଳାଚକଟା ସ୍ଥିତି ଉପୁଜିଛି। ପରୀକ୍ଷା ଦେବା ପାଇଁ ୨୫,୦୦୦ରୁ ଅଧିକ ଆଶାୟୀ ପହଞ୍ଚିବାରୁ ପ୍ରବଳ ଠେଲାପେଲା ହୋଇଥିଲା। ଆବେଦନକାରୀମାନେ ଆପ୍ଲିକେଶନ କାଉଣ୍ଟର ପାଖରେ ପହଞ୍ଚିବା ପାଇଁ ଧସ୍ତାଧସ୍ତି ହେଉଥିବା ଦେଖାଯାଇଥିଲା। ବିନା ଖାଦ୍ୟ ପାନୀୟରେ ସେମାନଙ୍କୁ ବହୁ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲାବେଳେ ବହୁ ପ୍ରାର୍ଥୀ ଅସୁସ୍ଥ ଅନୁଭବ କରିଥିଲେ।

ଏୟାର ଇଣ୍ଡିଆ ଏୟାରପୋର୍ଟ ସର୍ଭିସେସ୍ ଲିଃ ଦେଶର ପ୍ରମୁଖ ବିମାନବନ୍ଦରଗୁଡ଼ିକୁ ପରିଚାଳନା ସେବା ପ୍ରଦାନ କରିଥାଏ। ଏହି ଏୟାରପୋର୍ଟ ଲୋଡରମାନେ ବିମାନରେ ଲଗେଜ୍ ଲୋଡ୍, ଅନ୍‌ଲୋଡ୍ କରିବା ସହ ବ୍ୟାଗେଜ୍ ବେଲ୍ଟ ଏବଂ ର୍‍ୟାମ୍ପ୍ ଟ୍ରାକ୍ଟର ଚଳାଇଥାନ୍ତି। ଲଗେଜ୍, ଜିନିଷପତ୍ର ପରିଚାଳନା ଓ ଖାଦ୍ୟ ଯୋଗାଣ ପାଇଁ ପ୍ରତି ବିମାନକୁ ଅନ୍ୟୂନ ୫ ଜଣ ଲୋଡର ଆବଶ୍ୟକ ହୋଇଥାଏ। ସେମାନଙ୍କର ଦରମା ୨୦ରୁ ୨୫ ହଜାର ହୋଇଥିବାବେଳେ ଓଭରଟାଇମ୍ ସହ ଅଧିକାଂଶ ୩୦,୦୦୦ ଟଙ୍କା ପାଇଥାନ୍ତି। ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଅଣ୍ଡର ମାଟ୍ରିକ ହୋଇଥିବାବେଳେ ଶାରୀରିକ ଦକ୍ଷତା ଜରୁରୀ। ଏହି ପରୀକ୍ଷା ଦେବା ପାଇଁ ୪୦୦ କି.ମି.ରୁ ଅଧିକ ଦୂରରୁ ପିଲାମାନେ ଇଣ୍ଟରଭ୍ୟୁ ଦେବାକୁ ଆସିଥିବା ଦେଖାଯାଇଥିଲା।



**ଏୟାରପୋର୍ଟ ଲୋଡର ପଦବୀ ପାଇଁ ଇଣ୍ଟରଭ୍ୟୁରେ ଅବ୍ୟବସ୍ଥା**

# କୁକୁର ପାଇଁ ସର୍ବାଧିକ ଦୁର୍ଘଟଣା

**ଭୁବନେଶ୍ୱର, ୧୭।୭ (ଅସମାପିକା ସାହୁ)**



ରାଜ୍ୟରେ ବୁଲା ପ୍ରାଣୀ ବା ଜନ୍ତୁଙ୍କ ଯୋଗୁ ସଡ଼କ ଦୁର୍ଘଟଣା ବଢୁଛି। ବହୁ ଜୀବନ ଯିବା ସହ ଅନେକେ ଗୁରୁତର ଆହତ ହେଉଛନ୍ତି। ତେବେ ବୁଲା କୁକୁରଙ୍କ ଦ୍ୱାରା ସର୍ବାଧିକ ଦୁର୍ଘଟଣା ଘଟିଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏମ୍ସ ଭୁବନେଶ୍ୱର ଟ୍ରମା ଆଣ୍ଡ୍ ଏମରଜେନ୍ସି ବିଭାଗର ଅତିରିକ୍ତ ପ୍ରଫେସର ଡା. ଚିତ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ଏହି ଗବେଷଣାଟି ଜର୍ନାଲ ଅଫ୍ ଏମରଜେନ୍ସିଜ୍‌ରେ ପ୍ରକାଶିତ ହୋଇଛି। ଗବେଷଣାରେ ଏମ୍ସର ଟ୍ରମା ଆଣ୍ଡ୍ ଏମରଜେନ୍ସି, ସର୍ଜରି, ଅସ୍ଥି ଶଲ୍ୟ ବିଭାଗର ଡାକ୍ତର ଏବଂ ନର୍ସିଂ କଲେଜର ଡାକ୍ତର ସାମିଲ ଥିଲେ। ରାସ୍ତାରେ ପ୍ରାଣୀମାନଙ୍କ ଯାତାୟାତ ଯୋଗୁ ଦୁର୍ଘଟଣାର ଶିକାର ହୋଇ ଏମ୍ସ ଟ୍ରମା ଆଣ୍ଡ୍ ଏମରଜେନ୍ସି ବିଭାଗର ଆଉଟଡୋରରେ ଭର୍ତ୍ତି ହୋଇଥିବା ୧୮୫ ଜଣଙ୍କ ତଥ୍ୟକୁ ନେଇ ଏହି ଗବେଷଣା କରାଯାଇଛି। ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କ ହାରାହାରି ବୟସ ୨୯ ବର୍ଷ ହୋଇଥିବାବେଳେ ମହିଳା ଓ ପୁରୁଷ ଅନୁପାତ ୧୮:୮୨ ଥିଲା। ଏଥିରେ ବୁଲା କୁକୁରଙ୍କ ଯୋଗୁ ସର୍ବାଧିକ ୬୯% ଦୁର୍ଘଟଣା ହୋଇଥିବାବେଳେ ଗାଈ ୨୧%, ଷଣ୍ଢ ୫% ଏବଂ ଅବଶିଷ୍ଟ ୫% ଦୁର୍ଘଟଣା ଅନ୍ୟ ପ୍ରାଣୀଙ୍କ ଦ୍ୱାରା ହୋଇଥିଲା। ସେହିପରି ୪୧% ସାମ୍ନା ପଟୁ, ୪୯% କଡ଼ରୁ, ୩% ପଛପଟୁ ଏବଂ ୭% ମାମଲାରେ ଗାଡ଼ି ପଲଟି ଯାଇଥିଲ। ଅନ୍ୟପକ୍ଷରେ ଦୁର୍ଘଟଣା ସ୍ଥଳରୁ ଡାକ୍ତରଖାନାରେ ପହଞ୍ଚିବା ପାଇଁ ପୀଡ଼ିତାଙ୍କୁ ଆମ୍ବୁଲାନ୍ସ (୫୮%) ଓ ପିସିଆର ଭ୍ୟାନ(୮%) ବ୍ୟବହାର ହୋଇଥିଲା। ଏମାନଙ୍କ ଭିତରେ ୨୨% ଲୋକ ଗୋଲ୍‌ଡେନ ଆୱାର ଭିତରେ ଡାକ୍ତରଖାନାରେ ପହଞ୍ଚିପାରିଥିଲେ। ସନ୍ଧ୍ୟା ସମୟରେ (ଅପରାହ୍ନ ୪ରୁ ରାତି ୮) ହିଁ ସର୍ବାଧିକ ୨୩% ଦୁର୍ଘଟଣା ହୋଇଥିବାବେଳେ ରାତି ୧୨ରୁ ସକାଳ ୪ଟା ଭିତରେ ଏହା ସର୍ବନିମ୍ନ ଥିଲା। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଯାନ ଭିତରେ ଦୁଇ ଚକିଆ ୯୨% , ତିନି ଚକିଆ ୫% ଏବଂ ଅନ୍ୟାନ୍ୟ ୩% ଥିଲା। ୮୦% ଚାଳକ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ୨୦% ଆହତ ପଛରେ ବସିଥିବା ଲୋକ ଥିଲେ। ପ୍ରାଣୀଙ୍କ ସହିତ ଦୁର୍ଘଟଣା ସମୟରେ ୨୩% ଗାଡିର ବେଗ ୪୦ କି.ମି.ରୁ କମ୍ ଥିବା ବେଳେ ୩୨% କ୍ଷେତ୍ରରେ ୪୦ରୁ ୬୦ କିମି, ୩୮% କ୍ଷେତ୍ରରେ ୬୦କିମିରୁ ଅଧିକ ରହିଥିଲା। ୧୪% ମାମଲାରେ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଜଣାପଡ଼ିଥିଲା। ୩୧% ଦୁଇଚକିଆ ଗାଡ଼ି ଚାଳକ ହେଲମେଟ ପିନ୍ଧି ଥିଲେ। ଏକ୍ସରେ କରିବା ପରେ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କ ଭିତରୁ ୬୫% ଠିକ୍ ଥିବା ବେଳେ ୨୭% ହାତ, ୧୧% ଗୋଡ଼, ୬% ପଞ୍ଜରା ହାଡ଼ ଭାଙ୍ଗିବା, ୫% କାନ୍ଧ ଭାଙ୍ଗିଥିବା ଜଣାପଡ଼ିଥିଲା।

ଏନେଇ ଡା. ମହାନ୍ତି କହିଛନ୍ତି, ମୋଟରଯାନ-ପଶୁ ଟକ୍କର ଦ୍ୱାରା ହେଉଥିବା ସଡ଼କ ଦୁର୍ଘଟଣାଗୁଡ଼ିକ ସହଜରେ ରୋକାଯାଇପାରିବ। ଏଥିନିମନ୍ତେ ରାସ୍ତା ଉପରକୁ ଗୃହପାଳିତ ପଶୁ କିମ୍ବା ବୁଲା ଜନ୍ତୁଙ୍କ ଚଳପ୍ରଚଳ ବନ୍ଦ କରିବା ଆବଶ୍ୟକ। ଏଥିସହିତ ଦ୍ରୁତ ଗତି କିମ୍ବା ମଦ୍ୟପାନ କରି ଗାଡ଼ି ଚଳାଇବା ବନ୍ଦ କରାଯାଉ। ସେହିପରି ହେଲ୍‌ମେଟ ପିନ୍ଧିବା ଦ୍ୱାରା ମଧ୍ୟ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ହ୍ରାସ କରାଯାଇପାରିବ।

# ଖାଲି ପଦବୀ ପୂରଣ କର: ୟୁଜିସି

**୩୧ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଅପ୍‌ଲୋଡ୍ ନିର୍ଦ୍ଦେଶ**

**ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ବାରମ୍ବାର ତାଗିଦା ସତ୍ତ୍ୱେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପଦବୀ ପୂରଣ କରୁନାହାନ୍ତି। ଏହାକୁ ନେଇ ୟୁଜିସି ଉଦ୍‌ବେଗ ପ୍ରକାଶ କରିବା ସହିତ ଆସନ୍ତା ୩୧ ତାରିଖ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟାର ଷ୍ଟାଟସ୍ ରିପୋର୍ଟ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ୟୁଜିସି ଲେଖିଛି ଯେ, ୫ଥର ବିଭିନ୍ନ ସମୟରେ ଚିଠି କରି ଖାଲି ପଦବୀ ପୂରଣ କରିବା ପାଇଁ କୁହାଯାଇଥିଲେ ମଧ୍ୟ ତାହା ପାଳନ କରାଯାଇନାହିଁ। ବିଶ୍ୱବିଦ୍ୟାଳୟ, ଡିମ୍‌ଡ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ଖାଲି ଥିବା ପଦବୀ ପୂରଣ ପାଇଁ ଏସବୁ ଚିଠି ଲେଖାଯାଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହେଲା ନାହିଁ। ତେଣୁ ଆଉଥରେ ୟୁଜିସି ଏ ସମସ୍ତ ଶିକ୍ଷାନୁଷ୍ଠାନକୁ ଚିଠି ଲେଖିଛି। ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ଯେପରି ତୁରନ୍ତ ଖାଲି ପଦବୀ ପୂରଣ ହେବ, ସେହି ଦିଗରେ ନିଶ୍ଚିତ ପଦକ୍ଷେପ ନେବା ପାଇଁ କୁହାଯାଇଛି। ନିଯୁକ୍ତି ପ୍ରକ୍ରିୟାର ଷ୍ଟାଟସ୍ ୟୁଜିସିର ୟୁନିଭର୍ସିଟି ଆକ୍ଟିଭିଟି ମନିଟରିଂ ପୋର୍ଟାଲ http://www.ugc.ac.inluamp/ରେ ଆସନ୍ତା ୩୧ ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

# ୨୦ ସୁଦ୍ଧା ସିଟ୍ ସମ୍ପର୍କିତ ତଥ୍ୟ ଦେବେ ମେଡିକାଲ କଲେଜ

**ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)**

**ଏନ୍‌ଇଇଟି-ୟୁଜି କାଉନ୍‌ସେଲିଂ**

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଖୁବ୍‌ଶୀଘ୍ର ଏନ୍‌ଇଇଟି-ୟୁଜି କାଉନ୍‌ସେଲିଂ ହେବ। ତେଣୁ ଡାକ୍ତରୀ ପାଠ୍ୟକ୍ରମ ପାଇଁ ରହିଥିବା ସିଟ୍ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ମେଡିକାଲ କାଉନ୍‌ସିଲିଂ କମିଟି(ଏମ୍‌ସିସି) ମେଡିକାଲ କଲେଜଗୁଡିକୁ ନିର୍ଦ୍ଦେଶ ଦେଇଛି। ୨୦ ତାରିଖ ସୁଦ୍ଧା ଏମ୍‌ସିସି ୱେବ୍‌ସାଇଟ https://mcc.nic.in/ରେ ତଥ୍ୟ ଅପ୍ ଲୋଡ୍ କରିବାକୁ କୁହାଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି-ୟୁଜି ରେଜଲ୍ଟ ପ୍ରକାଶ ପାଇବା ପରେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏକାଥରକେ ୬୭ଜଣ ର୍‌ୟାଙ୍କ-୧ ପାଇବା ସହିତ ୭୨୦ ସ୍କୋର୍ ରଖିଥିଲେ। ଏଥିରେ ୬ଜଣ ଗୋଟିଏ ସେଣ୍ଟରର ରହିଥିବାରୁ ପ୍ରଶ୍ନପତ୍ର ଲିକ୍ ଭଳି ବିଭିନ୍ନ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବହୁ ଛାତ୍ରୀଛାତ୍ର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ଏନ୍‌ଟିଏ କାଉନ୍‌ସେଲିଂକୁ ସ୍ଥଗିତ କରିଥିଲା। ୧୮ତାରିଖରେ ସୁପ୍ରିମକୋର୍ଟରେ ଏନ୍‌ଇଇଟି-ୟୁଜି ସମ୍ପର୍କିତ ମାମଲାର ଶୁଣାଣି ରହିଛି। ତେଣୁ ଏହାପରେ କାଉନ୍‌ସେଲିଂ ନେଇ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ଦେଶରେ ମୋଟ ୧,୦୮,୯୪୦ ଏମ୍‌ବିବିଏସ୍ ସିଟ୍ ରହିଛି। ତେବେ ଚଳିତବର୍ଷ ୨.୩ଲକ୍ଷ ଛାତ୍ରୀଛାତ୍ର ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅପେକ୍ଷା କରିଛନ୍ତି।

# ଶ୍ୱାସନଳୀରେ ମଟର ଚଣା ଲାଗି ଶିଶୁ ମୃତ

**ଯୋଡ଼ା, ୧୭।୭(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି କାରଣ ସାହିରେ ମଟର ଚଣା ଶ୍ୱାସନଳୀରେ ଅଟକିଯିବାରୁ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ରାଜେଶ କାଣ୍ଟିକାରଙ୍କ ୨ ବର୍ଷର ଶିଶୁକନ୍ୟା ଅଞ୍ଜଳି କାଣ୍ଟିକାର। ମଙ୍ଗଳବାର ସନ୍ଧ୍ୟା ସମୟରେ ଅଞ୍ଜଳି ମଟର ଚଣା ଖାଉଥିବା ବେଳେ ଶ୍ୱାସନଳୀରେ ଅଟକିଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ସ୍ଥାନୀୟ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏକ ଅପମୃତ୍ୟୁ ମାମଲା(ନଂ.୩୨/୨୦୨୪)ରୁଜୁ କରି ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି।

# ସର୍ବନିମ୍ନସ୍ତରକୁ ଖସିଲା ଇନ୍ଦ୍ରାବତୀ ଜଳଭଣ୍ଡାର

**ପର୍ଯ୍ୟାପ୍ତ ପରିମାଣରେ ହେଉନି ବର୍ଷା**

**ଭବାନୀପାଟଣା, ୧୭।୭(ଉତ୍ତମ କୁମାର ଦାଶ)**


ଇନ୍ଦ୍ରାବତୀ ଜଳଭଣ୍ଡାର

ଚଳିତବର୍ଷ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନ ହେବା ଯୋଗୁ କଳାହାଣ୍ଡି ଜିଲାର ଲାଇଫ୍‌ଲାଇନ (ଜୀବନରେଖା) କୁହାଯାଉଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର ସର୍ବନିମ୍ନ ସ୍ତରରେ ରହି ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଜିଲାରେ ଗତ ୨ଦିନରେ ସାମାନ୍ୟ ବର୍ଷା ହେବା ଫଳରେ ଜଳଭଣ୍ଡାରର ଜଳସ୍ତର ମାତ୍ର ୦.୩୧ ମିଟର ବୃଦ୍ଧି ହୋଇ ୬୨୭.୬୫ମିଟରରେ ପହଞ୍ଚିଛି। ପୂର୍ବବର୍ଷ ଏହି ସମୟରେ ଜଳସ୍ତର ୬୨୯.୮୬ମିଟର ରହିଥିଲା। ନଦୀଗୁଡିକର ଉପରି ଭାଗରେ ପର୍ଯ୍ୟାପ୍ତ ପରିମାଣରେ ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଖଣି ଉତ୍ତୋଳନ ହେତୁ ବର୍ଷା ପରିମାଣ କମୁଛି। ଫଳରେ ଇନ୍ଦ୍ରାବତୀ, କାଣବିନ୍ଧା, ପେଟଫୁଲା ଭଳି ଚିରସ୍ରୋତା ନଦୀମାନଙ୍କରେ ଜଳ ପ୍ରବାହ କମିବାରେ ଲାଗିଛି।

ଇନ୍ଦ୍ରାବତୀ ଜଳଭଣ୍ଡାର ପରିଧି ୨୬୩୨ବର୍ଗ କି.ମି. ରହିଛି। ଏହି ଇଲାକାରେ ରହିଥିବା ଅନେକ ଝରଣା, ଛୋଟ ବଡ଼ ନଦୀ ଓ ଚାରି ପ୍ରମୁଖ ନଦୀ କପୁର, ମୁରାନ, ପୋଡ଼ା ଗଡ ଓ ଇନ୍ଦ୍ରାବତୀ ୧୧୦ବର୍ଗ କି.ମି. ପରିବ୍ୟାପ୍ତ ଜଳଭଣ୍ଡାରକୁ ପରିପୁଷ୍ଟ କରିଥାଏ। ଚଳିତ ଖରିଫ ଚାଷ ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପରୁ ୧,୧୮,୦୪୧ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନକଲେ ମାତ୍ର ୦.୬୫ମିଟର ପାଣି ଜଳ ସେଚନରେ ଉପଯୋଗ ହୋଇପାରେ ବୋଲି ଜଣାପଡ଼ିଛି। ଇନ୍ଦ୍ରାବତୀର ଡେଡ୍ ଷ୍ଟୋରେଜ ଲେଭଲ ୬୨୫ମିଟରେ ରହିଥିବା ବେଳେ ମୁହାଣରେ ପଙ୍କ ଜମାଟ ବାନ୍ଧିଥିବାରୁ ୬୨୭ମିଟର ପହଞ୍ଚିଲା ବେଳକୁ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ପୂର୍ବ ଇତିହାସକୁ ଅନୁଧ୍ୟାନକଲେ ୨୦୧୫ ଜୁଲାଇ ୩୧ତାରିଖ ସୁଦ୍ଧା ଜଳସ୍ତର ୬୩୦.୪୩ ମିଟର, ୨୦୧୬ରେ ୬୩୨.୮୪ମିଟର, ୨୦୧୭ରେ ୬୩୨.୦୮ ମିଟର,୨୦୧୮ରେ ୬୩୪.୬୪ ମିଟର, ୨୦୧୯ରେ ୬୩୩.୫ ମିଟର, ୨୦୨୦ରେ ୬୩୦.୮୦ ମିଟର, ୨୦୨୧ରେ ୬୩୦.୧୦ ମିଟର, ୨୦୨୨ରେ ୬୩୩.୦୯ ମିଟର, ୨୦୨୩ରେ ୬୨୯.୮୬ ମିଟର ରହିଥିଲା। ଆଗାମୀ ଦିନରେ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନ ହେଲେ ଜଳସେଚନ ସହ ବିଜୁଳି ଉତ୍ପାଦନରେ ଅଗ୍ରଣୀ ଭୂମିକା ରଖିଆସିଥିବା କଳାହାଣ୍ଡିର ଜୀବନରେଖା ପାଇଁ ବିପଦର ଘଣ୍ଟି ବାଜିବା ପୂର୍ବରୁ ସରକାର ବିହିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

**ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ**
(ଭାରତ ସରକାର ଏବଂ ଦିଲ୍ଲୀ ଏନ୍‌ସିଟି ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
**(ଅନ୍ତର୍ଜାତୀୟ ପ୍ରତିଯୋଗିତାମୂଳକ ବିଡିଂ (ଆଇସିବି) ଟେଣ୍ଡର ଆମନ୍ତ୍ରଣ)**
ଡିଏମ୍‌ଆର୍‌ସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛି, ବିଆର୍‌ଏସ୍୧: ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ୩୯ ଗୋଟି ଷ୍ଟାଣ୍ଡାର୍ଡ ଗେଜ୍ କାର୍‌ର ଡିଜାଇନ୍, ବିନିର୍ମାଣ, ଯୋଗାଣ, ପରୀକ୍ଷଣ, କମିଶନିଂ ଏବଂ ପ୍ରଶିକ୍ଷଣ।
ଅଧିକ ବିବରଣୀ ପାଇଁ, ଦୟାକରି **https://eprocure.gov.in/eprocure/app** ପରିଦର୍ଶନ କରନ୍ତୁ କିମ୍ବା ମହାପ୍ରବନ୍ଧକ/ରୋଲିଂ ଷ୍ଟକ୍/ପ୍ରୋଜେକ୍ଟଙ୍କ ସହିତ ଯୋଗାଯୋଗ କରନ୍ତୁ, ଟେଲି.: ୦୧୧-୨୪୩୬୯୩୩୯
ବିଜ୍ଞାପନ ନଂ.: DMRC/945/2024






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜାତୀୟସ୍ତରୀୟ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଏବଂ ୩ୟ ପରିବେଶ ରତ୍ନ ସମ୍ମାନ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୩୦ ।
- ପଦାମୃତ ନୃତ୍ୟାୟନ ପକ୍ଷରୁ ବିମୁଗ୍ଧ କାର୍ଯ୍ୟକ୍ରମ,ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ଇଂଲିଶ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଏମ୍ଏମ୍‌ଟିସି, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡ଼ିଶା ଚଳଚ୍ଚିତ୍ର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ଷ୍ଟୁଡିଓ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ରାଜ୍ୟ ସଂଗ୍ରାହଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ।

## କଟକ
- ଅହମ୍ମଦବକ୍ସ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ହାଇସ୍କୁଲ ଖେଳ ପଡ଼ିଆ, ନିଶ୍ଚିନ୍ତକୋଇଲି, ସମୟ: ପୂର୍ବାହ୍ନ ୧୧ଟା ।

## ଖୋର୍ଦ୍ଧା
- ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ଖବରଦାତା ସମ୍ମିଳନୀ, ସ୍ଥାନ: ମଣ୍ଡଳ ୟୁନିୟନ କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ବାଲେଶ୍ୱର
- ଓଡିଶା ସାହିତ୍ୟ ଏକାଡେମୀ ଓ କେଶବ କବି କୃଷ୍ଣପ୍ରସାଦ ସ୍ମୃତି ପରିଷଦ, ସୋର ମିଳିତ ଆନୁକୂଲ୍ୟରେ କେଶବ କବିକୃଷ୍ଣ ପ୍ରସାଦ ବେହେରାଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ରାଧାନାଥ ସ୍ମୃତିମଣ୍ଡପ, ସୋର, ସମୟ: ପୂର୍ବାହ୍ନ ୧୦ଟା ।
- ହର୍ସ ପାୱାର କ୍ଲବ ଓ ମଧୁସୂଦନ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦ ।
- ମହାପ୍ରଭୁଙ୍କ ନୀଳାଦ୍ରିବିଜେ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ରାତି ୯ଟା ।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ସ୍ୱାଗତ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱଳ୍ପ ଦୃଷ୍ଟିଶକ୍ତି ସମ୍ପନ୍ନ ପିଲାଙ୍କୁ ଚଷମା ବଣ୍ଟନ, ସ୍ଥାନ: ପ୍ରୟାସ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ଅନନ୍ତ ବଳିଆ ଟ୍ରଷ୍ଟ ଆନୁକୂଲ୍ୟରେ ସଚେତନତା ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ
- ମା' ସର୍ବମଙ୍ଗଳାଙ୍କ ମନ୍ଦିରର ଦଧିନଉତି ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭୈରବପୁର ଗ୍ରାମ ସର୍ବମଙ୍ଗଳା ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୮ଟା ।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ : ସକାଳ ୭ ଟା ।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା ।
- ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଳିଙ୍ଗା, ଢେଙ୍କା, ଶାଳନିଆଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ
- ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜ୍ଜୁନଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଦିବ୍ୟ ଦର୍ଶନ ଆଶ୍ରମ, କୁବେରେଶ୍ୱର ମନ୍ଦିର ରୋଡ, ଆଦିପୁର (ବୁଗୁଡା), ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା
- ଦିବ୍ୟଦର୍ଶନ ସଂଘ ପ୍ରତିଷ୍ଠାତା ସଦ୍‌ଗୁରୁ ଅର୍ଜ୍ଜୁନଙ୍କ ୯୨ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଗୁଡ଼ିଆବନ୍ଧ, ପଦ୍ମପୁର ବ୍ଲକ୍, ସମୟ: ସକାଳ ୭ଟା ୩୦ ।
- ଦକ୍ଷିଣାଞ୍ଚଳ ଆରଡିସିଙ୍କ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଗୁରୁ ଜୟନ୍ତୀ ମହୋତ୍ସବ ଅବସରରେ ଦୀକ୍ଷାଦାନ କାର୍ଯ୍ୟକ୍ରମ, ସ୍ଥାନ: ଦିବ୍ୟଦର୍ଶନ ଆଶ୍ରମ, କୋପରିଟିଭ କଲୋନୀ, ରାୟଗଡା, ସମୟ: ଅପରାହ୍ନ ୩ଟା ୩୦

## କୋରାପୁଟ
- ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ଦୃଷ୍ଟି ଓ ଦିଗନ୍ତ' ଶୀର୍ଷକ ୩ ଦିନିଆ ଅନ୍ତର୍ଜାତୀୟ ସେମିନାର, ସ୍ଥାନ: କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡା କ୍ୟାମ୍ପସ,ସମୟ: ପୂର୍ବାହ୍ନ ୧୧ଟା ।
- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: କୋରାପୁଟ ବଡଦାଣ୍ଡ,ସମୟ:ରାତି ୮ଟାରୁ ପହଣ୍ଡି ।

## ନବରଙ୍ଗପୁର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଏମ୍‌ପିଙ୍କ ସମୀକ୍ଷା ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ଗଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଶାନ୍ତି ନଗର, ସମୟ : ସକାଳ ୮ଟା ।
- ବ୍ରହ୍ମପୁରା ଠାକୁରଙ୍କ ଅଧରପଣା ନୀତି, ସ୍ଥାନ : ଝାଡୁଆପଡା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ : ରାତି ୭ଟା ।
- ମୁଦିପଡା ଜଗନ୍ନାଥଙ୍କ ନୀଳାଦ୍ରି ବିଜେ ନୀତି, ସ୍ଥାନ : ମୁଦିପଡା ଜଗନ୍ନାଥ ମନ୍ଦିର, ସମୟ : ରାତି ୧୦ଟା ।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଫର୍ମ ବଣ୍ଟନ, ସ୍ଥାନ: ବୁର୍ଡା ପାର୍କ୍ସ,ସମୟ : ପୂର୍ବାହ୍ନ ୧୦ ଟା ।

## ସୁବର୍ଣ୍ଣପୁର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା ।
- ସୋନପୁର ବାହୁଡା ଯାତ୍ରା ଅବସରରେ ଉପାୟନ ଭୋଗ, ସ୍ଥାନ: ମଝିପଡା, ସମୟ: ଅପରାହ୍ନ ୩ଟା ।
- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ମଝିପଡା, ସମୟ: ଅପରାହ୍ନ ୪ଟା ।
- ତରଭା ବାହୁଡାଯାତ୍ରା ତୃତୀୟ ସନ୍ଧ୍ୟାରେ ଉପାୟନ ଭୋଗ ପ୍ରଦାନ, ସ୍ଥାନ: ତରଭା ନୂଆପଡା, ସମୟ: ଅପରାହ୍ନ ୪ଟା ।
- ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: ଲୁତୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୫ଟା ।

## ବରଗଡ଼
- ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି)ମାନଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ,ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜଙ୍ଗଲ ସୁରକ୍ଷା କର୍ମଶାଳା, ସ୍ଥାନ: ଫଟାମୁଣ୍ଡା ଆମ୍ବେଡ଼କର ଯୁବକ ସଂଘ, ପଦ୍ମପୁର, ସମୟ: ଅପରାହ୍ନ ୪ଟା ।

## ଦେବଗଡ଼
- ଚାଷୀମାନଙ୍କୁ ନେଇ ଫଳ ଓ ପନିପରିବା ଉଦ୍ୟାନ ବୃଦ୍ଧି ନିମନ୍ତେ ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ରଥଟଣା କାର୍ଯ୍ୟକ୍ରମ ଦ୍ୱିତୀୟ ଦିନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୫ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜରେ ପରିବେଶ ସୁରକ୍ଷା କର୍ମଶାଳା,ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା ।
- ସୁଶୀଲାବତୀ କଲେଜରେ ବନ ମହୋତ୍ସବ,ସ୍ଥାନ: ସେକ୍ଟର-୨ ,ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ବିଭାଗୀୟ ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ।
- ବସ୍ତିବାସିନ୍ଦା ଜମି ଉଚ୍ଛେଦକୁ ନେଇ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।

## ବୌଦ୍ଧ
- ହରଭଙ୍ଗା ପଞ୍ଚାୟତ ସମିତିର ସାଧାରଣ ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ହରଭଙ୍ଗା(ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା ।
- କନ୍ଧମାଳ ଏମ୍‌ପିଙ୍କ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ : ପୂର୍ବାହ୍ନ ୧୧ଟା ।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ଝାରସୁଗୁଡ଼ା ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଫୁଟବଲ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ସନ୍ଧ୍ୟା ୬ଟା ।

## ଢେଙ୍କାନାଳ
- ବାହୁଡା ଯାତ୍ରା ଭଜନ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ରଥଗଡା, ସମୟ: ସନ୍ଧ୍ୟା ୭ଟା ।
- ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପାଇଁ ପହଣ୍ଡି ଉତ୍ସବ, ସ୍ଥାନ: ଢେଙ୍କାନାଳ ରଥଗଡ଼ା, ସମୟ: ସନ୍ଧ୍ୟା ୭ଟା୩୦ ।

## ଅନୁଗୋଳ
- ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜ୍ଜୁନଙ୍କ ୯୨ତମ ଜୟନ୍ତୀ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବଅଁରପାଳସ୍ଥିତ ଦିବ୍ୟଦର୍ଶନ ଶିଶୁମନ୍ଦିର, ସମୟ: ସକାଳ ୯ରୁ ମଧ୍ୟାହ୍ନ ୧୨ ଘଟିକା ।

## ନୟାଗଡ଼
- ଶ୍ରୀଜୀଉଙ୍କର ରଥଟଣା, ସ୍ଥାନ:ନୟାଗଡ଼ ପୁରୁଣାସହର, ସମୟ: ସକାଳ ୯ଟା ।
- ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ବସନ୍ତ କୁମାର ବିଦ୍ୟାପୀଠ ବାଣପୁର, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ସେବା ଉତ୍ସବର ୩ୟ ଦିବସରେ ବସ୍ତ୍ର ଓ ରାଶନ ବଣ୍ଟନ, ସ୍ଥାନ: ଭାପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ:ବ୍ଲକ ପରିସର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ବଳଦେବଜୀଉଙ୍କ ରଥ ଉପରେ ରଘୁନାଥ ବେଶ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ମଧ୍ୟାହ୍ନ ୧୨ଟା ।
- ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀମା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର
- ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ : ଯାଜପୁର ଶାନ୍ତି ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା ।
- ଶ୍ରୀଜଗନ୍ନାଥଙ୍କ ଅଧରପଣା ନୀତି, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ରାତି ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାହାକୁ ଯାହା କହିବେ କେହି ଅସ୍ୱୀକାର କରିବେନି । ପ୍ରତ୍ୟୁଷ ଯାତ୍ରା ସମୟରେ ଜଣେ ବନ୍ଧୁଙ୍କୁ ଭେଟିବେ, ଯାହାଙ୍କ ଦ୍ୱାରା ଆପଣଙ୍କ ଅଟକିଥିବା କାର୍ଯ୍ୟ ସମ୍ପନ୍ନ ହେବ । କର୍ମକ୍ଷେତ୍ରରେ ମନରେ ପ୍ରଫୁଲ୍ଲତା ଭରି ରହିବା ସାଙ୍ଗକୁ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ । କୃତ୍ତିକା ନକ୍ଷତ୍ର ବ୍ୟବସାୟିକ ଦିଗରୁ ବଡ଼ଧରଣର ସମସ୍ୟା ରହିବ ନାହିଁ ।

**ବୃଷ** ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ପଡ଼ୋଶୀ କିମ୍ବା ଆତ୍ମୀୟ ଅସହଯୋଗ କରିବେ । ମୃଗଶିରା ନକ୍ଷତ୍ର ଯାତ୍ରାକାଳରେ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟହେବେ । ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ । କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ଅନ୍ୟମାନଙ୍କଠାରୁ ସହାନୁଭୂତି ବଦଳରେ ସମାଲୋଚନା ଶୁଣିବେ ।

**ମିଥୁନ** କଠୋର ବ୍ୟବହାରଜନିତ ସମସ୍ୟା ଓ ଶତ୍ରୁତା କାରଣରୁ ପ୍ରତିବନ୍ଧକକୁ ସାମ୍ନା କରିବେ । ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ । କର୍ମକ୍ଷେତ୍ରର ଦାୟିତ୍ୱ ବଢ଼ିବ । ଆନୁଷ୍ଠାନିକ କ୍ଷେତ୍ରରେ ଅସହିଷ୍ଣୁ ବ୍ୟକ୍ତିଙ୍କ ଦ୍ୱାରା ଚାପର ସମ୍ମୁଖୀନ ହେବେ । ପୁନର୍ବସୁ ନକ୍ଷତ୍ର ସକାଶେ ସନ୍ତାନଙ୍କ ଦ୍ୱାରା ଗର୍ବିତ ହେବେ ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ପାଇଁ ସହକର୍ମୀଙ୍କ ପରୋକ୍ଷ ବିରୁଦ୍ଧାଚରଣ ଓ ବ୍ୟୟବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ । ଠିକ୍ ନିଷ୍ପତ୍ତି ଗ୍ରହଣଜନିତ ଦ୍ୱନ୍ଦ୍ୱରେ ପଡ଼ି କଥାକୁ ଠିକ୍ ଭାବେ ବୁଝିପାରିବେନି । ପ୍ରଶାସନିକସ୍ତରରେ ଟେନ୍‌ସନ କିଛିମାତ୍ରାରେ ଲାଗିରହିବ । ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ଲାଭବାନ୍ ହେବେ ।

**ସିଂହ** ଆଜି ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ ଯାତ୍ରା କରିବାକୁ ବାଧ ହୋଇପାରନ୍ତି । ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ସଂଗୀତ ତଥା ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ । କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ । ମଘା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ । ପାରିବାରିକ ପ୍ରତିବନ୍ଧକ ଦୂରେଇଯିବ ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତି ସହାୟତା କରି କାମକୁ ଅଗ୍ରଗାମୀ କରାଇବେ । ବ୍ୟବସାୟ, ପରିବହନ ତଥା ନିର୍ମାଣ କ୍ଷେତ୍ରରେ ଆଶା ପୂରଣ ହେବ । ଚିତ୍ରା ନକ୍ଷତ୍ରର ଧୈର୍ଯ୍ୟଚ୍ୟୁତି ଘଟିବା ସହ ଜମିଜମା ପାଇଁ ପ୍ରତିବନ୍ଧକ ସୃଷ୍ଟିହେବ । କଚେରି ମାମଲା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ ।

**ତୁଳା** କେତେକ କ୍ଷେତ୍ରରେ ଛୋଟକଥାକୁ ନେଇ ମନ ସାମାନ୍ୟ ହଲ୍‌ଚଲ୍ ହୋଇପାରେ । ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନରୂପ ଦେବାକୁ ଚେଷ୍ଟା କରିପାରନ୍ତି । ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ କଳାକୌଶଳ ପ୍ରୟୋଗକରି ଜୟଯୁକ୍ତ ହେବେ । ନିର୍ମାଣ, ବାଣିଜ୍ୟ କ୍ଷେତ୍ରରେ ଯୋଜନାକୁ ବାସ୍ତବ ରୂପ ଦେବେ ।

**ବିଛା** ବିଗତ ଘଟଣା ମନକୁ ବିଷାଦିତ କରିପାରେ । ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା, ସଭାସମିତି ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଅନୁରାଧା ନକ୍ଷତ୍ର ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଆତ୍ମୀୟମାନଙ୍କୁ ଛାଡ଼ି ପାରିବେ ନାହିଁ କିମ୍ବା ସାଙ୍ଗରେ ମଧ ନେଇ ଚଳିପାରିବେ ନାହିଁ ।

**ଧନୁ** ବ୍ୟକ୍ତିଗତ ସ୍ତରରେ ଅସନ୍ତୁଷ୍ଟ ନ ଥିଲେ ମଧ୍ୟ ଆପଣଙ୍କ କାର୍ଯ୍ୟକଳାପ ଓ ବ୍ୟବହାରରେ ଅନ୍ୟମାନେ ଅସନ୍ତୁଷ୍ଟ ରହିପାରନ୍ତି । କୌଣସି କାର୍ଯ୍ୟ ସମାପନ ପରିପ୍ରେକ୍ଷୀରେ ଖର୍ଚ୍ଚାନ୍ତ ହେବେ ସିନା ଆଶା ନିଶ୍ଚିତ ପୂରଣ ହେବ । ଅଷ୍ଟମସ୍ଥ ବୁଧ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ । ଶିଳ୍ପ, ବାଣିଜ୍ୟ ଓ ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ମିଳିବ ।

**ମକର** ଚନ୍ଦ୍ର ଏକାଦଶ ସ୍ଥାନରେ ରହିଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ । ପରୋକ୍ଷ ଶତ୍ରୁତା କାରଣରୁ ବିବାଦୀୟ କ୍ଷେତ୍ରରେ ନିଷ୍ପତ୍ତି ଅମୀମାଂସିତ ରହିବ । ମନଭୁଲାଣିଆ କଥା କହୁଥିବା ବନ୍ଧୁଙ୍କ ଉପରେ ଜମା ଭରସା କରିପାରିବେ ନାହିଁ । ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ ।

**କୁମ୍ଭ** ଦିନଟି ଭଲରେ କଟିବ ମାତ୍ର ମାନସିକ ଅସୁସ୍ଥତା ହେତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇ ନ ପାରେ । ପୂର୍ବଭାଦ୍ର ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତା କରିପାରନ୍ତି । ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ସାଙ୍ଗକୁ ସାମାଜିକସ୍ତରରେ ପ୍ରଶଂସିତ ହେବେ । ମନୋରଞ୍ଜନ ଜିନିଷ କିମ୍ବା ନୂତନ ବନ୍ଧୁ ସମ୍ପର୍କଜନିତ ଖୁସି ରହିପାରନ୍ତି ।

**ମୀନ** ଆଜି ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟିହେବାର ଆଶଙ୍କା ରହିଛି । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଏବଂ ସଭାସମିତିରେ ପ୍ରଶଂସିତ ହେବେ । ରେବତୀ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି । ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ସ୍ୱଚ୍ଛଳତା ସାଙ୍ଗକୁ ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ହେବେ ।

ଆଜି ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ, ରଥ ଉପରେ ଶ୍ରୀଜୀଉଙ୍କ ଅଧରପଣା ନୀତି, ଗରୁଡ଼ ଶୟନ, ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଗୁରୁବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫।୨୧ମି. ଗତେ ଘ.୦୭।୦୫ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୦୧।୧୧ମି.ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୧।୩୦ମି. ଗତେ ଘ.୦୩।୦୮ମି. ମଧ୍ୟେ ରାହୁକାଳ ।।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ଚାଲିବ ...
ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ସମସ୍ତ ଜିଲାପାଳଙ୍କୁ ମଧ୍ୟ ଚିଠି ଲେଖାଯାଇଛି । କେଉଁ ଜିଲାରେ କେତେ ସରକାରୀ ଜମି ଜବରଦଖଲ ହୋଇଛି ସେ ନେଇ ବିଭାଗକୁ ତଥ୍ୟ ଦେବାକୁ କୁହାଯାଇଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି । ଏହାସହିତ ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗଢ଼ିଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକରୁ ନିର୍ଗତ ବିଷାକ୍ତ ପାଉଁଶକୁ ଏଣେତେଣେ ଗଦା କରାଯାଉଛି । ଏନେଇ ଶିଳ୍ପସଂସ୍ଥା ବା ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ପ୍ରକାଶ ଯେ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବାହୁବଳୀ ଓ ଗ୍ୟାଙ୍ଗଷ୍ଟରମାନଙ୍କ ବେଆଇନ ନିର୍ମାଣକୁ ବୁଲ୍ଡୋଜର ଲଗାଇ ଭଙ୍ଗାଯାଉଛି । ଓଡ଼ିଶାରେ ଭାଜପା ସରକାର କ୍ଷମତାସୀନ ହେବା ପରେ ବୁଲ୍ଡୋଜର ଜରିଆରେ ଜବରଦଖଲ ଉଚ୍ଛେଦ ପ୍ରସ୍ତାବ ସରକାରୀ ଜମି ମାଡ଼ିବସିଥିବା ପ୍ରଭାବଶାଳୀଙ୍କ ମନରେ ଭୟ ସୃଷ୍ଟି କରିଛି ।

## ମେରୁ ବରଫ ତରଳୁଥିବାରୁ ...
ପ୍ରସାରିତ କରିଥାନ୍ତି । ଏହି ସନ୍ତୁଳନ ଯୋଗୁ ମୋଡ଼ ବୁଲିବାରେ ସୁବିଧା ହୋଇଥାଏ । ପୃଥିବୀର ଘୂର୍ଣ୍ଣନ ମଧ ଅନୁରୂପ ସୂତ୍ରରେ ହୋଇଥାଏ । କିନ୍ତୁ ପୃଥିବୀ ଅକ୍ଷରୁ ବସ୍ତୁତ୍ୱ ଦୂରେଇଯିବା ଫଳରେ ଏହାର ସ୍ଥାଣୁତା ବଢ଼ୁଛି ଓ ଘୂର୍ଣ୍ଣନ ଧୀର ହେଉଛି । ପୃଥିବୀର ଦିନଗୁଡ଼ିକୁ ଦୀର୍ଘ କରିବାରେ ଚନ୍ଦ୍ରର ଜୁଆର ଆକର୍ଷଣ ପାରମ୍ପରିକ ଭାବେ ମୁଖ୍ୟ କାରଣ ହୋଇ ରହିଆସିଛି । ତେବେ ଗବେଷକମାନଙ୍କ କହିବା ଅନୁଯାୟୀ, ଯଦି ସବୁଜଗୃହ ବାଷ୍ପ ନିର୍ଗମନ ଅବାରିତ ଭାବେ ବର୍ତ୍ତମାନ ଧାରାରେ ଜାରି ରହେ, ତେବେ ଚନ୍ଦ୍ରର ଉକ୍ତ ପ୍ରଭାବକୁ ଜଳବାୟୁ ପରିବର୍ତ୍ତନ ଟପିଯିବ । ଫଳରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଆମେ ଯାହା ଅନୁଭବ କରୁଛେ, ପୃଥିବୀରେ ତାହାଠାରୁ ବହୁତ ଅଧିକ ପ୍ରଭାବ ପଡ଼ିବ ବୋଲି ପ୍ରଫେସର ସୋଜା କହିଛନ୍ତି । ତାଙ୍କ କହିବା ଅନୁଯାୟୀ, ମେରୁ ଅଞ୍ଚଳର ବରଫ ଆସ୍ତରଣ ତରଳୁଥିବାରୁ ପୃଥିବୀର ଆବର୍ତ୍ତନଶୀଳ ଅକ୍ଷରେ ପରିବର୍ତ୍ତନ ଘଟୁଛି । ଭୌତିକ ତତ୍ତ୍ୱ ସହ କୃତ୍ରିମ ବୁଦ୍ଧିମତ୍ତାକୁ ମିଶାଇ ଗବେଷକମାନେ ପୃଥିବୀର କେନ୍ଦ୍ରସ୍ଥଳ, ଆଭ୍ୟନ୍ତର ଏବଂ ଭୂପୃଷ୍ଠର ପ୍ରକ୍ରିୟା କିପରି ଅକ୍ଷର ଗତିକୁ ପ୍ରଭାବିତ କରୁଛନ୍ତି, ତାହାର ଆକଳନ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ଆମ ଗ୍ରହର ଗତିକୁ ଗଭୀର ପ୍ରଭାବିତ କରିପାରେ ବୋଲି ସେମାନେ ଜାଣିବାକୁ ପାଇଛନ୍ତି ।

## ଭାଙ୍ଗିଲା ରାଜ୍ୟ ...
ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା । ୨୦୨୨ ଅକ୍ଟୋବରରେ ଯୋଜନା ବୋର୍ଡ ସଦସ୍ୟ ଭାବେ ଦଳର ୩ ଜଣ ବରିଷ୍ଠ ନେତା ପ୍ରସନ୍ନ କୁମାର ପାଟଶାଣୀ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସାଧୁ ନେପାକଙ୍କୁ ନିଯୁକ୍ତି ଦିଆଯାଇଥିଲା । ୨୦୨୨ ଜୁନ୍‌ରେ ସଞ୍ଜୟଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରୁ ହଟାଇ ଦିଆଯାଇଥିଲା । ଏହା ପରଠାରୁ ଏହି ପଦବୀ ଖାଲି ପଡ଼ିଥିଲା । ଉପାଧ୍ୟକ୍ଷ ସମେତ ୩ ଜଣ ସଦସ୍ୟଙ୍କୁ ତତ୍କାଳୀନ ସରକାର ଏହି ବୋର୍ଡରେ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ଦେଇଥିଲେ । ଏବେ ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିଥିବାରୁ ଦଳର ବରିଷ୍ଠ ନେତାମାନଙ୍କୁ ଏହି ବୋର୍ଡରେ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ଦେଇ ଥଇଥାନ କରିବା ସମ୍ଭାବନା ରହିଛି ।

## ତାରିଣୀ ପୀଠରେ ...
ଦେଇଥିଲେ । ଘଟଣା ପରେ ସେବାୟତ ଏବଂ ମନ୍ଦିର କର୍ମଚାରୀମାନେ ପାଟିରୁ ରକ୍ତ ବାହାରୁଥିବା ଦେଖି ଚିକିତ୍ସା ପାଇଁ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଘଟଗାଁ ସବ୍ ଡିଭିଜନାଲ ପୋଲିସ ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଏ ନେଇ କୌଣସି ରିପୋର୍ଟ ହୋଇନାହିଁ । ଚିକିତ୍ସା ପରେ ବ୍ୟକ୍ତି ଜଣଙ୍କ ଡାକ୍ତରଖାନାରୁ ପଳାଇଥିବା ଜଣାପଡ଼ିଛି । ମା' ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସମ୍ପାଦକ ସଞ୍ଜୀବ ମହାପାତ୍ର କହିଛନ୍ତି, ରକ୍ତାକ୍ତ ଅବସ୍ଥା ଦେଖି ତାଙ୍କୁ ମନ୍ଦିର କର୍ମଚାରୀ ମେଡ଼ିକାଲ ନେଇଥିଲେ । ତେବେ ତାଙ୍କର ଆଉ କୌଣସି ଖବର ନାହିଁ ।

# ୨ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା

**ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)**

ଉତ୍ତରପଶ୍ଚିମ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଏବେ ରାଜ୍ୟରେ ବର୍ଷା ଜାରି ରହିଛି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ବୁଧବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୫ଟା ମଧ୍ୟରେ ଢେଙ୍କାନାଳରେ ସର୍ବାଧିକ ୧୩ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରାଦୀପ, କଟକ, ଚାନ୍ଦବାଲି, ଭୁବନେଶ୍ୱର, ଖୋର୍ଦ୍ଧା, ରାୟଗଡ଼ା, କେନ୍ଦୁଝର, ଟିଟିଲାଗଡ଼, ଦାରିଙ୍ଗବାଡ଼ିରେ ମଧ ବର୍ଷା ହୋଇଛି । ଗୁରୁବାର ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ତେବେ ଆସନ୍ତା ୧୯ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ତଥା ତତ୍‌ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ୧୯ ଓ ୨୦ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ୧୯ ତାରିଖରେ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ରାୟଗଡ଼ାରେ ଏବଂ ୨୦ ତାରିଖରେ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏନେଇ ସମ୍ପୃକ୍ତ ଜିଲାଗୁଡିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ଆଉ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ଅନ୍ୟପକ୍ଷରେ ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି । ଜୁନ୍ ୧ରୁ ଜୁଲାଇ ୧୭ ପର୍ଯ୍ୟନ୍ତ ୩୮୨.୮ମି.ମି. ବର୍ଷା ହେବା କଥା । କିନ୍ତୁ ୨୭% ନିଅଣ୍ଟିଆ ବର୍ଷା ହୋଇଛି । ଅର୍ଥାତ୍ ଏ ପର୍ଯ୍ୟନ୍ତ ରାଜ୍ୟରେ ୨୮୦.୧ ମି.ମି. ବର୍ଷା ହୋଇଥିବା ପାଣିପାଗ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି ।

# 'ଜିଜ୍ଞାସୁ ମଣିଷଠୁ ହିଁ ଗବେଷଣାର ଉତ୍ସ ଆରମ୍ଭ ହୁଏ'




## ସୋଆ ବିଶ୍ୱବିଦ୍ୟାଳୟର ୧୮ତମ ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର, ୧୭।୭(ଅସମାପିକା ସାହୁ)**

ସୋଆ ବିଶ୍ୱବିଦ୍ୟାଳୟର ୧୮ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । କ୍ୟାମ୍ପସ-୨ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଦୂରଦର୍ଶୀ ନେତୃତ୍ୱ ଯୋଗୁ ସୋଆ ଉଚ୍ଚ ଶିଖରକୁ ପହଞ୍ଚିପାରିବା ସହ ଶିକ୍ଷା କ୍ଷେତ୍ରକୁ ଉଚ୍ଚସ୍ତରକୁ ନେଇପାରିଛି । ଶିକ୍ଷାର ଅର୍ଥ ନୁହେଁ କେବଳ ବିବିଧ ବିଷୟକୁ ନେଇ ଜ୍ଞାନ ଆହରଣ କରିବା । ଏହାର ଅର୍ଥ ହେଉଛି ଏକ ବିଷୟକୁ ବିଭିନ୍ନ ଢଙ୍ଗରେ ଶିକ୍ଷା କରିବା । ଶିକ୍ଷକଙ୍କ ଲକ୍ଷ୍ୟ କେବଳ ପାଠ୍ୟକ୍ରମକୁ ଶେଷ କରିବା ନୁହେଁ, ବରଂ ବିଭିନ୍ନ ଉପାୟରେ ଛାତ୍ରୀଛାତ୍ର କିଭଳି ଜ୍ଞାନ ଆହରଣ କରିପାରିବେ ସେନେଇ ଶିକ୍ଷା ପ୍ରଦାନ କରିବା । ଜଣେ ଜିଜ୍ଞାସୁ ମଣିଷଠାରୁ ହିଁ ଗବେଷଣାର ଉତ୍ସ ଆରମ୍ଭ ହୋଇଥାଏ । ଗବେଷକଙ୍କ କ୍ଷେତ୍ରରେ ସମସ୍ୟାକୁ ସମାଧାନ କରିବାର ଉତ୍ସୁକତା ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଫେସର କର୍ମାଲକର କହିଥିଲେ । ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସୋଆ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି । ଦେଶର ଅନ୍ୟତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିପାଦିତ କରିପାରିଛି । ଓୟୁଟିଆର୍ କୁଳପତି ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇ ସମାଜର ହିତ ଦିଗରେ ସୋଆ ବିଶ୍ୱବିଦ୍ୟାଳୟ ଉତ୍ତମ କାର୍ଯ୍ୟ ବଜାୟ ରଖିଛି ବୋଲି କହିଥିଲେ । ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଯୋଗଦେଇ ସୋଆକୁ ଏକ ସମ୍ପୂର୍ଣ୍ଣ ପୁସ୍ତକ ଭାବେ ଅଭିହିତ କରି ଏହାର ଅନେକ ପୃଷ୍ଠା ଲେଖିବା ବାକି ଅଛି ବୋଲି କହିଥିଲେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ସୋଆକୁ ଶୁଭେଚ୍ଛା ଜଣାଇଥିଲେ । ଏଥିସହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜ ନାୟକଙ୍କୁ ଉଚ୍ଚ ପ୍ରଶଂସା କରି ତାଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ହିଁ ଏହି ଶିକ୍ଷାନୁଷ୍ଠାନ ଖୁବ୍ କମ୍ ସମୟ ମଧ୍ୟରେ ଉଚ୍ଚକୁ ପହଞ୍ଚି ପାରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡା. ସଂଘମିତ୍ରା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

**ଆଜି ମନ୍ତ୍ରୀ ପରିଷଦ ବୈଠକ**

ଭୁବନେଶ୍ୱର,(ଅନିଲ ଦାସ): ଲୋକସେବା ଭବନରେ ଗୁରୁବାର ପୂର୍ବାହ୍ନ ୯ଟା ୩୦ ମିନିଟ୍‌ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ରୂପରେଖକୁ ଅନୁମୋଦନ କରାଯିବ। ଆସନ୍ତା ୨୫ ତାରିଖରେ ଏହି ବଜେଟକୁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିବେ। ଏଥିସହ ଅନ୍ୟ କେତେକ ପ୍ରସ୍ତାବକୁ ମଧ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିବା ସମ୍ଭାବନା ରହିଛି।

# ଇନ୍ଦ୍ରାବତୀରେ ବୁଡ଼ି ଗାଈ ଚରାଳିଙ୍କ ମୃତ୍ୟୁ

**ନନ୍ଦାହାଣ୍ଡି,୧୭।୭(ପ୍ରତୀପ କୁମାର ଦାଶ)**

ନବରଙ୍ଗପୁର ଜିଲାରେ ପ୍ରବାହିତ ଇନ୍ଦ୍ରାବତୀ ନଦୀରେ ବୁଡ଼ି ଜଣେ ଗାଈ ଚରାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦାହାଣ୍ଡି ବ୍ଲକ୍ ଦହଣା ପଞ୍ଚାୟତ ବୈରାଗୀଗୁଡ଼ା ଗ୍ରାମର ରାମ ସାନ୍ତା(୫୫)। ରାମ ମଙ୍ଗଳବାର ଗାଈ ଚରାଇବାକୁ ଇନ୍ଦ୍ରାବତୀ ନଦୀ ନିକଟକୁ ଯାଇଥିଲେ। ସନ୍ଧ୍ୟା ହେବା ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ରାମ ନଦୀରେ ବୁଡ଼ିଯାଇଥିବା ସନ୍ଦେହକରି ପରିବାର ଲୋକେ ବୁଧବାର ସକାଳେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ନଦୀରେ ପ୍ରାୟ ୪ଘଣ୍ଟା ଖୋଜାଖୋଜି କରିବା ପରେ ରାମଙ୍କ ମୃତଦେହ ବାହାର କରିଥିଲେ। ନନ୍ଦାହାଣ୍ଡି ବ୍ଲକ୍ ଜୋନ୍-୨ର ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଏବଂ ଦହଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗବନ୍ଧୁ ଜାନି ତେନ୍ତୁଳିଖୁଣ୍ଟି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ମୃତଦେହ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେନ୍ତୁଳିଖୁଣ୍ଟି ଥାନାରେ କେସ୍ ନମ୍ବର ୧୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ





ଦାରୁଦିଅଁଙ୍କ କିରୀଟ, ଶ୍ରୀପୟର, ଶ୍ରୀହସ୍ତ।

**ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ବୁଧବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଭକ୍ତମାନେ ଦାରୁବିଗ୍ରହଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଶ୍ରୀବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହୋଇଥିଲେ। ବିଶ୍ୱନିୟନ୍ତାଙ୍କ ଏହି ଅନନ୍ୟ ବେଶକୁ ସୁନାବେଶ, ରାଜରାଜେଶ୍ୱର ଓ ବଡ଼ତଡ଼ାଉ ବେଶ ବୋଲି କୁହାଯାଏ। ପ୍ରତିବର୍ଷ ବାହୁଡ଼ାଯାତ୍ରା ପରଦିନ ସୁନାବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ତିଥି କ୍ଷୟ କାରଣରୁ ଦୁଇଦିନ ଦଶମୀ ତିଥି ପଡ଼ିଥିଲା। ତେଣୁ ବାହୁଡ଼ାଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିବାବେଳେ ବୁଧବାର ଏକାଦଶୀ ତିଥିରେ ସୁନାବେଶ ଅନୁଷ୍ଠିତ ହୋଇଛି।

ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଅପରାହ୍ନ ୧ଟା ୫୦ରୁ ୨ଟା ୩୦ ମଧରେ ମଧାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ପରେ ମଇଲମ ଓ ଶାଢ଼ି ଖଣ୍ଡୁଆ ଲାଗି ଶେଷହୋଇ ୪ଟା ୧୫ରୁ ୪ଟା ୩୦ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତି ହୋଇଥିଲା। ସର୍ବାଙ୍ଗ ନୀତି ସରିବା ପରେ ଠାକୁରଙ୍କ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ଭଣ୍ଡାରଘରୁ ଭଣ୍ଡାର ମେକାପଙ୍କ ତତ୍ତ୍ୱାବଧାନରେ ସୁନା ଅଳଙ୍କାରଗୁଡ଼ିକୁ ରଥ ଉପରକୁ ଅଣାଯାଇଥିଲା। ସୁନାବେଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସରିଥିଲା। ତିନିଠାକୁର ହସ୍ତ, ପାଦ, କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକିରୀଟ, କଣ୍ଠମାଳ, ବଳା, ବାହୁଟି, କାନ୍ତ, କଟିମେଖଳା, ଓଡ଼ିଆଣୀ, ହଳମୂଷଳ, ରୌପ୍ୟ ଶଙ୍ଖ, ଚକ୍ର, ବାଘନଖ, ବାହାଡ଼ା ମାଳି, କୁଣ୍ଡଳ, ସେବତୀ ମାଳି, ଚନ୍ଦ୍ର, ସୂର୍ଯ୍ୟ, କମରପଟି, ତିଳକ, ଘାଗଡ଼ା ମାଳି, କଦମ୍ବ ମାଳି, ତ୍ରିଖଣ୍ଡିକା, ଆଡକାନି ସହ ବହୁବିଧ ରତ୍ନଅଳଙ୍କାରରେ ସଜେଇ ହୋଇଥିଲେ। ଭକ୍ତମାନେ ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଧାଡ଼ିରେ ଆସି ନନ୍ଦିଘୋଷ ରଥ ବାମପାର୍ଶ୍ୱ ଦେଇ ତିନିରଥ ସମ୍ମୁଖକୁ ଆସି ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନ କରିବା ପରେ ତାଳଧ୍ୱଜ ରଥର ଡାହାଣ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିଥିଲେ। ପ୍ରାୟ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବାବେଳେ ୧୯୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଡ୍ରୋନ କ୍ୟାମେରା ମାଧମରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା କରାଯାଇଥିଲା।

# ଆଜି ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର

**ପୁରୀ,୧୭।୭(ଅଜିତ୍ କୁମାର ମହାନ୍ତି)**

### ସକାଳ ୮ରୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଦ୍ୱିତୀୟ ଥର ପାଇଁ ଗୁରୁବାର ଖୋଲିବାକୁ ଯାଉଛି। ସକାଳ ୯ଟା ୫୧ରୁ ମଧାହ୍ନ ୧୨ଟା ୧୫ ମଧରେ ଶୁଭ ମୁହୂର୍ତ୍ତ ରହିଛି। ତେଣୁ ଏହି ସମୟ ମଧରେ ଭିତର ରତ୍ନଭଣ୍ଡାର ଖୋଲାଯିବା ନେଇ ରତ୍ନଭଣ୍ଡାର ତଦାରଖ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଗୁରୁବାର ଭିତର ରତ୍ନଭଣ୍ଡାର ପୁନଃ ଖୋଲି ଅଳଙ୍କାର ସ୍ଥାନାନ୍ତର ହେବାକୁ ଥିବାରୁ ବୁଧବାର ରାତି ୧୧ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଚାଲିବ। ପରେ ସୁନାବେଶ ଦର୍ଶନ ବନ୍ଦ ରହିବା ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ସେହିପରି ଗୁରୁବାର ସକାଳ ୮ଟା ପରେ ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ରହିବ। କେବଳ ଅଧିକୃତ ବ୍ୟକ୍ତି ଓ ସେବା ନିୟୋଜିତ ସେବକମାନେ ପ୍ରବେଶ କରିପାରିବେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ପାଢ଼ୀ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ପ୍ରଥମେ ରତ୍ନଭଣ୍ଡାର ଖୋଲା ଯାଇଥିଲା। କମିଟି ସଦସ୍ୟମାନେ ବାହାର ରତ୍ନଭଣ୍ଡାର ତାଲା ଭାଙ୍ଗି ରତ୍ନଅଳଙ୍କାର ସ୍ଥାନାନ୍ତର ପାଇଁ ପଦକ୍ଷେପ ନେଇଥିଲେ। ପରେ ନୂଆ ତାଲା ପକାଇ ସିଲ୍ କରିଦେଇଥିଲେ। ତେବେ ସମୟ ଅଭାବରୁ ଭିତର ରତ୍ନଭଣ୍ଡାର ଖୋଲାଯାଇ ନ ଥିଲା। କେବଳ ପୁରୁଣା ତାଲା ଭାଙ୍ଗି ନୂଆ ତାଲା ପକାଇ ବାହାରୁ ଚାଲିଆସିଥିଲେ। ରତ୍ନଅଳଙ୍କାର ସ୍ଥାନାନ୍ତର ହୋଇପାରି ନ ଥିଲା। ତେଣୁ ଗୁରୁବାର ପୁନର୍ବାର ସମାନ ଏସ୍‌ଓପି ଅନୁଯାୟୀ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଚ୍ଛିତ ଅଳଙ୍କାର ଶ୍ରୀମନ୍ଦିର ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଉପସ୍ଥିତ ରହିବେ। ହାଇମାଷ୍ଟ ଲାଇଟ୍ ବ୍ୟବସ୍ଥା କରାଯିବ। ସେହିପରି ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି ନେଇ ସ୍ଥିତି ଅନୁଧ୍ୟାନ କରିବ।

# କର୍ନାଟକ: ଘରୋଇ କ୍ଷେତ୍ର ନିଯୁକ୍ତିରେ ସ୍ଥାନୀୟଙ୍କ ପାଇଁ ୭୫% ସଂରକ୍ଷଣ

**ବେଙ୍ଗାଲୁରୁ,୧୭।୭**

କର୍ନାଟକରେ ଘରୋଇ କମ୍ପାନୀ ଚାକିରିରେ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ସଂରକ୍ଷଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ମ୍ୟାନେଜ୍‌ମେଣ୍ଟ ଚାକିରିରେ ସ୍ଥାନୀୟ ପ୍ରାର୍ଥୀମାନଙ୍କ ପାଇଁ ୫୦ ପ୍ରତିଶତ ଏବଂ ଅଣପରିଚାଳନାଗତ ନିଯୁକ୍ତିରେ ୭୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଘରୋଇ ସଂସ୍ଥାର ଗ୍ରୁପ୍ ସି ଏବଂ ଗ୍ରୁପ୍ ଡି ପଦବୀଗୁଡ଼ିକରେ ସ୍ଥାନୀୟ ପ୍ରାର୍ଥୀମାନଙ୍କ ନିମନ୍ତେ ୧୦୦ ପ୍ରତିଶତ ସଂରକ୍ଷଣ ରଖାଯିବ ବୋଲି ଖବର ପ୍ରକାଶ ପାଇଥିଲା। ସୋମବାର ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଘୋଷଣା କରିଥିଲେ। ତେବେ ଏହାକୁ ନେଇ ବିବାଦ ଦେଖାଦେବା ପରେ ସେ ସୋସିଆଲ ମିଡିଆରୁ ଉକ୍ତ ପୋଷ୍ଟକୁ ହଟାଇଦେଇଛନ୍ତି। କର୍ନାଟକର ସମସ୍ତ ଘରୋଇ ଶିଳ୍ପସଂସ୍ଥାରେ ଥିବା ଗ୍ରୁପ୍ ସି ଏବଂ ଡି ପଦବୀଗୁଡ଼ିକରେ ୧୦୦ ପ୍ରତିଶତ କାନାଡିଗାଙ୍କୁ ନିଯୁକ୍ତି ଦେବା ବାଧ୍ୟତାମୂଳକ। ରାଜ୍ୟ କ୍ୟାବିନେଟ୍ ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରିଛି। କାନାଡିଗାମାନଙ୍କ କଲ୍ୟାଣ ଦେଖିବା ଆମ ସରକାରଙ୍କର ପ୍ରାଥମିକତା ବୋଲି ସିଦ୍ଧାରାମାୟା ଏକ୍ସ'ରେ ପୋଷ୍ଟ କରିଥିଲେ। ପରେ ସେ ଏହାକୁ ଡିଲିଟ୍ କରିଦେଇଛନ୍ତି। ଶିଳ୍ପସଂସ୍ଥା ଏବଂ ବିଶେଷଜ୍ଞମାନଙ୍କ ସମାଲୋଚନା ପରେ ମୁଖ୍ୟମନ୍ତ୍ରୀ ଏକ ସଂଶୋଧିତ ବାର୍ତ୍ତା ପୋଷ୍ଟ କରିଛନ୍ତି। ଏଥିରେ ଲେଖାଯାଇଛି, ରାଜ୍ୟର ଘରୋଇ ଶିଳ୍ପ ଓ ଅନ୍ୟାନ୍ୟ ସଂସ୍ଥାର ପ୍ରଶାସନିକ ପଦବୀରେ ନିଯୁକ୍ତି ଲାଗି ୫୦% ଏବଂ ଅଣପ୍ରଶାସନିକ ପଦବୀରେ ନିଯୁକ୍ତି ନିମନ୍ତେ ୭୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍‌କୁ ସୋମବାର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି।

# ଆଜିଠାରୁ ତନିସ୍କ ଶୋରୁମରେ ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ




ବୁଧବାର ଝାରସୁଗୁଡ଼ାଠାରେ ଟାଟାଗ୍ରୁପର ସର୍ବବୃହତ୍ ଅଳଙ୍କାର ବ୍ରାଣ୍ଡ ତନିସ୍କ ଆୟୋଜିତ ଫେଷ୍ଟିଭାଲ ଅଫ ଡାଇମଣ୍ଡ କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଅତିଥି ଓ ସତ୍ତ୍ୱାଧିକାରୀ ଅଳଙ୍କରେ ପ୍ରଦର୍ଶନ କରୁଛି।

**ସମ୍ବଲପୁର,୧୭।୭(ବି.ଶଙ୍କର)**

ଟାଟା ଗ୍ରୁପର ସର୍ବବୃହତ ଅଳଙ୍କାର ବ୍ରାଣ୍ଡ ତନିସ୍କ ପକ୍ଷରୁ ଫେଷ୍ଟିଭାଲ ଅଫ ଡାଇମଣ୍ଡ ଗୁରୁବାରଠାରୁ ସମ୍ବଲପୁର, ଝାରସୁଗୁଡ଼ା ଓ ରାଉରକେଲାସ୍ଥିତ ଶୋରୁମ୍‌ରେ ଆରମ୍ଭ ହେବ। ଜୁଲାଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଫେଷ୍ଟିଭାଲରେ ଗ୍ରାହକମାନେ ରିହାତି ମୂଲ୍ୟରେ ୧୦ହଜାରରୁ ଉର୍ଦ୍ଧ୍ୱ ଡିଜାଇନର ଉତ୍କୃଷ୍ଟ ହୀରା ଖଚିତ ଅଳଙ୍କାର ପାଇପାରିବେ। ଫେଷ୍ଟିଭାଲ ଅବସରରେ ହୀରାର କାନଫୁଲ, ବ୍ରେସଲେଟ, ହାର, ଆଙ୍ଗୁଠି ମୁଦି ଏବଂ ଅନ୍ୟାନ୍ୟ ନୂତନ ଡିଜାଇନଗୁଡିକ ଶୋରୁମରେ ଉପଲଧ୍ୱ ରହିଛି। ତେଣୁ ଗ୍ରାହକମାନେ ଏହି ଫେଷ୍ଟିଭାଲରେ ହୀରା ଅଳଙ୍କାର କିଣିଲେ ଧାର୍ଯ୍ୟ ମୂଲ୍ୟରୁ ୨୦ପ୍ରତିଶତ ରିହାତି ପାଇପାରିବେ। କେବଳ ସେତିକି ନୁହେଁ, ଗ୍ରାହକମାନେ ନିଜର ପୁରୁଣା ସୁନା ଅଳଙ୍କାରକୁ ୧୦୦ପ୍ରତିଶତ ମୂଲ୍ୟ ବିନିମୟରେ ନୂତନ ମନ ମୁତାବତ ପ୍ରାକୃତିକ ହୀରା ଅଳଙ୍କାର କିଣି ପାରିବେ। ତନିସ୍କର ଉଚ୍ଚମାନର ସୁନା ଓ ହୀରା ଅଳଙ୍କାର କ୍ଷେତ୍ରରେ ବିଶ୍ୱାସନୀୟତା ସର୍ବଦା ଗ୍ରାହକମାନଙ୍କ ଦ୍ୱାରା ଆଦୃତ ହୋଇ ଆସିଛି। ଏହା ସହ ଅତ୍ୟାଧୁନିକ ହୀରା ଅଳଙ୍କାର ସଂଗ୍ରହଗୁଡ଼ିକର ଚମତ୍କାରିତାକୁ ଗ୍ରାହକମାନଙ୍କୁ ନିଶ୍ଚିତଭାବେ ଆକୃଷ୍ଟ କରିବ ବୋଲି ତନିସ୍କ ଶୋରୁମ ପକ୍ଷରୁ ସୂଚିତ କରାଯାଇଛି।

# ଆଜିଠୁ ଯୁକ୍ତ୩ ତୃତୀୟ ରାଉଣ୍ଡ ନାମଲେଖା

**ଭୁବନେଶ୍ୱର, ୧୭।୭ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଜାରି ରହିଥିବାବେଳେ ତୃତୀୟ ରାଉଣ୍ଡ ନାମଲେଖା ଗୁରୁବାରଠାରୁ ଆରମ୍ଭ ହେବ। ସକାଳ ୯ଟାରୁ ନାମଲେଖା ଚାଲିବ। ମନୋନୀତ ଛାତ୍ରୀଛାତ୍ର ଛୁଟିଦିନ ବ୍ୟତୀତ ୨୨ ତାରିଖ ସନ୍ଧ୍ୟା ୬ଟା ମଧରେ ନାମ ଲେଖାଇବେ। ସୂଚନାଯୋଗ୍ୟ, ତୃତୀୟ ରାଉଣ୍ଡ୍‌ରେ ମୋଟ ୪୪,୦୬୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ସେମାନଙ୍କ ମଧରେ ୨୪,୮୭୮ଜଣ ଛାତ୍ରୀ, ୧୯,୧୮୧ଜଣ ଛାତ୍ର ଏବଂ ଜଣେ କିନ୍ନର ରହିଛନ୍ତି। ଏଥିରୁ ବିଜ୍ଞାନ ବିଭାଗ ପାଇଁ ୧୪,୩୩୨ଜଣ ଚୟନ ହୋଇଥିବାବେଳେ କଳାରେ ୨୫,୭୯୧, ବାଣିଜ୍ୟରେ ୨,୮୮୦, ଶାସ୍ତ୍ରୀରେ ୧୯୮, ସେଲ୍ଫ ଫାଇନାନ୍ସିଂରେ ୮୧୬ ଏବଂ ଆଇନ ବିଭାଗରେ ୪୩ଜଣ ରହିଛନ୍ତି। ଦୁଇଟି ରାଉଣ୍ଡ ନାମଲେଖା ପରେ ବର୍ତ୍ତମାନ ଯୁକ୍ତ୩ ପ୍ରଥମ ବର୍ଷ ନାମଲେଖା ନିମନ୍ତେ ୧,୫୩,୩୪୭ଟି ସିଟ୍ ଖାଲି ରହିଛି।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଅମର୍ଦା ରୋଡ୍ ବିମାନବନ୍ଦର

### ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନାକଲେ ପରିବହନ ମନ୍ତ୍ରୀ



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ନଗର ଉନ୍ନନୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)**

ମୟୂରଭଞ୍ଜ ଜିଲା ସ୍ଥିତ ଅମର୍ଦା ରୋଡ୍ (ରାସଗୋବିନ୍ଦପୁର) ବିମାନବନ୍ଦରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ଏନେଇ ବୁଧବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ପ୍ରସଙ୍ଗ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଅମର୍ଦା ରୋଡ୍ ବିମାନବନ୍ଦରରେ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହିତ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଉଭୟ ମନ୍ତ୍ରୀ ସହମତ ହୋଇଛନ୍ତି। ଏହା ସହ ଝାରସୁଗୁଡ଼ା ବିମାନବନ୍ଦରର ସର୍ବାଙ୍ଗୀନ ବିକାଶ ନିମନ୍ତେ ମଧ ଆଲୋଚନା ହୋଇଛି। ଆଲୋଚନା ସମୟରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶଯୋଗ୍ୟ, ମୟୂରଭଞ୍ଜର ଅମର୍ଦା ରୋଡ୍ ବିମାନବନ୍ଦର ୪୦ ଦଶକରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାର୍ଯ୍ୟ କରୁଥିଲା। ପୂର୍ବରୁ ଏହାର ୧୧ ହଜାର ଫୁଟର କଂକ୍ରିଟ୍ ରନ୍‌ୱେ ରହିଥିଲା। କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଅଧିକ ଜମି ଅଧିଗ୍ରହଣ ସାଙ୍ଗକୁ ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଏକ ଉଲ୍ଲେଖଯୋଗ୍ୟ ବିମାନବନ୍ଦର ଭାବେ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଇଲି ଗଲି,**
**ଯାହା ଦେଖିଗଲି ତାହା କହିଲି।**

ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପେ ଭଲ ତ ଜଗତ ଭଲ**
**ତାରି ମାନ ଥାଏ**
**ଆପେ ମନ୍ଦ ତ ଜଗତ ମନ୍ଦ**
**ତାରି ମାନ ଯାଏ।**

ସୁକର୍ମ କଲେ ସୁନାମ ମିଳିଥାଏ। ଭଲ ବା ସୁଗୁଣ ବ୍ୟକ୍ତିଙ୍କୁ ସମସ୍ତେ ପ୍ରଶଂସା କରିଥାନ୍ତି , ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ପରନ୍ତୁ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ପାଖରେ ପୂରାଇ ଦେଇ ନ ଥାନ୍ତି। ଏପରି ବ୍ୟକ୍ତିଙ୍କୁ କେବଳ ନିନ୍ଦା ଅପବାଦ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତୈଳଭଣ୍ଡାର ପ୍ରକଳ୍ପ ଆଶା ଉଜ୍ଜୀବିତ

**ଯାଜପୁର,୧୭।୭ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ ପାହାଡ଼ ତଳେ ଦେଶର ଚତୁର୍ଥ ସର୍ବବୃହତ୍ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପ୍ରସ୍ତାବ ୬ ବର୍ଷ ହେଲା ଜମି ନ ମିଳିବାରୁ ଅଟକି ରହିଛି। ତତ୍କାଳୀନ ବିଜେଡି ସରକାର କଳାପଥର ଖାଦାନ ପାଇଁ ଜମି ଯୋଗାଇ ଦେବାରେ ଟାଳଟୁଳ ନୀତି ଆପଣାଇଥିବା ଭାଜପା ପକ୍ଷରୁ ସେତେବେଳେ ଅଭିଯୋଗ ହୋଇଥିଲା। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଢ଼ିଥିବାରୁ ଏବେ କେନ୍ଦ୍ର ସରକାରଙ୍କ ବହୁ ପ୍ରତୀକ୍ଷିତ ଭୂତଳ ତୈଳଭଣ୍ଡାର ପୁଣି ପ୍ରତିଷ୍ଠା ହେବାର ଆଶା ଉଜ୍ଜୀବିତ ହୋଇଛି। ଏଥିପାଇଁ ସରକାର ଚାହିଁଲେ ଏବେ ଜମି ଅଧିଗ୍ରହଣରେ କୌଣସି ବାଧା ଉପୁଜିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

୨୦୧୭-୧୮ ବଜେଟରେ ଏହି ଭୂତଳ ତୈଳଭଣ୍ଡାର ପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହାପରେ ଏହାକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିଥିଲା। ୩.୭ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) କ୍ଷମତାବିଶିଷ୍ଟ ଏହି ତୈଳ ସଂରକ୍ଷଣ ଭଣ୍ଡାରର ଉଦ୍ଦେଶ୍ୟ ହେଉଛି ଜରୁରିକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇଦେବା। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ଏହି ଐତିହାସିକ ପ୍ରସ୍ତାବକୁ ସବୁ ମହଲରୁ ସ୍ୱାଗତ କରାଯାଇଥିଲା। ଇତିମଧ୍ୟରେ ବିଭିନ୍ନ ସମୟରେ କେନ୍ଦ୍ରୀୟ ଦଳଗୁଡ଼ିକ ପ୍ରସ୍ତାବିତ ଡଙ୍କାରୀ ଅଞ୍ଚଳ ପରିଦର୍ଶନ ସହ ଅନୁଧ୍ୟାନ କରି ଫେରିଯାଇଥିଲେ। କିନ୍ତୁ ଏକାଧିକ ମୂଲ୍ୟବାନ କଳାପଥର ଖାଦାନ ଯୋଗୁ ଏହି ପ୍ରସ୍ତାବିତ ତୈଳଭଣ୍ଡାର ପ୍ରକଳ୍ପ ହଜିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇ ରାଜ୍ୟ ସରକାରଙ୍କୁ ସେତେବେଳେ ଅବଗତ କରାଯାଇଥିଲା। ତଥାପି ଜମି ଯୋଗାଇ ଦେବାରେ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା।

ଉଲ୍ଲେଖଯୋଗ୍ୟ, ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ଧର୍ମଶାଳା ତହସିଲଦାର ତାଙ୍କ ପତ୍ରସଂଖ୍ୟା ୧୧୮୬/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ସମସ୍ତ କଳାପଥର ଖାଦାନକୁ ବନ୍ଦ କରିବାକୁ ଯାଜପୁର ଏସପିଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ସରକାରଙ୍କ ଆଇନ ଅନୁସାରେ ସେତେବେଳେ କୌଣସି କଳାପଥର ଖାଦାନକୁ ଲିଜ୍ ସୂତ୍ରରେ ଅନୁମତି ଦିଆଯାଇ ନ ଥିଲା। କିନ୍ତୁ

### ୬ ବର୍ଷ ହେଲା ଡଙ୍କାରୀରେ ଜମି ପାଇଁ ଅଟକିଛି



ପ୍ରସ୍ତାବିତ ପ୍ରକଳ୍ପ ଚିତ୍ର।

ଧର୍ମଶାଳା ତହସିଲଦାର ଜିଲାପାଳଙ୍କୁ ତାଙ୍କ ପତ୍ରସଂଖ୍ୟା ୧୧୮୯/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ୩ଟି ଅନୁମତିପ୍ରାପ୍ତ ଓ ୧୩ଟି ଅନୁମତି ଅପେକ୍ଷାରେ ଥିବା ପଥର ଖାଦାନ ବନ୍ଦ ହେଲେ ସରକାର ଉପରୋକ୍ତ ପରିମାଣର ଅର୍ଥ କ୍ଷତି ସହିବେ ବୋଲି ଜଣାଇଥିଲେ।

ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ଖାତା ନମ୍ବର ୨୨୧, ପ୍ଲଟ ନମ୍ବର ୬୦୦ରେ ୭୭୩.୬୦ ଏକର ପର୍ବତ କିସମ ଜମିରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବ ରହିଥିଲା। ଏଥିରେ ପ୍ରାୟ ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। କଳାପଥର ଖାଦାନ ଆଳରେ ଏହି ଉଦ୍ଦେଶ୍ୟ ସେତେବେଳେ ପରାହତ ହୋଇଥିଲା। ଏବେ କିନ୍ତୁ ପୁଣି ସୁଯୋଗ ଆସିଛି। ପ୍ରସ୍ତାବିତ ସ୍ଥାନଟି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରହିଛି। ଏଠାରୁ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିବା ବିଧାୟକ ହିମାଂଶୁ ଶେଖର ସାହୁ ଭାଜପାକୁ ସମର୍ଥନ ଦେଉଛନ୍ତି। ତେଣୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଏହି ବୃହତ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଉଚିତ ବୋଲି ଏବେ ସବୁଠି ଦାବି ହେଉଛି। ଚଣ୍ଡିଖୋଲର ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁ କୁହନ୍ତି, ୨୦୧୭ରୁ କେନ୍ଦ୍ର ସରକାର ଏହି ତୈଳଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ। ୨୦୨୧ରେ ପୁଣି ଏଥିପାଇଁ ଆର୍ଥିକ ବ୍ୟୟବରାଦ ହୋଇଥିଲା। କିନ୍ତୁ ସେତେବେଳେ ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇଦେବାକୁ ବିଭିନ୍ନ ପ୍ରକାର ଆଳ କରିଥିଲେ। ଏବେ ଆଉ ସେହି ସମସ୍ୟା ନାହିଁ। ଡବଲ ଇଞ୍ଜିନ ସରକାର ହୋଇଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବିଳମ୍ବେ ଜମି ଅଧିଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ଆବଶ୍ୟକ।

ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ କୁହନ୍ତି, ଡଙ୍କାରୀରେ କଳାପଥର ଖାଦାନ ପାଇଁ ଏହି ମହତ୍ ପ୍ରକଳ୍ପ ହୋଇପାରିନାହିଁ। ତେବେ ଦର୍ପଣୀ ଅଞ୍ଚଳର ଖଟୁଆପଡା, ଅଣ୍ଟିଆ, ତରଞ୍ଜିଆ, କଞ୍ଚନଗର, ଖରମଙ୍ଗି ଅଞ୍ଚଳରେ ପ୍ରାୟ ୫୦୦ ଏକର ଜମିରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ପରବର୍ତ୍ତୀ ସମୟରେ ପ୍ରସ୍ତାବ ହୋଇଥିଲା। କିନ୍ତୁ ସେତେବେଳେ ସରକାର ଏଥିପ୍ରତି ଆଦୌ ଆଗ୍ରହ ପ୍ରକାଶ କରି ନ ଥିଲେ। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଚାଲିଛି। ତେଣୁ ଅଞ୍ଚଳର ବିକାଶ ଦୃଷ୍ଟିରୁ ଉକ୍ତ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଉଭୟ ସରକାର ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିବା ଉଚିତ।

# ଆମେରିକାରେ ରାଜନୈତିକ ହିଂସା



ମାଟ୍ଟିଆ ଫେରାରେସି

ପେନ୍‌ସିଲଭାନିଆରେ ଏକ ନିର୍ବାଚନ ପ୍ରଚାର ରାଲିରେ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏଭଳି ରାଜନୈତିକ ହିଂସା ପାଇଁ ୟୁରୋପ ମଧ୍ୟ ଅଧିକ ଜଣାଶୁଣା। ନିକଟରେ ହୋଇଥିବା ଫ୍ରାନ୍ସ ସାଧାରଣ ନିର୍ବାଚନ ସମୟରେ ୫୦ରୁ ଅଧିକ ପ୍ରାର୍ଥୀ ଏବଂ କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ନିକଟ ଅତୀତର ବିଭିନ୍ନ ୟୁରୋପୀୟ ଦେଶରେ ରାଜନୈତିକ ଚର୍ଚ୍ଚାରେ ହିଂସା ଏକ ଅଂଶ ଥିବା ବିଷୟ ସ୍ମରଣଯୋଗ୍ୟ ,ଯାହା ଚିନ୍ତାର କାରଣ। କିନ୍ତୁ ଆମେରିକାରେ ରାଜନୈତିକ ହିଂସା ଭିନ୍ନ ଧରଣର। କାରଣ ଏହା ଏଭଳି ଏକ ସମାଜରେ ଘଟିଥାଏ ଯେଉଁଠାରେ ସାଧାରଣ ନାଗରିକଙ୍କ ପାଖରେ ୩୦୦ ନିୟୁତରୁ ଅଧିକ ବନ୍ଧୁକ ରହିଛି ଏବଂ ଗଣ ଗୁଳିକାଣ୍ଡ ବାରମ୍ବାର ଘଟୁଛି। ଏହା ଶୁଣିବାକୁ ଅସୁନ୍ଦର ଲାଗୁଥିଲେ ବି ଟ୍ରମ୍ପଙ୍କୁ ହତ୍ୟା କରିବାର ପ୍ରୟାସ କିଛି ମାତ୍ରାରେ ସ୍ୱାଭାବକ ଥିଲା। ଅର୍ଥାତ୍ ଏହା ଆମେରିକୀୟ ଜୀବନରେ ବର୍ବର ଶକ୍ତି ପାଇଁ ଏକ ବ୍ୟାପକ ମାର୍ଗର ଅନୁରୂପ ବିଚାର ବୋଲି ଧରିନେବାକୁ ପଡ଼ିବ। ଆମେରିକାରେ ରାଜନୈତିକ ହିଂସା ସବୁବେଳେ ପରିବର୍ତ୍ତିତ ରୂପ ନେଇଥାଏ। କିନ୍ତୁ ଏକ ନିରନ୍ତର ବୈଶିଷ୍ଟ୍ୟ ହେଉଛି ପ୍ରତ୍ୟେକ ଘଟଣା ପରେ ହେଉଥିବା ଘୃଣ୍ୟ ବାକ୍‌ଯୁଦ୍ଧ। ଶୁଟରଙ୍କୁ ଉତ୍ତେଜିତ କରିବାକୁ ଉସୁକାଇବା ଭଳି ବିବୃତି ଦେଇ ପ୍ରତ୍ୟେକ ପକ୍ଷ ଦୃଢ଼ତାର ସହ ଅନ୍ୟକୁ ଦାୟୀ କରନ୍ତି। ଏଥିରୁ ବୁଝାପଡ଼େ ଯେ ପୀଡ଼ିତଙ୍କ ରାଜନୈତିକ ବିରୋଧୀମାନେ ହିଂସା ପାଇଁ ନୈତିକ ଦାୟିତ୍ୱ ବହନ କରିଥାନ୍ତି।

ଆମେରିକାର ରାଜନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସହମତିର ଖୁବ୍ କମ୍ ସୁଯୋଗ ଥାଏ। ପୀଡ଼ିତଙ୍କ ରାଜନୈତିକ ଦଳ ଦୋଷୀକୁ ନିଶ୍ଚିତ କରେ, କିନ୍ତୁ ଘଟଣା ସୃଷ୍ଟି ଓ ଉପସ୍ଥାପନା ସର୍ବଦା ସମାନ । ହିଂସାକୁ ନିରପେକ୍ଷ ଭାବେ ନିନ୍ଦାକରିବାର ସମୟସୀମା ପ୍ରତ୍ୟେକ ଘଟଣାରେ ଛୋଟ ହୋଇଯାଏ। ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ରାଲିରେ ଥିବା ଜଣେ ବ୍ୟକ୍ତି ଓ ୨୦ ବର୍ଷୀୟ ଶୁଟରଙ୍କ ମୃତ୍ୟୁ ହୋଇଥିଲା, ଯାହାର ଦୁଇଟି ତତ୍‌କ୍ଷଣାତ ପ୍ରଭାବ ପଡ଼ିଲା। ପ୍ରଥମେ, ଏହା ଟ୍ରମ୍ପଙ୍କ ଏମ୍‌ଏଜିଏ ( ମେକ୍ ଆମେରିକା ଗ୍ରେଟ୍ ଏଗେନ) ପ୍ରଚାର ଅଭିଯାନର ଶହୀଦ ବିଷୟକୁ ପୁନର୍ଜୀବିତ କଲା ଏବଂ ସମର୍ଥକମାନେ ସଙ୍ଗେ ସଙ୍ଗେ ବଞ୍ଚିଥିବା ହିରୋଙ୍କ ସମ୍ପର୍କରେ ବଢ଼େଇଚଢ଼େଇ କରି କହି ପ୍ରଚାର କରିବା ଆରମ୍ଭ କରିଦେଲେ। ଟ୍ରମ୍ପ୍ ମଧ ଘୋଷଣାକଲେ ଯେ ସେ ଦୁଷ୍ଟତା ସାମ୍ନାରେ ନତମସ୍ତକ ହେବେ ନାହିଁ। ଦ୍ୱିତୀୟରେ,ସମାନ ଭାବରେ ପୂର୍ବାନୁମାନଯୋଗ୍ୟ ପ୍ରଭାବ ହେଉଛି ଏହି ଆକ୍ରମଣ ପାଇଁ ଡେମୋକ୍ରାଟ୍‌ମାନେ ଦାୟୀ



ବୋଲି ଅଭିଯୋଗ ହୋଇଛି। ଟ୍ରମ୍ପଙ୍କ ଉପ–ରାଷ୍ଟ୍ରପତି ପ୍ରାର୍ଥୀ ସିନେଟର ଜେ.ଡି. ଭାନ୍ସ ଯୁକ୍ତି କରିଥିଲେ, ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଚାର ଅଭିଯାନରେ ଟ୍ରମ୍ପଙ୍କୁ ଗଣତନ୍ତ୍ର ପ୍ରତି ବିପଦ ବୋଲି ଦର୍ଶାଇବାର ପ୍ରତ୍ୟକ୍ଷ ପରିଣାମ ହେଲା ଏହି ଘଟଣା। ଏହି କାରଣରୁ ତାଙ୍କୁ ବଳପୂର୍ବକ ହଟାଇବା ପ୍ରୟାସକୁ ବୈଧକରାଯାଉଛି। ଭାନ୍ସ ଦାବି କରିଥିଲେ ଯେ, ଏହିଭଳି ମନ୍ତବ୍ୟର ପ୍ରତ୍ୟକ୍ଷ ପରିଣାମ ହେଉଛି ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ।

ସେହିଭଳି ଆମେରିକା କଂଗ୍ରେସର ସଦସ୍ୟ ମାଇକ୍ କଲିନ୍ସ ପରାମର୍ଶ ଦେଇଥିଲେ ଯେ ହତ୍ୟା ଘଟଣାକୁ ଉସୁକାଇଥିବାରୁ ତୁରନ୍ତ ଜୋସେଫ୍ ଆର୍. ବାଇଡେନ୍‌ଙ୍କ ବିରୋଧରେ ପେନ୍‌ସିଲଭାନିଆର ବଟଲର ଜିଲାର ଜିଲା ଓକିଲ ସଂଘ ମାମଲା ରୁଜୁକରିବା ଉଚିତ। ଏପରିକି ୨୦୧୭ରେ ଜଣେ ଚରମ ବାମପନ୍ଥୀଙ୍କ ଦ୍ୱାରା କଂଗ୍ରେସ ପ୍ରତିନିଧି ଷ୍ଟିଭ୍ ସ୍କାଲାଇଜ୍‌ଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ପଛରେ ଡେମୋକ୍ରଟ୍‌ସଙ୍କ ହିଂସା ଉସୁକାଇବା ମନ୍ତବ୍ୟ ଥିବା ସୂଚିତ କରିଥିଲା ଏବଂ ଏହାକୁ ଏଫ୍‌ବିଆଇ ଘରୋଇ ଆତଙ୍କବାଦ ଭାବରେ ଶ୍ରେଣୀଭୁକ୍ତ କରିଥିଲା। ସାମ୍ପ୍ରତିକ ସମୟରେ, ଟ୍ରମ୍ପଙ୍କ ପ୍ରଚାର ଅଭିଯାନରେ ଡେମୋକ୍ରାଟିକ୍ ପ୍ରତିନିଧି ଡନ୍ ଗୋଲ୍ଡମ୍ୟାନ୍‌ଙ୍କ ଭିଡିଓର ଛୋଟ ଅଂଶ ପ୍ରସାରଣ କରାଯାଇଥିଲା। ଗୋଲ୍ଡମ୍ୟାନ୍ ଲାଇଭ ଟେଲିଭିଜନରେ କହିଥିଲେ ଯେ ଟ୍ରମ୍ପଙ୍କୁ ଶେଷ କରାଯିବା ଦରକାର, ଯାହା ପୂର୍ବତନ ହାଉସ୍ ସ୍ପିକର ନାନ୍‌ସୀ ପେଲୋସିଙ୍କ ଦ୍ୱାରା ପ୍ରକାଶିତ ହୋଇଛି ଏବଂ ତାଙ୍କର କାର୍ଯ୍ୟକର୍ତ୍ତାମାନେ ହତାଶ ବାଇଡେନ୍‌ଙ୍କ ବର୍ତ୍ତମାନର ଏକ ଧମକପୂର୍ଣ୍ଣ କଥାକୁ ପୁଣି ଥରେ ସାମ୍ନାକୁ ଆଣିଥିଲେ, ଯେଉଁଥିରେ ବାଇଡେନ୍ ତାଙ୍କର ବିପର୍ଯ୍ୟସ୍ତ ବିତର୍କ ପ୍ରଦର୍ଶନ ପରେ କହିଥିଲେ ଯେ ଆମେ ବିତର୍କ ବିଷୟରେ କେବଳ କଥାବାର୍ତ୍ତା କରୁଛୁ, କିନ୍ତୁ ଟ୍ରମ୍ପଙ୍କୁ କଡ଼ା ନଜରରେ ରଖିବାର ଏହା ହିଁ ଉପଯୁକ୍ତ ସମୟ।

ଡେମୋକ୍ରାଟ୍ ଏବଂ ସେମାନଙ୍କ ସମର୍ଥକମାନେ ଆକ୍ରମଣ ଘଟଣାକୁ ତରବରିଆ ଭାବେ ନିନ୍ଦାକରିବା ସହ ସମସ୍ତଙ୍କୁ ମନେପକାଇ ଦେଇଛନ୍ତି ଯେ ଟ୍ରମ୍ପ ୬ ଜାନୁଆରୀ ୨୦୨୧ରେ ଆମେରିକାର କ୍ୟାପିଟୋଲ୍‌ରେ ଆକ୍ରମଣ କରିବାକୁ ଉତ୍ତେଜିତ ଲୋକଙ୍କୁ ପ୍ରେରିତ କରିଥିଲେ । ଏହା ଥିଲା ଆମେରିକାର ଇତିହାସରେ ରାଜନୈତିକ ହିଂସାର ସବୁଠାରୁ ଭୟଙ୍କର ଘଟଣା । ୨୦୨୦ ନିର୍ବାଚନରେ ତାଙ୍କ ପରାଜୟକୁ ବଦଳାଇଦେବା ଉଦ୍ଦେଶ୍ୟରେ ସେ ଏହା କରିଥିଲେ। ପ୍ରଭାବିତ କରିବା ଭଳି ଏହି ପ୍ରକାର ବାକ୍‌ଯୁଦ୍ଧ ନିର୍ବାଚନରେ ବାଇଡେନ୍‌ଙ୍କ ବିରୋଧରେ ଟ୍ରମ୍ପଙ୍କ ବିଜୟକୁ ନିଶ୍ଚିତ କରିବା ସମ୍ଭାବନା ରହିଛି। କିନ୍ତୁ ଘୃଣା, ଉତ୍ପୀଡ଼ନ ଏବଂ ଅସନ୍ତୋଷ ଦ୍ୱାରା ବଢୁଥିବା ଜାତୀୟସ୍ତରର ବାକ୍‌ଯୁଦ୍ଧର ଦୀର୍ଘମିଆଦୀ ପରିଣାମଗୁଡ଼ିକ ଅଧିକ ବିନାଶକାରୀ। ୨୦୧୧ରେ ଆରିଜୋନାରେ କଂଗ୍ରେସ ପ୍ରତିନିଧି ଗାବି ଗିଫୋର୍ଡଙ୍କ ଉପରେ ହତ୍ୟା ଉଦ୍ୟମ ପରେ ଏକ ଡେମୋକ୍ରାଟିକ୍ ସପକ୍ଷବାଦୀ ନ୍ୟୁଜ ସଂସ୍ଥା 'ଷ୍ଟୋକାଷ୍ଟିକ୍ ଟେରୋରିଜମ୍' (କଟରପନ୍ଥୀ ପରିବେଶ ଦ୍ୱାରା ପ୍ରେରିତ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଘଟିଥିବା ରାଜନୈତିକ ହିଂସାବାଦ) ଶବ୍ଦକୁ ଲୋକପ୍ରିୟ କରିଥିଲା। ଏଭଳି ଜଣେ ଆତଙ୍କବାଦୀ ଆଲାସ୍କାର ପୂର୍ବତନ ରାଜ୍ୟପାଳ ଏବଂ ପରେ ଟି–ପାର୍ଟିର ନେତା ସାରା ପାଲିନ ବୋଲି ଜଣାପଡ଼ିଥିଲା। ସେ ପରବର୍ତ୍ତୀ ନିର୍ବାଚନରେ ଟାର୍ଗେଟ କରାଯିବାକୁ ଥିବା ଗିଫୋର୍ଡଙ୍କ ଜିଲା ସମେତ ଅନ୍ୟ କଂଗ୍ରେସ ଜିଲାଗୁଡ଼ିକୁ ଏକ ମାନଚିତ୍ରରେ ଚିହ୍ନିତକରି ତାହାକୁ ବାଣ୍ଟିଥିଲେ, ଯେଉଁଗୁଡ଼ିକ ଆକ୍ରମଣର ଅସ୍ତ୍ର ଭାବେ କାର୍ଯ୍ୟକରିଥିଲା। ପରେ ଏହା ଜଣାପଡ଼ିଲା ଯେ ଗିଫୋର୍ଡଙ୍କ ଆକ୍ରମଣକାରୀଙ୍କର ଗଭୀର ମାନସିକ ସମସ୍ୟା ଥିଲା। ପାଲିନଙ୍କ ମାନଚିତ୍ର, ସମାବେଶ କିମ୍ବା ରାଜନୈତିକ ବିତର୍କ ବିଷୟରେ ତାଙ୍କର କୌଣସି ଜ୍ଞାନ ନ ଥିଲା। ଏହା ସତ୍ତ୍ୱେ ଏବଂ ପ୍ରରୋଚିତ କରୁଥିବା ରାଜନୈତିକ ବାକ୍ୟ ଓ ଏଭଳି ସବୁ ଆକ୍ରମଣ ମଧ୍ୟରେ ଏକ ଯୁକ୍ତିଯୁକ୍ତ ସମ୍ପର୍କର ପ୍ରମାଣ ଅଭାବ ସତ୍ତ୍ୱେ ପ୍ରତ୍ୟେକ ଆକ୍ରମଣ ପରେ 'ଷ୍ଟୋକାଷ୍ଟିକ୍ ଟେରୋରିଜମ୍' ଶବ୍ଦ ପୁନର୍ବାର ପ୍ରକାଶ ପାଏ ଏବଂ ଏହି ଶବ୍ଦ ଏକ ସ୍ୱତନ୍ତ୍ର ସାହିତ୍ୟରେ ପ୍ରବେଶକଲା, ସତେ ଯେପରି ଏହା ଏକ ବୈଧ ଧାରଣାକୁ ବର୍ଣ୍ଣନା କରିଥିଲା।

ଅନିୟମିତତା,ନିର୍ଦ୍ଦିଷ୍ଟ ବିଚାରକୁ କାର୍ଯ୍ୟକାରୀ କରିବା ଓ ଆମ୍ ଉତ୍ପୀଡ଼ନର ସହଭାଗୀ କୌଶଳଗୁଡ଼ିକ ମାଧ୍ୟମରେ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍‌ମାନେ ଏକ ଜଟିଳ ଯୁକ୍ତିରେ ଫସିରହିଛନ୍ତ,ଯାହା ଯେତିକି ବିପଜ୍ଜନକ ସେତିକି ତର୍କବିରୁଦ୍ଧ । ହିଂସା ଏବଂ ହିଂସା ଉଦ୍ରେକକାରୀ ରାଜନୈତିକ ବାକ୍ୟଗୁଡ଼ିକ ମଧ୍ୟରେ ଏକ ସମ୍ପର୍କ ଥିବାର ଅଭିଯୋଗ ଅଣାଯାଉଛି। ହେଲେ ସେଭଳି ଅଭିଯୋଗ ହିଁ ସ୍ୱୟଂ ବାକ୍‌ଯୁଦ୍ଧର ଅସ୍ତ୍ର ପାଲଟିଯାଏ। ଏହା ଅତ୍ୟଧିକ ଧ୍ରୁବୀକରଣକୁ ଇନ୍ଧନ ଯୋଗାଇଥାଏ, ଯେଉଁଥିରେ ରାଜନୈତିକ ହିଂସାର ଅଧିକ ସମ୍ଭାବନା ରହିଥାଏ ।

**ଇଟାଲୀର ଖବରକାଗଜ ଡୋମାନିର**
**ପରିଚାଳନା ସମ୍ପାଦକ**

# ବିଷାକ୍ତ ଛତୁ



ରିତେଶ୍ କୁମାର ଶିଶୁ

ବର୍ଷାଦିନେ ଆମ ବାଡ଼ିବଗିଚା ଓ ଜଙ୍ଗଲ ଆଦିରେ ବିଭିନ୍ନ ପ୍ରକାରର ଛତୁ ଫୁଟେ। ଅନେକ ଲୋକ ଛତୁକୁ ଖାଦ୍ୟ ହିସାବରେ ଗ୍ରହଣ କରନ୍ତି, ଯାହା ପ୍ରୋଟିନ୍‌ର ଅନ୍ୟ ଏକ ଉତ୍ସ। ହେଲେ ଏହି ଛତୁ ବିଭିନ୍ନ ପ୍ରକାରର ହୋଇଥିବା ବେଳେ ସେଥିମଧ୍ୟରୁ କେତେକ ଖାଦ୍ୟଯୋଗ୍ୟ ହୋଇଥିବା ବେଳେ କେତେକ ଅତ୍ୟନ୍ତ ବିଷାକ୍ତ ତଥା ପ୍ରାଣଘାତକ। ତେବେ ଏହା ମଧ୍ୟରୁ ବିଷାକ୍ତ ଓ ଖାଦ୍ୟ ଉପଯୋଗୀ ଛତୁ ଚିହ୍ନଟ କରିବା ସାଧାରଣ ଲୋକଙ୍କ ପାଇଁ କେତେକ କ୍ଷେତ୍ରରେ କଷ୍ଟକର ହୋଇଥାଏ, ଯାହାଫଳରେ ବର୍ଷାଦିନେ ଛତୁଜନିତ ବିଷପ୍ରକ୍ରିୟା ଯୋଗୁ ଅନେକ ଲୋକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିବା ସହିତ କେତେଜଣ ମୃତ୍ୟୁମୁଖରେ ମଧ ପଡ଼ନ୍ତି। ଇତିହାସରେ ମଧ୍ୟ ଅନେକ ବିଶିଷ୍ଟ ତଥା ମହାପୁରୁଷ ଯଥା ମହାତ୍ମା ବୁଦ୍ଧଦେବ, ରୋମ୍ ସମ୍ରାଟ କ୍ଲାଉଡିଅସ୍, ଲେଖକ ନିକୋଲାସ ଇଭାନ୍ସ, ପଦାର୍ଥ ବିଜ୍ଞାନୀ ଫାରେନ୍‌ହିଟ୍‌ଙ୍କ ପିତାମାତା ଏହି ଛତୁଜନିତ ବିଷକ୍ରିୟାରୁ ମରଣମୁଖରେ ପଡ଼ିଥିବାର ଲୋକମତରେ ପ୍ରଚଳିତ ଅଛି। ଆଗକୁ ଶ୍ରାବଣ ମାସ ଆସୁଥିବାରୁ ସେହି ସମୟରେ ଜନାଦୃତ ଶ୍ରାବଣ କଢ଼ି ଛତୁ ଫୁଟିବା ସହିତ ଅନେକ ଲୋକ ଭୁଲ୍‌ବଶତଃ ବିଷାକ୍ତ ଛତୁ ଆଣି ଭକ୍ଷଣ କରିବାର ସମ୍ଭାବନା ବଢ଼ିଯିବ।

ଆମ ରାଜ୍ୟରେ ପ୍ରତିବର୍ଷ ବର୍ଷାଦିନେ ଅନେକ ଲୋକ ବିଶେଷକରି ଆଦିବାସୀ ଅଞ୍ଚଳର ଲୋକେ ବିଷାକ୍ତ ଛତୁ ଖାଇ ଗୁରୁତର ଅସୁସ୍ଥ ଓ ମୃତ୍ୟୁବରଣ କରୁଥିବାର ଦେଖାଯାଏ। ଏଭଳି ସମସ୍ୟାର ମୁଖ୍ୟ କାରଣ ହେଉଛି କେଉଁଟି ଖାଦ୍ୟଯୋଗ୍ୟ ଓ କେଉଁଟି ବିଷାକ୍ତ ତାହା ଚିହ୍ନଟ କରିବାରେ ସେମାନଙ୍କର ଅକ୍ଷମତା। ଜଙ୍ଗଲ, ବାଡ଼ି, ବିଲ, ପଠା, ହୁଙ୍କା ଆଦିରେ ଏଭଳି ଅନେକ ବିଷାକ୍ତ ଛତୁ ଫୁଟେ, ଯାହା ଖାଦ୍ୟୋପଯୋଗୀ ଛତୁ ପରି ଅବିକଳ ଦେଖାଯାଏ ଓ ସେଥିମଧ୍ୟରେ ଥିବା ସାମାନ୍ୟ ଫରକକୁ କେବଳ ଜଣେ ଛତୁ ବିଶେଷଜ୍ଞ ହିଁ ଜାଣିପାରିବେ। କହିବା ବାହୁଲ୍ୟ ଯେ, ଛତୁର ଚିହ୍ନଟୀକରଣ କରିବା ପାଇଁ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଛତୁର ଉପରିଭାଗ ଛତା ବା କୋନ୍ ପରି ଆକାର ଓ ଡେଙ୍ଗରେ ଗୋଲାକାର ଅବୃତି ଥିବା ଛତୁ ବିଷାକ୍ତ ହୋଇଥାଏ। ଯେଉଁ ଛତୁର ଆକାର ଗୋଲାକାର ନ ହୋଇ ଭଙ୍ଗୁର ତଥା ଲୋଚାକୋଚା ଓ ଖଦଖଦିଆ ହୋଇଥାଏ ସେଗୁଡ଼ିକ ବର୍ଜନ କରିବା ଉଚିତ। ମିଠା ବାସ୍ନା ହେଉଥିବା ଛତୁ, ଉଜ୍ଜ୍ୱଳ ରଙ୍ଗଯୁକ୍ତ ଛତୁ ଓ ବାସି ପଚିଯାଇଥିବା ଛତୁ କଦାପି ଖାଦ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏତଦ୍ ବ୍ୟତୀତ ପୋକ ଲାଗିଥିବା ଓ ପୋକଖିଆ ଛତୁ ଖାଇବା ଅନୁଚିତ। ଯେତେବେଳେ କୌଣସି ସ୍ଥାନରୁ ଛତୁ ତୋଳୁଛନ୍ତି ତାହା ଖାଦ୍ୟ ଉପଯୋଗୀ କି ନୁହେଁ ଆପଣଙ୍କର ସନ୍ଦେହ ଅଛି ତେବେ ତାହା ବର୍ଜନ କରିବା ଶ୍ରେୟସ୍କର। ବଜାରରେ ବିକ୍ରି ହେଉଥିବା ଛତୁ ବିଶେଷକରି ପାଳଛତୁ, ଧିଙ୍ଗିରୀ ଛତୁ, ବଟମ ଛତୁ ଆଦି ଚାଷ କରାଯାଏ। କିନ୍ତୁ ତାହା ସତେଜ ଅଛି କି ନାହିଁ ଦେଖିକରି କିଣିବା ଆବଶ୍ୟକ। ଆଜିକାଲି ବଜାରରୁ ଉକ୍ତ ଛତୁର ବିହନ କିଣି ଲୋକମାନେ ନିଜ ଘରେ ଛତୁପଟାଳି କରି ଉତ୍ପାଦନ କରି ବ୍ୟବହାର କଲେଣି, ଯାହା ଭରସାଯୋଗ୍ୟ।

ଏପରି ପରିସ୍ଥିତିରେ ଲୋକମାନଙ୍କୁ ଏହି ସମସ୍ୟାରୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ତରଫରୁ ବି କିଛି ଆଖିଦୃଶିଆ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କେତେଜଣ ବିଶେଷଜ୍ଞଙ୍କୁ ନେଇ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଫୁଟୁଥିବା ଛତୁର ପ୍ରକାରଭେଦ ଓ ଖାଦ୍ୟ ଉପଯୋଗିତା ଉପରେ ଅନୁସନ୍ଧାନ କରାଯାଉ। ସେ ବିଷୟରେ ଏକ ସନ୍ଦର୍ଭ ପ୍ରସ୍ତୁତ କରି ସେହି ଆଧାରରେ ଲୋକମାନଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଜଙ୍ଗଲ ବିଭାଗ ଓ କୃଷି ବିଭାଗର ମିଳିତ ପ୍ରୟାସରେ ଉକ୍ତ ସୂଚନାକୁ କିଛି ସଚିତ୍ର ପ୍ରଚାରପତ୍ର ଓ କ୍ଷୁଦ୍ର ଚଳଚ୍ଚିତ୍ର କରାଯାଇ ଟିଭି, ରେଡିଓ, ଖବରକାଗଜ, ଗାଁ ଗହଳିରେ ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତିରାଜ ପ୍ରତିନିଧି, କୃଷି ଓ ବନ କର୍ମଚାରୀ ତଥା ଅନ୍ୟାନ୍ୟ ମାଧ୍ୟମରେ ଲୋକମାନଙ୍କୁ ଖାଦ୍ୟ ଉପଯୋଗୀ ଓ ବିଷାକ୍ତ ଛତୁକୁ ଚିହ୍ନଟ କରିବାର ଉପାୟ ଜଣାଇ ଦିଆଗଲେ ହୁଏତ ବିଷାକ୍ତ ଛତୁ ଭକ୍ଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା ଓ ଅକାଳ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ଏହା ସହ ଲୋକମାନଙ୍କୁ ଖାଦ୍ୟ ଭାବରେ ପ୍ରୋଟିନ୍‌ର ଏକ ଠିକ୍ ଉତ୍ସ ମିଳିପାରିବ। ଏତଦ୍‌ବ୍ୟତୀତ ଲୋକମାନେ ନିଜେ ସଚେତନ ହେବା ସହ କୌଣସି ଛତୁ ଖାଦ୍ୟ ଭାବରେ ଗ୍ରହଣ କରିବା ପୂର୍ବରୁ ତାହା ବିଷାକ୍ତ କି ନୁହେଁ ଠିକ୍ ଭାବେ ଯାଞ୍ଚ କରିନେବା ଉଚିତ।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**

## ଏଇ ଭାରତରେ

ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଦିଲ୍ଲୀର ଥାନ୍ ସିଂ। ଚାକିରିର ବ୍ୟସ୍ତତା ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି। ଏଥିପାଇଁ ସେ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କିଂ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ଏକ ପାଠଶାଳା ଖୋଲିଛନ୍ତି। ଥାନ୍ ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ । କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା। ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ। ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ। ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ। ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା। ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୫ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ବିଭିନ୍ନ ବସ୍ତିରୁ ୮୦ ଜଣ ପିଲା ପାଠଶାଳାକୁ ଆସୁଛନ୍ତି। ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି। ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି। ଏହାଦ୍ୱାରା ସେମାନେ ନିଶା ଓ ଅପରାଧ ଦୁନିଆରୁ ଦୂରେଇ ରହୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୮ ଜୁଲାଇ ୧୯୭୫**

- ଭାରତ ପ୍ରତିରକ୍ଷା ଆଇନ ଅନୁଯାୟୀ ଉତ୍ତର ପ୍ରଦେଶ ସରକାର ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବା ନିମନ୍ତେ ଏକ ଆଦେଶନାମା ଜାରି କରିଛନ୍ତି।
- ମେହଟା ଗବେଷଣା ପ୍ରତିଷ୍ଠାନର ପ୍ରଥମ ଡାଇରେକ୍ଟର ରୂପେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ପ୍ରଫେସର ପି. ଏଲ୍. ଭଟନାଗର ନିଯୁକ୍ତ।
- ଆଙ୍ଗୋଲାର ସ୍ୱାଧୀନତା ହାସଲ ପାଇଁ ଗଠିତ ମାର୍କ୍ସବାଦୀ ପ୍ରସାର ଆନ୍ଦୋଳନର ସୈନ୍ୟମାନେ ଲୁଆଣ୍ଡାକୁ ଦଖଲ କରିନେଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | 4 | | |
| | | | 6 | 9 | | | 8 | 1 |
| | | | | 5 | | 9 | | 2 |
| 9 | 5 | | 7 | | | 6 | | |
| | | | | 6 | | | | |
| | 2 | | | | | 8 | 3 | |
| | 8 | | | | 9 | 7 | | 3 |
| 1 | | | 4 | 8 | | | | |
| | | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 7 | 4 | 2 | 1 | 5 | 3 |
| 1 | 3 | 7 | 8 | 5 | 9 | 2 | 6 | 4 |
| 4 | 5 | 2 | 6 | 3 | 1 | 8 | 7 | 9 |
| 5 | 2 | 1 | 3 | 8 | 7 | 4 | 9 | 6 |
| 7 | 9 | 3 | 2 | 6 | 4 | 5 | 8 | 1 |
| 6 | 8 | 4 | 9 | 1 | 5 | 7 | 3 | 2 |
| 8 | 1 | 9 | 5 | 2 | 3 | 6 | 4 | 7 |
| 3 | 4 | 5 | 1 | 7 | 6 | 9 | 2 | 8 |
| 2 | 7 | 6 | 4 | 9 | 8 | 3 | 1 | 5 |

ଗତକାଲିର ଉତ୍ତର

# ଦୁଇ ଦେଶ ବିପଦରେ



ଶୁଭନାରାୟଣ ଶତପଥୀ

ଯଦି ସାଧାରଣରେ ଆମେ ଭବିନେଉ ଯେ ପଡ଼ୋଶୀ ଦେଶ ପାକିସ୍ତାନଠାରୁ ଭାରତ ପାଇଁ କ'ଣ ବଡ଼ ବିପଦ ରହିଛି, ତେବେ ଏହା ଉତ୍ତର ଆସିବ ଯେ ଆତଙ୍କବାଦ, ଚାଇନା ଓ ପାକିସ୍ତାନର ସହଭାଗିତାର ପ୍ରଭାବ। ଏହା ଠିକ୍ ଉତ୍ତର ହୋଇପାରେ, କିନ୍ତୁ ବାସ୍ତବରେ ଅନ୍ୟ ଏକ ବଡ଼ ବିପଦ ହେଉଛି ପୋଲିଓ ଭୂତାଣୁ। ଏହା କେବଳ ଭାରତ ନୁହେଁ ବରଂ ଅନ୍ୟାନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ଗମ୍ଭୀରଭାବରେ ପ୍ରଭାବିତ କରିପାରେ। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ, ଏହି ବର୍ଷ ପାକିସ୍ତାନରେ ପଞ୍ଚମ ପୋଲିଓ ସଂକ୍ରମଣ ଘଟଣା ସାମ୍ନାକୁ ଆସିଛି। ଏହା ଏପରି ଏକ ବେମାରୀ ଯାହାକୁ ଟିକାକରଣ ଦ୍ୱାରା ସାରା ବିଶ୍ୱରୁ ମୂଳୋତ୍ପାଟନ କରାଯାଇଆସୁଛି। ବିଶ୍ୱର ସମସ୍ତ ଦେଶରୁ ପୋଲିଓ ମୂଳୋତ୍ପାଟନ ହେବା ପରେ ଏବେ ଏହି ଭୂତାଣୁ କେବଳ ପାକିସ୍ତାନ ଓ ଆଫଗାନିସ୍ତାନରେ ସୀମିତ ହୋଇ ରହିଛି। ଏପରିକି ଆଫ୍ରିକା ମହାଦେଶର ଅନେକ ଦେଶ ଯଥା କଙ୍ଗୋ, ସୁଦାନ, ଦକ୍ଷିଣ ସୁଦାନରେ ମଧ୍ୟ ପୋଲିଓର ଘଟଣା ଶୂନ୍ୟ ପ୍ରତିଶତ ଥିବାବେଳେ ଆଫଗାନିସ୍ତାନ ଓ ପାକିସ୍ତାନରେ ଆଜି ବି ଏହି ରୋଗ ଦେଖିବାକୁ ମିଳେ। ସାରା ବିଶ୍ୱ ପାଇଁ ପୋଲିଓ ରୋଗ ମୁଣ୍ଡବିନ୍ଧାର କାରଣ ଥିଲାବେଳେ ୨୭ ମାର୍ଚ୍ଚ ୨୦୧୪ରେ ଭାରତକୁ ପୋଲିଓମୁକ୍ତ ଦେଶ ଭାବରେ ଘୋଷଣା କରାଯାଇଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି, ପରିଶ୍ରମର ସଫଳତା ଓ ଗୌରବ।

ଆମେ ଜାଣୁ, ପୋଲିଓ ରୋଗ କେତେ ଭୟଙ୍କର। ଯଦି ୧୯୪୦ ମସିହାରୁ ୧୯୬୦ ମସିହା ଅବଧିକୁ ଅନୁଶୀଳନ କରିବା ତେବେ ପାଖାପାଖି ୫ଲକ୍ଷ ବ୍ୟକ୍ତି ଏହି ରୋଗରେ ମୃତ୍ୟୁବରଣ କରୁଥିଲେ କିମ୍ବା ପକ୍ଷାଘାତର ଶିକାର ହେଉଥିଲେ। ଏହି ଭୂତାଣୁ ମସ୍ତିଷ୍କ କିମ୍ବା ମେରୁଦଣ୍ଡକୁ ଆକ୍ରାନ୍ତ କରୁଥିଲା। ଫଳରେ ବ୍ୟକ୍ତି ମୃତ୍ୟୁବରଣ କରୁଥିଲା କିମ୍ବା ତା'ର ଅନେକ ଅଙ୍ଗ ଅଚଳ ହୋଇଯାଉଥିଲା। ଯଦି ମଣିଷ ବଞ୍ଚିଯାଉଥିଲା ତେବେ ମୃତ୍ୟୁ ପର୍ଯ୍ୟନ୍ତ ଏମିତି କଷ୍ଟକର ଓ ପୀଡ଼ାଦାୟକ ଜୀବନ ବିତାଉଥିଲା। ଏଥିପାଇଁ କେହି କିଛି କରିପାରୁ ନ ଥିଲେ। ଯେତେବେଳେ ଜଣେ ଶିଶୁ ପୋଲିଓ ଦ୍ୱାରା ଆକ୍ରାନ୍ତ ହେଉଥିଲା ସେତେବେଳେ ତାହା ସମସ୍ତଙ୍କ ପାଇଁ ଦାରୁଣ ଦୁଃଖ ଥିଲା। କାରଣ ସେହି ଶିଶୁ ଜୀବନ ଆରମ୍ଭ ନ କରୁଣୁ ସେ ଦିବ୍ୟାଙ୍ଗ ପାଲଟିଯାଉଥିଲା। ଏହି ରୋଗ କେବଳ ଗରିବ ଦେଶରେ ଥିଲା ତାହା ନୁହେଁ ବରଂ ଏହା ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ୟୁରୋପ ଭଳି ବିକଶିତ ଦେଶରେ ଦେଖାଯାଉଥିଲା। ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରୁଥିଲେ। ଯେତେବେଳେ ସାରା ବିଶ୍ୱ ଅପେକ୍ଷା କରିଥିଲା ଏହି ରୋଗ ପାଇଁ କେବେ ଟିକା ଆସିବ ସେତେବେଳେ ୟୁଏସ୍‌ର ଚିକିତ୍ସାବିଜ୍ଞାନୀ ଡା. ଜୋନାସ୍ ସାଲ୍କ ୧୯୬୦ ମସିହାରେ ପୋଲିଓ ଟିକାର ଉଦ୍ଭାବନ ବିଷୟରେ ଜଣାଇଲେ। ଏହି ବୈଜ୍ଞାନିକ ଜଣକ ଚାହିଁଥିଲେ ପୋଲିଓ ଟିକାର ସୂତ୍ର ବଡ଼ ବଡ଼ ଟିକା ବ୍ୟବସାୟୀ କମ୍ପାନୀଙ୍କୁ ଦେଇ ପ୍ରତି ବଦଳରେ ବିଶ୍ୱର ଧନୀ ବ୍ୟକ୍ତି ହୋଇପାରିଥାନ୍ତେ। କିନ୍ତୁ ତାହା ସେ କରି ନ ଥିଲେ। ଖୁସିର କଥା ଯେ ଏହି ବୈଜ୍ଞାନିକ ଜଣକ ପୋଲିଓ ଟିକା ପ୍ରସ୍ତୁତ ପ୍ରଣାଳୀକୁ ମାଗଣାରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଓ ସରକାରଙ୍କୁ ହସ୍ତାନ୍ତର କରିଦେଇ କହିଲେ, ଏହା ମୋର ଅନୁସନ୍ଧାନ ଯାହା ହେଉଛି ପୋଲିଓ ମୂଳୋତ୍ପାଟନର ସୂତ୍ର। ଏହାକୁ ବ୍ୟବହାରକରି ଟିକା ଦେଇ ଲୋକମାନଙ୍କୁ ପୋଲିଓ କବଳରୁ ମୁକ୍ତ କରନ୍ତୁ। ତେବେ ଯେତେବେଳେ ସାମ୍ବାଦିକମାନେ ଉକ୍ତ ବୈଜ୍ଞାନିକଙ୍କୁ



ପଚାରିଲେ, ଆପଣ ଏହି ସୂତ୍ରକୁ ବିକ୍ରିକରି ବିପୁଳ ଅର୍ଥ ରୋଜଗାର କରିପାରିଥାନ୍ତେ, ତେବେ କାହିଁକି ଦାନକଲେ ? ଉତ୍ତରରେ ଡା. ଜୋନାସ୍ କହିଥଲେ, କ'ଣ ସୂର୍ଯ୍ୟଙ୍କ କିରଣକୁ ବିକ୍ରି କରାଯାଇପାରେ। ଏମିତି କିଛି ଜିନିଷ ଅଛି ଯାହାକୁ ନେଇ ବ୍ୟବସାୟ କରାଯାଇପାରେନା। ଏହା କେବଳ ବିଶ୍ୱ କଲ୍ୟାଣ ପାଇଁ। ତାଙ୍କ ଅବଦାନରେ ୧୯୬୦ ମସିହା ବେଳକୁ ପୋଲିଓ ଟିକା ଆସିସାରିଥିଲା। ଯଦିଓ ଟିକା ଉଦ୍ଭାବନ ହୋଇସାରିଥିଲା, ଏହାକୁ ଲୋକଙ୍କୁ ଦେବା ପୂର୍ବରୁ ଅନେକ ପରୀକ୍ଷା ନିରୀକ୍ଷା ହେଲା ବେଳକୁ କିଛି ସମୟ ବିତିଯାଇଥିଲା।

ଯୁକ୍ତରାଷ୍ଟ୍ର ଆମେରିକାରେ ପୋଲିଓ ମୂଳୋତ୍ପାଟନ ପାଇଁ ୧୯୭୯ ମସିହାରେ ଉଦ୍ଭାବନ ହୋଇଥିବା ବେଳେ ପରୀକ୍ଷାନିରୀକ୍ଷା ଲାଗି ଚାଇନାରେ ଏଥିପାଇଁ ୧୯୯୪ ମସିହା ପର୍ଯ୍ୟନ୍ତ ସମୟ ଲାଗିଥିଲା। ଭାରତରେ ଏଥିପାଇଁ ଏକ ବିଶାଳ ଅଭିଯାନ ହୋଇଥିଲା। ଏଥିରେ ବଡ଼ ବଡ଼ ଅଭିନେତା, ଖେଳାଳିମାନଙ୍କ ବିଜ୍ଞାପନ ପ୍ରସାରଣର ପ୍ରଭାବ ଅନେକ ଥିଲା ଯେମିତିକି ଦୋ ବୁନ୍ଦ୍ ଜିନ୍ଦେଗୀକେ। ସେମାନେ ସମସ୍ତଙ୍କୁ ନିବେଦନ କରିଥିଲେ, ପୋଲିଓ ବୁଥ୍‌କୁ ପିଲାମାନଙ୍କୁ ଆଣନ୍ତୁ ଓ ପୋଲିଓ ଟିକା ଦିଅନ୍ତୁ। ଧୀରେ ଧୀରେ ସବୁ ଦେଶ ପୋଲିଓ ଭୂତାଣୁକୁ ବିନାଶ କରିଦେଲେ କେବଳ ଏହି ୨ ଦେଶ ବ୍ୟତୀତ। ତେବେ ଏହି ୨ ଦେଶରେ ପୋଲିଓ ଭୂତାଣୁ ଆଜି ବି ଜୀବିତ ଅଛନ୍ତି । ଏଥିପାଇଁ ଡର ମଧ୍ୟ ରହିଛି ଯେ ପୁଣି ଅନ୍ୟ ଦେଶଗୁଡ଼ିକୁ କାହିଁକି ସଂକ୍ରମିତ ନ ହେବ ? ଏବେ ଲୋକମାନେ ମୁକ୍ତ ଜୀବନଯାପନ କରୁଛନ୍ତି। ତେବେ ମନରେ ପ୍ରଶ୍ନ ଆସେ, ପାକିସ୍ତାନ ଓ ଆଫଗାନିସ୍ତାନର ଲୋକସଂଖ୍ୟା ଭାରତ ଭଳି ନ ଥିବା ସତ୍ତ୍ୱେ କେଉଁ କାରଣରୁ ପୋଲିଓ ଭୂତାଣୁ ସେଠାରେ ଜୀବିତ ରହିଛି, ଯେଉଁଠି ବାଂଲାଦେଶ ୨୦୦୦ ମସିହାରେ ପୋଲିଓ ମୂଳୋତ୍ପାଟନ କରିସାରିଛି। ଜଣାଯାଏ ସେଠାରେ ଅନ୍ଧବିଶ୍ୱାସ, ଭ୍ରମାତ୍ମକ ଖବର, ଗୁଜବ ହେଉଛି ଯେପରିକି ଏହି ଟିକା ଜୀବଜନ୍ତୁଙ୍କ ଲିଭରରୁ ତିଆରି ହୋଇଛି, ଏହା ଖରାପ ପ୍ରଣାଳୀରେ ତିଆରି ହୋଇଛି ଇତ୍ୟାଦି। ଫଳରେ ଗାଁକୁ ଟିକାଦେବାକୁ ଯାଉଥିବା ଅଧିକାରୀମାନଙ୍କ ଉପରେ ଆକ୍ରମଣ ହୁଏ। ଏମିତିକି ଶିଶୁଙ୍କୁ ହତ୍ୟା କରିଦିଆଯାଏ। ଏହାଛଡ଼ା ଟିକା କିଣାବିକା, ଅନ୍ତର୍ଜାତୀୟ ଦାନ ଆଦିକୁ ନେଇ ଦୁର୍ନୀତି ମଧ୍ୟ ଅନ୍ୟ ଏକ କାରଣ ବୋଲି କୁହାଯାଏ।

୨୦୨୪ ମସିହାରେ ପୋଲିଓ ଅଭିଯାନ ଚାଲୁଥିବାବେଳେ ଏକ ବିସ୍ଫୋରଣରେ ପାକିସ୍ତାନରେ ୫ଜଣ ପୋଲିଓ ଅଫିସରଙ୍କ ମୃତ୍ୟୁ ହୋଇଯାଇଛି। ଦୁଃଖର ବିଷୟ ଏହି ଖବରକୁ ସେଠାରେ ସାଧାରଣ ବୋଲି କୁହାଯାଏ। ତେବେ ବର୍ତ୍ତମାନ ଆମ ଦେଶ ଓ ପାକିସ୍ତାନ ମଧ୍ୟରେ ଲୋକମାନଙ୍କ, ବିଦେଶୀମାନଙ୍କ ଗମନାଗମନ ହେଉଥିବାରୁ ଭୂତାଣୁ ଫେରିବା ନେଇ ଆଶଙ୍କା କରାଯାଇପାରେ। ଏଥିପାଇଁ ନୀତି ପ୍ରସ୍ତୁତି ସହ ଆନ୍ତର୍ଜାତିକ ଚାପ ଜରୁରୀ। ଏହି ଆଶଙ୍କା ସହ ସୀମାରେ ଥିବା ଅଞ୍ଚଳଗୁଡ଼ିକରେ ଏବେ ମଧ୍ୟ ପୋଲିଓ ଅଭିଯାନ ଚାଲୁ ରହିବା ଜରୁରୀ। 'ଦୋ ଦେଶ୍ ଖତ୍‌ରୋଁକେ' ପ୍ରଭାବରେ ଭାରତଠାରୁ ପୋଲିଓ ମୁକ୍ତ ଦେଶର ମାନ୍ୟତା ଚାଲିଯିବା ସମ୍ଭାବନା ରହିଛି। ଏହା ପୋଲିଓମୁକ୍ତ ଦେଶ ପାଇଁ ହୋଇଥିବା ଉଦ୍ୟମ ଓ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ମନୋବଳକୁ ଦୁର୍ବଳ କରିବା ସହ ପୋଲିଓ ବିପଦକୁ ପୁନରୁଜୀବିତ କରିବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ବୟୋଜ୍ୟେଷ୍ଠ ଚାଷୀଙ୍କୁ ଅଣଦେଖା

ମହାଶୟ,

ରାସ୍ତା, କାରଖାନା ଏବଂ କୋଠା ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଗଛ କଟାହେବା କାରଣରୁ ପରିବେଶ ସନ୍ତୁଳନ ହରାଇଛି। ଫଳରେ ଠିକ୍ ସମୟରେ ବୃଷ୍ଟିପାତ ନ ହେବାରୁ ଚାଷରେ ବ୍ୟାଘାତ ସୃଷ୍ଟି ହେଉଛି। ଚାଷୀମାନେ ଅତ୍ୟଧିକ ପରିଶ୍ରମ ଯୋଗୁ ଅତି କମ୍ ବୟସରେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଓ ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ଥିବା ହିତାଧିକାରୀମାନଙ୍କ ଭତ୍ତା ୫୦୦ରୁ ୧,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଯେଉଁ ଚାଷୀମାନେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସେମାନଙ୍କୁ ଅଧିକ ପେନ୍‌ସନ ଦେବା ପାଇଁ ସରକାରଙ୍କ ମନେପଡୁନାହିଁ। ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଦେଖିଲା ବେଳେ ଏଠାରେ ଦିଆଯାଉଥିବା ଭତ୍ତା ନଗଣ୍ୟ। ପଡ଼ୋଶୀ ରାଜ୍ୟଗୁଡ଼ିକ ବରିଷ୍ଠ ଚାଷୀମାନଙ୍କୁ ୩,୦୦୦ ଟଙ୍କା ଦେଉଥିବା ବେଳେ ଆମ ରାଜ୍ୟରେ ସେମାନଙ୍କ ପାଇଁ ସେଭଳି ବ୍ୟବସ୍ଥା ନାହିଁ। ଯେଉଁ ଚାଷୀମାନେ ୬୦ବର୍ଷରୁ ଊର୍ଦ୍ଧ୍ୱ ସେମାନଙ୍କୁ ସର୍ବନିମ୍ନ ମାସିକ ୫,୦୦୦ ଟଙ୍କା ଭତ୍ତା ଦେବା ପାଇଁ ବ୍ୟବସ୍ଥା କରାଯିବା ଉଚିତ।

**–ଦେବଦତ୍ତ ମିଶ୍ର, ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ**

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ–ଉଚ୍ଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାହୁଡ଼ା ସରିଲା, ରୁଆ ବିହୁଡ଼ା ହୋଇନି

ଅମରପାଲି, ୧୭।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଚାଷ କାର୍ଯ୍ୟ ବିଳମ୍ବ ହେଲାଣି। ବାହୁଡ଼ା ହେଲାଣି ମାତ୍ର ଏଯାଏ ବାହୁଡା ହୋଇ ପାରିନାହିଁ। ଫଳରେ ଆଶା ଆଶଙ୍କାରେ ଅଞ୍ଚଳର ଚାଷୀ। ଆବଶ୍ୟକତାଠାରୁ କମ ବର୍ଷା ଯୋଗୁ ରୁଆ ବିହୁଡ଼ା ହୋଇ ନ ଥିବା ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଏକ କୃଷି ପ୍ରଧାନ ଅଞ୍ଚଳ। ହରିହଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ( ଠେଙ୍ଗୋ ଡ୍ୟାମ) ଏକ ମାତ୍ର ଜଳସେଚନର ଉତ୍ସ ହୋଇଥିବା ବେଳେ କାଁ ଭାଁ କେଉଁଠି ଜଳାଶୟ ରୁ ଜଳ ସେଚନ ର ସୁବିଧା ରହିଛି। ମାତ୍ର ଅଳ୍ପ ଅଞ୍ଚଳର ଜମିରେ ଜଳ ସେଚନ ବ୍ୟବସ୍ଥା ଥିବା ବେଳେ ଅଧିକାଂଶ ଜମିରେ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ ଏହି ଅଞ୍ଚଳର ଚାଷୀ। ଚଳିତ ବର୍ଷ ଅଳ୍ପ ବର୍ଷା ହୋଇଥିଲେ ମଧ୍ୟ ଚାଷୀ ନିଜ ନିଜ ଜମିରେ ଧାନ ବୁଣିଥିଲା। ଅଞ୍ଚଳର ପାଖରୁ ଆବଶ୍ୟକ ଧାନ ବିହନ ନ ମିଳିବାରୁ ସରକାରୀ ସ୍ୱୀକୃତିପ୍ରାପ୍ତ ବିହନ ବିକ୍ରୟ କେନ୍ଦ୍ରରୁ ଚାଷୀ ଧାନ ବିହନ କିଣିଥିଲା। ମାତ୍ର ନିମ୍ନମାନର ଧାନ ବିହନ ଯୋଗୁ ଚାଷୀ ବୁଣିଥିବା ଧାନ ବିହନ ଗଜା ହେଲା ନାହିଁ କି ତଳି ପକାଇ ଥିବା ବିହନ ମଧ୍ୟ ଗଜା ହେଲା ନାହିଁ। ତେଣୁ ଚାଷୀକୁ ପୁଣିଥରେ ଧାନ ବିହନ ବୁଣିବାକୁ ପଡ଼ିଥିଲା। ତେବେ ଏବେ ଉକ୍ତ ଧାନ ଗଛ ବଡ ବଡ ହୋଇଗଲାଣି। ଧାନ ବିହୁଡ଼ିବାକୁ ହୋଇ ଗଲାଣି। ଆଉ କେତେକ ଧାନ ଗଛ ବାହୁଡ଼ା ସମୟ ଅତିକ୍ରମ କରିଗଲାଣି। ମାତ୍ର ଅଞ୍ଚଳର କୌଣସି ସ୍ଥାନରେ ଏଯାଏ ବାହୁଡ଼ା ହୋଇ ପାରିନାହିଁ। କେତେକ ସ୍ଥାନରେ ଚାଷୀ ତଳି ପକାଇଥିଲେ ମଧ୍ୟ ପାଣି ଅଭାବରୁ ରୁଆ ହୋଇ ପାରିନାହିଁ। ତେଣୁ ଚାଷ କାର୍ଯ୍ୟ ବିଳମ୍ବ ଯୋଗୁ ଚାଷୀ ଏବେ ହତାଶ ହୋଇ ପଡ଼ିଛି। ଜୁଲାଇ ମାସରେ ସାଧାରଣଃ ସୁବର୍ଣ୍ଣପୁର ଜିଲା ପାଇଁ ୩୯୨.୯ ମିମି ବର୍ଷା ହେବାର ଆବଶ୍ୟକ। ମାତ୍ର ଚଳିତ ଜୁଲାଇରେ ବର୍ତ୍ତମାନ ପର୍ଯ୍ୟନ୍ତ ବୀରମହାରାଜପୁର ବ୍ଲକରେ ପ୍ରାୟ ୧୧୦ ମିମି ବର୍ଷା ରେକର୍ଡ କରାଯାଇଛି। ଜୁଲାଇ ୧ରେ ୨୧ ମିମି, ୨ରେ ୩ ମିମି, ୩ ତାରିଖ ରେ ୧୧ ମିମି, ୪ ରେ ୮ ମିମି, ୫ ରେ ୨ ମିମି, ୭ ରେ ୩ ମିମି, ୮ ରେ ୧୫.୩ ମିମି ,୧୩ରେ ୧୪.୨ ମିମି, ୧୪ରେ ୧୪ ମିମି, ୧୫ ରେ ୨ ମିମି, ୧୬ରେ ୧୫ ମିମି ଓ ୧୭ ତାରିଖରେ ୨ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ମାତ୍ର ୬ ତାରିଖ, ୫ ତାରିଖ,୧୦, ୧୧ ଓ ୧୨ତାରିଖରେ ଆଦୌ ବର୍ଷା ହୋଇ ନ ଥିବା ରେକର୍ଡ ହୋଇଛି। ଆଗକୁ ଯଦି ଶୀଘ୍ର ବର୍ଷା ନ ହୁଏ ତେବେ ଧାନ ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି। ଅମରପାଲି ଗ୍ରାମର ଚାଷୀ ଭବାନୀ ଶଙ୍କର ସାହୁ ନିଜ ଜମିର ପ୍ରାୟ ୧୨ ଏକର ଜମିରେ ଧାନ ବୁଣିଥିଲେ। ମାତ୍ର ଆଦୌ ବିହୁଡ଼ି ନ ଥିବା ପ୍ରକାଶ କରିଛନ୍ତି। ସେହିପରି ଗୌଡଗାଡ ଗ୍ରାମର ଚାଷୀ ଶରଦ ଚନ୍ଦ୍ର ବସ୍ତିଆ ପ୍ରାୟ ୧୩ ଏକର ଜମିରେ ଧାନ ବୁଣିଥିଲେ ମଧ୍ୟ ଆଦୌ ବିହୁଡି ନ ଥିବା କହିଛନ୍ତି। ସେହିପରି ଖଣ୍ଡହତା ଗ୍ରାମର ଚାଷୀ ବ୍ରଜାନନ୍ଦ ସାହୁ ୮ ଏକର ଜମିରେ ଧାନ ରୁଆ ରଖିଥିବା ବେଳେ ଆଦୌ ରୁଆ କାମ ଆରମ୍ଭ କରି ନାହାନ୍ତି। ଲୁଡୁରପଙ୍କ ଗ୍ରାମର ସୁଧୀର ପ୍ରଧାନ ପ୍ରାୟ ୧୮ ଏକର ଜମି ଚାଷ କରିଛନ୍ତି। ହେଲେ ଆଦୌ ରୁଆ କାମ ଆରମ୍ଭ କରି ନ ଥିବା ପ୍ରକାଶ କରିଛନ୍ତି। ଆଗକୁ ଯଦି ଶୀଘ୍ର ବର୍ଷା ନ ହୁଏ ତେବେ ପରିସ୍ଥିତି ସାଂଘାତିକ ହେବାର ସମ୍ଭାବନା ରହିଛି।



ଅମରପାଲି ଗ୍ରାମରେ ବାହୁଡ଼ା ହୋଇ ନ ଥିବା ଚାଷ ଜମି।

**ବୀରମହାରାଜପୁର କୃଷି ଜିଲା**

**■ଆଶା ଆଶଙ୍କାରେ ଚାଷୀ**

# ଶତାଧିକ କୁକୁଡ଼ା ମୃତ, ତଦନ୍ତ ଜାରି

ଖପ୍ରାଖୋଲ, ୧୭।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁର ଶ୍ୟାମାନନ୍ଦ ବାଗଙ୍କ କୁକୁଡ଼ା ଭାଡ଼ିରେ କେହି ଦୁର୍ବୃତ୍ତ କୁକୁଡାଙ୍କୁ ବିଷ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଖପ୍ରାଖୋଲ ଥାନାରେ କୁକୁଡ଼ା ଚାଷୀ ଶ୍ୟାମାନନ୍ଦ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାଷୀଙ୍କ କୁକୁଡ଼ା ଭାଡ଼ିରେ ଗୋଟିଏ ପଟେ ୧୯୦ଟି କୁକୁଡ଼ା ମରି ପଡ଼ିଥିବା ବୁଧବାର ସକାଳେ ଦେଖିବାକୁ ମିଳିଥିଲା । ଭାଡ଼ିରେ ୧ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ଥିବା ବେଳେ ଏତେ କୁକୁଡ଼ା ମରି ପଡିଥିବାରୁ କେହି ଦୁର୍ବୃତ୍ତ ବିଷ ଦେଇ ଥିବା ସନ୍ଦେହ କରି ଶ୍ୟାମାନନ୍ଦ ଥାନାରେ ଅଭିଯୋଗ କରିବା ସହ ଖପ୍ରାଖୋଲ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ପୋଲିସ ଓ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ କରି ଘଟଣାରର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ସେହିପରି ଖପ୍ରାଖୋଲ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସ୍ୱପ୍ନେଶ୍ୱର ନାଏକଙ୍କୁ ପଚାରିବାରୁ ମୃତ କୁକୁଡ଼ାର ବ୍ୟବଚ୍ଛେଦ କରାଯାଇ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିଲା ପରେ କ'ଣ ହୋଇଛି ଜଣାପଡ଼ିବ ବୋଲି କହିଛନ୍ତି। ସୂଚନା ଯୋଗ୍ୟ, ଶ୍ୟାମାନନ୍ଦ ସରକାରୀ ସହାୟତାରେ କୁକୁଡ଼ା ପାଳନ କରି ପରିବାର ପ୍ରତିପୋଷଣ କରୁଛନ୍ତି।



କୁକୁଡ଼ାର ନମୁନା ସଂଗ୍ରହ କରାଯାଉଛି।

**ସାଲେପାଲି ଗାଁ ରେ ଚାଷୀଙ୍କ କୁକୁଡ଼ା ଭାଡ଼ିରେ ଦୁର୍ବୃତ୍ତ ବିଷ ଦେଇଥିବା ଅଭିଯୋଗ**

# ନଳିନୀ ପଣ୍ଡା ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି

ଅମରପାଲି, ୧୭।୭(ପୀତାମ୍ବର ସାହୁ)

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ବୀରମହାରାଜପୁର ବ୍ଲକ ପ୍ରତିନିଧିଭାବେ ମନୋନୀତ ହୋଇଛନ୍ତି ପୂର୍ବତନ ଜିଲା ପରିଷଦ ସଭ୍ୟା ତଥା ଭାଜପା ନେତ୍ରୀ ନଳିନୀ ପଣ୍ଡା। ଏନେଇ ଏମ୍‌ପି ସିଂଦେଓ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ନଳିନୀ ପୂର୍ବରୁ ମଧ୍ୟ ଏମ୍‌ପି ସିଂଦେଓଙ୍କ ବୀରମହାରାଜପୁର ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟ ତୁଲାଇଥିଲେ।



# ଦୁଇ ଚକିଆ ଯାନ ପାଇଁ ଷ୍ଟାଣ୍ଡ ନିର୍ମାଣ କରାଯାଉ

ଲାଠୋର, ୧୭।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଦୁଇଚକିଆ, ଚାରିଚକିଆ ଯାନବାହନ ରଖିବା ପାଇଁ ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଇନାହିଁ । ଲାଠୋର ଏକ ବ୍ୟବସାୟିକ କେନ୍ଦ୍ରସ୍ଥଳୀ । ସପ୍ତାହର ରବିବାର ଏବଂ ବୁଧବାର ଦୁଇ ଦିନ ଏଠାରେ ହାଟ ବସୁଛି। ଏଠାକୁ ପ୍ରତିଦିନ ଆଖପାଖ ଗ୍ରାମର ଲୋକ ବ୍ୟବସାୟ ପାଇଁ ଯିବା ଆସିବା କରୁଛନ୍ତି । ଫଳରେ ବହୁ ସଂଖ୍ୟାରେ ଦୁଇଚକିଆ ଚାରିଚକିଆ ଗାଡି ଚଳାଚଳ କରୁଛି । ତେବେ ଏହାକୁ ରଖିବା ପାଇଁ କୌଣସି ଜାଗାରେ ଷ୍ଟାଣ୍ଡର ବ୍ୟବସ୍ଥା ନାହିଁ। ଲୋକ ବାଧ୍ୟ ହୋଇ ଯାନବାହନଗୁଡ଼ିକୁ ରାସ୍ତା କଡ଼ରେ ଥିବା ହୋଟେଲ ଏବଂ ବିଭିନ୍ନ ଦୋକାନ ସମ୍ମୁଖରେ ରଖି ଦେଉଛନ୍ତି । ରାସ୍ତାରେ ଗାଡ଼ି ମୋଟର ରଖିବା ଯୋଗୁ ସାଧାରଣ ଲୋକ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ହାଟ ପାଳି ଦିନ ଗ୍ରାମର ମୁଖ୍ୟ ରାସ୍ତା ସରକାରୀ ନୋଡାଲ ବିଦ୍ୟାଳୟଠାରୁ ଛୁଟି ଗୁଡ଼ି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକ ଜାମ ସମୟରେ ରେଳ ଯିବା ଆସିବା ଯୋଗୁ ଯଦି ଫାଟକ ପଡ଼ିଛି , ତାହେଲେ ସମସ୍ୟା ସଙ୍ଗୀନ ହୋଇ ପଡୁଛି। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କୁ ପଚାରିବା ରେ ଲୋକଙ୍କ ସମସ୍ୟା ଦୃଷ୍ଟିରୁ ଏକ ଜାଗା ଦେଖି ଷ୍ଟାଣ୍ଡ ନିର୍ମାଣ କରିବା ବ୍ୟବସ୍ଥା କରିବୁ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ସମ୍ବଲପୁରରୁ ଉଦ୍ଧାର ହେଲେ ଫେରାର ଯୋଡ଼ି

ଲୋଇସିଂହା, ୧୭।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ପଟୁଆପାଲି ଗ୍ରାମର ନବବିବାହିତା ଯୁବତୀ ପ୍ରମିଳାଙ୍କୁ ତାଙ୍କ ସ୍ୱାମୀ ଧୋକା ଦେଇ ଅନ୍ୟ ଜଣେ ବିବାହିତା ମହିଳାଙ୍କୁ ଧରି ଚମ୍ପଟ ମାରିଥିଲେ। ସ୍ୱାମୀଙ୍କ ଠାରୁ ଧୋକା ଖାଇଥିବା ଯୁବତୀ ଲୋଇସିଂହା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଲୋଇସିଂହା ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଅପରପକ୍ଷେ ନ୍ୟାୟ ଦାବିରେ ପ୍ରମିଳା ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରିଙ୍କ ନିକଟରେ ଫେରାଦ ହୋଇଥିଲେ। ମଙ୍ଗଳବାର ରାତିରେ ଲୋଇସିଂହା ପୋଲିସ ଫେରାର ଯୋଡିଙ୍କୁ ସମ୍ବଲପୁରରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା । ଏହି ମାମଲା ପୂର୍ବରୁ ପୁଇଁତଳା ଥାନାରେ ହୋଇଥିବାରୁ ଉଦ୍ଧାର ସଂପୃକ୍ତ ଯୋଡିକୁ ପୁଇଁତଳା ପୋଲିସକୁ ଲୋଇସିଂହା ପୋଲିସ ହସ୍ତାନ୍ତର କରିଥିଲା। ପୁଇଁତଳା ଥାନାରେ ଏହି ଘଟଣା ଭିନ୍ନମୋଡ ନେଇଛି। ପ୍ରକାଶ ଯେ, ଲୋଇସିଂହା ଥାନା ଆଗଲପୁର ବ୍ଲକ ପଟୁଆପାଲି ଗ୍ରାମର ପ୍ରମିଳାଙ୍କ ବାହାଘର ବରଗଡ ଜିଲା ଭେଡେନ ଥାବା ଭୁବନପାଲି ଗାଁର ନିର୍ମଳ କର୍ମୀଙ୍କ ସହ ଗତ ମେ ମାସରେ ହୋଇଥିଲା । ଗତ ଜୁନ ମାସ ମଧ୍ୟଭାଗରେ ନବଦମ୍ପତି ପଟୁଆପାଲିକୁ ଆସିଥିଲେ। କିନ୍ତୁ ଜୁନ ୨୮ରେ ପ୍ରମିଳାଙ୍କୁ ବାପ ଘରେ ଛାଡି ଦେଇ ନିର୍ମଳ ପୁଇଁତଳା ଥାନା ଉମୁରିଆ ଗ୍ରାମର ସମ୍ପର୍କୀୟ ମାମୁଁ ଘରକୁ ଯାଉଛି କହିଥିଲେ। ହେଲେ ୩ ଦିନ ବିତିଯାଇଥିଲେ ମଧ୍ୟ ନିର୍ମଳ ସ୍ତ୍ରୀ ପାଖକୁ ପଟୁଆପାଲି ଆସି ନ ଥିଲେ ଏବଂ ତାଙ୍କ ସହ ଯୋଗାଯୋଗ ମଧ୍ୟ ହୋଇ ପାରିନଥିଲା। ପରେ ସେ ଅନ୍ୟ ଜଣେ ବିବାହିତା ମହିଳାଙ୍କୁ ଧରି ଚମ୍ପଟ ମାରିଥିବା ଜଣାପଡିଥିଲା। ପ୍ରମିଳାଙ୍କ ଅଭିଯୋଗ ଆଧାରରେ ଲୋଇସିଂହା ପୋଲିସ ତଦନ୍ତ ଚଳାଇଥିଲା। ଫେରାର ଯୋଡି ସମ୍ବଲପୁର ଦୁର୍ଗାପାଲି ଅଞ୍ଚଳରେ ରହୁଥିବା ଲୋଇସିଂହା ପୋଲିସ ଜାଣିବାକୁ ପାଇଥିଲା। ଲୋଇସିଂହା ଆଇଆଇସି ଯାଜ୍ଞସିନୀ ନାୟକଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ରାତିରେ ଏକ ପୋଲିସ ଟିମ୍ ସେଠାରେ ଚଢାଉ କରି ଫେରାର ଯୋଡିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଉଭୟ ପକ୍ଷକୁ ନେଇ ପଚରାଉଚରା ଚାଲିଥିବା ପୁଇଁତଳା ପୋଲିସ କହିଛି।

**ନବବିବାହିତା ସ୍ତ୍ରୀଙ୍କୁ ସ୍ୱାମୀ ଧୋକା ଦେବା ଘଟଣା**

# ଧଣ୍ଡାମୁଣ୍ଡାରେ ବନରକ୍ଷୀ କୋଠା ଉଦ୍‌ଘାଟିତ

ଖପ୍ରାଖୋଲ, ୧୭।୭(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଠାରେ ବନରକ୍ଷୀ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଡିଏଫଓ ସୁଦର୍ଶନ ବେହେରା, ସମ୍ମାନିତ ଅତିଥି ଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଯୋଗଦେଇ ଫିତା କାଟି କୋଠା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବନରକ୍ଷୀ ସନତ କୁମାର ନାଏକ , ମଞ୍ଜୁ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ କୋଠା ଉଦ୍‌ଘାଟନ କରାଯାଉଛି।

# ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ

ସୋନପୁର, ୧୭।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ସରକାରୀ ଜମି ଜବରଦଖଲ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ପ୍ରଭାବଶାଳୀ ଲୋକ, ସରକାରୀ ଚାକିରିଆମାନେ ସରକାରୀ ଜମିକୁ ଦୀର୍ଘବର୍ଷ ହେବ ମାଡି ବସିଛନ୍ତି। ଦେବୋତ୍ତର ଜମି, ଗୋଚର ଜମି ଓ ଗ୍ରାମ୍ୟ ଜଙ୍ଗଲ ଜମି ଏଥିରୁ ବାଦ୍ ପଡିନି। ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଜବରଦଖଲକାରୀଙ୍କ ରାଜ୍ ଚାଲିଛି। ଏଥିଯୋଗୁ ବହୁ ଉନ୍ନୟନ ପ୍ରକଳ୍ପ କାମ ହୋଇପାରୁନି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ସୁବର୍ଣ୍ଣପୁର ଜିଲାରେ ସରକାରୀ ଜମି ଜବରଦଖଲକାରୀଙ୍କ ଛାତିରେ ଛନକା ପଶିଛି। ସରକାରଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲାର ୬ ତହସିଲଦାରମାନଙ୍କୁ ଚିଠି କରାଯାଇଛି। ଦୀର୍ଘ ବର୍ଷ ଧରି ମାଡି ବସିଥିବା ମୂଲ୍ୟବାନ ସରକାରୀ ଜମି ତାଙ୍କ ହାତରୁ ଚାଲିଯିବା ଭୟ ସେମାନଙ୍କୁ ଘାରିଛି।

ସୁବର୍ଣ୍ଣପୁର ଜିଲାରେ ଦୀର୍ଘବର୍ଷ ଧରି ଶତାଧିକ ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହି ବ୍ୟକ୍ତିମାନେ ପ୍ରଭାବଶାଳୀ ଥିବାରୁ ସବୁ ଜାଣି ବି ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଜିଲା ସଦର ମହକୁମାରେ ଦୀର୍ଘ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ଜମିଗୁଡିକ ଜବରଦଖଲକାରୀଙ୍କ ଅଧିନରେ ରହିଛି। ସେଥିମଧ୍ୟରୁ ପଟାଭାଡି, ଭଗବତୀପ୍ଲଟ, ମଝିପଡା, ଥନାପତିପଡା, ରାମଜୀନଗର, ଆମ୍ବେଡକର ଛକ, ଜୟଗୁରୁ ମାର୍କେଟ ସମ୍ମୁଖରେ ଏକାଧିକ ଏକର ଜମି ଏବେ ଜବରଦଖଲରେ ରହିଛି। ଏମିତିକି ସହରର ନାଳ ଗୁଡିକେ ମଧ୍ୟ ବାଦ୍ ପଡିନି। ଲୋକେ ପ୍ରଶାସନକୁ ଭୟ ନକରି କୋଠା ଓ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିଛନ୍ତି। ପ୍ରାକୃତିକ ନାଳ ଓ ଜଳାଶୟଗୁଡିକ ଜବରଦଖଲ ଯୋଗୁ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ସହରରେ ବି ସାଗର ଭଳି ଜଳାଶୟର ଆଡିକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି। ପୌର ପ୍ରଶାସନ ଉକ୍ତ ଜବରଦଖଲକାରୀଙ୍କୁ ଏଲଆରସି ପ୍ରଦାନ କରିଛି। କିଛି ଜବରଦଖଲକାରୀ ସରକାରୀ ଜମିଗୁଡିକୁ ଅନ୍ୟ ଲୋକଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରିଛନ୍ତି। ସେହିପରି ଦେବୋତ୍ତର ବିଭାଗର ରାସ୍ତାପାର୍ଶ୍ୱ ଏକର ଏକର ମୂଲ୍ୟବାନ ଜମି ଜବରଦଖଲରେ ରହିଛି। ଛନ୍‌ଛାନଡୁଙ୍ଗୁରି ପାଦଦେଶରେ ଥିବା ଜଙ୍ଗଲ ବିଭାଗର ଏକାଧିକ ହେକ୍ଟର ଜମି ଜବରଦଖଲ ହେଉଛି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ହଟାଇବା ପାଇଁ ପୂର୍ବରୁ ସେଭଳି କୌଣସି ଉଦ୍ୟମ ହୋଇନି। ତେବେ ମୁଖ୍ୟମନ୍ତ୍ରୀ ମାଝୀ ଜବରଦଖଲ ମୁକ୍ତ ହେଉଥିବା ଜମିକୁ ପ୍ରଶାସନ ନିଜ ଅଧିନକୁ ନେବା ସହିତ ତୁରନ୍ତ ତାର ବାଡ ବୁଲାଇ ସୂଚନାଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜବରଦଖଲ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଜବରଦଖଲକାରୀଙ୍କ ମନରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ କୁହନ୍ତି, ସରକାରୀ ଜମି ଗୁଡିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ କାର୍ଯ୍ୟ ପାଇଁ ବ୍ୟବହାର ହୁଏ। ଜବରଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ତେଣୁ ସରକାରଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲାର ସମସ୍ତ ୬ ତହସିଲଦାରଙ୍କୁ ଚିଠି କରାଯାଇଛି। ଜବରଦଖଲରେ ଥିବା ଜମି ଗୁଡିକୁ ଚିହ୍ନଟ କରିବାକୁ କୁହାଯାଇଛି। ନିୟମ ଅନୁଯାୟୀ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

**ସୁବର୍ଣ୍ଣପୁର ଜିଲା: ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2024-25, ତା.11.07.2024ରିଖ

**କାର୍ଯ୍ୟର ନାମ :** କୋଚିଙ୍ଗ ଡିପୋ ସମ୍ବଲପୁର ଠାରେ ଅଟୋମେଟିକ୍ କୋଚ୍ ୱାସିଙ୍ଗ ପ୍ଲାଣ୍ଟର ସ୍ଥାପନ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 38,45,191.24, EMD : ₹ 76,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.08.2024ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-317/P/24-25

**ଇଣ୍ଡିଆନ୍ ପୋର୍ଟ ରେଲ୍ ଆଣ୍ଡ ରୋପ୍‌ୱେ କର୍ପୋରେଶନ ଲିଃ** SAGARMALA

(ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ଯୌଥ ଉଦ୍ୟୋଗ କମ୍ପାନୀ)

ସିଆଇଏନ୍ ନଂ.: ୟୁ୬୦୩୦୦ଡିଏଲ୍୨୦୧୫ପିଏଲ୍‌ସି୨୮୨୭୦୩ (ଏକ ଆଇଏସ୍‌ଓ ୯୦୦୧, ୧୪୦୦୧, ୪୫୦୦୧ ଓ ୩୭୦୦୧ ପ୍ରମାଣିତ କମ୍ପାନୀ)

**ବିଜୁଳି ସରବରାହ ଆରମ୍ଭ ସଂକ୍ରାନ୍ତରେ ଭାରତୀୟ ରେଳର ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ବିଳାସପୁର ଡିଭିଜନର ନିମ୍ନଦର୍ଶିତ ସେକ୍ସନ ଅଧୀନରେ ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରିଦିଆଯାଉଛି ଯେ, ସମ୍ପୃକ୍ତ ସେକ୍ସନ ପାଇଁ ନିର୍ଦ୍ଧାରିତ ତାରିଖ କିମ୍ବା ତାହା ପରଠାରୁ ୨୫୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍, ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକରେ ବିଜୁଳି ସରବରାହ ଆରମ୍ଭ କରିଦିଆଯିବା ସେହି ତାରିଖ ଦିନ ଓ ତା'ପରଠାରୁ ଓଭରହେଡ୍ ଟ୍ରାକ୍ସନ ତାରକୁ ସବୁ ସମୟରେ ''ଜୀବନ୍ତ'' ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ତାହା ସମୀପରେ କାମ କରିପାରିବେ ନାହିଁ ।

| ସେକ୍ସନ | ତାରିଖ |
|---|---|
| ଏମ୍‌ସିଏଲ୍‌ର ଆଇବି ଭ୍ୟାଲି ଏରିଆସ୍ଥିତ ଏଲ୍‌ଓସିଏମ ସାଇଡିଂ ଲାଇନ୍, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ବିଳାସପୁର ଡିଭିଜନରେ ଆଇବି ଭ୍ୟାଲି ଏରିଆ (ଆର୍‌କେଏମ୍-୨.୩୮୦, ଟିକେଏମ୍-୭.୪୨୬) ଠାରେ ବ୍ରଜରାଜନଗର ଷ୍ଟେଶନ ପାର୍ଶ୍ୱ ପାଖରେ ଏଲ୍‌ଓସି. ନଂ. ଏଲ୍‌ଓସିଏମ୍-୧/୬ (ସିଏଚ୍: ୧/୧୬୦.୦୦)ରୁ ଆରମ୍ଭ ହୋଇ ଲାଜକୁରା ପାର୍ଶ୍ୱରେ ଏଲ୍‌ଓସି. ନଂ. ଏଲ୍‌ଓସିଏମ୍-୩/୩୭ (ସିଏଚ୍.: ୩/୫୪୦.୫୦) ପର୍ଯ୍ୟନ୍ତ। | ୨୩।୦୭।୨୦୨୪ |

**ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ ''ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ''**

ଏମ୍‌ସିଏଲ୍‌ର ଆଇବି ଭ୍ୟାଲି ଏରିଆସ୍ଥିତ ଏଲ୍‌ଓସିଏମ୍ ସାଇଡିଂ ଲାଇନ୍, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ବିଳାସପୁର ଡିଭିଜନରେ ଆଇବି ଭ୍ୟାଲି ଏରିଆ (ଆର୍‌କେଏମ୍-୨.୩୮୦, ଟିକେଏମ୍-୭.୪୨୬) ଠାରେ ବ୍ରଜରାଜନଗର ଷ୍ଟେଶନ ପାର୍ଶ୍ୱ ପାଖରେ ଏଲ୍‌ଓସି. ନଂ. ଏଲ୍‌ଓସିଏମ୍-୧/୬ (ସିଏଚ୍: ୧/୧୬୦.୦୦)ରୁ ଆରମ୍ଭ ହୋଇ ଲାଜକୁରା ପାର୍ଶ୍ୱରେ ଏଲ୍‌ଓସି. ନଂ. ଏଲ୍‌ଓସିଏମ୍-୩/୩୭ (ସିଏଚ୍.: ୩/୫୪୦.୫୦) ପର୍ଯ୍ୟନ୍ତ ସେକ୍ସନ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରଚଳନ ସଂକ୍ରାନ୍ତରେ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ପ୍ରତ୍ୟେକ ଲେଭଲ କ୍ରସିଂରେ **ସଡ଼କ ସ୍ତରରୁ ୪.୬୮ ମିଟର କିମ୍ବା ଅଧିକ ସ୍ପଷ୍ଟ ଉଚ୍ଚତାରେ** ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ଓୟାର୍), ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ଧାରଣା ସ୍ତରରୁ **ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ** ରହିଥାଏ, ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଯାନବାହନକୁ ବୋଝେଇ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଧ୍ୟାନରେ ରଖିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ହାଇଟ୍ ଗେଜ୍‌କୁ ଲଙ୍ଘନ ନ କରୁ ତାହା ଦୃଷ୍ଟିରେ ରଖିବା ଆବଶ୍ୟକ।

ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦଗୁଡ଼ିକ ହେଲା:

୧) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣତିସ୍ୱରୂପ, ରାସ୍ତା ଓ ରେଳଧାରଣା ଅବରୋଧ।

୨) ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ।

୩) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ଅଗ୍ନିକାଣ୍ଡ ଓ ଜୀବନ ପ୍ରତି ବିପଦ।

ସ୍ଥାନ: ଲାଜକୁରା
ତାରିଖ: ୧୬।୦୭।୨୦୨୪

ଯୁଗ୍ମ ସାଧାରଣ ପରିଚାଳକ/ଇଲେକ୍ଟ୍.
ଆଇପିଆର୍‌ସିଏଲ୍

**OFFICE OF THE PRINCIPAL**
**MAHAMAYEE MAHILA MAHAVIDYALAYA**
GANDHI NAGAR, BERHAMPUR (Gm), Odisha
e-mail:mmmahavidyalaya@gmail.com, Ph.No.0680-2225335

No.711/MMM/24 Dt.16.07.24

**TENDER CALL NOTICE**
**FOR PROCUREMENT OF BOOKS**

Mahamayee Mahila Mahavidyalaya, Berhampur invites tender from licensed and reputed book dealers for supply of books for various departments for an estimated amount of Rs.10,00,000/- (Rupees Ten Lakhs only) at a discounted price. The dealers have to send the books to the college physically or through transport at their own cost. Quotations in sealed envelope citing the percentage of discount are to be submitted to the office of the undersigned either by hand or through post within One Month. The List of recommended books can be downloaded from the college website "mmmv.in". Any tender received after the due date and time shall not be entertained.

The undersigned reserves the right to cancel the tender fully or partially at any time without assigning any reason thereof.

Sd./- Principal
Mahamayee Mahila Mahavidyalaya
Gandhi Nagar, Berhampur

**SMALESWARI REGIONAL CO-OP, MILK PRODUCERS' UNION LTD.**
GOSHALA (BOUDIAPARA), PO : KALAMATI, SAMBALPUR - 768025
Phone : (0663) 2999015. Mob. No. - 9437122477

**TENDER NOTICE**

No. CAD-578 : Sealed Techno commercial offers in sealed envelope from Manufacturers / Supplier for supply of 50 Nos. Chaff Cutter (Electric).

The sealed offers along with EMD shall be received at above address upto 5.00 P.M. on 31.07.2024 and shall be opened at the above address on 01.08.2024 at 11.00 A.M. For details please visit our website www.samul.in.

Interested Parties may purchase and submit Tenders by 31.07.2024 up to 5.00 P.M.

Tender Paper cost - Rs. 1000/- + 18% GST = Rs. 1180/-

EMD : Rs. 25,000.00

OIPR-15013/11/0011/2425

General Manager

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର ପାଇଁ **ସର୍ବନିମ୍ନ ୧୫ କେଏଲ୍‌ଡି (୨ ନମ୍ବର) କ୍ଷମତା ବିଶିଷ୍ଟ ଏଫ୍‌ଆର୍‌ପିକୁ ନେଇ ଗଠିତ ପ୍ୟାକେଜ୍ ଟାଇପ୍ ଅଣ୍ଡରଗ୍ରାଉଣ୍ଡ ସୁଏଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍ (ଏସ୍‌ଟିପି)ର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି । ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଅଗଷ୍ଟ ୧୪, ୨୦୨୪ ପୂର୍ବାହ୍ନ ୧୧ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ବଲାଙ୍ଗୀର ଟିକ୍ରାପଡା ଚାନ୍ଦ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ।



ବଲାଙ୍ଗୀର କଳାମଣ୍ଡଳପଡ଼ା ରଥରେ ଶ୍ରୀଜୀଉଙ୍କ ସୁନାବେଶ।



ସୁନାବେଶ ଦେଖିବାକୁ ଟିକ୍ରାପଡ଼ାରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ସୁନୀଲ, ବଲାଙ୍ଗୀର)

# ଓଡ଼ିଆରେ ଗୁଗୁଲ ସର୍ଚ୍ଚ ବ୍ୟବସ୍ଥା କରାଯିବ: ମନ୍ତ୍ରୀ ଡ. ମୁକେଶ

ବଲାଙ୍ଗୀର,୧୭।୭(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ସରକାର ଓଡିଆ ଅସ୍ମିତାକୁ ନେଇ ୨୦୦ କୋଟିର ଏକ କର୍ପସ ଫଣ୍ଡ କରିଛନ୍ତି। ସବୁ ବିଶ୍ୱବିଦ୍ୟାଳୟରେ ଓଡିଆ ଚେୟାର ପ୍ରତିଷ୍ଠା କରାଯିବ। କଲେଜ ଓ ସ୍କୁଲ ସ୍ତରରେ ଓଡିଆ ଭାଷା, ସାହିତ୍ୟ ଓ ଅସ୍ମିତାକୁ ନେଇ ଆଲୋଚନା କରାଯିବ। ଓଡିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ବ୍ୟବସ୍ଥା କରାଯିବ। ଇଂଲିଶ, ହିନ୍ଦୀ, ତେଲଗୁ, ତାମିଲ, ମରାଠୀ, ଗୁଜରାଟି ଭାଷାରେ ଗୁଗୁଲ ସର୍ଚ୍ଚ କରାଯାଇପାରୁଛି। ମାତ୍ର ଓଡିଆରେ ଏପର୍ଯ୍ୟନ୍ତ ଗୁଗୁଲ ସର୍ଚ୍ଚ ହୋଇପାରୁନାହିଁ। ଏହା ମଧ୍ୟ ଓଡିଆ ଅସ୍ମିତା ପ୍ରସଙ୍ଗ। ଏଣୁ ଓଡିଆ ଭାଷାରେ କିଭଳି ଗୁଗୁଲ ଇଞ୍ଜିନ ସର୍ଚ୍ଚ କରାଯାଇପାରିବ ସେ ବ୍ୟବସ୍ଥା ପାଇଁ ଉଦ୍ୟମ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ତଥା ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଆଲୋଚନାଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବରେ ପ୍ରକାଶ କରିଥିଲେ।

ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ପକ୍ଷରୁ ଓଡିଆ ସାହିତ୍ୟ ଓ ଅସ୍ମିତାକୁ ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ ଅବଦାନ

## ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ 'ମୁଦ୍ରା ଓ ଅର୍ଥନୀତି' ପୁସ୍ତକ ଲୋକାର୍ପିତ




ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ ପୁସ୍ତକ ମୁଦ୍ରା ଓ ଅର୍ଥନୀତିକୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୀରେନ୍ଦ୍ର କୁମାର ଝାଙ୍କରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମହାଲିଙ୍ଗ, ବରେଣ୍ୟ ଅତିଥି ଓ ବକ୍ତା ଭାବେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ପ୍ରଫେସର ଡ. ମଧୁସୂଦନ ପତି, ଶିକ୍ଷାବିତ୍ ଡ. ଗୋପବନ୍ଧୁ ରଥ ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସମ୍ବଲପୁର ଆଇଆଇଏମ୍‌ର

### ଅସ୍ମିତା ଆମ ଭିତରେ ସଂକୀର୍ଣ୍ଣତା ନ ଭରୁ

ପ୍ରଫେସର ଡ, ସୁଜିତ କୁମାର ପୃଷ୍ଟେଠ୍ ମଞ୍ଚାସୀନ ହୋଇଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସାହିତ୍ୟ ବ୍ୟକ୍ତି ଓ ସମାଜକୁ ପ୍ରଶସ୍ତ କରେ। ଅସ୍ମିତା ଶବ୍ଦକୁ ବର୍ତ୍ତମାନ ଯେଉଁ ସଂକୀର୍ଣ୍ଣତାରେ ବ୍ୟବହାର କରାଯାଉଛି ତାହା ଆଦୌ ଶୁଭଙ୍କର ନୁହେଁ ବୋଲି କହିଥିଲେ। ଏ ଦିଗରେ ଆମେ ସଚେତନ ହେବା ଉଚିତ୍ ବୋଲି ସେ କହିଥିଲେ। ଆଲୋଚକ ପ୍ରଫେସର ପତି, ପଦ୍ମଶ୍ରୀ ଗୁରୁ, ଡ. ରଥ ଓ ନାଟ୍ୟ ଭୂଷଣ ଛୁରିଆ ଦିବଙ୍ଗତ ପ୍ରଫେସର ପୃଷ୍ଟେଠ୍‌ଙ୍କ ବୌଦ୍ଧିକ, ଶୈକ୍ଷିକ, ରଚନାତ୍ମକ ଏବଂ କଳାତ୍ମକ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ ରଚିତ ମୁଦ୍ରା ଓ ଅର୍ଥନୀତି ପୁସ୍ତକ ଏବଂ ଏକ ସ୍ମୃତିଅର୍ଘ୍ୟକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପ୍ରଫେସର ସୁଜିତ ପୃଷ୍ଟେଠ୍ ଲୋକାର୍ପିତ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୁନୀଲ ମହାନ୍ତି, ପ୍ରଶାନ୍ତ ମହାକୁର ଓ ରଞ୍ଜିତ ମିଶ୍ର ସହଯୋଗ କରିଥିଲେ। ଶେଷରେ କବି ଓ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟକାର ସନାତନ ଠାକୁର, କବି ଭାଗିରଥି ମିଶ୍ର, ସୁଶାନ୍ତ ବାଗ, ସ୍ଥପତି ଅନ୍ତର୍ଯ୍ୟାମୀ ମେହେର, ମନୋରଞ୍ଜନ ସାହୁ, ମଧୁସୂଦନ ଦାଶ, ଚନ୍ଦ୍ରଭାନୁ ମୌଲାନା, ପ୍ରସନ୍ନ ମିଶ୍ର, ମଧୁସୂଦନ ନାୟକ, ମଳୟ ଦିଶ୍ରୀ, ଜୟକୁମାର ଆଚାର୍ଯ୍ୟ, ଆନନ୍ଦ ବଡପଣ୍ଡା, କୁଳମଣି ସାହୁ, ନବୀନ ନାଏକ, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ପ୍ରଭାସ ପାଣିଗ୍ରାହୀ, ଅଖିଳ ଚନ୍ଦ୍ର ହୋତା, ବ୍ୟାସଦେବ ନନ୍ଦ, ସଞ୍ଜୀବ ନାଏକ, ଶ୍ରୀକାନ୍ତ ଶର୍ମା, ଗୋପାଳ ପ୍ରଧାନ, ଅରୁଣ ମିଶ୍ର, ଯୁଧିଷ୍ଠିର ମେହେର, ଶେଖ୍ ୱାହିଦ୍, ବିଜୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବାସୁଦେବ ସା, ସୁରେନ୍ଦ୍ର ନେଗୀ, ଶୁଭ୍ରାଂଶୁ ଶେଖର ପଣ୍ଡା, ରଘୁନନ୍ଦନ ସିଂ, କିଶୋର ମିଶ୍ର, ସୋମନାଥ ମିଶ୍ର, ବିନୋଦ କାଲସାଏ, ଅଭିଳାଷ ମେହେର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମନ ମୋହିଲା ଠାକୁରଙ୍କ ସୁନାବେଶ



ସୁନାବେଶରେ ତିନି ଠାକୁର।

ଟିଟିଲାଗଡ଼,୧୭।୭ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡସ୍ଥିତ ଶ୍ରୀଶ୍ରୀ ଦଧିବାମନ ଓ ଧବଳେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ସମ୍ପନ୍ନ ପରେ ରଥାରୂଢ଼ ତିନି ଠାକୁର ବୁଧବାର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଝିପିଝିପି ବର୍ଷା ସତ୍ତ୍ୱେ ତିନି ଠାକୁରଙ୍କ ସୁନାବେଶ ଦେଖିବାକୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଟ୍ରଷ୍ଟର ସଭାପତି ଉପଜିଲାପାଳ ରେହାନ ଖତ୍ରୀ, କାର୍ଯ୍ୟକାରୀ ସଭାପତି ନବୀନ ଜୈନ, ଟ୍ରଷ୍ଟି ସଞ୍ଜୀବ ପାଢ଼ୀ, କମ୍ବୁପାଣି ପାଢ଼ୀ, ଭବାନୀ ପ୍ରସାଦ ହୋତା, ବିକାଶ ପାଢ଼ୀ, କୃଷ୍ଣ ସିଂପାତ୍ର, ସନତ ପାଢ଼ୀ, ସୁବୋଧ ଦାଶ, ଅଲେଖ ଦଳବେଜେରା, ଭୂପତି ବାରିକ, ତ୍ରିନାଥ ସରାଫ, ରାଜେଶ ପ୍ରଧାନ, ରାଧାକାନ୍ତ ଦର୍ଜୀ, ଦୁର୍ଯ୍ୟୋଧନ ସାହୁ, ଧ୍ରୁବଳେଶ୍ୱର ଦଳବେହେରା, ସୀତାରାମ ସାହୁ, ମନୋରଞ୍ଜନ ବାଗ ପ୍ରମୁଖ ସେବାୟତ, ଭକ୍ତ ମହାପ୍ରଭୁଙ୍କ ସେବାରେ ନିୟୋଜିତ ଥିଲେ। ଏସଡିପିଓ ଅଙ୍କିତା କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଅବନୀ ସାହୁ, ସବ୍‌ଇନ୍ସପେକ୍ଟର କିରଣ ଜାନି ତଥା ପୋଲିସ ବଳ ଶାନ୍ତିଶୃଙ୍ଖଳା ପାଇଁ ମୁତୟନ ରହିଥିଲେ।

# ଜମିଜମା ଗଣ୍ଡଗୋଳ ମାମଲା: ଜେଲ ଗଲେ ଆକ୍ରମଣକାରୀ

ଟିଟିଲାଗଡ,୧୭।୭(ଶରତ ମିଶ୍ର)

ଜମିଜମାକୁ ନେଇ ହୋଇଥିବା ଗଣ୍ଡଗୋଳ ଏବଂ ମରଣାନ୍ତକ ଆକ୍ରମଣ ମାମଲାର ଶୁଣାଣି କରି ଟିଟିଲାଗଡ ସିନିୟର ସିଭିଲ ଜଜ୍ କୃଷ୍ଣଚନ୍ଦ୍ର ନାୟକ ଅଭିଯୁକ୍ତଙ୍କୁ ୪ ବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଏନେଇ ସରକାରୀ ଅଧିବକ୍ତା ରଘୁନାଥ ରଥଙ୍କ ସୂଚନା ଅନୁଯାୟୀ, ଗତ ୨୦୧୫।୨୦୧୫ରେ ଟିଟିଲାଗଡ ଥାନା ଅନ୍ତର୍ଗତ ଭୂଷଲାଡ ଗ୍ରାମର ଜୟଦେବ ସାହୁ, ଭକରଧନ ସାହୁ, ଘନଶ୍ୟାମ ସାହୁ, ଶୁକ୍ରୁ ସାହୁ, ରମେଶ ସାହୁ ଜମିଜମା ମାମଲା ନେଇ ସେହି ଗ୍ରାମର ପ୍ରକାଶ ସାହୁଙ୍କ ସହ ଗଣ୍ଡଗୋଳ କରିଥିଲେ। ଅଭିଯୁକ୍ତ ଘନଶ୍ୟାମ ଘଟଣାଦିନ ପ୍ରକାଶଙ୍କୁ ଘରୁ ଟାଣି ଆଣି ରଫା (କୋଦାଳ)ରେ ମୁଣ୍ଡରେ ଆକ୍ରମଣ କରିଥିଲେ। ପ୍ରକାଶ ଗଭୀର ଆଘାତ ପାଇ ତଳେ ଅଚେତ ହୋଇ ପଡି ଯାଇଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିବା ଭାବି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ପ୍ରକାଶଙ୍କ ବାପା ତ୍ରିନାଥ ସାହୁଙ୍କ ଅଭିଯୋଗ କ୍ରମେ ଟିଟିଲାଗଡ ପୋଲିସ ମାମଲା ଦାୟର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ବିଚାରପତି ଅଭିଯୁକ୍ତ ଘନଶ୍ୟାମ ସାହୁଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଆହୁରି ଅତିରିକ୍ତ ୧ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ପୂର୍ବରୁ ଜାମିନରେ ଥିବା ଘନଶ୍ୟାମଙ୍କ ବୁଧବାର ସାନି ଜାମିନ ଖାରଜ ପରେ ତାଙ୍କୁ ଟିଟିଲାଗଡ ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କୁ ଅଦାଲତ ବିନା ସର୍ତ୍ତରେ ଖଲାସ ଆଦେଶ ଦେଇଛନ୍ତି। ସେହିପରି ଅଭିଯୁକ୍ତ ଜୟଦେବ ସାହୁ ଏହି ଗଣ୍ଡଗୋଳ ଘଟଣା ନେଇ ପୀଡିତ ପ୍ରକାଶ ସାହୁ ଏବଂ ତାଙ୍କ ପିତା ତ୍ରିନାଥ ସାହୁଙ୍କ ନାମରେ ଥାନାରେ ଦାୟର କରିଥିବା ମାମଲା ନେଇ ଅଦାଲତ ପ୍ରକାଶଙ୍କୁ ତିନି ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ପ୍ରକାଶଙ୍କ ପିତା ତ୍ରିନାଥଙ୍କୁ ବିନା ସର୍ତ୍ତରେ ଖଲାସ ଆଦେଶ ଦେଇଛନ୍ତି।

# ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ



ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେଓଗାଁ,୧୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହାସ୍ଥିତ ନେତ୍ରଭାନୁ ସରକାରୀ ହାଇସ୍କୁଲର ୭୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର ପୁରାତନ ଛାତ୍ର ତଥା ଦେଓଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଏବିଇଓ ଅଜିତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ନରସିଂହ ଦଣ୍ଡସେନା ଓ ସଚ୍ଚିଦାନନ୍ଦ ପାଢୀ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ କୁମାର ଦଣ୍ଡସେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ସ୍କୁଲର ପୁରାତନ ଛାତ୍ର ଦେବ ପ୍ରସାଦ ମେହେର, ଚିତ୍ତରଞ୍ଜନ ଥନାପତି , ପ୍ରବିର ସିଂ ନିନା, ସୁବାଷ ପୁଟେଲ, ନବୀନ କୁମାର ବାରିକ, ଦୀନବନ୍ଧୁ ମନହୀରା, କରୁଣାକର ମେହେର, ଗୋପାଳ ବାବୁ, ପ୍ରମୋଦ କୁମାର ବହିଦାର, ଡା. ଶଶୀ ଭୂଷଣ ସାହୁ, ଡା. ଶିବବ୍ରତ ଦାସ, ମମତା ସିଂ ନିନା ପ୍ରମୁଖ ନିଜ ଛାତ୍ର ଜୀବନର ଅନୁଭୂତି ଓ ସ୍କୁଲର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ୨୦୨୫ ଜାନୁୟାରୀ, ଫେବୃୟାରୀ ମାସ ବେଳକୁ ସ୍କୁଲର ୭୫ତମ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ପାଳନ କରିବାକୁ ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଥିଲା। ଏଥିପାଇଁ ଅଗଷ୍ଟ ୧୫ ପରେ ପୁରାତନ ଛାତ୍ରମାନଙ୍କର ଏକ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ସଭାପତି ମେହେରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶୁମାନ କର୍ତ୍ତା, ଉଜ୍ଜଳ ଝାଙ୍କର, ପ୍ରଶାନ୍ତ ଥନାପତି, ଛବିଳ ମୋହନ ସିଂ ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲର ସଂସ୍କୃତ ଶିକ୍ଷକ ଦେବାଶିଷ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ନେତ୍ରଭାନୁ ହାଇସ୍କୁଲ ୧୭।୭।୧୯୫୦ ମସିହାରେ ତତ୍କାଳୀନ ଜରାସିଂହା ଜମିଦାର ଲାଲ ଜଗନ୍ନାଥ ପ୍ରସାଦ ସିଂ ଦେଓ ଓ ଜନସାଧାରଣଙ୍କ ସହଯୋଗରେ ସ୍ଥାପିତ ହୋଇଥିଲା। ତତ୍କାଳୀନ ଓଡିଶାର ମୁଖ୍ୟମନ୍ତ୍ରୀ ସର୍ବୋଦୟ ନେତା ନବକୃଷ୍ଣ ଚୌଧୁରୀ ଏହି ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଗ୍ରୀଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କା, ସୁନାଗହଣା ଲୁଟ୍

ପାଟଣାଗଡ,୧୭।୭(ସଚ୍ଚିଦାନନ୍ଦ ମହାକୁର)

ଦିନକୁ ଦିନ ବଲାଙ୍ଗୀର ଜିଲାର ପାଟଣାଗଡ଼ରେ ଆପରାଧିକ କାର୍ଯକଳାପ ବଢି ଚାଲିଛି। ଏହି ଅଞ୍ଚଳରେ ଚୋରି ଏକ ସାଧାରଣ ଘଟଣା ହେବାକୁ ବସିଲାଣି। ମଙ୍ଗଳବାର ରାତିରେ ପାଟଣାଗଡ ଅଞ୍ଚଳର ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ବ୍ଲକ କର୍ମଚାରୀଙ୍କ ଘରୁ ଚୋରି ହୋଇଯାଇଛି। ପ୍ରକାଶ ଯେ, ପାଟଣାଗଡର ବ୍ରହ୍ମପୁରାର ବ୍ଲକ ଛକ ପାଖରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଡମ୍ବରୁ ମେହେରଙ୍କ ଘରେ ଚୋରମାନେ ଗ୍ରୀଲ ଭାଙ୍ଗି ପଶିଥିଲେ। ଚୋରମାନେ ତାଙ୍କ ଶୋଇବା ଘରର ବାହାର ପଟୁ ବନ୍ଦ କରି ସୁନା ଅଳଙ୍କାର, ୧ ଲକ୍ଷ ଟଙ୍କା ଓ ଲୁଗା ଭର୍ତ୍ତି ୪ ଟି ଆଟାଚି ଚୋରି କରି ନେଇଛନ୍ତି। ସେହିପରି ଉକ୍ତ ପଡ଼ାର ବ୍ଲକ କର୍ମଚାରୀ ଧନିରାମ ସାହୁ ଘରେ ନ ଥିବା ବେଳେ ଚୋରମାନେ ତାଲା ଭାଙ୍ଗି ବାଇକ୍, ସ୍କୁଟି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ଧନୀରାମଙ୍କ ପରିବାର ଲୋକ ଘରେ ନ ଥିବାରୁ କ'ଣ ସବୁ ଚୋରି ହୋଇଛି ସଠିକ ଖବର ଏପର୍ଯ୍ୟନ୍ତ ମିଳି ପାରିନାହିଁ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପାଟଣାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ବାରମ୍ବାର ଏହି ଅଞ୍ଚଳରେ ଚୋରି, ଡକାୟତି ବଢି ଚାଲୁଥିବାରୁ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ପ୍ରାୟ ପ୍ରତିଦିନ ଛୋଟ ବଡ ଚୋରି, ଡକାୟତି ହେଉଛି। କିଛି ଦିନ ତଳେ ରହେନମାଲ ଗ୍ରାମରେ ଜଣେ କପଡା ବ୍ୟବସାୟୀଙ୍କ ଘରୁ ୯ ଭରି ସୁନା ଓ ୩ ଲକ୍ଷ ଟଙ୍କା ଚୋରି ହୋଇଥିଲା। ସେହିପରି ପାଟଣାଗଡ ଏନଏସିର ମେହେର ପଡାସ୍ଥିତ ଏକ ମୋବାଇଲ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଚୋରି ରୋକିବା ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ରାତି ସମୟରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ଦାବି ହେଉଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବତୀ ମୃତ

ମୁରିବାହାଲ,୧୭।୭(ଶ୍ରୀବତ୍ସ ବେହେରା)



ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲଖନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗପାଲି ଗ୍ରାମରେ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ୍ ଆଘାତରେ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସିଙ୍ଗପାଲି ଗ୍ରାମର ଜଳନ୍ଧର ସୁନାଙ୍କ ଝିଅ ନିକିତା(୧୯) ସକାଳେ ଘରେ ଥିବା ଏକ ଟିଣ କୁଲରକୁ ହଠାତ୍ ହାତ ମାରି ଦେବାରୁ ତାଙ୍କୁ ବହୁତ ଜୋରରେ ଝଟକା ଲାଗିଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିକିତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୁରିବାହାଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବତୀଙ୍କ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବଲାଙ୍ଗୀର ଜିଲାରେ ହୋଇନି କାର୍ଯ୍ୟକାରୀ

ଲୋଇସିଂହା,୧୭।୭(ସୁଶାନ୍ତ ବାରିକ)

ଜିଲାର ପଞ୍ଚାୟତ ସ୍ତରରେ ନିୟୋଜିତ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ପଦରେ ନିୟମିତ ନିଯୁକ୍ତି ଲାଗି ଗତ ସରକାର ଅମଳରେ ନିଆଯାଇଥିବା ନିଷ୍ପତ୍ତି ବଲାଙ୍ଗୀର ଜିଲାରେ କାର୍ଯ୍ୟକାରୀ ହୋଇ ପାରି ନ ଥିବା ଜଣାଯାଇଛି। ଅନ୍ୟ ଜିଲାରେ ନିଯୁକ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବଲାଙ୍ଗୀର ଜିଲାରେ ବିଭିନ୍ନ ଆଳ ଦେଖାଇ ନିଯୁକ୍ତି ସଂକ୍ରାନ୍ତ ଫାଇଲ ଆଗକୁ ବଢୁ ନଥିବା ଅଭିଯୋଗ ହେଉଛି। ଏହା ପଛରେ କେଉଁ ଉଦ୍ଦେଶ୍ୟ ରହିଛି ତାହା ଜଣାପଡୁନାହିଁ ବୋଲି ଆଶାୟୀ ଜିଆରଏସମାନେ

### ଜିଆରଏସଙ୍କୁ ନିୟମିତ ପଦରେ ନିଯୁକ୍ତି ପ୍ରସଙ୍ଗ

କହିଛନ୍ତି। ସେପଟେ ନିଯୁକ୍ତିକୁ ନେଇ ସବୁ ମହଲରେ ଭିନ୍ନ ଭିନ୍ନ ଚର୍ଚ୍ଚା ଚାଲିଛି।

ଗତ ମାର୍ଚ୍ଚ ୧୨ରେ ପଞ୍ଚାୟତିରାଜ ବିଭାଗ ସଚିବ ଜିଲାପାଳଙ୍କୁ ଏକ ଚିଠି ଲେଖି ପଞ୍ଚାୟତସ୍ତରରେ କାର୍ଯ୍ୟରତ ଜିଆରଏସଙ୍କୁ ଜିଲା କ୍ୟାଡର ଭିତ୍ତିରେ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସର୍ବନିମ୍ନ ୫ ବର୍ଷ ଚାକିରି ପୂରଣ କରିଥିବା ଜିଆରଏସଙ୍କୁ ଖାଲିଥିବା ପଦରେ ସିଧାସଳଖ ନିଯୁକ୍ତ ଦେବାକୁ ମାର୍ଗଦର୍ଶିକାରେ କୁହାଯାଇଥିଲା। ଏଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ମନୋନୟନ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଥିଲା। ବଲାଙ୍ଗୀର ଜିଲା ଲାଗି ୩୧୪ଟି ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ପଦ ମଞ୍ଜୁର ହୋଇଛି। ୫ ବର୍ଷ ପୂରଣ କରିଥିବା ୨୨୨ ଜିଆରଏସ ଉକ୍ତ ପଦରେ ନିଯୁକ୍ତ ଲାଗି ଅପେକ୍ଷାରେ ଅଛନ୍ତି। ଏନେଇ ମାର୍ଚ୍ଚ ୧୨ରେ ବିଜ୍ଞପ୍ତି ପରେ ଜିଲାସ୍ତରରେ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଥିବାରୁ ଜିଲା ପ୍ରଶାସନ ପ୍ରାରମ୍ଭରେ ଏ ଦିଗରେ ବିଶେଷ ତତ୍ପରତା ମଧ୍ୟ ଦେଖାଇ ଥିଲା। ତେବେ କୌଣସି କାରଣରୁ ହଠାତ ପ୍ରକ୍ରିୟା ବନ୍ଦ ହୋଇ ଯାଇଥିଲା। କେତେକ ଜିଲାରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ନିଯୁକ୍ତି ପ୍ରକ୍ରିୟା ସାରି ଦିଆଯାଇଛି। ନିର୍ବାଚନ ଆଚରଣବିଧି ହଟିବା ପରେ ନିକଟରେ ଆଉ କେତେକ ଜିଲାରେ ନିଯୁକ୍ତି ପ୍ରକ୍ରିୟା ସରିଛି। ସେହି ସମାନ ବିଜ୍ଞପ୍ତି ବଳରେ ଅନେକ ଜିଲାର ଜିଆରଏସମାନେ ନିୟମିତ ହୋଇ ବର୍ଦ୍ଧିତ ଦରମା ପାଇଲେଣି, ଅଥଚ ବଲାଙ୍ଗୀର ଜିଲାର ଆଶାୟୀ ଜିଆରଏସ୍‌ମାନେ ଅଦ୍ୟାବଧି ଏଥିରୁ ବଞ୍ଚିତ ରହିଛନ୍ତି। ଏକ ମାସରୁ ଊର୍ଦ୍ଧ୍ୱ ହେବ ନିର୍ବାଚନ ଆଚରଣ ବିଧି ହଟିଯିବା ପରେ ବି ନିଯୁକ୍ତି ପ୍ରକ୍ରିୟା ଯେଉଁଠି ଥିଲା ସେଇଠି ରହିଛି। ବଲାଙ୍ଗୀର ଜିଲାରେ ଏ ସମ୍ପର୍କିତ ଫାଇଲ ଡିଆରଡିଏରୁ ଆଗକୁ ବଢୁ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ହତାଶାଭାବ ଦେଖାଦେଇଛି।

## ସଂକ୍ଷେପରେ

### ରଥଚକ ତଳେ ଚାପି ହୋଇ ବାଳକ ଗୁରୁତର

**ବିନିକା ବାହୁଡ଼ା ଯାତ୍ରାରେ ଅଘଟଣ**

ବିନିକା, ୧୭।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହର ଜୁହ୍ନାପଡ଼ାରେ ବୁଧବାର ସନ୍ଧ୍ୟାରେ ବାହୁଡା ଯାତ୍ରା ରଥଶଣା ସମୟରେ ଅଘଟଣ ଘଟିଛି। କାଳିଆ ରଥକୁ ଭକ୍ତମାନେ ଟାଣୁଥିବା ବେଳେ ଚକତଳେ ଚାପି ଜଣେ ବାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସହରର ନିବିଦର୍ଶନ ମେହେର(୧୫)। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୌଦ୍ଧ,୧୭।୭( ଅଜିତ କୁମାର ବାରିକ)

ବୁଧବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର ଝାଡରାଜିଙ୍ଗ ଗ୍ରାମ୍ୟ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ଯୁବକ ଜଣକ ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡିଛି । ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଥିବା ଜଣାପଡିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଛି। ଏନେଇ ପୁରୁଣାକଟକ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ।

### ସର୍ବଭାରତୀୟ ଏଫଏମଜିଇ ପରୀକ୍ଷାରେ ବୌଦ୍ଧର ସିଦ୍ଧାର୍ଥ ମହାପାତ୍ର ଦ୍ୱିତୀୟ



ବୌଦ୍ଧ,୧୭।୭(ଅଜିତ କୁମାର ବାରିକ)

ଭାରତ ସରକାରଙ୍କ ଏନଟିଏ ଦ୍ୱାରା ପରିଚାଳିତ ଏଫଏମଜିଇ (ବିଦେଶରେ ମେଡିକାଲ ଡିଗ୍ରୀ ପରୀକ୍ଷା) ୨୦୨୪ର ଫଳ ପ୍ରକାଶ ପାଇଛି। ଏହି ସର୍ବଭାରତୀୟ ପରୀକ୍ଷାରେ ବୌଦ୍ଧର ମେଡିକାଲ ଛାତ୍ର ଡା. ସିଦ୍ଧାର୍ଥ ରାହୁଲ ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ୟୁକ୍ରେନର କିଭ୍ ମେଡିକାଲ ବିଶ୍ୱବିଦ୍ୟାଳୟରୁ ଡକ୍ଟର ଅଫ ମେଡିସିନ୍‌ରେ ଦେଶର ସର୍ବଶ୍ରେଷ୍ଠ ସ୍ନାତକ ସ୍ଥାନ ହାସଲ କରି ଚର୍ଚ୍ଚାରେ ରହିଥିଲେ। ପ୍ରଥମ ପଦାର୍ପଣ ପରୀକ୍ଷାରେ ସେ ଏହି ସଫଳତା ହାସଲ କରିଛନ୍ତି। ଡା. ସିଦ୍ଧାର୍ଥ ବୌଦ୍ଧ ରାମେଶ୍ୱର ବିହାର ନିବାସୀ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଗୀତାଞ୍ଜଳୀ ମହାପାତ୍ରଙ୍କ ଏକମାତ୍ର ପୁତ୍ର। ୟୁକ୍ରେନ ଯୁଦ୍ଧ ଆରମ୍ଭ ସମୟରେ ସେ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅଧାରେ ଡାକ୍ତରୀ ଶିକ୍ଷା ଛାଡି ଭାରତ ଫେରିଥିଲେ। ପରେ ପୁନର୍ବାର ୟୁକ୍ରେନର କିଭ୍ ମେଡିକାଲ ବିଶ୍ୱବିଦ୍ୟାଳୟ ଡାକରାରେ ୟୁକ୍ରେନ ଯାଇ ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସଫଳତାର ସହିତ ନିଜର ଡାକ୍ତରୀ ଶିକ୍ଷା ସମାପ୍ତ କରିଥିଲେ।

### ଗ୍ରୀଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କା, ସୁନାଗହଣା ଲୁଟ୍

ପାଟଣାଗଡ,୧୭।୭(ସଚ୍ଚିଦାନନ୍ଦ ମହାକୁର)

ଦିନକୁ ଦିନ ବଲାଙ୍ଗୀର ଜିଲାର ପାଟଣାଗଡ଼ରେ ଆପରାଧିକ କାର୍ଯ୍ୟକଳାପ ବଢି ଚାଲିଛି। ଏହି ଅଞ୍ଚଳରେ ଚୋରି ଏକ ସାଧାରଣ ଘଟଣା ହେବାକୁ ବସିଲାଣି। ମଙ୍ଗଳବାର ରାତିରେ ପାଟଣାଗଡ ଅଞ୍ଚଳର ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ବ୍ଲକ କର୍ମଚାରୀଙ୍କ ଘରୁ ଚୋରି ହୋଇଯାଇଛି। ପ୍ରକାଶ ଯେ, ପାଟଣାଗଡର ବ୍ରହ୍ମପୁରାର ବ୍ଲକ ଛକ ପାଖରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଉମ୍ବରୁ ମେହେରଙ୍କ ଘରେ ଚୋରମାନେ ଗ୍ରୀଲ ଭାଙ୍ଗି ପଶିଥିଲେ। ଚୋରମାନେ ତାଙ୍କ ଶୋଇବା ଘରର ବାହାର ପଟୁ ବନ୍ଦ କରି ସୁନା ଅଳଙ୍କାର, ୧ ଲକ୍ଷ ଟଙ୍କା ଓ ଲୁଗା ଭର୍ତ୍ତି ୪ ଟି ଆଟାଚି ଚୋରି କରି ନେଇଛନ୍ତି।

# ବୌଦ୍ଧରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ



ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି।

ବୌଦ୍ଧ,୧୭।୭(ଅଜିତ କୁମାର ବାରିକ)

ବୌଦ୍ଧରେ ଶ୍ରୀଜୀଉ ବୁଧବାର ଦିନ ରଥଖଳାଠାରେ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଗତକାଲି ସଂକ୍ରାନ୍ତି ଥିବାରୁ ଠାକୁରମାନଙ୍କ ସମସ୍ତ ନୀତିକାନ୍ତି ରଥଖଳାରେ ରଥ ଉପରେ ସମ୍ପନ୍ନ ହୋଇଥିଲା। ବୁଧବାର ଏକାଦଶୀ ତିଥିରେ ବୌଦ୍ଧର ଜଗନ୍ନାଥ ମନ୍ଦିର ଆଗରେ ଅଭଙ୍ଗ ରଥରେ ସୁନାବେଶ ଓ ଫୁଲ ବେଶରେ ସଜ୍ଜିତ ହୋଇ ଚତୁର୍ଦ୍ଧାମୂରତି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରଥ ଉପରେ ସେବାୟତମାନେ ସନ୍ଧ୍ୟା ସମୟରେ ଶ୍ରୀ ଜୀଉମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧାଇବା ସହ ଫୁଲରେ ସଜ୍ଜିତ କରିଥିଲେ । ପାଗ ଅନୁକୂଳ ଥିବାରୁ ସୁନା ବେଶ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଜମିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ସୁନାବେଶ ଦେଖିଥିଲେ। ଏହାଛଡା ହରିଗୁଡି ଜଗନ୍ନାଥଙ୍କର ମଧ୍ୟ ସୁନାବେଶ ଓ ଫୁଲ ବେଶ ହୋଇଯାଇଛି। ବହୁ ସଂଖ୍ୟାରେ ଭକ୍ତମାନେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ସୁନାବେଶ ଅବସରରେ ସଙ୍ଗୀତାୟନ ପକ୍ଷରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଟ୍ରାକ୍ଟର ଶୋ'ରୁମ୍ କର୍ମଚାରୀଙ୍କୁ ମାଡ଼, ବାଇକ୍ ପୋଡ଼ି

**ଗୃହରକ୍ଷୀଙ୍କ ସମେତ ୪ ଗିରଫ**

ବିନିକା,୧୭।୭(ରାମଗୋପାଳ ବାଘ)



ଗିରଫ ୪ ଅଭିଯୁକ୍ତ।

ଟ୍ରାକ୍ଟର ବିକ୍ରି ପାଇଁ ଗାଁକୁ ଯାଇଥିବା ଶୋ'ରୁମ୍‌ର କର୍ମଚାରୀଙ୍କୁ ଗୃହରକ୍ଷୀଙ୍କ ସମେତ ୪ଜଣ ଗୃହବନ୍ଦୀ ରଖି ନିସ୍ତୁକ ମାଡ଼ ମାରିଛନ୍ତି। ବିନିକା ପୋଲିସ ଗୃହରକ୍ଷୀଙ୍କ ଘରୁ ଶୋ'ରୁମ୍‌ର ୨ କର୍ମଚାରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଛି। ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବିନିକା ଥାନା ବାବୁପାଲି ପଞ୍ଚାୟତର ତାଳମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଏହି ଘଟଣାରେ ଲଛିପୁର ଥାନାର ଗୃହରକ୍ଷୀ ତଥା ତାଳମୁଣ୍ଡା ଗ୍ରାମର ପୀତାମ୍ବର ପଧାନ, ସହଯୋଗୀ ଦୁର୍ଯ୍ୟୋଧନ ପଧାନ, କୈଳାସ ପଧାନ ଓ ସଞ୍ଜୟ ପଧାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ ସୋନପୁର ଶାନ୍ତି ଟ୍ରାକ୍ଟର ଶୋ'ରୁମ୍‌ର କର୍ମଚାରୀ ସୋନପୁର ଥାନା ଡୁଙ୍ଗୁରିପାଲି ଗାଁର ମୁକେଶ ରଞ୍ଜନ ମିଶ୍ର ଓ ବିନିକା ଥାନା ବାଉଁଶୁଣୀ ଗ୍ରାମର ଚନ୍ଦନ ଦେହୁରୀ ମଙ୍ଗଳବାର ତାଳମୁଣ୍ଡା ଗାଁକୁ ଯାଇଥିଲେ। ମୁକେଶ ଓ ଚନ୍ଦନ ଆଇଚର କମ୍ପାନୀର ଟ୍ରାକ୍ଟର ବିକ୍ରି ଓ ଋଣ ସୁବିଧା ସମ୍ପର୍କରେ ଗ୍ରାମର ଆଗ୍ରହୀ ଚାଷୀଙ୍କ ସହିତ ଆଲୋଚନା କରୁଥିଲେ। ଏହି ସମୟରେ ଗୃହରକ୍ଷୀ ପୀତାମ୍ବର ନିଜର ସହଯୋଗୀଙ୍କ ସହିତ ମିଶି ଶୋ'ରୁମ୍ କର୍ମଚାରୀଙ୍କୁ ନିଜ ଘରକୁ ଜବରଦସ୍ତ ନେଇଯାଇଥିଲେ। ପୀତାମ୍ବର ଓ ତାଙ୍କ ସହଯୋଗୀ ଶୋ'ରୁମ୍ କର୍ମଚାରୀ ମୁକେଶ ଓ ଚନ୍ଦନଙ୍କୁ ଘରେ ବନ୍ଦୀ କରି ରଖିବା ସହ ଲୁହା ରଡରେ ମାଡ଼ ମାରିଥିଲେ। ଏପରିକି କର୍ମଚାରୀଙ୍କ ହିରୋ ଗ୍ଲାମର ବାଇକ୍ (ନଂ ଓଡି୧୨ବି-୭୮୪୩)କୁ ପୋଡି ଦେଇଥିଲେ। ସୂଚନା ଅନୁସାରେ ପୀତାମ୍ବର ୨ଟି ଟ୍ରାକ୍ଟର ଏକ ବ୍ୟାଙ୍କରୁ ଋଣରେ ନେଇଥିଲେ। ସେ ଋଣ ଶୁଝି ନ ପାରିବାରୁ ଫାଇନାନ୍ସ କମ୍ପାନୀ ତାଙ୍କର ୨ଟି ଯାକ ଟ୍ରାକ୍ଟରକୁ ପୂର୍ବରୁ ନେଇଯାଇଥିଲା। ତେବେ ପୀତାମ୍ବର ନିଜର କ୍ରୋଧ ଟ୍ରାକ୍ଟର ଶୋ'ରୁମ୍ କର୍ମଚାରୀଙ୍କ ଉପରେ ଶୁଝାଇଥିବା ଆଲୋଚନା ହେଉଛି। ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ପାଇବା ପରେ ନିଜର ଟିମ୍ ସହିତ ତାଳମୁଣ୍ଡାକୁ ଯାଇଥିଲେ। ପୋଲିସ ଟିମ୍ ଚଢାଉ କରି ୨ କର୍ମଚାରୀଙ୍କୁ ଗୃହରକ୍ଷୀଙ୍କ ଘରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପୀତାମ୍ବର ଓ ତାଙ୍କ ୩ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଏ ବିନିକା ଥାନାରେ ଏକ ମାମଲା (୨୫୫/୨୪)ରୁଜୁ ହୋଇଛି।

# ସୁବଳୟାରେ ଶ୍ରୀଜୀଉଙ୍କ ସୁନାବେଶ



ସୁବଳୟାରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

ଅମରପାଲି,୧୭।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାଠାରେ ବୁଧବାର ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସୁବଳୟା ବଡ଼ଦାଣ୍ଡରେ ରଥ ଉପରେ ଅନୁଷ୍ଠିତ ଠାକୁରମାନଙ୍କର ଏହି ବେଶ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା। ରଥ ଉପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଦଧିବାମନ ଜୀଉଙ୍କ ସୁନାବେଶ ହୋଇଥିଲା। ଠାକୁରମାନଙ୍କୁ ସୁନାରେ ନିର୍ମିତ ମକୁଟ, ମାଳି, ନାକ ଚଣା ଓ ବାହୁଟି ଆଦି ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ସୁବଳୟା ଜଗନ୍ନାଥ ମନ୍ଦିରର ପୂଜକ ସନ୍ତୋଷ ପୂଜାରୀ, ଘାସିରାମ ପୂଜାରୀ, ବିଶ୍ୱଜିତ ପୂଜାରୀ ପ୍ରମୁଖ ଠାକୁରମାନଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ଏହି ଅବସରରେ ସଙ୍କୀର୍ତ୍ତନ ଓ ଘଣ୍ଟବାଦ୍ୟ ସମେତ ଭକ୍ତି ଆରାଧନା ଗ୍ରୁପ ଦାରା ଭଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭକ୍ତମାନଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ସ୍ଥାନୀୟ ପରିବେଶ ମୁଖରିତ ହୋଇଥିଲା। ସେହିଭଳି ବୀରମହାରାଜପୁର ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରେ ମଧ୍ୟ ସୁନାବେଶ ଅନୁଷ୍ଠିତ ହୋଇଥିଲା।

# କମିଟି ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ

**ଏନ୍‌ଜିଟିରେ ବେଆଇନ ବାଲିଘାଟ ମାମଲା**

କଟକ,୧୭।୭(କାର୍ତ୍ତିକ ସାହୁ)

ରାଜ୍ୟରେ ବେଆଇନ ବାଲିଘାଟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବାଲି ଚୋରା ଚାଲାଣ ଯୋଗୁ ରାଜ୍ୟ ସରକାରଙ୍କ ବହୁ କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲ। ଏନ୍‌ଜିଟି ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର କମିଟି ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ବାଲିଘାଟ ଲିଜ୍‌ଧାରୀଙ୍କ ଅପେକ୍ଷା ବେଆଇନ ଭାବେ ଘାଟ ଚଳାଉଥିବା ମାଫିଆମାନେ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ସ୍ଥାନୀୟ ପ୍ରଶାସନ ସେମାନଙ୍କ ଉପରେ ଆଖିବୁଜିଆ ପଦକ୍ଷେପ ଗ୍ରହଣ କରୁନାହିଁ। କେବଳ ଚଢ଼ାଉ କରି ଗାଡ଼ି ଜବତ କରାଯାଉଛି କିମ୍ବା ରୟାଲିଟି ହିସାବରେ ସ୍ୱଳ୍ପ ଜରିମାନା ଆଦାୟ କରାଯାଉଛି। ଯଦ୍ୱାରା ଚଢ଼ାଉ ପରେ ମଧ୍ୟ ମାଫିଆମାନେ ଏହି କାରବାର ଅନାୟାସରେ ଚଳାଇ ଆସୁଛନ୍ତି। ବରଗଡ଼ ଜିଲା ଆମ୍ବାଭୋନା ତହସିଲ ଅଞ୍ଚଳ ମହାନଦୀରେ ଦୀର୍ଘଦିନ ହେବ ଏପରି ବେଆଇନ ବାଲିଘାଟ ଚାଲୁଛି। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଏନ୍‌ଜିଟି ନିକଟରେ ଅଭିଯୋଗ ହୋଇଥିଲା। ପ୍ରାଧିକରଣ ମାମଲାର ଶୁଣାଣି କରି ବରଗଡ଼ ଜିଲାପାଳ, ଜିଲା ଖଣି ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକଙ୍କୁ ନେଇ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ରିପୋର୍ଟ ପ୍ରଦାନ କରିବାକୁ ପ୍ରାଧିକରଣଙ୍କ ନିର୍ଦ୍ଦେଶ ରହିଛି।

ଉଲ୍ଲେଖଯୋଗ୍ୟ, ଆମ୍ବାଭୋନା ତହସିଲ ଅଧୀନ ମହାନଦୀର ଚିଖିଲିଠାରେ ବେଆଇନ ବାଲିଘାଟରେ ପ୍ରଶାସନ ଚଢ଼ାଉ କରି ୧୦୦୦ ସିଏମ୍ ବାଲି ଜବତ କରିଥିଲା। ଏଥିସହ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା କରିଥିଲା। ମାତ୍ର ଏହାର କିଛିଦିନ ପରେ ଉକ୍ତ ବାଲିଘାଟରୁ ବେଆଇନ ଭାବେ ବିପୁଳ ପରିମାଣର ବାଲି ଉଠାଣ ହେଉଥିବା ଜଣାପଡିଥିଲା। ଏଥିସହ ଆଉ ୩ଟି ଅଞ୍ଚଳରୁ ମଧ୍ୟ ବେଆଇନ ଭାବେ ବାଲି ଉଠାଯାଉଥିଲା। ପ୍ରଶାସନ କେବଳ ସ୍ୱଳ୍ପ ଜରିମାନା ନେଇ ବାଲିମାଫିଆଙ୍କୁ ଛାଡ଼ି ଦେଉଥିବାରୁ ସେମାନେ ବେଆଇନ ବାଲିଘାଟ ବଢ଼ାଇ ଚାଲିଥିବା ନେଇ ଏନ୍‌ଜିଟିରେ ମାମଲା ରୁଜୁ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପାଣି ମାମଲା ପରିଚାଳନା କରୁଛନ୍ତି।

# ଦୁର୍ଘଟଣାରେ ବାପା ମୃତ: ପୁଅ ଗୁରୁତର

କନ୍ଧମାଳ,୧୭।୭(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡା ରାଜ୍ୟ ରାଜପଥର ପଲସାଗୋରା କଲେଜ ଛକଠାରେ ବୁଧବାର ଦିନ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପାର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ହେଲେ ଅରୁଣ ବଣ୍ଡକି (୬୦) । ପ୍ରକାଶ ଯେ, ମନମୁଣ୍ଡା ଥାନା ଖଟଖଟିଆ ପଞ୍ଚାୟତ ସୌରିପାଲି ଗ୍ରାମର ଅରୁଣ ବଣ୍ଡକି (୬୦) ଓ ତାଙ୍କ ପୁଅ ରୋହିତ (୩୫) ଏକ ମୋଟର ସାଇକେଲରେ ପଲସାଗୋରାରୁ ସକାଳ ୯ଟା ସମୟରେ ଘରକୁ ଫେରୁଥିଲେ । ତେବେ କଲେଜ ଛକ କୁର୍ରରାମୁଣ୍ଡା ବୁଲାଣି ନିକଟରେ ଏକ ପିକ୍‌ଅପ ଭ୍ୟାନ୍‌କୁ ଓଭରଟେକ କରିବାକୁ ଯାଇ ମୋଟରସାଇକେଲଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ବାପ ପୁଅ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ରୋହିତଙ୍କୁ ପ୍ରଥମେ ସୋନପୁର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ଶ୍ରୀଜୀଉ ମନ୍ଦିରକୁ ବିଜେ କଲେ



ବାଉଁଶୁଣୀ,୧୭।୭(ଦେବାଶିଷ ନେପାକ)

ବୁଧବାର ସନ୍ଧ୍ୟା ସାଢେ ୭ଟା ସମୟରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀଙ୍କ ସହିତ ପହଣ୍ଡି ହୋଇ ନିଜ ମନ୍ଦିରକୁ ବିଜେ କରିଛନ୍ତି । ପୂଜକ ଲିଟୁ ଆଚାର୍ଯ୍ୟ ଓ ଅନ୍ୟ ସେବାୟତମାନେ ଠାକୁରଙ୍କ ପୂଜାର୍ଚ୍ଚନା କରି ରଥରୁ ଓହ୍ଲାଇ ମନ୍ଦିରକୁ ବିଜେ କରାଇଥିଲେ। ମଙ୍ଗଳବାର ସଂକ୍ରାନ୍ତି ପଡିଥିବାରୁ ଶ୍ରୀଜୀଉମାନେ ମନ୍ଦିର ନିକଟରେ ରଥ ଉପରେ ରହିଥିଲେ।

# ମନ୍ଦିର ଘାଟରେ ଆଳତି କାର୍ଯ୍ୟକ୍ରମ

**ମହାନଦୀ ବଞ୍ଚାଅ ଆନ୍ଦୋଳନ**

ବାଉଁଶୁଣୀ,୧୭।୭ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ନିକଟ ମହାନଦୀ କୂଳରେ ଅବସ୍ଥିତ ପ୍ରାଚୀନ ଶ୍ରୀ ଭୁବନେଶର ବାବାଙ୍କ ମନ୍ଦିର ଘାଟରେ ନଦୀ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନଦୀ ସୁରକ୍ଷା ସମିତି ଆନୁକୂଲ୍ୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସହ ନଦୀ ଆଳତି କାର୍ଯ୍ୟକ୍ରମ ହୋଇଥିଲା । ଲୋକଙ୍କୁ ନଦୀ ସହିତ ଯୋଡିବା ପାଇଁ ଏହା ଏକ ପ୍ରୟାସ। କମିଟିର ବୌଦ୍ଧ ଜିଲା ସଦସ୍ୟ ଉଦୟନାଥ ଶର୍ମାଙ୍କ ଆବାହକତ୍ୱରେ ଆଳତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ଶଙ୍କର ସେଠୀ, ପୂର୍ଣ୍ଣଚନ୍ଦ୍ର ବସ୍ତିଆ, କମ୍ବୁସେଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ମାସ ସଂକ୍ରାନ୍ତିରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।




ଆଳତି କାର୍ଯ୍ୟକ୍ରମ ଅବସରରେ ସମିତି ସଦସ୍ୟମାନେ।

# ରାଜ୍ୟ ବାହାରେ ଧରାପଡ଼ିଲେ ପୋଲିସ ଅଧିକାରୀ

**ଗଞ୍ଜେଇ ଚାଲାଣ ଅଭିଯୋଗ**

**■ କାର ସହ ୭୦ କେଜି ଗଞ୍ଜେଇ ଜବତ**

ବୌଦ୍ଧ,୧୭।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରୁ ପ୍ରତିଦିନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ଏଥିରେ ପୋଲିସ କର୍ମଚାରୀ ସଂପୃକ୍ତ ରହୁଥିବା ଦେଖିବାକୁ ମିଳିଛି। ଏବେ ଜଣେ ପୋଲିସ ଅଧିକାରୀ ଗଞ୍ଜେଇ ଚାଲାଣ ବେଳେ ଛତିଶଗଡ ପୋଲିସ ଦ୍ୱାରା ଧରାପଡିଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକର ଗଗନ ମେହେର ଟ୍ରାଫିକ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ । ସେ ଏକ କାର୍ ଯୋଗେ ୭୦ କେଜି ଗଞ୍ଜେଇ ଧରି ଛତିଶଗଡ ରାଜ୍ୟକୁ ଯାଉଥିବା ବେଳେ ଛତିଶଗଡ ପୋଲିସ ଦ୍ୱାରା ଧରା ପଡିଥିଲେ। କାର୍ ସହ ୭୦ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ କାର ଚାଳକ ମଧ୍ୟ ଧରାପଡିଥିଲେ । କାର ଚାଳକ ଜଣକ ହେଲେ ହରଭଙ୍ଗା ବ୍ଲକ ସାଲକଟା ଗ୍ରାମର ରବିନ୍ଦ୍ର ଭୋକ୍ତା। ଛତିଶଗଡ ପୋଲିସ ଏକ ମାମଲା ରୁଜୁ କରି ଏଏସ୍‌ଆଇ ମେହେର ଓ ଚାଳକ ଭୋକ୍ତାଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ବୁଧବାର ଦିନ କୋର୍ଟ ଚାଲାଣ କରିଛି । ମେହେର ବୌଦ୍ଧ ଜିଲା ଟ୍ରାଫିକ ଏଏସଆଇ ଭାବେ କାର୍ଯ୍ୟ କରୁଥିବା ବେଳେ କିଛି ଦିନ ହେବ ଅନୁଗୋଳ ଜିଲାକୁ ପ୍ରମୋଶନ ପାଇ ଯାଇଥିଲେ। ରକ୍ଷକ ହୋଇ ଯଦି ନିଜେ ଗଞ୍ଜେଇ ବେପାର କରିବ ତେବେ ଜିଲାରେ ଗଞ୍ଜେଇ ବନ୍ଦ ହେବା ବଦଳରେ ବଢିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଜିଲାରେ ଗଞ୍ଜେଇ କାରବାର ନେଇ ଗତ ୨୦୨୩ରେ ପୂର୍ବତନ ବଘିଆପଡା ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ୨୦୨୪ରେ ଓଏପିଏଫ କନେଷ୍ଟବଳ ଡିଙ୍ଗର ମାଝି ଗଞ୍ଜେଇ ଚାଲାଣ ବେଳେ ଅବକାରୀ ବିଭାଗ ହାତରେ ଧରା ପଡି ଜେଲ ଯାଇଥିଲେ। ୨୦୨୩ ମସିହାରେ ଜିଲାର ଡିଭିଏଫ କନେଷ୍ଟବଳ ହରିଶ ଚନ୍ଦ୍ର ସାହୁ ଗଞ୍ଜେଇ କାରବାର ସହ ସଂପୃକ୍ତ ବେପାରୀମାନଙ୍କୁ ସାହାଯ୍ୟ କରିବାକୁ ୬ ଲକ୍ଷ ଟଙ୍କା ଲାଞ୍ଚ ଧରି ଆସୁଥିବା ବେଳେ ଭିଜିଲାନ୍ସ କର୍ମଚାରୀଙ୍କ ହାବୁଡରେ ପଡି ଜେଲ ଯାଇଥିଲେ।



ଗିରଫ ଏଏସ୍‌ଆଇ ଗଗନ ମେହର ଓ ଚାଳକ ରବିନ୍ଦ୍ର ଭୋକ୍ତା।

## ସଂକ୍ଷେପରେ

### କାର୍ ଧକ୍କାରେ ଯୁବକ ମୃତ

ରାଉରକେଲା, ୧୭।୭(ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ଆର୍‌ଏମ୍‌ସି ଛକରେ ବୁଧବାର ଅପରାହ୍ନରେ ଏକ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଲୋକ ମୁଣ୍ଡା(୧୭)। ଆଲୋକ ମ୍ୟୁନିସିପାଲ ଛକ ଆଡୁ ବାଇକ (ନଂ. ଓଡି୧୪ଏଫ୍‌୧୩୩୦)ରେ ଆସୁଥିବା ବେଳେ ଅପରପାର୍ଶ୍ୱ ଛକରୁ କାର (ନଂ ସଡ଼ି୦୨ଜେ୭୩୯୦) ସମ୍ମୁଖରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ପୋଲି ଗୁରୁତର ଆଲୋକଙ୍କୁ ଉଦ୍ଧାର କରି ଜେପି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମା’ ରୀନା ମୁଣ୍ଡା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ମାମଲା(ନଂ. ୨୮୦/୨୪) ରୁଜୁ କରିଛି।

### ମାଜିଷ୍ଟ୍ରେଟ୍ ଯାଞ୍ଚ ଅଭିଯାନ : ଧରାପଡ଼ିଲେ ୨୬

ରାଉରକେଲା, ୧୭।୭(ସଙ୍ଗୀତା ଜେନା) : ରାଉରକେଲା ରେଳବାଇ ଷ୍ଟେଶନ୍‌ରେ ବୁଧବାର ମାଜିଷ୍ଟ୍ରେଟ୍ ଯାଞ୍ଚ ଅଭିଯାନ କରାଯାଇଛି। ଏଥିରେ ଟ୍ରେନରେ ବିନା ଟିକେଟରେ ଯାତ୍ରା, ପାର୍କିଂ, ରେଳଧାରଣା ଅତିକ୍ରମ କରିବା ଭଳି ମାମଲାରେ ମୋଟ ୨୬ଜଣ ଯାତ୍ରୀଙ୍କୁ ଧରାଯାଇଛି। ସେମାନଙ୍କୁ ଗିରଫ କରାଯାଇ ଜରିମନା ଆଦାୟ କରାଯାଇଛି। ଏ ନେଇ ରେଳବାଇ ସୁରକ୍ଷା ବଳ ପକ୍ଷରୁ ସୂଚନା ମିଳିଛି।

### ଫେରାର ଅଭିଯୁକ୍ତ ଜେଲ ଗଲେ

କୁଆଁରମୁଣ୍ଡା, ୧୭।୭(ମହେନ୍ଦ୍ର କୁମାର ସାହୁ): ସିଆଲଯୋର ଗ୍ରାମର ବିଧବା ମହିଳା ମୁନି ଭକ୍ତା(୫୯)ଙ୍କୁ ଗତ ୧୫ ତାରିଖ ରାତିରେ ବାଡିରେ ପିଟି ମାରିବା ପରେ ଫେରାର ହୋଇଯାଇଥିବା ସେହି ଗ୍ରାମର ବନ୍ଧୁ ଓରାମ(୩୨)ଙ୍କୁ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ବୁଧବାର ଗିରଫ କରିଛି। ଅଭିଯୁକ୍ତ ବନ୍ଧୁ ମୃତା ବିଧବା ମହିଳାଙ୍କ ଝିଅ ଉପରେ ଖରାପ ନଜର ରଖିବା କାରଣରୁ ମୃତା ମୁନି ଓ ଅଭିଯୁକ୍ତ ବନ୍ଧୁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ସେହି ରାଗରେ ଘଟଣା ଦିନ ବନ୍ଧୁ ତାଙ୍କ ଘରେ ପଶି ବାଡିରେ ମୁନିଙ୍କୁ ପିଟି ମାରି ଦେଇଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର କହିଛନ୍ତି। ଏହାପରେ ତାଙ୍କୁ ବୀରମିତ୍ରପୁର କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ସେଠାରେ ଜାମିନ ନାମଞ୍ଜୁର ହେବାରୁ ବନ୍ଧୁଙ୍କୁ ରାଉରକେଲା ଜେଲକୁ ପଠାଯାଇଛି ।

### ୩ ଅଭିଯୁକ୍ତ ଗିରଫ, ୬ ବାଇକ୍ ଜବତ

ରାଜଗାଙ୍ଗପୁର, ୧୭।୭(ଅଶୋକ ପାଣି) : ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧୀନ ଅଞ୍ଚଳରୁ ୩ ବାଇକ୍ ଲୁଟେରା ଗିରଫ ହୋଇଛନ୍ତି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିହାବନ୍ଧ ଗ୍ରାମର ହରିସନ ଏକ୍କା, ଅଲଣ୍ଡା କେନ୍ଦେଇମାଲ ଗ୍ରାମର ବିକାଶ ଟପ୍ପୋ ଓ ବିନୟ ଏକ୍କା। ସେମାନଙ୍କ ନିକଟରୁ ପୋଲିସ ୬ଟି ଚୋରି ବାଇକ୍ ଜବତ କରିଛି। ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ତଥା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳଙ୍କ ସୂଚନା ମୁତାବକ, ରଥଯାତ୍ରା ଦିନ ଲାଞ୍ଜିବେର୍ଣ୍ଣା ଅଞ୍ଚଳରେ କିଛି ଯୁବକ ଏକ ବାଇକକୁ ଠେଲିଠେଲି ନେଉଥିବାର ଖବର ପୋଲିସ ପାଇ ତାଙ୍କ ଉପରେ ନଜର ରଖିଥିଲା। ରାଜଗାଙ୍ଗପୁର ଥାନାରେ ୫ଟି କେଶ ନଂ.୨୯୯,୩୦୯,୩୧୦,୩୩୮,୩୪୮ ଓ ରାଇବଗା ଥାନାରେ ମାମଲା ନଂ. ୩୬/୨୪ ରୁଜୁ ହୋଇଥିଲା।

# ବର୍ଷା ଅଭାବ: ଆଗେଇପାରୁନି ଚାଷକାମ

- ୧୫ ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ମରୁଡି
- ତଳି ଅନୁପଯୋଗୀ ହେଲାଣି, ସଫେଇ ନଦୀ ଶୁଖିଲା

ବଡ଼ଗାଁ, ୧୭।୭(ଅଶୋକ ଷଡ଼ଙ୍ଗୀ)



ଶୁଖିଲା ପଡ଼ିଛି ସଫେଇ ନଦୀ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ବର୍ଷା ଅଭାବ ଯୋଗୁ ଆଗେଇ ପାରୁନି ଚାଷ କାମ। ଫଳରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଜୁଲାଇ ମାସରେ ଆବଶ୍ୟକ ବର୍ଷା ନ ଥିବାରୁ ଚାଷୀ ହାତବାନ୍ଧି ବସିଛନ୍ତି। ବିଲରେ ପକାଯାଇଥିବା ତଳି ରୁଆ ଅନୁପଯୋଗୀ ହେଲାଣି। ଆଗାମୀ ୧୫ ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ମରୁଡି ପରିସ୍ଥିତି ହେବ ବୋଲି କୁହାଯାଉଛି। ଗତବର୍ଷ ଜୁନ ମାସରେ ୬୦ ପ୍ରତିଶତ ବର୍ଷା ହୋଇଥିଲା। ଫଳରେ ଚାଷୀ କିଛି ପରିମାଣରେ ଚାଷ କାମକୁ ଆଗେଇ ନେଇଥିଲେ। ଜୁଲାଇ ଦ୍ୱିତୀୟ ସପ୍ତାହରେ ବର୍ଷା ହେବାରୁ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ଟଳି ଯାଇଥିଲା। କିନ୍ତୁ ଚଳିତବର୍ଷ ଜୁଲାଇ ଦ୍ୱିତୀୟ ସପ୍ତାହ ଗଲାଣି ଭଲ ବର୍ଷା ହୋଇନାହିଁ। ନିଅଣ୍ଟିଆ ବର୍ଷା ଚାଷୀମାନଙ୍କ ହାତ ବାନ୍ଧିଦେଇଛି। ଚାଷୀ ବିଲ ପ୍ରସ୍ତୁତ କରି ଭଲ ବର୍ଷା ଅପେକ୍ଷାରେ ଚାହିଁ ରହିଛନ୍ତି।

ବଡ଼ଗାଁ ବ୍ଲକରେ ଚଳିତବର୍ଷ ଜୁନରେ ଆବଶ୍ୟକ ୨୩୭ ମିମି ବର୍ଷ ହେବା ସ୍ଥାନରେ ମାତ୍ର ୩୯ ମିମି ବର୍ଷା ହୋଇଛି। ଜୁଲାଇରେ ଆବଶ୍ୟକ ୩୮୬ ମିମି ସ୍ଥାନରେ ୧୬୫ ମିମି ବର୍ଷା ହୋଇଛି। ଗତବର୍ଷ ଜୁନରେ ୬୦ ପ୍ରତିଶତ ବର୍ଷା ହୋଇଥିଲାବେଳେ ଚଳିତବର୍ଷ ମାତ୍ର ୧୮ ପ୍ରତିଶତ ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ବିଲରେ ପାଣି ନାହିଁ। ଏ ନେଇ ଯୁବ ଚାଷୀ ପବିତ୍ର ଡନସନା, ବସନ୍ତ ଡନସନା,ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଉମାକାନ୍ତ ନାଏକଙ୍କ ସହିତ ଆଉ କେତେକ ଚାଷୀଙ୍କୁ ପଚାରି ବୁଝିବାରେ ସେମାନେ କହିଛନ୍ତି, ଏ ଯାଏଁ ଭଲ ବର୍ଷା ହୋଇନାହିଁ। ବିଲରେ ପାଣି ନାହିଁ। କେବଳ ମାଟି ଓଦା ଅଛି। ରୁଆ କାମ ବର୍ତ୍ତମାନ ସୁଦ୍ଧା ସରିଯିବା କଥା। କିନ୍ତୁ ବର୍ଷା ଅଭାବରୁ ଆମେ ହାତ ବାନ୍ଧି ବସିଛୁ। ସ୍ୱଳ୍ପ ବର୍ଷା କାରଣରୁ ବିଲରେ ଘାସ ବଢ଼ି ଯାଇଛି। ଚାଷ ପାଇଁ ପାଗ ହୋଇପାରୁନାହିଁ। ସେମାନଙ୍କଠାରୁ ପ୍ରକାଶ, ସଫେଇ ନଦୀର ପାଣି ଉପରେ କେତେକ ଚାଷୀଙ୍କ କିଛିଟା ଭରସା ଥିଲା, କିନ୍ତୁ ନଦୀ ଶୁଖିଲା ପଡ଼ିଛି। ଏଭଳି ପରିସ୍ଥିତିରେ ଚାଷକୁ ବଞ୍ଚାଇବା ସମ୍ଭବ ନୁହେଁ। ଚଳିତବର୍ଷ ଅତି ସ୍ୱଳ୍ପ ବର୍ଷା ଯୋଗୁ ଚାଷର ପରିସ୍ଥିତି ଉପରେ ବଡ଼ଗାଁ ବ୍ଲକ କୃଷି ଅଧିକାରୀ ରିତୁ ରାଣୀ କାଲୋଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକ ଅଞ୍ଚଳର ୧୦ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଚଳିତ ବର୍ଷ ୩ ହଜାର ହେକ୍ଟର ଚାଷ ହୋଇଛି। ବର୍ଷା ଅଭାବରୁ ଏ ଯାଏଁ ରୁଆ କାମ ହୋଇପାରିନାହିଁ। ତଳିରେ ରୋଗପୋକ ଦେଖା ଗଲାଣି। ଗତବର୍ଷ ଠାରୁ ଚଳିତବର୍ଷ ଅତି କମ ବର୍ଷା ହୋଇଛି। କିଛି ଦିନ ମଧ୍ୟରେ ଆବଶ୍ୟକ ପରିମାଣର ବର୍ଷା ହେଲେ ଚାଷ ହୋଇପାରିବ।

## ଇସ୍ପାତ ନଗରୀରେ ମହାପ୍ରଭୁଙ୍କ ସୁନାବେଶ



ରାଉରକେଲା, ୧୭।୭(ସଙ୍ଗୀତା ଜେନା)

ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସେହିପରି ଝିରପାଣି ସ୍ଥିତ ନିଳାଦ୍ରୀବିହାରୀ ଜଗନ୍ନାଥ ମନ୍ଦିରରେ ସୁନାବେଶ କରାଯାଇଥିଲା। ଏହା ସଙ୍ଗେ ଓଡ଼ିଶୀ ନୃତ୍ୟ ଓ ଭଜନ ଆଦି ପରିବେଷଣ କରାଯାଇଥିଲା। ଗୁରୁବାର ଲକ୍ଷ୍ମୀନାରାୟଣ ଭେଟ ଓ ଶ୍ରୀମନ୍ଦିର ବିଜେ କାର୍ଯ୍ୟକ୍ରମ ରହିଛି। ଅନୁରୂପ ଭାବେ ବିଭିନ୍ନ ରଥ କମିଟି ପକ୍ଷରୁ ସୁନାବେଶ ଅନୁଷ୍ଠିତ ହୋଇଛି।



ସୁନ୍ଦରଗଡ ରାଜବାଟୀ ଜଗନ୍ନାଥ ମନ୍ଦିରରେ ବୁଧବାର ଶ୍ରୀଜୀଉଙ୍କ ସୁନାବେଶ।



ବିରଇଙ୍ଗାଟୋଲିରେ ମହାପ୍ରଭୁଙ୍କ ସୁନାବେଶ।

### ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

କୁତ୍ରା, ୧୭।୭(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ବିରଇଙ୍ଗାଟୋଲିରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଏହି ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପରେ ଧାଡି ପହଣ୍ଡିରେ ପ୍ରଭୁଙ୍କ ନୀଳାଦ୍ରି ବିଜେ କରାଯାଇଛି । ଆୟୋଜକ କମିଟି ତରଫରୁ ଲବଣିଧର ଦାନୀ,କୌଶିକ ଦାନୀ,ବସନ୍ତ କୁମାର ଦାନୀ,ଦିନବନ୍ଧୁ ଦାନୀ,ସଞ୍ଜୟ କୁମାର ଦାନୀ,ଡିଲେଶ୍ୱର ସା,ସୁବ୍ରତ ମିଶ୍ର,ମୁକୁନ୍ଦ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଉଲ୍ଲେଖଯୋଗ୍ୟ, ଏହି ଅଞ୍ଚଳରେ ରଥଯାତ୍ରା ଓ ବାହୁଡା ଯାତ୍ରା ହୋଇଥାଏ। ଚଳିତବର୍ଷ ପ୍ରଥମ କରି ସୁନାବେଶ ଅନୁଷ୍ଠିତ ହୋଇଛି।

## ଜିଲା ସ୍ତରୀୟ ସ୍କାଉଟ୍ସ,ଗାଇଡ୍ସ କର୍ମଶାଳା

କୁତ୍ରା, ୧୭।୭(ଦେବାଶିଷ ସାହୁ)



ସୁନ୍ଦରଗଡ ଜିଲା ଭାରତ ସ୍କାଉଟସ ମାଷ୍ଟର ଓ ଗାଇଡସ କ୍ୟାପଟେନଙ୍କ ଏକ ଦିବସୀୟ କର୍ମଶାଳା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଜିଲା ଶିକ୍ଷାଅଧିକାରୀ ତଥା ସ୍କାଉଟସ ଗାଇଡସ ମୁଖ୍ୟ କମିଶନର ଅମୂଲ୍ୟ କୁମାର ପଧାନ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ପଧାନ ଚଳିତ ବର୍ଷ ରାଜ୍ୟ ପୁରସ୍କାର ପରୀକ୍ଷାରେ ସମସ୍ତ ବିଦ୍ୟାଳୟ ଭାଗ ନେବାକୁ ନିର୍ଦ୍ଦେଶ ଦେବା ସହିତ ଜିଲା ସ୍କାଉଟସ ଗାଇଡସ ଅଧୀନ ସମସ୍ତ ବିଦ୍ୟାଳୟ ଏହି ମାନବୀୟ ସଂସ୍ଥାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ସୁନ୍ଦରଗଡ ଜିଲା କ୍ରମାଗତ ଭାବେ ଦ୍ୱିତୀୟବର୍ଷ ପାଇଁ ରାଜ୍ୟପାଳଙ୍କ ଠାରୁ ଶ୍ରେଷ୍ଠ ଜିଲା ପୁରସ୍କାର ପାଇଥିବାରୁ ସ୍କାଉଟସ ଓ ଗାଇଡସକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ କୁତ୍ରା ବିଇଓ ଅଶୋକ ଲାକଡା, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ,ସଂପାଦକ ଚନ୍ଦ୍ରଶେଖର ସାହୁ,ସହ ସଂପାଦକ ଦୁବରାଜ ଗୋଖରା, ଜିଲା କମିଶନର ବିଭୀଷଣ ବାରିକ, ଡିଓସି ସ୍କାଉଟସ ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଡିଓସି ଗାଇଡସ ଦୀପିକା କେରକେଟ୍ଟା, ଡିଟିସି ଗାଇଡସ ଖିଳାନ୍ଦ୍ରି ପଟେଲ ପ୍ରମୁଖ ସାମିଲ ଥିଲେ। ଡିଟିସି ଜନସନ ଖାଖା ପରିଚାଳନା କରିଥିବା ବେଳେ ଡିଟିସି ଗାଇଡସ ଖିଳାନ୍ଦ୍ରି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲାର ୧୧୩ ଟି ବିଦ୍ୟାଳୟର ସ୍କାଉଟସ ମାଷ୍ଟର ଓ ଗାଇଡସ କ୍ୟାପଟେନ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ହେବାକୁଥିବା ରାଜ୍ୟ ପୁରସ୍କାର ପାଇଁ ବୈଷୟିକ ତାଲିମ ଜନସନ ଖାଖା ଓ ଶ୍ରୀକାନ୍ତ ସାହୁ ପ୍ରଦାନ କରିଥିଲେ ।

## ରାମଲୀଳା ଯାତ୍ରା ସଂସଦ କମିଟି ଗଠନ

ବଡ଼ଗାଁ, ୧୭।୭( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁର ରାମଲୀଳା ଯାତ୍ରା ସଂସଦର ନୂତନ କମିଟି ଗଠନ କରାଯାଇଛି। ମଙ୍ଗଳବାର ରାତିରେ ଆୟୋଜିତ ସଭାରେ ଗତ ବର୍ଷର ଯାତ୍ରାରେ ଆୟ ବ୍ୟୟର ହିସାବକୁ ନେଇ ସରଗରମ ଆଲୋଚନା ହୋଇଥିଲା। ଏହାପରେ ସର୍ବ ସମ୍ମତିକ୍ରମେ ଅବସରପ୍ରାପ୍ତ ପୋଲିସ ଡିଏସପି ଦିଲ୍ଲୀପ ପୁରୋହିତଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲାବେଳେ ଉପ ସଭାପତି ଭାବେ ମୁନା ପଣ୍ଡା, ଚିନ୍ତାମଣି ସାହୁଙ୍କୁ ଉପ ସଭାପତି, ଦିବ୍ୟ ଲୋଚନ ପୃଷେଟଙ୍କୁ ସମ୍ପାଦକ, ଯୁଗ୍ମ ସମ୍ପାଦକ ଭାବେ ଧନପତି ହୋତା, କୋଷାଧ୍ୟକ୍ଷ ଭାବେ ଆଶୁତୋଷ ମହାପାତ୍ର, ସହ କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ପୃଷେଟଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା କମିଟିରେ ଉପାଧ୍ୟାୟ ପାଣିଗ୍ରାହୀ, ରଘୁ ନାୟକ, ପ୍ରତାପ ମହାପାତ୍ର, ଅର୍ଜୁନ ନାୟକ, ଫକୀର ପାଣିଗ୍ରାହୀଙ୍କ ସହିତ ୧୨ଜଣଙ୍କୁ ରଖାଯାଇଛି।

## ଆପାର୍ଟମେଣ୍ଟରୁ ସିରିଜ ଚୋରି

**୧୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ଅଭିଯୋଗ**

ରାଉରକେଲା, ୧୭।୭(ସଙ୍ଗୀତା ଜେନା)

କିଛି ଦିନ ପୂର୍ବେ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଏକ ଚର୍ଚ୍ଚରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନେ ଧରାପଡ଼ି ନ ଥିବା ବେଳେ ବୁଧବାର ଆଉ ଏକ ସିରିଜ ଡକାୟତି ସମ୍ପର୍କରେ ସୂଚନା ମିଳିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ଆପାର୍ଟମେଣ୍ଟରୁ ୩ଜଣଙ୍କ ଘରୁ ଦୁର୍ବୃତ୍ତମାନେ ନଗଦ ୧୭ ଲକ୍ଷ ଟଙ୍କା ଓ ସୁନାଅଳଙ୍କାର ଚୋରି କରି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ଥାନାରେ ଏତଲା ହୋଇଛି। ଘଟଣାସ୍ଥଳରେ ପୋଲିସ , ସାଇଣ୍ଟିଫିକ୍ ଟିମ୍ , ଅନୁସନ୍ଧାନୀ କୁକୁର ପହଞ୍ଚି ଯାଞ୍ଚ କରିଥିଲେ। ଘର ବାହାରେ ଥିବା ସିସିଟିଭି ଫୁଟେଜକୁ ମଧ୍ୟ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆପାର୍ଟମଣ୍ଟରେ ଚନ୍ଦ୍ରଶେଖର ତ୍ରିପାଠୀ, ଜ୍ୟୋସ୍ନା ନାୟକ ଓ ଆଦିତ୍ୟ ଚୌଧୁରୀ ଘର କିଣିଥିଲେ। ଚନ୍ଦ୍ରଶେଖର ନିଜ କୋଏଲନଗର ଘରକୁ ଯାଇଥିବା ବେଳେ ଜ୍ୟୋସ୍ନା ସମ୍ବଲପୁର ଯାଇଥିଲେ। ଆଦିତ୍ୟଙ୍କ ସେଠାରେ ଘର ନିର୍ମାଣ ଜାରି ରହିଛି। ଏହାର ସୁଯୋଗ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏହି ୩ଜଣଙ୍କ ଘରର ତାଲାଭାଙ୍ଗି ପସିଥିଲେ। ରାତି ପ୍ରାୟ ୨ଟା ସମୟରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକ ଏ ବିଷୟରେ ଜାଣିବା ପରେ ଘର ମାଲିକ ମାନଙ୍କୁ ଜଣାଇଥିଲେ। ଚନ୍ଦ୍ରଶେଖରଙ୍କ ୫ଟି ଆଲମୀରା ଭାଙ୍ଗି ଦୁର୍ବୃତ୍ତ ମାନେ ନଗଦ ଟଙ୍କା ସୁନାଅଳଙ୍କାର, ହୀରାଗହଣା ଆଦି ଚୋରି କରି ନେଇଯାଇଛନ୍ତି। ଜ୍ୟୋସ୍ନାଙ୍କ ମଧ୍ୟ ଚୋରି ହୋଇଛି। ସେହିପରି ଆଦିତ୍ୟଙ୍କ ଘର ନିର୍ମାଣ ହେଉଥିବାରୁ ତାଙ୍କର ପାଣି ଟ୍ୟାପ ଗୁଡ଼ିକ ଚୋରି ହୋଇଯାଇଥିଲା। ଚନ୍ଦ୍ରଶେଖର ଥାନାରେ ଚୋରି ସାମଗ୍ରୀ ବିବରଣୀ ଦେଇଥିବା ବେଳେ ଅନ୍ୟ ୨ ଜଣଙ୍କ ପକ୍ଷରୁ ଦିଆଯାଇନାହିଁ। ଚନ୍ଦ୍ରଶେଖରଙ୍କ ଆନୁମାନିକ ୧୭ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା କୁହାଯାଉଛି।

## ବିପୁଳ ସୁନା ଅଳଙ୍କାର ଜବତ: ହିସାବ କରୁଛି ଆୟକର ବିଭାଗ

ରାଉରକେଲା, ୧୭।୭(ସଙ୍ଗୀତା ଜେନା)

ଗତ ୨ଦିନ ପୂର୍ବେ ରାଉରକେଲା ରେଳ ଷ୍ଟେଶନର ସୁରକ୍ଷା ବଳ ବିପୁଳ ପରିମାଣର ସୁନାଗହଣା ଜବତ କରିଥିଲା। ଏ ସମ୍ପର୍କରେ ଆୟକର ବିଭାଗକୁ ଦାୟିତ୍ୱ ପ୍ରଦାନ କରିଥିଲା ସୁରକ୍ଷାବଳ। ତେବେ ଏହାର ଯାଞ୍ଚ ଉକ୍ତ ଆୟକର ବିଭାଗ ଜାରି ରଖିଥିବା ଜଣାପଡ଼ିଛି। ଏ ନେଇ ଚୂଡ଼ାନ୍ତ ରିପୋର୍ଟ ଖୁବ ଶୀଘ୍ର ସାର୍ବଜନୀନ କରାଯିବ ବୋଲି ଆରପିଏଫ୍ ପକ୍ଷରୁ କୁହାଯାଇଛି।

## ଝରଣାଙ୍କୁ ଜୀବନସାଥୀ କଲେ ଯୋଗେଶ୍ୱର

ସୁନ୍ଦରଗଡ, ୧୭।୭(ଜୟ ନାରାୟଣ ମେଣ୍ଡୁଲି)



ଟାଙ୍ଗପାଲି ବ୍ଲକ ବେଲସରା ସେବାଶ୍ରମରେ ପାଳିତା କନ୍ୟା ଝରଣା ଭାରତୀଙ୍କୁ ଜୀବନ ସାଥିଭାବେ ଗ୍ରହଣ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ହେମଗିର ବ୍ଲକ ବ୍ରାହ୍ମଣୀ ଗ୍ରାମରେ ଯୋଗେଶ୍ୱର ପଟେଲ। ମା’ ବାପା ଛେଉଣ୍ଡ ଝରଣା ବେଲସରା ଜୟ ଶଙ୍କର ସେବାଶ୍ରମରେ ଛୋଟ ବେଳରୁ ରହିଆସିଥିଲେ। ଆଶ୍ରମର ପରିଚାଳିକା ଭାରତୀ ଓ ସ୍ୱାମୀ ସୁଶୀଲ କୁମାର ନାୟକ ତାଙ୍କୁ ଅନ୍ୟ ଶିଶୁଙ୍କ ଭଳି ମା’ ବାପାଙ୍କ ସ୍ନେହ ଦେଇଆସିଥିଲେ। ଝରଣାଙ୍କୁ ଲାଳନ ପାଳନ ସହ ପାଠପଢାଇଥିଲେ। ଝିଅକୁ ଯୋଗେଶ୍ୱରଙ୍କ ମା’ ବାସନ୍ତୀ ଓ ବାପା ରାଜ କୁମାର ପଟେଲ ପସନ୍ଦ କରି ବୋହୂ କରି ନେବାକୁ ଆଶ୍ରମ ପରିଚାଳିକାଙ୍କ ଠାରେ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବରେ ରାଜି ହେବା ପରେ ଉଭୟଙ୍କ ବିବାହ ପାଇଁ ପ୍ରସ୍ତୁତି ହୋଇଥିଲା। ଜୁଲାଇ୧୪ରେ ଆଶ୍ରମ ପରିସରରେ ଆୟୋଜିତ ହୋଇଥିଲା ଏହି ବିବାହ। ବିବାହ ବେଦୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଝରଣାଙ୍କ ହାତ ଧରି ଜୀବନ ସାଥି ରୂପେ ଗ୍ରହଣ କରିଥିଲେ ଯୋଗେଶ୍ୱର। ଆଶ୍ରମର ଅନ୍ତେବାସୀ, ପରିଚାଳନା ବର୍ଗର ସଦସ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା,ଶିଶୁ ଯତ୍ନ କାରୀ ଅନୁଷ୍ଠାନର ସୁରକ୍ଷା ଅଧିକାରୀ ଅନନ୍ତ ପେରୁଆ,ଜିଲା ଶିଶୁ ମଙ୍ଗଳ ଅଧିକାରୀ ନନ୍ଦଲାଲ ନାଏକ, ସଦସ୍ୟ ବାଳମୁକୁନ୍ଦ ଶୁକ୍ଳା, ଜିଲା ସଂଯୋଜକ ଆକାଶ ପାତ୍ର, ଧନଞ୍ଜୟ ନିନା,ଉଜ୍ଜ୍ୱଳପୁର ସରପଞ୍ଚ ଚିତ୍ରାଙ୍ଗଦା ଗଡେଇ,ଟାଙ୍ଗରପାଲି ପିଏଚସିର ପ୍ରତ୍ୟୁଷ ଠାକୁର, ଜୟ ଶଙ୍କର ସେବାଶ୍ରମର ସମ୍ପାଦକ ନରସିଂହ ରଣା ଓ ସମସ୍ତ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଶିଶୁ ଯତ୍ନକାରୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଝରଣାଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଆଶ୍ରମର ୧୬ କନ୍ୟାଙ୍କୁ ବିବାହ କରାଇଛନ୍ତି ଆଶ୍ରମର ପରିଚାଳିକା ଭାରତୀ ନାହାକ।

## ଶାନ୍ତିପୂର୍ଣ୍ଣ ଭାବେ ମହରମ ସମାପନ

ରାଜଗାଙ୍ଗପୁର, ୧୭।୭(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ମୁସଲିମ ସଂପ୍ରଦାୟର ମହରମ ପର୍ବ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ମୁସଲିମ ପଞ୍ଚାୟତ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯ଟି ଆଖାଡ ଦଳ ଶୋଭାଯାତ୍ରାରେ ଯୋଗଦେଇ ବିଭିନ୍ନ ଖେଳ ପ୍ରଦର୍ଶନ କରିଥିଲେ। ଏହାସହିତ ଟିପୁ ସୁଲତାନଙ୍କ ଏକ ଝାଙ୍କି ଶୋଭାଯାତ୍ରାରେ ସାମିଲ ରହିଥିଲା। ରାଜଗାଙ୍ଗପୁର ବିଧାୟକ ଡକ୍ଟର ସିଏସ ରାଜନ ଏକ୍କା, ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ମହମ୍ମଦ ଜାଫର ମୋବିନ, ରାଜଗାଙ୍ଗପୁର ମୁସଲିମ ପଞ୍ଚାୟତ ସମିତିର ସଭାପତି ମହମ୍ମଦ ଆରିଫ, ସମ୍ପାଦକ ମହମ୍ମଦ ଅମନ, ସୁନ୍ଦରଗଡ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସହ ଅନ୍ୟ ପୋଲିସ ଅଧିକାରୀ , ବିଭିନ୍ନ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ।




ମହରମ ଅବସରରେ ବାହାରିଥିବା ଆଖଡ଼ା।

# ପବିତ୍ର ମହରମ କଟକଣାରେ ପାଳିତ


ବୁଧବାର ସମ୍ବଲପୁର ଦଲେଇପଡାର ସୁସଜ୍ଜିତ ତାଜିଆ ।


ମୁଦିପଡା ହିନ୍ଦୁ ପରିବାର ପ୍ରସ୍ତୁତି କରିଥିବା ସୁସଜ୍ଜିତ ତାଜିଆ ।

**ସମ୍ବଲପୁର,୧୭।୭(ବି.ଶଙ୍କର)**

ମୁସଲମାନ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ପର୍ବ ହେଉଛି ମହରମ । ତେବେ ଚଳିତ ବର୍ଷ ସମ୍ବଲପୁର ଜିଲା ପ୍ରଶାସନ ସୁରକ୍ଷା ଦୃଷ୍ଟିରୁ ମହରମ ମିଳିତ ଶୋଭାଯାତ୍ରାକୁ ସାମୟିକ ଅନୁମତି ମିଳି ନ ଥିଲା। ସେଥିପାଇଁ ଇସଲାମ ଧର୍ମବଲମ୍ବୀମାନେ ନିଜ ପଡାରେ ମହରମ ପାଳନ କରିଛନ୍ତି। ତେବେ ଏଥର ମଧ୍ୟ ସମ୍ବଲପୁର ସହରରେ ମହରମ ପ୍ରକୃତ ପକ୍ଷେ ହିନ୍ଦୁ ମୁସଲିମ ଭାଇଚାରାର ନିଆରା ନିଦର୍ଶନ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସମ୍ବଲପୁରରେ ମୁସଲମାନମାନଙ୍କ ସହ ଏକ ହିନ୍ଦୁ ପରିବାର ଏହି ମହରମ ପର୍ବ ପାଳନ କରିବାର ଦେଖିବାକୁ ମିଳିଛି । ହିନ୍ଦୁ ମୁସଲମାନ ଭାଇଚାରାର ଏକ ନିଦର୍ଶନ ସମ୍ବଲପୁର ସହର ସ୍ଥିତ ମୁଦିପଡାର ପଢ଼ିଆରୀ ପରିବାରରେ ଦେଖିବାକୁ ମିଳିଛି। ଦୀର୍ଘ ୧୦ ପିଢ଼ି ହେବ ସମ୍ବଲପୁର ମୁଦିପଡାର ପଢ଼ିଆରୀ ପରିବାର ମହରମରେ ତାଜିଆ ବାହାର କରି ଏଭଳି ଏକ ନିଆରା ପରମ୍ପରାକୁ ବଜାୟ ରଖିଛନ୍ତି। ଦେଶରେ ହିନ୍ଦୁ ମୁସଲମାନ ଶିଖ ଇସାଇ ପରି ଭିନ୍ନ ଭିନ୍ନ ପରମ୍ପରାର ଲୋକେ ବସବାସ କରୁଥିବା ବେଳେ ସମସ୍ତେ ନିଜ ନିଜ ସଂସ୍କୃତି ପରମ୍ପରାକୁ ନେଇ ଗର୍ବିତ। କିନ୍ତୁ ଗୋଟିଏ ହିନ୍ଦୁ ପରିବାର ଦୀର୍ଘ ୧୦ ପିଢ଼ି ହେବ ଏଭଳି ଏକ ତାଜିଆ ବାହାର କରି ଭାଇଚାରାର ଏକ ଉଜ୍ଜ୍ୱଳ ନମୁନାର ପ୍ରଦର୍ଶନ କରୁଛନ୍ତି। ୧୬୬୪ ମସିହାରୁ ଆଜି ପର୍ଯ୍ୟନ୍ତ ଏହି ପରମ୍ପରା ବଜାୟ ରଖିଛନ୍ତି ସମ୍ବଲପୁର ମୁଦିପଡାର ପଢ଼ିଆରୀ ପରିବାର। ସୂଚନାଯୋଗ୍ୟ ଯେ, ପଢ଼ିଆରୀ ପରିବାରର ପୂର୍ବଜ ଜୟଦେବ ପଢ଼ିଆରୀ ୧୬୫୭ ମସିହାରେ ମୁସଲମାନମାନଙ୍କର ତୀର୍ଥ ସ୍ଥଳୀ ମକ୍କା ଯାଇଥିଲେ। ସେଠାରୁ ସେ ୧୬୬୩ ମସିହାରେ ଦୁଇ ଜଣ ଫକୀରଙ୍କୁ ନେଇ ସମ୍ବଲପୁର ଆସିଥିଲେ। ସେମାନେ ହେଲେ ସୟଦ ମସ୍ତାନ ଓ ସୟଦ ମୌଲାନା ନଜିର। ଏଠାରେ ସେତେ ବେଳେ ଚୌହାନ ବଂଶର ରାଜତ୍ୱ ଚାଲିଥାଏ । ମହାରମ ପର୍ବ ଏବଂ ତାଜିଆ ଶୋଭାଯାତ୍ରା ବାହାର କରିବା ପାଇଁ ରାଜାଙ୍କର ଅନୁମତି ଲୋଡିଥିଲେ ଜୟଦେବ ପଢ଼ିଆରୀ । ରାଜାଙ୍କ ସମ୍ମତି ଦେବା ପରେ ୧୬୬୪ ମସିହାରୁ ୧୦ପିଢ଼ି ହେବ ପଢ଼ିଆରୀ ପରିବାର ଏହି ଭାଇଚାରାର ପର୍ବ ମହରମକୁ ରୀତିନୀତି ଅନୁସାରେ ପାଳନ କରି ଆସୁଛନ୍ତି। ଏହାସହ ସମ୍ବଲପୁର ସହର ସ୍ଥିତ କୁମ୍ଭାରପଡ଼ା, ଦଲେଇପଡା, ମୁଦିପଡା, ବଡବଜାର, ପେନସନ ପଡ଼ା, ଭୁତାପଡା, ମୋତିଝରଣ, ସୁନାପାଲି ପ୍ରଭୃତି ଅଞ୍ଚଳରେ ମଧ୍ୟ ଲୋକେ ମହରମକୁ ନିଜ ପଡାରେ ଆୟୋଜନ କରି ମହରମ ପାଳନ କରିଥିଲେ।

## ନୂତନ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ


ବରିଷ୍ଠ ନାଗରିକ ସଂଗଠନ ସଭାଗୃହରେ ନୂତନ ସିଲେଇ ପ୍ରଶିକ୍ଷଣ କେନ୍ଦ୍ରରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ ।

**ସମ୍ବଲପୁର,୧୭।୭(ବି.ଶଙ୍କର)**

ହୀରାକୁଦ ସହରସ୍ଥିତ ହିଣ୍ଡାଲକୋ ପାରିପାର୍ଶିକ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକ ସଙ୍ଗଠନ ସଭାଗୃହରେ ନୂତନ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଅଞ୍ଚଳର ମହିଳା ଏବଂ ଯୁବତୀମାନଙ୍କ ଦକ୍ଷତା ବିକାଶ କରି ଆତ୍ମନିର୍ଭର ସକାଶେ ହିଣ୍ଡାଲକୋ କମ୍ପ୍ଲେକ୍ସ ୟୁନିଟ ହେଡ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହିଣ୍ଡାଲକୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଏବଂ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ସୁରେନ୍ଦ୍ର କୁମାର ଚୌବେ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ କରି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । କମ୍ପାନୀର ସିଏସଆର ଓଡିଶା କ୍ଲଷ୍ଟର ହେଡ୍ ଶିବ ମହାପାତ୍ର, ବରିଷ୍ଠ ନାଗରିକ ସଙ୍ଗଠନ ସମ୍ପାଦକ ମଧୁସୂଦନ ଦାଶ, କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ଦାଶ ଏବଂ ହିଣ୍ଡାଲକୋ ହୀରାକୁଦର କର୍ପୋରେଟେ ଆଫେୟାର୍ସ ଓ ଲ୍ୟାଣ୍ଡ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ସମ୍ମାନୀତ ଅତିଥି ଥିଲେ । ଏହି ଅବସରରେ ମାନବ ସମ୍ବଳ ମୁଖ୍ୟ ସିନ୍ଧେ ନୂତନ ଶିକ୍ଷାର୍ଥୀ ଏବଂ ପ୍ରଶିକ୍ଷଣ ପାଇଥିବା ମହିଳାମାନଙ୍କୁ ତାଲିମପ୍ରାପ୍ତ କାର୍ଯ୍ୟକୁ ଜାରି ରଖି ଆତ୍ମନିର୍ଭର ହେବାପାଇଁ ପରାମର୍ଶ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ୫୦୦ରୁ ଉର୍ଦ୍ଧ୍ୱ ମହିଳାମାନଙ୍କୁ ଏଭଳି ପ୍ରଶିକ୍ଷଣ ଦିଆଯାଇଥିବାରୁ ହିଣ୍ଡାଲକୋକୁ ଜନସାଧାରଣ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋର ଦୁଇ ସିଲେଇ ଶିକ୍ଷା କେନ୍ଦ୍ର ହୀରାକୁଦ ଏବଂ ଗୁଣ୍ଡରୁପଡାରେ ୬ ମାସିଆ ତାଲିମ ପ୍ରାପ୍ତ ୪୮ ଜଣ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଆନନ୍ଦ ଚକ୍ରବର୍ତ୍ତୀ ଜୀତେଶ କୁମାର ରଥ, ସରୋଜ କୁମାର ଆଚାର୍ଯ୍ୟ, ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ କୁମାର ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଦେବଗଡ,୧୭।୭(ଶଶାଙ୍କ ଶେଖର ଝାଙ୍କର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ମା' ପାଇଁ ଗଛଟିଏ ' କାର୍ଯ୍ୟକ୍ରମ ଅନୁଯାୟୀ ପୁରୁଣାଗଡ ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ଜିଲା ଭାଜପା ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଉପସବାପତି ସତ୍ୟ ନାରାୟଣ ପାଣି, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ଇଂ. ସୁଜିତ କୁମାର ପ୍ରଧାନ, କାଉନସିଲର ମଧୁସୂଦନ ବାଘ, ସରୋଜ କୁମାର ପାଢୀ, ଭୋଳେଶ୍ୱର ପ୍ରଧାନ, ଅବିନାଶ ଗଙ୍ଗଦେବ, ରିତେଶ ନାୟକ, ରାଘବ ମହାରଣା, ବାବୁଲୀ କର, ଆଲୋକ ଦ୍ୱିବେଦୀ, ବିରେନ ନାୟକ, ରାଜେଶ ଭୋଇ, ପ୍ରତାପ କୁମାର ପଣ୍ଡା,କମଳା ପଣ୍ଡା ଓ ଭୋଳା ବେହେରା ଉପସ୍ଥିତ ରହି ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।



# ରାଜସ୍ୱମନ୍ତ୍ରୀଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର


ଲକ୍ଷ୍ମୀଡୁଙ୍ଗୁରୀ ଗ୍ରାମବାସୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୧୭।୭(ପ୍ରମୋଦ ବହିଦାର)**

### ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କଲେ ଲକ୍ଷ୍ମୀଡୁଙ୍ଗୁରୀ ଗ୍ରାମବାସୀ

ସମ୍ବଲପୁର ସହର ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ ପାଦଦେଶରେ ବାସ କରୁଥିବା ପରିବାରଙ୍କୁ ଉଚ୍ଛେଦ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏଠାରେ ଜବରଦଖଲ କରି ସରକାରୀ ଜମିରେ ତିଆରି ହୋଇଥିବା ଘର, ଦୋକାନ ବଜାର ଆଦି ଉଚ୍ଛେଦ କରାଯିବା ନେଇ ଉଲ୍ଲେଖ ରହିଛି। ଫଳରେ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଏଠାରେ ବସବାସ କରି ଆସୁଥିବା ଗରିବ ଖଟିଖିଆ ପରିବାର ବର୍ତ୍ତମାନ ବାସହରା ହେବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଉଚ୍ଛେଦ ପୂର୍ବରୁ ସମସ୍ତ ପରିବାରଙ୍କୁ ଥଇଥାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରାହୁଲ ମୋଦକଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି

ଗ୍ରାମବାସୀଙ୍କ କହିଛନ୍ତି ଯେ ଉକ୍ତ ନୋଟିସ୍‌ରେ ଲକ୍ଷ୍ମୀଡୁଙ୍ଗୁରୀରେ ପ୍ରସ୍ତାବିତ ଟନେଲ ନିକଟସ୍ଥ ରାସ୍ତାପାର୍ଶ୍ୱରେ ଗଢ଼ିଉଠିଥିବା ବସ୍ତିର ସମସ୍ତ ଘର ଓ ଦୋକାନକୁ ନିଜେ ନିଜେ ଉଠାଇ ନେବାକୁ ସମ୍ପୃକ୍ତ ପରିବାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଉଲ୍ଲଂଘନ କଲେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପକ୍ଷରୁ ଏଠାରେ ଥିବା ଘର ଗୁଡ଼ିକୁ ଭଙ୍ଗାଯିବ ବୋଲି ଉକ୍ତ ବସ୍ତିରେ ଏକ ନୋଟିସ ଲଗା ଯାଇଛି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଏଠାରେ ପରିବାର ସହିତ ରହି ଆସୁଥିବା ସମସ୍ତ ପରିବାର ଗରିବ ଶ୍ରେଣୀର ଓ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଭରଣ ପୋଷଣ କରନ୍ତି। ବର୍ତ୍ତମାନ ବର୍ଷା ଋତୁରେ ସେମାନଙ୍କ ଘରଗୁଡ଼ିକୁ ଭଙ୍ଗାଗଲେ ପିଲା ଛୁଆ ଧରି ସେମାନେ କୁଆଡ଼େ ଯିବେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ସେମାନେ ସରକାରଙ୍କ ବିକାଶ କାର୍ଯ୍ୟକୁ ବିରୋଧ କରୁ ନାହାନ୍ତି ମାତ୍ର ସେମାନଙ୍କୁ ଅନ୍ତତଃ ଉଚ୍ଛେଦ ପୂର୍ବରୁ ଥଇଥାନ କରିବାକୁ ଦାବି କରିଛନ୍ତି। ସେହିପରି ଏଥିପାଇଁ ସେମାନଙ୍କୁ ଅଧିକ ସମୟ ଦେବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପରାମର୍ଶ ଦେବାକୁ ରାଜସ୍ୱମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହାସହିତ ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷିତ ଭୂମିହୀନଙ୍କୁ ଚାରି ଡିସିମିଲ ଲେଖାଏ ଜମି ପ୍ରଦାନ ଯୋଜନାରେ ଲକ୍ଷ୍ମୀଡୁଙ୍ଗୁରିବାସୀଙ୍କୁ ସାମିଲ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିରେ ତପନ ମହାନ୍ତି, ଦିନେଶ ମହଓମ, ରଜତ ସୀଦାର, ପରମେଶ୍ୱର ଜାଲଙ୍କ ସହିତ ବହୁ ମହିଳା ଉପସ୍ଥିତ ଥିଲେ।

## ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଦେବଗଡ,୧୭।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢାପାଲ ଗ୍ରାମ ପଞ୍ଚାୟତର ସେଣ୍ଢୋ ଗ୍ରାମରେ ଗୋପାଳ ସମାଜ ଦ୍ୱାରା ନୂତନ ଭାବେ ନିର୍ମିତ ମା' ମଙ୍ଗଳାଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଗୋପାଳ ସମାଜର ସଭାପତି ହରେକୃଷ୍ଣ ପରିଡା ଓ କୋଷାଧ୍ୟକ୍ଷ କୃପାସିନ୍ଧୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବ ନିମନ୍ତେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟରେ ସଭାପତି ପରିଡା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରତିଷ୍ଠା ଉତ୍ସବ ଅବସରରେ ଘଣ୍ଟଘଣ୍ଟା ସାଙ୍ଗକୁ ଗୋପାଳ ସମସରଙ୍କ ପାରମ୍ପରିକ ଲଉଡି ନୃତ୍ୟ ଓ ସଂକୀର୍ତ୍ତନରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ଅତିଥି ଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁ ସୂଦନ ପ୍ରଧାନ ଓ ବୁଢାପାଳ ଗ୍ରାମ ପଞ୍ଚାୟତର ସରପଞ୍ଚ ଦିଲ୍ଲୀପ କୁମାର ଆଚାର୍ଯ୍ୟ ଯୋଗଦେଇ ମା' ମଙ୍ଗଳାଙ୍କ ଦର୍ଶନ କରିବା ସହ ଆୟୋଜକ ଏବଂ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗୋପାଳ ସମାଜର ସଦସ୍ୟ ପ୍ରଦୀପ କୁମାର ବେହେରା, ତୁଷାରକାନ୍ତ ପରିଡା, ଅକ୍ଷିତ ଭୂତିଆ,ପ୍ରଦୀପ କୁମାର ଭୂତିଆ, କୁଳମଣୀ ବେହେରା, ବାବୁଲା ଖିଲାର, ମଦନ ଭୂତିଆ ଓ ପ୍ରଫୁଲ୍ଲ ଭୂତିଆଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।


ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୁଡେଶ୍ୱରବାବା ମନ୍ଦିର ଓ ଦୁର୍ଗାପାଲି ରାସ୍ତାପାର୍ଶ୍ୱରେ ସାମାଜିକ ଅନୁଷ୍ଠାନ ସକ୍ଷମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚାରା ରୋପଣ କରୁଛନ୍ତି।

# ଉଚିତ କ୍ଷତିପୂରଣ ପ୍ରଦାନ କର

**ଦେବଗଡ,୧୭।୭(ଶଶାଙ୍କଶେଖର ଝାଙ୍କର)**

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ କ୍ଷତିଗ୍ରସ୍ତ ଜନସୁରକ୍ଷା କମିଟି କର୍ମକର୍ତ୍ତା


ତାଳଚେର-ବିମଳାଗଡ ରେଳପଥ ପ୍ରକଳ୍ପ କ୍ଷତିଗ୍ରସ୍ତ ଜନସୁରକ୍ଷା କମିଟି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ୧୯ଟି ମୌଜାର ଅଧିବାସୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ବୁଧବାର ରେଳପଥ ପ୍ରକଳ୍ପ କ୍ଷତିଗ୍ରସ୍ତ ଜନସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛି। କମିଟି ବାରକୋଟର ସଭାପତି ଦୁଃଶାସନ ଗୁରୁ ଓ ସମ୍ପାଦକ ଯୋଗେଶ୍ୱର ପ୍ରଧାନ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କୁ ସାକ୍ଷାତକରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୧୩ ମସିହା ଅଧିଗ୍ରହଣ ଧାରା ୩୦ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ଧାରାକୁ ବିଚାରକୁ ନ ନେଇ ମନୋମୁଖି ଭାବେ ୧ ହଜାରରୁ ୨୫ ଶହ ଟଙ୍କା ଧାର୍ଯ୍ୟ କରିଛି। ସେହିପରି ଉପରୋକ୍ତ ଧାରା ଅନୁଯାୟୀ ବଜାର ଦର ପରିବର୍ତ୍ତେ ବେଞ୍ଚମାର୍କ ଅନୁଯାୟୀ ଜମିର ମୂଲ୍ୟାଙ୍କନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୬୦ରୁ ୭୦ ପ୍ରତିଶତ ଜମି ଅଧିଗ୍ରହଣ କରାଯାଇଥିବା ସରକାର ଗଣାମାଧ୍ୟମ କରିଆରେ ସୂଚନା ଦେଉଥିଲ ହେଁ ବାସ୍ତବ କ୍ଷେତ୍ରରେ ଦେବଗଡ ଜିଲାରେ ମାତ୍ର ୫ ରୁ ୬ ପ୍ରତିଶତ ଜମି ଅଧିଗ୍ରହଣ କରାଯାଇଥିବା କମିଟି ପକ୍ଷରୁ ଉପରୋକ୍ତ ସ୍ମାରକପତ୍ର ଜରିଆରେ ଅଭିଯୋଗ କରାଯାଇଛି। ଏପରିକି ଜିଲାର ୧୯ଟି ମୌଜା ମଧ୍ୟରୁ ମସିନ୍ତା, ଆମ୍ବଗାଁ, ହରେକୃଷ୍ଣପୁର, ଜଗନ୍ନାଥପୁର, ଅକ୍ଷରଶୀଳା, ଇନ୍ଦ୍ରାଣିଝରଣ, ବଲଣ୍ଡା, ନିକ୍ତିମାଳ, ସିନ୍ଦୁରପଙ୍କ, ଗୋପପୁର, ବିଦେଇବଡକୁଦର, ଭକ୍ତବଦକୁଦର, ଗୋଳାବନ୍ଧ, ଠିଆନାଳ ଓ ଦେହୁରୀମୁଣ୍ଡା ଆଦି ୧୬ ଖଣ୍ଡ ମୌଜାରେ ଆଦୌ ଜମି ଅଧିଗ୍ରହଣ କରାଯାଇ ନ ଥିବା କମିଟି ପକ୍ଷରୁ ଉକ୍ତ ସ୍ମାରକପତ୍ର ମାଧ୍ୟମରେ ଅଭିଯୋଗ କରାଯିବା ସହ ଏନେଇ ଦେବଗଡ଼ ଜିଲାପାଳ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଭାରତ ସରକାରଙ୍କ ରେଳମନ୍ତ୍ରୀ, ତାଳଚେର-ବିମଳାଗଡ଼ ରେଳ ଲିଙ୍କ ପ୍ରୋଜେକ୍ଟର ସ୍ୱତନ୍ତ୍ର ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିବା ସହ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଲିଖିତ ଦାବି ଜଣାଇଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଏବଂ ଜଳ ଯୋଗାଣ ମନ୍ତ୍ରୀ ରବି ନାୟକ ଓ ପୂର୍ବତନ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କୁ ଗୁହାରି କଲେ ଭିନ୍ନକ୍ଷମ ଯୁବକ



**ନୂଆପଡ଼ା,୧୭।୭ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅଗ୍ରେନ ପଞ୍ଚାୟତ ସନବାହାଲି ଗାଁର ଭିନ୍ନକ୍ଷମ ଯୁବକ ଟଙ୍କଧର ମେହେର ସରକାରୀ ସହଯୋଗ ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଟଙ୍କଧର ଅନ୍ତ୍ୟୋଦୟ କାର୍ଡ ସହ ପାଇଖାନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସି ଆବେଦନ କରିଥିଲେ। ପ୍ରାୟ ୬ମାସ ହେଲା କେହି ନ ଶୁଣିବାରୁ ଶେଷରେ ନିରାଶ ହୋଇ ସେ ଜିଲାପାଳ ହେମକାନ୍ତ ସାୟଙ୍କୁ ସାକ୍ଷାତ କରି ସବୁ ବିଷୟ ଅବଗତ କରିଛନ୍ତି । ଜିଲାପାଳ ସାୟ ବହୁତ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଟଙ୍କଧରଙ୍କ ଗୋଟିଏ ଗୋଡ କାମ କରୁ ନାହିଁ। କୌଣସି ସ୍ଥାନକୁ ଗଲେ ସେ ଅନ୍ୟର ସାହାରା ନେଇଥାନ୍ତି।

### ମହିଳା କଲେଜ ସମ୍ମୁଖ ରାସ୍ତା ଶୋଚନୀୟ

**ଖଡ଼ିଆଳ,୧୭।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହର ମହିଳା କଲେଜ ସମ୍ମୁଖ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବୃଷ୍ଟିପାତରେ କାଦୁଅ ପଚ ପଚ ହେଉଥିବା ବେଳେ ଯାତାୟାତରେ ସମସ୍ୟା ଦେଖାଯାଉଛି। ଏହି ରାସ୍ତା ୭ନଂ. ୱାର୍ଡ ଦେଇ ୧୩ ନଂ. ୱାର୍ଡକୁ ସଂଯୋଗ କରୁଛି। ଏହା ଉପରେ ମଡେଲ ଡିଗ୍ରୀ କଲେଜ, ଖଡ଼ିଆଳ ଡିଗ୍ରୀ ମହିଳା କଲେଜ, ଖଡ଼ିଆଳ ଉଚ୍ଚ ମାଧ୍ୟମିକ ମହିଳା ସ୍କୁଲର ଛାତ୍ରୀଛାତ୍ର ନିର୍ଭର କରନ୍ତି। ଏହାଛଡା ଆଖପାଖ ପଡ଼ାର ଲୋକେ ଯାତାୟାତ କରିଥାନ୍ତି। ହେଲେ ବର୍ତ୍ତମାନ ବର୍ଷା ସମୟରେ ରାସ୍ତାରେ ଯିବା କଷ୍ଟକର ହୋଇପଡୁଛି। ତୁରନ୍ତ ଏହାର ମରାମତି ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଖଡିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କୁ ପଚାରିବାରୁ ଶୀଘ୍ର ସଡ଼କ ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

### ବର୍ଷାଭାବରୁ ଚାଷକାର୍ଯ୍ୟରେ ବିଳମ୍ବ

**କୋମନା, ୧୭।୭(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ୍‌ର ଅଗ୍ରେନ, ଭେଲା, କୁରେଶ୍ୱର ପଞ୍ଚାୟତ ଅଞ୍ଚଳରେ ବର୍ଷା ଠିକ୍ ମାତ୍ରାରେ ହେଉଥିବାରୁ ଧାନରୁଆ ଓ ବେଉଷଣ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ହେଲେ ବୁଦ୍ଧିକୋମନା, କାଣ୍ଡେତରା, ନୂଆଗାଁ, ଗଣ୍ଡମେର, ଠିକପାଲି ପଞ୍ଚାୟତ ଅଞ୍ଚଳରେ ବର୍ଷାଭାବ ଯୋଗୁ ଚାଷକାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଚାଷୀ ଧାନବିହନ କିଣି ଧାନଚାଷ ପାଇଁ ସଜବାଜ ହେଉଥିବା ବେଳେ ବର୍ଷା ଦାଉ ସାଧୁଛି। ଏହାକୁ ନେଇ ଚାଷୀ ଚିନ୍ତାରେ ରହିଛି। ଆଗାମୀ ୧୫ଦିନ ମଧ୍ୟରେ ବଡ଼ଧରଣର ବର୍ଷା ନ ହେଲେ ମରୁଡ଼ି ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଡୋଙ୍ଗରିପାଲି, ଟୋକଲାପଡା, ଦାବିରି, ସଲଙ୍ଗୀପଡ଼ା, କଟାପାଲି, ବାବୁପାଲି ଅଞ୍ଚଳର ଚାଷୀମାନେ ଆଶଙ୍କା କରିଛନ୍ତି।

# ପ୍ରାଥମିକ ଶିକ୍ଷକ ଏକ ହେବାକୁ ଆହ୍ୱାନ

**ଭବାନୀପାଟଣା,୧୭।୭ (ଉତ୍ତମ କୁମାର ଦାଶ)**



ଭବାନୀପାଟଣାରେ ଆୟୋଜିତ ବୈଠକରେ ସୂଚନା ଦେଉଛନ୍ତି ଶିକ୍ଷକ ସଂଘ ରାଜ୍ୟ ସଭାପତି।

ରାଜ୍ୟରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଏକ ହେଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ କହିଛନ୍ତି।

ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନଠାରେ ବୁଧବାର ଅନୁଷ୍ଠିତ ବୈଠକରେ ଜିଲା ସଂଗଠନର କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସଭାପତି ପଟ୍ଟନାୟକ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏହା କହିଥିଲେ। ଆମେ ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କଲେ ଫଳ ନିଶ୍ଚିତ ପାଇବା। କିନ୍ତୁ ଆମର ପାରିପାର୍ଶ୍ୱିକ ପରିସ୍ଥିତି କୁ ନେଇ ଆମେ ନାଚାର। ରାଜ୍ୟରେ କିଛି ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ସରକାରଙ୍କ ସହ ଆନୁଷ୍ଠାନିକ ଭାବେ ଆଲୋଚନା କରିବା ପାଇଁ ଏକ ସାମୂହିକ ଦାବିପତ୍ର ପ୍ରସ୍ତୁତି କରାଯାଇଛି। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ମଧ୍ୟାହ୍ନଭୋଜନରେ ଦର ବୃଦ୍ଧି, ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ, ଅବିକଳ କେନ୍ଦ୍ରୀୟ ମୂଳ ବେତନ ୪୨୦୦ କରାଯିବା, ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଶିକ୍ଷକ, ଖେଳ ଶିକ୍ଷକ ଓ ଭିନ୍ନକ୍ଷମ ଶିକ୍ଷକ ନିଯୁକ୍ତି, ପଦୋନ୍ନତି ଜନିତ ଅସୁବିଧାର ସମାଧାନ, ଏଲିମେଣ୍ଟାରି କ୍ୟାଡର ରୁଲ ସଂଶୋଧନ ଓ ଏମ୍‌ଏସିପି/ଗୃହ ଋଣ/ପେନ୍‌ସନ କରିବା ପାଇଁ ତୁରନ୍ତ ଆଲୋଚନା କରିବାକୁ ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାରିଖ ଓ ସମୟ ନିମନ୍ତେ ଆବେଦନପତ୍ର ଦିଆଯାଇଛି। ଆଲୋଚନା ମାଧ୍ୟମରେ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ଆଶା ରଖୁଛି। କଳାହାଣ୍ଡି ଜିଲାରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପୂର୍ବବର୍ଷ ଯେଭଳି ଢୋ ଢୋ ବର୍ଷାରେ ନିଜର ହକ ପାଇଁ ସଂଘ ରାଲି କରିଥିଲା ତାହା ଥିଲା ଆମ ଏକତାର ନିଦର୍ଶନ। କଳାହାଣ୍ଡି ଜିଲା ସଙ୍ଗଠନ ଭଳି ରାଜ୍ୟରେ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଏକତ୍ରିତ ହୋଇ ସରକାରଙ୍କ ସହ ଆଲୋଚନା କରି ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଗୌରବ ବର୍ଦ୍ଧନ କରିବା ବୋଲି ସେ କହିଥିଲେ। ଏହି ସମୟରେ କଳାହାଣ୍ଡି ଜିଲା ସଭାପତି ବିରେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ମିଳିମିଶି କାର୍ଯ୍ୟ କରିବାକୁ ଏମ୍‌ପିଙ୍କ ଆହ୍ୱାନ

**ନୂଆପଡ଼ା/କୋମନା,୧୭।୭ (ମକାରୁ ବେମାଲ/ସୋବିନ ଛତ୍ରିଆ)**

**କୋମନା ପଞ୍ଚାୟତ ସମିତି ବୈଠକ**

ନୂଆପଡ଼ା ଜିଲା କୋମନା ବ୍ଲକ କାର୍ଯ୍ୟାଳୟଠାରେ ଦୀର୍ଘଦିନ ବ୍ୟବଧାନ ପରେ ମଙ୍ଗଳବାର ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ଏଥିରେ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଏମ୍‌ପି ମାଳବିକା ଦେଓ ମୁଖ୍ୟଅତିଥି ଓ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ ସେଚନ ଓ ପାନୀୟ ଜଳ ଉପରେ ଆଲୋଚନା କରାଯାଇଥିଲା। ସରପଞ୍ଚମାନେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଉତ୍ଥାପନ କରି ଖାଲିପଡିଥିବା ସ୍ତ୍ରୀ ଓ ପ୍ରସୂତି, ଶଲ୍ୟ ବିଶେଷଜ୍ଞ ପଦବୀ ତୁରନ୍ତ ପୂରଣ କରିବା ସହ ଏକ୍ସରେ ଓ ଅଲଟ୍ରା ସାଉଣ୍ଡ ପାଇଁ ଲୋକେ ବହୁତ ହଇରାଣ ହେଉଛନ୍ତି। ଶିଘ୍ର ଏହିସବୁ ସୁବିଧା ଯୋଗାଇଦେବା ପାଇଁ ଦାବି କରିଥିଲେ। ପଞ୍ଚାୟତ ସମିତି ଦ୍ୱାରା ସମ୍ପାଦିତ ଉନ୍ନୟନ ପ୍ରକଳ୍ପ ଚୟନ ବେଳେ ସମିତି ନିୟାମାନୁଯାୟୀ ସରପଞ୍ଚମାନଙ୍କ ମତାମତ ନିଆ ନ ଯାଇ ଅଣଦେଖା କରାଯିବା ସହ କାର୍ଯ୍ୟ ରୂପାୟନ ସମୟରେ ଅବଗତ କରାଯାଉ ନ ଥିବା ଅଭିଯୋଗ କରି ସରପଞ୍ଚମାନେ ସଭାକକ୍ଷ ତ୍ୟାଗ କରିଥିଲେ । ବିଧାୟକ ଢୋଲକିଆ ହସ୍ତକ୍ଷେପ କରି ସରକାରୀ କାର୍ଯ୍ୟ ମୋ ଓଡିଶା ନବୀନ ଓଡିଶା ବିଧାୟକ ପାଣ୍ଠିର ଚିହ୍ନଟ ନିୟମ ଥିବାବେଳେ ବିଜୁ କେବିକେ ପ୍ରକଳ୍ପ ଚିହ୍ନଟ ସମିତି ଦ୍ୱାରା କରାଯାଏ ବୋଲି କହିଥିଲେ। ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଷ୍ଟାଣ୍ଡିଂକମିଟି ପ୍ରକଳ୍ପ ଚିହ୍ନଟ କରିବା କ୍ଷମତା ନାହିଁ ବୋଲି ସ୍ପଷ୍ଟ କରିଥିଲେ । ସଭାରେ ଉପସ୍ଥିତ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ବ୍ଲକର ଉନ୍ନତି ପାଇଁ ସରପଞ୍ଚ, ସମିତି ସଭାସଭ୍ୟ ମିଳିମିଶି କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିବା ସହ ଯେ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ ମୋବାଇଲରେ ଯୋଗାଯୋଗ କରିବା ପାଇଁ ନମ୍ବର ଦେଇଥିଲେ। କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ଭେଲା ସରପଞ୍ଚ ବିମଳ ଯୋଶୀ କୋମନାଠାରେ କେନ୍ଦ୍ର ମନ୍ତ୍ରଣାଳୟ ଘୋଷଣା ଅନୁସାରେ ଗୋଟିଏ ପିଏମ୍‌ଶ୍ରୀ ବିଦ୍ୟାଳୟ ସହ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦାବି କରିଥିଲେ ।



ମା' ସୁରେଶ୍ୱରୀଙ୍କ ଘାଟଯାତ୍ରାରେ ପୂଜାକାର୍ଯ୍ୟ ଚାଲିଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୭।୭(ସୁଜିତ କୁମାର ପ୍ରଧାନ)**

ଏକ୍ସ କ୍ୟାଡର ଶିକ୍ଷକ ସଂଘ ଖଡ଼ିଆଳ ବ୍ଲକ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ ମହାପାତ୍ର ଓ ବୁଦ୍ଧଦେବ ରାଉତଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଜିଲା ଏକ୍ସ କ୍ୟାଡର ସଂଘ ସଭାପତି ଅଲେଖ ସାହୁ ସଭାପତିତ୍ୱ କରିଥିଲେ। ସିଆର୍‌ସିସି ପ୍ରକାଶ ଠାକୁର ମୁଖ୍ୟ ଅତିଥି ଓ ଖବରଦାତା ପରମେଶ୍ୱର ବାରିକ, ସଂଘ ସମ୍ପାଦକ ସନୁଧର ନାଗ, କାର୍ଯ୍ୟକାରୀ ସଭାପତି ନୂତନ ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ଦ୍ୱୟଙ୍କ ଗୁଣ ବଖାଣିଥିଲେ। ପରିଶେଷରେ ମିତ୍ରବାଦୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନଳକୂପ ଚାରିପଟେ ଚାନ୍ଦିନୀ ତିଆରି ଦାବି

**କୋମନା,୧୭।୭ (ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ବୁଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁର ଉପରପଡ଼ା ଓ ତଳପଡ଼ାର ମଧ୍ୟଭାଗରେ ଏକ ନଳକୂଅ ସ୍ଥାପନ ହୋଇଛି। ଏହା ଉପରେ ଗାଁର ଅର୍ଦ୍ଧାଧିକ ଲୋକ ନିର୍ଭର କରନ୍ତି। ହେଲେ ଏହା ଚାରିପାଖରେ ଚାନ୍ଦିନୀ ହୋଇ ନ ଥିବାରୁ ପାଣି ଜମିରହି ସନ୍ତସନ୍ତିଆ ହୋଇରହୁଛି। ଏହା ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ଫଳରେ ଲୋକେ ରୋଗାକ୍ରାନ୍ତ ହେବା ସମ୍ଭାବନା ରହିଛି। ବିଭାଗୀୟ ଅଧିକାରୀ ତୁରନ୍ତ ଚାନ୍ଦିନୀ ତିଆରି ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**କୋକସରା,୧୭।୭ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ଆସନ୍ତା ମାସ ୯ ତାରିଖରେ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ହେବ। ଏଥିପାଇଁ କୋକସରା ବ୍ଲକ ସଦର ମହକୁମାଠାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ହେମନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ବୈଠକରେ ଆଦିବାସୀ ସଂଘ ସମ୍ପାଦକ ତ୍ରିନାଥ ଶବର, ଉପଦେଷ୍ଟା ନୀଳକଣ୍ଠ ମାଝି, ଗରୁଡ଼ ଧ୍ୱଜ ମାଝି, କେତନ ପାତ୍ର, ସଦସ୍ୟ ମନୋଜ ନାଏକ, ରତନ ମାଝି, ଧର୍ମାନନ୍ଦ ନେଗି, ଭୁବନେଶ୍ୱର ଦିଶାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ସୁରେଶ୍ୱରୀଙ୍କ ଐତିହାସିକ ଘାଟଯାତ୍ରା

**ରିଷିଡ଼ା,୧୭।୭(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ପୌରକେଲା ପଞ୍ଚାୟତ ଅଧୀନ କୁନ୍ଦେଇପାଲିସ୍ଥିତ ତେଲନଦୀ କୂଳରେ ମା' ସୁରେଶ୍ୱରୀ ମନଖାଇଙ୍କ ଐତିହାସିକ ଘାଟଯାତ୍ରା ଏବଂ ଡଙ୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କେଉଁଟ କୈବର୍ତ୍ତ ସଂଘ ସଭାପତି ଦାମୋଦର ନାଏକ ଓ ସମ୍ପାଦକ ସୁଶାନ୍ତ ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂଜକ ଭାବରେ ଭଗବାନ ନାଏକ ପୂଜା କାର୍ଯ୍ୟ ତୁଲାଇଥିଲେ। ଥବିର ନାଏକ, ଭମର ନାଏକ, ଗଣ୍ଡାରାମ ନାଏକ, ଗୁଣନିଧି ନାଏକ, ରୋହିତ ନାଏକ, ଶଙ୍କର ନାଏକ, ଗୁହୁରିଆ ନାଏକ, ମୀନକେତନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଯାତ୍ରାରେ ମା'ଙ୍କୁ ଦର୍ଶନକରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ପୂରଣ ହୋଇଥିବାରୁ କେତେଜଣ ଭକ୍ତ ବୋଦାବଳି ଦେଇଥିଲେ। ସେହିପରି ଆମ୍ପାଲି ତେଲନଦୀ ଘାଟରେ ଖୁସମାଳ ଦକ୍ଷିଣାଞ୍ଚଳ କେଉଁଟ କୈବର୍ତ୍ତ ସମାଜର ଘାଟଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ ଜଗଦୀଶ ନାଏକ ପୂଜାକାର୍ଯ୍ୟ ତୁଲାଇଥିଲେ। ସମାଜର ସଭାପତି ଶେଷଦେବ ମଲ୍ଲିକ, ଉପସଭାପତି କିଶୋର ନାଏକ, ସମ୍ପାଦକ କୁଶରଞ୍ଜନ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ଫଟୋ: ପୂଜାକାର୍ଯ୍ୟ କରାଯାଉଛି।

## ନର୍ଲା ସାମ୍ବାଦିକ ସଂଘ ପକ୍ଷରୁ ଭାଜପା ରାଜ୍ୟ ସଭାପତିଙ୍କୁ ଦାବିପତ୍ର



ଭାଜପା ରାଜ୍ୟ ସଭାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନର୍ଲା,୧୭।୭ (ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲା ନର୍ଲା ପ୍ରେସ୍ ସାମ୍ବାଦିକ ସଂଘର ଏକ ୧୫ ଜଣିଆ ଟିମ୍ ଭୁବନେଶ୍ୱରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାସହ ନର୍ଲାଠାରେ ରେଳ ଇଞ୍ଜିନ କାରଖାନା ଆରମ୍ଭ କରିବା, ସ୍ମାର୍ଟ ମେଡିକାଲ, ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ, ବସ୍‌ଷ୍ଟାଣ୍ଡ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦର୍ଶାଯାଇଛି। ସେହିପରି ବିଭିନ୍ନ ବିଭାଗରେ ହୋଇଥିବା ଦୁର୍ନୀତିର ତଦନ୍ତକରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

## ନବନିର୍ବାଚିତ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା/କୋମନା,୧୭।୭ (ମକାରୁ ବେମାଲ/ସୋବିନ ଛତ୍ରିଆ)**



ସମ୍ବର୍ଦ୍ଧନା ସଭାରେ ଏମ୍‌ପିଙ୍କ ସହ ଦଳୀୟ କର୍ମକର୍ତ୍ତା।

ନୂଆପଡା ଜିଲା କୋମନା ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ନବନିର୍ବାଚିତ କଳାହାଣ୍ଡି ଏମ୍‌ପି ମାଳବିକା ଦେଓଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏମ୍‌ପି ମାଳବିକା ଜନ ସାଧାରଣ ଆଶୀର୍ବାଦ କରି ନିର୍ବାଚିତ କରିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ନୂଆପଡ଼ା ଓ କଳାହାଣ୍ଡି ଜିଲାର ବିକାଶ ପାଇଁ ଉଦ୍ୟମ ଜାରି ରଖିବି ଓ ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିବି ବୋଲି କହିଥିଲେ। ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ସମ୍ପାଦକ ତୁଲସ ପଟେଲ,ରାଜ୍ଯ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଜିଲା ସଂଯୋଜକ ଗୋଲଡି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପରିବା ଦରକୁ ନେଇ ଖାଉଟି ଅସନ୍ତୁଷ୍ଟ

**କୋକସରା,୧୭।୭ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**



କୋକସରା ହାଟରେ ପସରା ମେଲାଇଛନ୍ତି ବ୍ୟବସାୟୀ।

ମଧ୍ୟବିତ୍ତ, ଗରିବ, ଖଟିଖିଆଙ୍କ ହାଣ୍ଡିଶାଳରୁ ଏବେ ପନିପରିବା ଏକପ୍ରକାର ଉଭାନ ହୋଇଯାଇଛି। ଅହେତୁକ ଦରବୃଦ୍ଧି ଏହାର କାରଣ ହୋଇଛି। କିଛିଦିନ ଆଗରୁ ଯେଉଁ ପରିବା କିଲୋ ପିଛା ୨୦ରୁ ୩୦ ଟଙ୍କା ମଧ୍ୟରେ ରହିଥିଲା ତାହା ଏବେ ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର କୋକସରା ସଦର ମହକୁମା ସାପ୍ତାହିକ ବଜାରରେ ଟମାଟୋ ୮୦, ଫୁଲକୋବି ୧୦୦, ପତ୍ରକୋବି ୬୦, ବିନ୍‌ସ ୧୨୦, ପୋଟଳ ୭୦, କାଙ୍କଡ଼ ୮୦, କଲରା ୬୦, ବାଇଗଣ ୬୦, ଭେଣ୍ଡି ୪୦, ଆଳୁ ୪୦, ପିଆଜ ୫୦ ଟଙ୍କାରେ ବିକ୍ରି ହେଉଥିଲା। ଏହାକୁ ନେଇ ବ୍ୟବସାୟୀଙ୍କୁ ପଚାରିବାରୁ ବାହାରୁ ପନିପରିବା ଆସୁଛି, ଆମ ଅଞ୍ଚଳରେ କିଛି ପନିପରିବା ଚାଷ ହେଉନାହିଁ। ଯାହା କିଛି ଚାଷ ହୋଇଥିଲା ବର୍ଷାରେ ନଷ୍ଟ ହୋଇଥିବା କାରଣରୁ ଦର ବୃଦ୍ଧି ହେଉଛି ବୋଲି କହୁଛନ୍ତି। ପନିପରିବା ଦର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଖାଉଟିମାନେ ଦାବି କରିଛନ୍ତି।

# ରାସ୍ତା ପାଇଁ ରାସ୍ତା ଅବରୋଧ

**ଖଡ଼ିଆଳ,୧୭।୭ (ସୁଜିତ କୁମାର ପ୍ରଧାନ)**



ରାସ୍ତାରୋକୋରେ ସାମିଲ ଗ୍ରାମବାସୀ।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୋହେଲପଡ଼ା ଗ୍ରାମର ପୁରୁଣା ହରିଜନପଡ଼ା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଖାଲଖମାପୂର୍ଣ୍ଣ ରାସ୍ତା ପାଣିକାଦୁଅରେ ଭରିରହିଛି। ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିଷହ ହୋଇପଡିଛି। ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ତରଫରୁ ବୁଧବାର ଖଡ଼ିଆଳ ଭବାନୀପାଟଣା ୧୬ନଂ. ରାଜ୍ୟ ରାଜପଥର ଦୋହେଲପଡ଼ା ଛକଠାରେ ରାସ୍ତା ଅବରୋଧ କରାଯାଇଛି। ଏହାଦ୍ୱାରା ଯାନବାହନ ଯାତାୟାତ ବାଧାପ୍ରାପ୍ତ ହୋଇଛି। କେବଳ ସ୍କୁଲ ବସ୍ ଓ ଆମ୍ବୁଲାନ୍ସକୁ ଛଡ଼ାଯାଉଛି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଦୋହେଲପଡ଼ା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଘୋଷିତ ହୋଇଥିଲେ ବି ପ୍ରମୁଖ ରାସ୍ତା ସମସ୍ୟାର ସମାଧାନ ହେଉନାହିଁ। ଗ୍ରାମର ପୁରୁଣା ହରିଜନପଡ଼ା ରାସ୍ତା ଉପରେ ଦେଢ଼ଫୁଟର ଆବର୍ଜନା ପାଣି ଜମିରହିଛି। ଏପରି କି ଏହି ପାଣି ଲୋକଙ୍କ ଘର ଭିତରକୁ ପଶୁଛି। ଯିବାଆସିବାରେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାଣି ଜମିରହିବା ଫଳରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ଏଥିଯୋଗୁ ମ୍ୟାଲେରିଆ, ଝାଡ଼ାବାନ୍ତି ହେବାର ସମ୍ଭାବନା ରହିଛି। ପ୍ରଶାସନକୁ ଏ ନେଇ ବାରମ୍ବାର ଜଣାଇଲେ ମଧ୍ୟ ସମାଧାନ କରାଯାଉନାହିଁ। ଏହାର ପ୍ରତିବାଦକରି ଗ୍ରାମବାସୀଙ୍କ ତରଫରୁ ସକାଳ ୬ଟାରୁ ରାସ୍ତା ଅବରୋଧ କରାଯାଇଛି। ଗ୍ରାମବାସୀଙ୍କ ସହ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ନୂଆପଡ଼ା ଜିଲା ମଧ୍ୟ ଏଥିରେ ସାମିଲ ହୋଇଛି। ଖବର ପାଇ ଖଡ଼ିଆଳ ତହସିଲଦାର ତଥା ଦାୟିତ୍ୱରେ ଥିବା ବିଡିଓ ନରସିଂହ ଗାଡବା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ସେ ଏହାର ସମାଧାନ ନେଇ ପ୍ରତିଶ୍ରୁତି ଦେବାରୁ ସନ୍ଧ୍ୟା ୬ଟାରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତା ପରିଦର୍ଶନ ପରେ ତହସିଲଦାର ଜବରଦଖଲକାରୀଙ୍କୁ ହଟାଯାଇ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ, ଏମ୍‌ପି ପ୍ରଦୀପଙ୍କୁ ନାଗରିକ ସମ୍ବର୍ଦ୍ଧନା

**ପଦ୍ମପୁର, ୧୭।୭ (ପ୍ରଦୀପ୍ତ ଦାଶ):** ରାଜ୍ୟରେ ଭାଜପା ସରକାର ଗଠନ ପରେ ବୁଧବାର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସଂସଦୀୟ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପଦ୍ମପୁର ଗସ୍ତରେ ଆସିଥିଲେ। ତାଙ୍କ ସହିତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମଧ୍ୟ ସାମିଲ ଥିଲେ। ମନ୍ତ୍ରୀ ଓ ଏମ୍‌ପି ପଦ୍ମପୁର ପହଞ୍ଚିବା ପରେ ଶାସ୍ତ୍ରୀଛକରୁ ଏକ ସୁସଜ୍ଜିତ ଗାଡିରେ ପଦ୍ମପୁର ସହର ପରିକ୍ରମା କରାଯାଇଥିଲା। ପରେ ସ୍ଥାନୀୟ ରାଜାଜୀ ଟାଉନହଲଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲା ଭାଜପା ଉପସଭାପତି ସରୋଜ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ନାଗରିକ ସମ୍ବର୍ଦ୍ଧନାରେ ପଦ୍ମପୁରର ବଣିକ ସଂଘ, ଲାୟନସ କ୍ଲବ, ମାରୱାଡି ଯୁବାମଞ୍ଚ, ବ୍ରାହ୍ମଣ ସମାଜ, ଭୁଲିଆ ସମାଜ, ମୁସଲିମ ସମାଜ, ନାଗରିକ କମିଟି ସମେତ ୩୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ମନ୍ତ୍ରୀ ଓ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ମନ୍ତ୍ରୀ ମହାଲିଙ୍ଗ କହିଥିଲେ, ଏହି ସରକାର ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ଯତ୍ନବାନ ହେବ। ଏହି ସମ୍ବର୍ଦ୍ଧନା ସଭାରେ ବିଧାନସଭାର ଭାଜପା ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ, ପ୍ରତାପ କେଶରୀ ସିଂ ବରିହା, ପୂର୍ବତନ ଏନଏସି ଅଧ୍ୟକ୍ଷ ସତ୍ୟବାନ ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଜପା ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରିତେଶ ବହିଦାର, କାଉନସିଲର ଚିନ୍ମୟ ପଣ୍ଡା, କୁନାଲ ପାଣିଗ୍ରାହୀ, ଅଶୋକ ମିଶ୍ର, ସୁନିଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

### ତାଲପାଲି ଡାକ୍ତରଖାନାରେ ଚକ୍ଷୁଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

**ଗାଇସିଲେଟ୍, ୧୭।୭ (ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଅଞ୍ଚଳକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ପ୍ରଥମ ଗସ୍ତ କାର୍ଯ୍ୟକ୍ରମ ହୋଇଥିଲା। ତାଙ୍କ ସାଥିରେ ବରଗଡ ଏମ୍‌ପି ପ୍ରଦୀପ କୁମାର ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗଡତିଆ ଆସିଥିଲେ। ଗାଇସିଲେଟ ଛକରେ କର୍ମୀ ତଥା ଜନସାଧାରଣ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବ୍ଲକର ତାଲପାଲି ପିଏଚ୍‌ସିରେ ଏକ ସ୍ଥାୟୀ ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

### କନିଷ୍ଠ ସହାୟକଙ୍କ ସ୍ୱାଗତ ସମାରୋହ

**ବରଗଡ଼, ୧୭।୭ (ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜର୍ଜ ହାଇସ୍କୁଲରେ ବୁଧବାର ଜିଲା ଶିକ୍ଷା ବିଭାଗରେ ନୂତନଭାବେ ଯୋଗଦାନ କରିଥିବା କନିଷ୍ଠ ସହାୟକଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଅମଲା ସଂଘର ସଭାପତି ରମେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଲଗୁନୀ ପଣ୍ଡା, ଜ୍ଞାନପ୍ରକାଶ ସାହୁ, ଜନ୍ମେଜୟ ପାତ୍ର, ନନ୍ଦକୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ନୂତନଭାବେ ଯୋଗଦାନ କରିଥିବା ୮୬ କନିଷ୍ଠ ସହାୟକଙ୍କୁ ସ୍ୱାଗତ କରାଯାଇଥିଲା।

### ବ୍ଲକସ୍ତରୀୟ ସମୀକ୍ଷା ବୈଠକ

**ପଦ୍ମପୁର, ୧୭।୭ (ପ୍ରଦୀପ୍ତ ଦାଶ):** ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧୪ଟି କ୍ଲଷ୍ଟରର ସିଆର୍‌ସିସି, ଏବିଇଓ ଶିବପ୍ରସାଦ ଯୋଶୀ, ଶ୍ରୀରାମ ସିଂ ଭୋଇ ଓ ଆଗଲପୁର ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ମେହେରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସ୍କୁଲର ମୌଳିକ ସୁବିଧାସୁଯୋଗ, ସିଆରସିସିମାନଙ୍କର ଦୈନନ୍ଦିନ କାର୍ଯ୍ୟ, ସ୍କୁଲରେ ଶିକ୍ଷକ ଓ ଛାତ୍ର ଅନୁପାତ, ଏଫଏଲଏନ ୱର୍କସପ ଏବଂ ଟିଏଲଏମ ସମ୍ପର୍କରେ ମେହେର ବିଷଦ ଭାବରେ ବୁଝାଇଥିଲେ।

# ମଉଳିଯାଉଛି ଚାଷୀଙ୍କ ଚାଷକାର୍ଯ୍ୟ ଆଶା

**ବରଗଡ଼, ୧୭।୭ (ପ୍ରେମାନନ୍ଦ ଖମାରୀ)**

- ଗଭୀର ନଳକୂପକୁ ସଂଯୋଗ ହୋଇନି ବିଦ୍ୟୁତ୍
- ୪ବର୍ଷ ପରେ ବି ବସିନି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଅଣଜଳସେଚିତ ଅଞ୍ଚଳକୁ ଜଳ ଯୋଗାଣ ପାଇଁ ସରକାର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଏହି କ୍ରମରେ ଚାଷୀମାନେ ଅଗ୍ରୀମ ରାଶି ଜମା କରି ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ଅଧିନରେ ଗଭୀର ନଳକୂପ ଖୋଳିଛନ୍ତି। ମାତ୍ର ବର୍ଷବର୍ଷ ଧରି ସେଭଳି ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଯୋଗୁ ଗଭୀର ନଳକୂପଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଚାଷୀଙ୍କ ଚାଷକାର୍ଯ୍ୟ ଆଶା ମଉଳି ଯାଉଛି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଚାଣ୍ଟିପାଲି ପଞ୍ଚାୟତ ଅନ୍ତର୍ଗତ କେର୍ମେଲି ଗ୍ରାମର ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଗଭୀର ନଳକୂପକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରି ସେଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏହି ଦାବି ନେଇ ଚାଷୀମାନେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେର୍ମେଲି ଗ୍ରାମ ଅଣଜଳସେଚିତ। ବର୍ଷା ଉପରେ ଉକ୍ତ ଗ୍ରାମର ଚାଷୀମାନେ ନିର୍ଭର କରନ୍ତି ଏବଂ କେବଳ ଖରିଫ ଚାଷକାର୍ଯ୍ୟ କରିଥାନ୍ତି। କିନ୍ତୁ ଗତ କିଛିବର୍ଷ ହେଲା ବର୍ଷାରେ ଅନିୟମିତତା ଯୋଗୁ ଗ୍ରାମର ଚାଷୀଙ୍କ ଚାଷକାର୍ଯ୍ୟ ପ୍ରଭାବିତ ହୋଇ ଆସୁଛି। ବର୍ଷାଭାବ ଯୋଗୁ ଅନେକ ଜମି ପଡ଼ିଆ ପଡୁଥିବାବେଳେ ବିଭିନ୍ନ ସମୟରେ ଚାଷୀଙ୍କ ଫସଲ ମଧ୍ୟ ଉଜୁଡ଼ି ଯାଉଛି। ଏଭଳି ସ୍ଥିତିରେ ଗ୍ରାମର ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି।

ଏହି ଦୃଷ୍ଟିରୁ ଗ୍ରାମର ଚାଷୀମାନେ ସରକାରଙ୍କ ଉଠା ଜଳସେଚନ ପ୍ରକଳ୍ପ ଯୋଜନାରେ ଗଭୀର ନଳକୂପ ଖୋଳିବାକୁ ଆଶା ବାନ୍ଧିଥିଲେ। ଗତ ୨୦୨୦ ମସିହାରୁ ଏଥିପାଇଁ ଅଗ୍ରୀମ ରାଶି ଜମା କରିବା ସହିତ ଆବେଦନ କରିଥିଲେ। ତେବେ ଆବେଦନ ପରେ କ୍ଷେତରେ ଗଭୀର ନଳକୂପ ଖୋଳାଯାଇଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ତ ଦୂରର କଥା, ଅନେକ ଚାଷୀଙ୍କ ଗଭୀର ନଳକୂପ ପାଇଁ ଟ୍ରାନ୍ସଫର୍ମର ସ୍ଥାପନ ମଧ୍ୟ ଏପର୍ଯ୍ୟନ୍ତ ହୋଇନାହିଁ। ଫଳରେ ସମ୍ପୃକ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଉକ୍ତ ଗ୍ରାମରେ ୩୩ ଗଭୀର ନଳକୂପ ଖୋଳାଯାଇଛି। କିନ୍ତୁ ସେଗୁଡ଼ିକ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇ ନାହିଁ। ପ୍ରକଳ୍ପ ପାଇଁ ଚାଷୀଙ୍କ ପାଖକୁ ମୋଟରପମ୍ପ ଗୁଡ଼ିକ ପହଞ୍ଚିଛି। ହେଲେ ଏପର୍ଯ୍ୟନ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ। ଏପରିକି ୬ଜଣ ଚାଷୀଙ୍କ ପ୍ରକଳ୍ପ ସକାଶେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମଧ୍ୟ ସ୍ଥାପନ ହୋଇନାହିଁ। ଏ ନେଇ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ ଅବଗତ କଲେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଗଭୀର ନଳକୂପର ପାଣି ଦ୍ୱାରା ଚାଷକାର୍ଯ୍ୟ କରିବା ଆଶା ନେଇ ସେମାନେ ଗଭୀର ନଳକୂପ ଖୋଳିଥିଲେ। କିନ୍ତୁ ଗଭୀର ନଳକୂପ ଖୋଳିବା ପାଇଁ ଆବେଦନ କରିବାର ୪ବର୍ଷ ପରେ ମଧ୍ୟ ତାକୁ କାର୍ଯ୍ୟକ୍ଷମ କରାଯାଇ ପାରି ନ ଥିବା ଯୋଗୁ ଚାଷକାର୍ଯ୍ୟ କରି ନ ପାରି ସେମାନେ ପରିବାର ଗୁଜୁରାଣରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀମାନେ କହିଛନ୍ତି। ଅନ୍ୟପଟେ ଏଥର ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସେମାନେ ଚାଷକାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆରମ୍ଭ କରି ପାରି ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଗଭୀର ନଳକୂପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଦିଲୀପ ବାରିକ, ଗୋକୁଳା ସେଠ, କିଶୋର ବର୍ଗେ ପ୍ରମୁଖ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।


ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

# ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ


ବୈଠକରେ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ସରଣ୍ଡା, ୧୭।୭ (ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀର ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରାରେ ଥିବା କୃଷକ ଭବନଠାରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନ ଯୋଜନା ଭୁକ୍ତ)ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଞ୍ଚାସୀନ ଥିଲେ ସଂଘର ସଭାପତି ଡୋଳାମଣି ମାହାର, ଉପ ସଭାପତି ନନ୍ଦିଘୋଷ ଭୁଏ, ସମ୍ପାଦକ ଶ୍ରୀକାନ୍ତ ବାରିକ, ଅତାବିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ହରିହର ପଶାୟତ, ଭେଡେନ ବ୍ଲକ ଶିକ୍ଷକ ସଂଘର ସଭାପତି ଭରଦ୍ୱାଜ ପ୍ରଧାନ, ଉପଦେଷ୍ଟା ମଣ୍ଡଳୀ ରଘୁନାଥ ପୁରୀ ଏବଂ ଉପେନ୍ଦ୍ର ଖମାରୀ। ଏହି ଅବସରରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ବରଗଡ଼ର ସଭାପତି ଡୋଳାମଣି ମାହାର ଏବଂ ଅତାବିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ହରିହର ପଶାୟତ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ବରଗଡ଼ ଜିଲା ଅତାବିରା, ଆମ୍ବଭୋନା, ଭଟଲି, ଭେଡେନ, ବରପାଲି, ଝାରବନ୍ଧ, ସୋହେଲା, ପଦ୍ମପୁର, ଗାଇସିଲେଟ, ପାଇକମାଳ ଓ ବିଜେପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଓ ସମ୍ପାଦକ ଯୋଗଦାନ କରିଥିଲେ। ଭେଡେନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ବରଗଡ଼ ଜିଲା ଭଟଲିସ୍ଥିତ ଦଧିବାମନ ମନ୍ଦିରରେ ବୁଧବାର ମହାପ୍ରଭୁ ଦଧିବାମନଙ୍କ ସୁନାବେଶ।


ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ସୁନାବେଶରେ ଶ୍ରୀଜୀଉ।

# ସୁନାବେଶରେ ଝଲସିଲେ ଶ୍ରୀଜୀଉ

**ବରଗଡ଼/ଗାଇସିଲେଟ, ୧୭।୭ (ପ୍ରେମାନନ୍ଦ ଖମାରୀ/ଦୁର୍ଗା ପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଭଟଲିସ୍ଥିତ ଦଧିବାମନ ମନ୍ଦିରରେ ବୁଧବାର ମହାପ୍ରଭୁ ଦଧିବାମନଙ୍କ ସୁନାବେଶ ହୋଇଥିଲା। ମନ୍ଦିର ରତ୍ନ ସିଂହାସନରେ ଦଧିବାମନଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମହାପ୍ରଭୁ ଦଧିବାମନଙ୍କୁ ସୁନାବେଶରେ ଦର୍ଶନ କରିବା ପାଇଁ ବରଗଡ଼ ସମେତ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର ଏବଂ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ବହୁ ଭକ୍ତ ଆସିଥିଲେ। ପ୍ରତ୍ୟୁଷରୁ ମହାପ୍ରଭୁଙ୍କୁ ଦୈନିକ ପୂଜାନୀତି, ପହଡ଼ଭଙ୍ଗ, ଦ୍ୱାରଫିଟା ନୀତିଠାରୁ ଆରମ୍ଭ ହୋଇ ସକାଳ ଧୂପନୀତିରେ ଶେଷ ହେବା ପରେ ମହାପ୍ରଭୁଙ୍କୁ ସୁନାବେଶ କରାଯାଇଥିଲା। ସେହିପରି ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ବୁଧବାର ଆଷାଢ ଦ୍ୱାଦଶୀତିଥିରେ ଶ୍ରୀଜଗନ୍ନାଥ, ବଳରାମ ଓ ସୁଭଦ୍ରାଙ୍କ ସୁନାବେଶ ହୋଇଥିଲା। ମନ୍ଦିର ପୂଜକ ପଣ୍ଡିତ ଲଲିତ କୁମାର ପଣ୍ଡା ସହଯୋଗୀମାନଙ୍କ ଦ୍ୱାରା ସୁନାବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉମାନଙ୍କ ସୁନାବେଶ ଦର୍ଶନ କରିବା ସକାଶେ ମନ୍ଦିରରେ ପ୍ରବଳ ଭିଡ ହୋଇଥିଲା।

### ୧୧ଦିନରେ କାଠଡେରା ରଥ ମେଲଣ

**ସରଣ୍ଡା, ୧୭।୭ (ଯୁଧିଷ୍ଠିର ମହାପାତ୍ର):** ଅତାବିରା କାଠଡେରା ରଥମେଲଣ ୧୧ ଦିନରେ ପହଞ୍ଚିଛି। ବ୍ୟାସ ପଣ୍ଡିତ ଚିତ୍ତରଞ୍ଜନ ପାଣିଗ୍ରାହୀ, ସହଯୋଗୀ ଦେବେନ୍ଦ୍ର ନାୟକ, ସନ୍ତୋଷ ପଣ୍ଡା, ସୁରେନ୍ଦ୍ର ଭୋଇ, ମନୋହର ପ୍ରଧାନ, କମଳାକାନ୍ତ ମେହେର ସୁନ୍ଦରାକାଣ୍ଡ ପାରାୟଣ ପରିବେଷଣ କରିଥିଲେ। ରଥଯାତ୍ରା କମିଟି ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଲେଲିନ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ସତ୍ୟବାନ ପ୍ରଧାନ ବ୍ୟାସଙ୍କୁ ସମ୍ମାନିତ କରିଥିଲେ। ଗୁରୁବାର ବାହୁଡ଼ାଯାତ୍ରା ହେବ।

# ସହଯୋଗର ବାର୍ଷିକ ଉତ୍ସବ ପାଳିତ

**ପଦ୍ମପୁର, ୧୭।୭ (ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ସହଯୋଗ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଆଶୁତୋଷ ହୋତା ଏବଂ ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସଦସ୍ୟଙ୍କୁ ଏହିପରି ସମାଜର ସେବା ମନୋଭାବ ନେଇ ସବୁ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେବା ପାଇଁ ପ୍ରେରିତ କରିଥିଲେ। ସମ୍ପାଦକ ତାପସ କୁମାର ନାୟକ ଅନୁଷ୍ଠାନର ଆରମ୍ଭ ଓ ଲକ୍ଷ୍ୟ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପରେ ଆୟୋଜିତ ରକ୍ତଦାନ ଶିବିରରୁ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେବା ମନୋଭାବ ପାଇଁ ନିରୋଜ ଦୋରା, ନିରାକାର ପ୍ରଧାନ, ଦ୍ରୋଣ ବେହେରା, ସୌଭାଗ୍ୟ ପ୍ରଧାନ, ତେଜେନ୍ଦର ସିଂ, କିଶୋର ପରିଡାଙ୍କୁ ଓ ବରଗଡ଼ ନିଷ୍ଠା ପରିବାରର ସଦସ୍ୟମାନଙ୍କୁ ମଧ୍ୟ ସମାଜ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଆକାଶ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭାପତି ମୌସମ ପାଗଡ଼ା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ସହଯୋଗର ବାର୍ଷିକ ଉତ୍ସବରେ ଅତିଥି।


ଜର୍ଜଗଡ଼ ଅଙ୍କିତା ନର୍ସରୀରେ ବନମହୋତ୍ସବ କାର୍ଯ୍ୟକ୍ରମରେ ସାମିଲ ଗ୍ରାମବାସୀ।

# ଅଙ୍କିତା ନର୍ସରୀରେ ବନ ମହୋତ୍ସବ, ଲାଗିଲା ୧୧୦୦ ଗଛ

**ପାଇକମାଳ, ୧୭।୭ (ବଡ ଶତପଥି)**

ବରଗଡ ଜିଲା ପାଇକମାଳ ବ୍ଲକ ଜର୍ଜଗଡ଼ ସ୍ଥିତ ଅଙ୍କିତା ନର୍ସରୀରେ ମଙ୍ଗଳବାର, ବୁଧବାର ଦୁଇ ଦିନ ଧରି ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଠାରେ ଗାଁର ମହିଳା ଓ ଯୁବକମାନେ ଗଛ କାଟିଲେ ପାପ ଲାଗଇ, ଗଛ ଲଗାଇଲେ ପୁଣ୍ୟ ହୁଅଇ, ଗୋଟିଏ ଗଛ ମା' ପାଇଁ ବୋଲି ସ୍ଲୋଗାନ ଦେଇଥିଲେ। ଦୁଇ ଦିନ ଧରି ଅଁଳା, ବେଲ, ଜମ୍ବୁ, କଦମ୍ବ, ଅର୍ଜୁନ, ଫଣଫଣା, ବାଉଁଶ, ଶିଶୁ, ସେରସୁଆ ପ୍ରଭୃତି ଗଛ ରୋପଣ କରାଯାଇଥିଲା। ମାଧୁରୀ ମୁଣ୍ଡ, କମଳିନୀ ପଣ୍ଡା, ପ୍ରତିଭା ପ୍ରଧାନ, ଚନ୍ଦ୍ରକାନ୍ତି ଶତପଥି, ଜସ୍ୱିତାପ୍ରିୟଦର୍ଶିନୀ, ଅନୁ ବାରିକ, ରୁନି ବରିହା, ସୁନନ୍ଦା ପ୍ରଧାନ, ପ୍ରତିମା କର୍ଣ୍ଣ, ପ୍ରତ୍ୟାଶା ପ୍ରଧାନ, ମିସିତା ପ୍ରଧାନ ପ୍ରମୁଖଙ୍କ ସହ ସୁବାସ ପ୍ରଧାନ, କଳ୍ପେନ୍ଦ୍ର ପ୍ରଧାନ, ଅରୁଣ କୁମାର ପ୍ରମୁଖ ଯୋଗ ଦେଇଥିଲେ। ବଡ ଶତପଥି, ଧିରେନ ମହାନ୍ତି, ବିଭୂତି ମୁଣ୍ଡ ପ୍ରକୃତିବନ୍ଧୁମାନେ ଦିଗଦର୍ଶନ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ନୃସିଂହନାଥ ବନ ବିଭାଗ ତରଫରୁ ବିଭିନ୍ନ ଚାରା ଯୋଗାଇ ଦିଆଯାଇଥିଲା। ମହିଳାମାନେ ଉତ୍ସାହର ସହ ଗଛ ଲଗାଇଥିଲେ।

# ବିସ୍ଥାପିତଙ୍କୁ ମିଳିଲା ସରକାରୀ ସହାୟତା

**ବରଗଡ଼, ୧୭।୭ (ପ୍ରେମାନନ୍ଦ ଖମାରୀ)**

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅନ୍ତର୍ଗତ ଡେବ୍ରିଗଡ଼ ଏବଂ ଝଗଡ଼ାବେହେରା ବିସ୍ଥାପିତ ପରିବାରର ୪ମହିଳାଙ୍କୁ ସରକାରୀ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ବିସ୍ଥାପିତ ମହିଳାଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ଚେକ୍ ଆକାରରେ ପ୍ରଦାନ କରିଥିଲେ। ଝଗଡ଼ାବେହେରାର ରୀନା ପ୍ରଧାନ, ଡେବ୍ରିଗଡ଼ର ସୁରୁବାଳି ଭୁଏ, ସତ୍ୟଭାମା ଭୁଏ ଏବଂ ସୁବାସିନୀ ଭୁଏ ସହାୟତା ରାଶି ଗ୍ରହଣ କରିଥିଲେ। ଉକ୍ତ ସହାୟତା ରାଶି ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଲଖନପୁର ବନ୍ୟପ୍ରାଣୀ ବିଭାଗର ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ଧଳ, ଉତ୍ତମ ବନପାଳ ସଞ୍ଜୀବ କୁମାର ପଣ୍ଡା, ଖଣ୍ଡୁରୀଆ ବନପାଳ ଭୁବନେଶ୍ୱର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଗତ ୨୦୧୭ରୁ ଡେବ୍ରିଗଡ଼ ଏବଂ ଝଗଡ଼ାବେହେରା ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇଥିଲା। ତେବେ ଉପରୋକ୍ତ ୪ମହିଳାଙ୍କୁ ସରକାରୀ ସହାୟତା ରାଶି ମିଳି ପାରି ନ ଥିଲା। ସେମାନେ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବି କରି ଆସିଥିଲେ। ଶେଷରେ ସରକାରୀ ସହାୟତା ପାଇବାରେ ସକ୍ଷମ ହୋଇଛନ୍ତି।



ଭଟଲି ବିଧାୟକ ବିସ୍ଥାପିତ ମହିଳାଙ୍କୁ ସରକାରୀ ସହାୟତା ପ୍ରଦାନ କରୁଛନ୍ତି।

# ପରିମଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ

- ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ
- ଡାକ୍ତରଖାନା ଭିତ୍ତିଭୂମି ସୁଦୃଢ଼ର ପ୍ରତିଶ୍ରୁତି

**ପଦ୍ମପୁର, ୧୭।୭ (ପ୍ରଦୀପ୍ତ ଦାଶ)**


ଅଧିକାରୀମାନଙ୍କ ସହିତ ପଦ୍ମପୁର ଡାକ୍ତରଖାନା ପରିଦର୍ଶନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ।

ବରଗଡ଼ ଜିଲା ପଦ୍ମପୁର ଗସ୍ତ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବୁଧବାର ମାଧ୍ୟାହ୍ନରେ ପଦ୍ମପୁର ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେ ବିଭିନ୍ନ ୱାର୍ଡ ଯାଇ ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସିଧାସଳଖ ଆଲୋଚନା କରିଥିଲେ। ଡାକ୍ତରଖାନାର ପରିମଳ ବ୍ୟବସ୍ଥା ଉପରେ ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହିତ ଉପସ୍ଥିତ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପଦ୍ମପୁର ଉପଖଣ୍ଡର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାରେ ପଦ୍ମପୁର ଅତିରିକ୍ତ ଜିଲାପାଳ ଚଭନ କୁନାଲ ମୋତିରାମ, ଉପଜିଲାପାଳ ଆଲୋକ ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନିରୁପମା ଷଡ଼ଙ୍ଗୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଆଶୁତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମପୁର ରକ୍ତଭଣ୍ଡାର ପାଇଁ ଆବଶ୍ୟକ ଏକ ରକ୍ତ ସଂଗ୍ରହ ଭ୍ୟାନ, ରକ୍ତଭଣ୍ଡାର ମରାମତି ଓ ଆବଶ୍ୟକ ଉପକରଣ ଯୋଗାଇବା ପାଇଁ ରକ୍ତଭଣ୍ଡାର କର୍ମଚାରୀ ଆଲୋଚନା କରିଥିଲେ। ପରିଦର୍ଶନ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଲେ, ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରାଯିବ। ଲୋକଙ୍କ ଦାବି ମୁତାବକ ଗୁରୁବାର ସୁଦ୍ଧା ମହାପ୍ରୟାଣ ଗାଡି ଡାକ୍ତରଖାନାରେ ପହଞ୍ଚିବ ବୋଲି କହିଥିଲେ। ସେହିପରି ଖାଲିଥିବା ଆବଶ୍ୟକ ପଦବୀ ପୂରଣ ଓ ଆବଶ୍ୟକ ଔଷଧ, ଡାଏଲେସିସ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଜାତୀୟ ରାଜପଥ ନିର୍ମାଣରେ ଜମି ସାଜୁଛି ବାଧକ

ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)

ବନ୍ଧମୁଣ୍ଡା-ଜରେଇକେଲା ଏନ୍‌ଏଚ୍-୩୨୦(ଡି) ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣରେ ମହିପାଣି ମୌଜାର ୫ ଏକର ବେସରକାରୀ ଜମି ଅଡୁଆ ସାଜୁଛି। ୨୦୨୨ ମଧ୍ୟରେ ଏନ୍‌ଏଚ୍-୩୨୦ ଡି ଜାତୀୟ ରାଜପଥ ନିର୍ମାଣ ପାଇଁ ୯୦ଭାଗ ଜମି ଅଧିଗ୍ରହଣ ଧାର୍ଯ୍ୟ ଥିଲା। ମାତ୍ର ମହିମାଣି ମୌଜାର ୨୪ ଖତିଆନଧାରୀ ଜମି ଅଧିଗ୍ରହଣ ବାବଦୀୟ କ୍ଷତିପୂରଣ ରାଶି ୨ଟି ପର୍ଯ୍ୟାୟରେ ଏକର ପିଛା ୨୫ଲକ୍ଷ ଆକାରରେ ୫୦ଲକ୍ଷ ଟଙ୍କା ନ ମିଳିଲେ ଜମି ଛାଡ଼ିବାକୁ ମନା କରିଦେଇଛନ୍ତି। ଫଳରେ ୯୦ ଭାଗ ଜମି ଅଧିଗ୍ରହଣ ଲକ୍ଷ୍ୟ ପୂରଣ ହୋଇନାହିଁ। ଫଳରେ ୧୮ ମାସ ହେଲା ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ୨୫ କି.ମି. ବିଶିଷ୍ଟ ୨ଥାକିଆ ଏନ୍‌ଏଚ୍-୩୨୦ଡି ରାସ୍ତା ନିର୍ମାଣରେ ମୋଟ ୫.୯୮ଏକର ବେସରକାରୀ ଓ ୨୧.୧୪୦ଏକର ସରକାରୀ ଜମି ଅଧିଗ୍ରହଣ ନିର୍ଦ୍ଧାରିତ ହେବା ଧାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ନିର୍ଦ୍ଧାରିତ ସରକାରୀ ଜମି ଅଧିଗ୍ରହଣ ହୋଇସାରିଥିବା ବେଳେ ୧କି.ମି. ପାଇଁ ଆବଶ୍ୟକ ଥିବା ମହିପାଣିର ୫.୯୮ଏକର ଜମି ମଧ୍ୟରୁ କେବଳ ୮୯ ଡିସିମିଲ ଜମି ଅଧିଗ୍ରହଣ ହୋଇଛି। ପୂର୍ବରୁ ଏହି ରାସ୍ତା ବିଶ୍ରା ସଂଲଗ୍ନରୁ ନିର୍ମାଣ ହେବାକୁ ରହିଥିଲା। ହେଲେ ଜମି ବିବାଦ ଯୋଗୁ ରାସ୍ତା ନିର୍ମାଣ ବାତିଲ ହେଲା। ଏହା ପୂର୍ବରୁ ରାସ୍ତା ନିର୍ମାଣ ବ୍ୟୟବରାଦ ରାଶି ୨୨୨କୋଟି ୬୨ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା। ମାତ୍ର ବିଶ୍ରା ବାଦ୍ ପଡ଼ିବାରୁ ଏବେ ରାସ୍ତା ନିର୍ମାଣ ବ୍ୟୟବରାଦ ରାଶି ୧୩୨ କୋଟି ଧାର୍ଯ୍ୟ କରାଯାଇଛି। ଅନ୍ୟପଟେ ଭୂମି ଅଧିଗ୍ରହଣ ପ୍ରକ୍ରିୟା

## ୨ ବର୍ଷ ଭିତରେ କାମ ସାରିବାକୁ ଲକ୍ଷ୍ୟ

ଶେଷ ହୋଇ ନ ଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନିର୍ମାଣ ସଂସ୍ଥା ସହ ଏଗ୍ରିମେଣ୍ଟ ଜୁନ୍ ୨୮ରେ ସମ୍ପୂର୍ଣ୍ଣ ହୋଇସାରିଛି। ପ୍ରକାଶ ଥାଉକି,ମହିପାଣି,ଭାଲୁଲତା,ଜାମମାଲ ଓ ଭୂଲତାବାହାଲ ମୌଜାର ୮୧ଟି ଖତିଆନର ଶତାଧିକ ଲୋକଙ୍କ ରୟତି ଜମି ଓ ଘରଡିହ ରହିଛି। ଉକ୍ତ ଖତିଆନରେ ରହିଥିବା ଜମି ମାଲିକ ଓ ତାଙ୍କର ଉତ୍ତରାଧିକାରୀଙ୍କୁ ଜମି ଅଧିଗ୍ରହଣ ଜନିତ ଉପଯୁକ୍ତ ପ୍ରାପ୍ୟରାଶି ପ୍ରଦାନ କରିବା ଭୂ-ଅର୍ଜନ ବିଭାଗର ମୂଳ ଦାୟିତ୍ୱ ରହିଥିଲା। ଲୋକଙ୍କ ଜମି କ୍ଷତିପୂରଣକୁ ଦୃଷ୍ଟିରେ ରଖି ଉପରୋକ୍ତ ୪ଟି ମୌଜା ଖତିଆନଧାରୀଙ୍କୁ ୨୦୨୨ ଫେବୃୟାରୀ ୭ରେ ଜାତୀୟ ରାଜପଥ ବିଭାଗରୁ ୩ଏ ନୋଟିଫିକେଶନ ଜାରି ହୋଇଥିଲା। ସମସ୍ତ ଖତିଆନଧାରୀ ନୋଟିସ ମଧ୍ୟ ପାଇଲେ। ସରକାରୀ ନିର୍ଦ୍ଧାରିତ ଜମି ମୂଲ୍ୟ ଏକର ପିଛା ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ମଞ୍ଜୁର ହେଲା। ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ଜମି ମୂଲ୍ୟ ୨ ଗୁଣ ବୃଦ୍ଧି ପାଇ ଏକର ପିଛା ୨୫ ଲକ୍ଷ ବୃଦ୍ଧି ହେଲା। ବର୍ଦ୍ଧିତ କ୍ଷତିପୂରଣ ଅର୍ଥରାଶି ନ ମିଳିଲେ ଜମି ଛାଡିବେ ନାହିଁ କି କ୍ଷତିପୂରଣ ନେବେ ନାହିଁ ବୋଲି ସେମାନେ ଦାବି କରିଛନ୍ତି। ଗୋଟିଏ ପଟେ ବହୁବର୍ଷ ପରେ ପ୍ରଥମକରି ରାଉରକେଲା ଜାତୀୟ ରାଜପଥ ବିଭାଜନ ବିଭାଗ ହାତକୁ କାମ ଆସିଥିବା ବେଳେ ଜମି ଅଧିଗ୍ରହଣ ଉଭୟ ଜାତୀୟ ରାଜପଥ ବିଭାଗ ଓ ଭୂ-ଅର୍ଜନ ବିଭାଗକୁ ଜଟିଳ ପରିସ୍ଥିତିରେ ପକାଇ ଦେଇଛି। ଏନେଇ ରାଉରକେଲା ଜାତୀୟ ରାଜପଥ ବିଭାଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଆଲୋକ କୁମାର ନାଏକ କହିଛନ୍ତି, ବର୍ଷା ପରେ କାମ ଆରମ୍ଭ ହେବ। ୨ବର୍ଷ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମହିପାଣି ମୌଜାର ୫ଏକର ଜମି ଅଧିଗ୍ରହଣରେ ସମସ୍ୟା ରହିଛି। ଆଗକୁ ଏହାର ସମାଧାନ ଜିଲାପାଳଙ୍କ ମାଧ୍ୟମରେ ହେବ। ଖୁବ୍ ଶୀଘ୍ର କିଭଳି ଜମି ଅଧିଗ୍ରହଣ ହେବ ତା' ଉପରେ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଛି ବୋଲି ସେ ଦର୍ଶାଇଛନ୍ତି। ଜରେଇକେଲା ସରପଞ୍ଚ ସୁରେଶ ଓରାମଙ୍କ କହିବା ଅନୁସାରେ, ଏନ୍‌ଏଚ୍-୩୨୦ ଡି ହେଲେ ଓଡ଼ିଶା -ଝାଡ଼ଖଣ୍ଡ ନିବିଡ଼ତା ବୃଦ୍ଧି ପାଇବ। ବିଶ୍ରା ଅଞ୍ଚଳ ଓ ରାଉରକେଲା ମଧ୍ୟରେ ଗମନାଗମନ ସୁଗମ ହେବ। ରାସ୍ତା ନିର୍ମାଣ ପାଇଁ ବିଭାଗକୁ ଜମି ଅଧିଗ୍ରହଣ ଆବଶ୍ୟକ। ତେଣୁ ଖତିଆନଧାରୀ ଓ ତାଙ୍କ ଅଂଶୀଦାରଙ୍କୁ ସମତୁଲ୍ୟ ଅନୁକମ୍ପା ପ୍ରଦାନ ବ୍ୟବସ୍ଥା ବିଭାଗ କରିବା କଥା ବୋଲି ସେ କହିଛନ୍ତି।

# ଆର୍‌ଏସ୍‌ପି ହଟ୍‌ଷ୍ଟ୍ରିପ ମିଲ-୨ ବିଭାଗ ହାସଲ କରିଛି ସର୍ବଶ୍ରେଷ୍ଠ ରେକର୍ଡ



ସଫଳତା ନେଇ କେକ କଟାଯାଉଛି।

ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ ମିଲ-୨ ଏଚଆର କଏଲ ଉତ୍ପାଦନରେ ମାଇଲଖୁଣ୍ଟ ରେକର୍ଡ ସୃଷ୍ଟି କରିଛି। ଜୁଲାଇ ୧୬ରେ ସର୍ବାଧିକ ୫ନିୟୁତ ଟନ୍ ହଟ୍ ରୋଲ୍ଡ (ଏଚଆର) କଏଲ ଉତ୍ପାଦନ କରି ନୂତନ ରେକର୍ଡ ସୃଷ୍ଟି କରିବା ଆର୍‌ଏସପି ସାମୁଦାୟିକଙ୍କ ମନରେ ପ୍ରବଳ ଉତ୍ସାହ ଉଦ୍ଦୀପନା ଓ ଆନନ୍ଦର ଲହରୀ ଖେଳାଇ ଦେଇଛି। ଏନେଇ ବୁଧବାର ଆରଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏଚଏସଏମ-୨ ସପ୍ ଫ୍ଲୋର ପରିଦର୍ଶନ କରି ଏହି ବୃହତ ସଫଳତା ପାଇଁ ସାମୁଦାୟିକଙ୍କ ସହିତ ମିଶି ଖୁସୀ ପାଳନ କରିଥିଲେ। ତାଙ୍କ ଗହଣରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ,ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ତଥା ନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ ବହନ କରୁଥିବା ଅନିଲ କୁମାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ ହଟ ଷ୍ଟ୍ରିପ ମିଲ-୨ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ,ଏଚଏସଏମ-୨ରେ ୧ନିୟୁତ ଟନ ଏଚଆର କଏଲ ଉତ୍ପାଦନ ରେକର୍ଡ ୧୪୩ ଦିନରେ ହାସଲ କରିଛି। ଯାହା ୨୦୨୨ ଅକ୍ଟୋବର ୨୭ରେ ୨୧୦ଦିନରେ ୧ନିୟୁତ ଟନ୍ ଏଚଆର କଏଲ ଉତ୍ପାଦନ ହୋଇଥିଲା। ମାତ୍ର ଆଧୁନିକ କାରିଗରୀ ସମ୍ପନ୍ନ ମିଲ ଏବଂ ସାମୁଦାୟିକ ଯୁବଦଳଙ୍କ ପ୍ରୟାସରେ କାର୍ଯ୍ୟ ଦକ୍ଷତା ଉନ୍ନତ ହୋଇ ଯଥାକ୍ରମେ ୧୭୫,୧୫୪ ଏବଂ ୧୫୦ଦିନରେ ପରବର୍ତ୍ତୀ ନିୟୁତ ଟନ୍ ଉତ୍ପାଦନ ହାସଲ କରିବା ସକ୍ଷମ ହୋଇଛି। ଏନେଇ ସାମୂହିକଙ୍କୁ ଅଭିନନ୍ଦନ ଜଣାଇ ଭୌମିକ କହିଥିଲେ, ଯଦିଓ ମିଲ ପାଇଁ ଏହାର ଉତ୍ପାଦନ ଯାତ୍ରା ଉଲ୍ଲେଖନୀୟ, ତଥାପି ଆମ ଗନ୍ତବ୍ୟ ସ୍ଥଳ ପରିସୀମା ସୀମିତ ନୁହେଁ, ଅସୀମିତ ବୋଲି ଉଲ୍ଲେଖ କରିବା ସହିତ ହଟ ଷ୍ଟ୍ରିପ ମିଲ-୨ ବିଭାଗ ଆରଏସପିର ଲାଭ ଅର୍ଜନତାକୁ ନିଶ୍ଚିତ କରିଛି। ଏଚଏସଏମ-୨ର ଯୁବଦଳ କାରଖାନାକୁ ସଫଳତା ଏକ ନୂତନ ଅଧ୍ୟାୟ ପାଇଁ ଆଗକୁ ମାଗଦର୍ଶନ କରିବ। ଏନେଇ ଭୌମିକ ରେକର୍ଡ ହାସଲ ନେଇ ଖୁସୀରେ ସମସ୍ତଙ୍କ ଉପସ୍ଥିତିରେ ଏକ କେକ କାଟିଥିଲେ। ପରେ ସୂର୍ଯ୍ୟବଂଶୀ ବିଭାଗୀୟ ଦଳକୁ ଅଭିନନ୍ଦନ ଜଣାଇ ବଜାରରେ ପ୍ରତିଯୋଗୀତାରେ ତିଷ୍ଠି ରହିବା ନିମନ୍ତେ ଆବଶ୍ୟକ ଥିବା ଗୁଣବତା, ମୂଲ୍ୟଯୋଗ ଓ ମୂଲ୍ୟନିପୁଣତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମିଶ୍ର ୟୁନିଟର ଉତ୍କୃଷ୍ଟ ଉତ୍ପାଦନ ଶୃଙ୍ଖଳକୁ ପ୍ରଶଂସା କରିଥିଲେ ଓ ଇସ୍ପାତ କାରଖାନା ପାଇଁ ନୂତନ ମାଇଲଖୁଣ୍ଟ ଓ ସଫଳତାର କାହାଣୀ ସୃଷ୍ଟି କରିବାକୁ ସାମୂହିକଙ୍କୁ ଉତ୍ସାହିତ କରିଥିଲେ। ବର୍ମା ଏଚଏସଏମ-୨ର ମହତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ ଓ ଗୁଣବତା,ସ୍ଥିରତା ଓ ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ନେଇ ଗୁରୁତ୍ୱାରୋପ କରିଥିଲେ। ଅନିଲ କୁମାର ମଲ୍ଲିକ ଜଟିଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ସାମଗ୍ରୀ ପରିଚାଳନା ବିଭାଗର ସମସ୍ତ ସହଯୋଗକୁ ଦୋହରାଇ ଥିଲେ। ଆରମ୍ଭରେ ହଟ ଷ୍ଟ୍ରିପ ମିଲ-୨ ବିଭାଗ ସିଜିଏମ ଆର କେ ମୁଦୁଲୀ ସମାବେଶକୁ ସ୍ୱାଗତ କରିଥିଲେ ଏବଂ ମିଲର ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ। ମିଲର ସମସ୍ତ ସହଯୋଗୀ ବିଭାଗ ଦ୍ୱାରା ବ୍ୟାପକ ସମର୍ଥନ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ମିଲର ଅଦ୍ୟାବଧି ଯାତ୍ରାର ଅଂଶକୁ ନେଇ ପ୍ରସ୍ତୁତ ଏକ ଫିଲ୍ମ ଏନେଇ ପ୍ରଦର୍ଶିତ ହୋଇଥିଲା। ଏଚଏସଏମ-୨ ଅପରେଶନ ବିଭାଗର ଜିଏମ ଇନଚାର୍ଜ ଡି.କେ ଯାଦବ ପରିଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବିଧା ଥାଇ କାର୍ଯ୍ୟରେ ଆସୁନି




ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)

ଛେଣ୍ଡର ଭିଏସଏସ ମାର୍କେଟ ସହରର ବହୁ ପୁରୁଣା। ଏହା ଉପରେ ଛେଣ୍ଡ, ସିଭିଲ ଟାଉନଶିପ୍, ବାସନ୍ତୀ କଲୋନୀ ଓ କଳିଙ୍ଗ ବିହାର ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଗ୍ରାହକ ଓ ବେପାରୀଙ୍କ ପାଇଁ ଆରଏମସି ପକ୍ଷରୁ ସାପ୍ତାହିକ ବଜାରରେ ପିଣ୍ଡି ,ଶୀତଳ ମୃଦୁ୍ୟ ଜଳ ପ୍ରକଳ୍ପ, ୨ ଚକିଆ ଯାନ ରଖିବା ପାଇଁ ପାର୍କିଂର ବ୍ୟବସ୍ଥା କରାଯାଇଛି। ମାତ୍ର ପରିତାପର ବିଷୟ ଏହା କାର୍ଯ୍ୟରେ ଆସୁନି। ମାସ ମାସ ଧରି ପିଣ୍ଡି ଚତୁଃପାର୍ଶ୍ୱରେ ଆଳିଆ ଆବର୍ଜନା ପଡି ରହୁଛି। ଆରଏମସି ସାନିଟାଇଜ ବିଭାଗ ପକ୍ଷରୁ ଆବର୍ଜନା ଉଠୁ ନ ଥିବାରୁ ବେପାରୀମାନେ ବାଧ ହୋଇ ପିଣ୍ଡି ବାହାରେ ଦୋକାନ ପକାଉଛନ୍ତି। ସବୁଠୁ ବଡ଼ କଥା ହେଉଛି ଉକ୍ତ ମାର୍କେଟ ବୁଲା ଗୋରୁ ଓ ଷଣ୍ଢଙ୍କ ଚରାଭୂମି ପାଲଟିଛି। ଯାହାଫଳରେ ଅନେକ ସମୟରେ ବଜାରକୁ ଆସୁଥିବା ଗ୍ରାହକମାନେ ଗୋରୁଙ୍କ ଆକ୍ରୋଶର ଶିକାର ହୋଇ କ୍ଷତବିକ୍ଷତ ହେଉଛନ୍ତି। ସେହିପରି ୨ ଚକିଆ ଯାନ ପରିବର୍ତ୍ତେ ୪ ଚକିଆ ଯାନ ପାର୍କିଂ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଠାରେ ପାନୀୟ ଜଳ ମିଳୁନାହିଁ। ତେଣୁ ତୁରନ୍ତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ କରିବା ପାଇଁ ଭିଏସଏସ ମାର୍କେଟ ବେପାରୀ ଜୟଦେବ କର,ସୁଶୀଳା ମହନ୍ତ,ରମାକାନ୍ତ ବିନ୍ଦ ଏବଂ ଗଣେଶ ଓରାମ ବେପାରୀ,ଗ୍ରାହକ ଉଲ୍ଲେଖ କରିଛନ୍ତି। ଏନେଇ ଆରଏମସି କମିସନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ମାର୍କେଟରେ ଉପଲବ୍ଧ ସମସ୍ତ ବ୍ୟବସ୍ଥା ଉପରେ ତଦନ୍ତ ହେବ। ତଦନ୍ତ ପରେ ଯାହାକିଛି ସମସ୍ୟା ଥିବ ତାହା ସମାଧାନ କରାଯିବ ବୋଲି ସେ କହିଥିଲେ।


ମହରମ ପାଳନ ଅବସରରେ ଆଖାଡ ପ୍ରଦର୍ଶନ କରାଯାଉଛି।

# ମହରମ୍‌ରେ ୫ ଆଖଡ଼ା ପକ୍ଷରୁ ଶୋଭାଯାତ୍ରା

ରାଉରକେଲା, ୧୭।୭(ସଙ୍ଗୀତା ଜେନା)

ମୁସଲମାନ୍ ସମ୍ପ୍ରଦାୟର ମହରମ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶାନ୍ତିଶୃଙ୍ଖଳା ଓ ଭାଇଚାରା ସହ ପାଳନ କରାଯାଇଛି। ଏହି ଅବସରରେ ରାଉରକେଲା ସେଣ୍ଟ୍ରାଲ ମହରମ୍ କମିଟି, ମୌଲାଲୀ ମହରମ କମିଟି, ମହତାବ ରୋଡ ମହରମ କମିଟି, ମାଲଗୋଦାମ ମହରମ କମିଟି, ଗଣେଶ ଛକ ମହରମ କମିଟି ଗୁଡ଼ିକ ପକ୍ଷରୁ ଏହି ଶୋଭାଯାତ୍ରା ବାହାରିଥିଲା। ଅପରାହ୍ନ୪ଟାରୁ ଉକ୍ତ ଶୋଭାଯାତ୍ରା ବାହାରି ପୁରୁଣା ଷ୍ଟେଶନ୍ ରୋଡ ଦେଇ ମେନ୍ ରୋଡ ପରିକ୍ରମା କରିଥିଲା। ଲାଠି ଓ ପାରମ୍ପରିକ ଖେଳ ଏଥିରେ ପ୍ରଦର୍ଶନ କରାଯାଇଥିଲା। ଶାନ୍ତିକମିଟିର ବିଲାଲ ଅହମ୍ମଦ ମୁନା, ଜଗଦେବ ସିଂହ, ଦେବବ୍ରତ ବିହାରୀ, ଗିରିଜା ଶଙ୍କର ଦ୍ୱିବେଦୀ, ସତ୍ୟାନନ୍ଦ ମହାନ୍ତି, ଇଜାଜ ଅଖତାର, ଏମଡ଼ି ଅଖତାର, ଆୟୁବ ଖାନ୍, ଏମ୍‌ଡି ଇମାମ, ଏମଡି ସମୀମ, ମହମ୍ମଦ ଫୈଜଲ, ମହମ୍ମଦ ମୟୁଦ୍ ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ। ରାଉରକେଲା ଡିଆଇଜି ବ୍ରିଜେଶ ରାଏଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ, ରାଜକିଶୋର ମିଶ୍ର, ରବିନ୍ଦ୍ର ରାଉତ(ଏସ୍‌ପି) ଜୋନାଲ ଡିଏସ୍‌ପି ନିର୍ମଳ ମହାପାତ୍ର, ଏସ୍‌ଡିପିଓ ଉପାସନା ପାଢ଼ୀ, ପୁଷ୍ପରାଣୀ ନିନ୍‌ଗୀ ଓ ବିଭିନ୍ନ ଥାନା ଅଧିକାରୀ ଏଥିରେ ଉପସ୍ଥିତ ଥିଲେ। ଏଥିରେ ୫ ପ୍ଲାଟୁନଫୋର୍ସ ମୁତୟନ କରାଯାଇଥିଲା।

# ଡେଙ୍ଗୁ ନିରାକରଣ ପାଇଁ ପଥପ୍ରାନ୍ତ ନାଟକ ଆୟୋଜିତ



ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ଜନସ୍ୱାସ୍ଥ୍ୟ ବିଭାଗ ଇସ୍ପାତ ସହରାଞ୍ଚଳରେ ଡେଙ୍ଗୁ ରୋଗର ନିରାକରଣ ନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି। ମଶା ପ୍ରଜନନ ମୁକାବିଲା ପାଇଁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ମାନ ଗ୍ରହଣ କରାଯାଉଛି। ଏଥିସହ ସ୍ୱାସ୍ଥ୍ୟ ଶିକ୍ଷା ଆଧାରିତ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରୁଛି। ବୁଧବାର ସେକ୍ଟର-୧୪ ବସ୍ତି, ସେକ୍ଟର-୧୪ ବଜାର ଓ ସେକ୍ଟର-୧୬ ବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଯାଇଛି। ବାପି ପଲାଇଙ୍କ ନେତୃତ୍ୱରେ କଳାକାର ମାନେ ଡେଙ୍ଗୁ ଓ ଚିକୁନ ଗୁନିଆ ନିରାକରଣ ନିମନ୍ତେ ଥିବା ଜରୁରୀ ପଦକ୍ଷେପ ଗୁଡିକ ବିଷୟରେ ପଥପ୍ରାନ୍ତ ନାଟକ ଜରିଆରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ।

# ଶିଳ୍ପାଞ୍ଚଳବାସୀଙ୍କ ସମସ୍ୟା ସମାଧାନ ଦାବି

## ଭାଜପା ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)

ଭାଜପା ପାନପୋଷ ସାଂଗଠନିକ ଜିଲା ପ୍ରତିନିଧି ମଣ୍ଡଳଙ୍କ ପକ୍ଷରୁ ଆରଏସପି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କୁ ରାଉରକେଲା ଶିଳ୍ପାଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଗୁଡିକର ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାସ୍ତାଘାଟ ମରାମତି, ନାଳ ପାଣି ନିଷ୍କାସନ, ପାନୀୟ ଜଳ ପ୍ରକଳ୍ପ, ଅବଶ୍ୟକ ସ୍ଥଳେ ନଳକୂପ ଖନନ ଓ ବିଦ୍ୟୁତ୍ ଆଦି ସମସ୍ୟା ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ଡେଙ୍ଗୁ ବ୍ୟାପକତା ନିୟନ୍ତ୍ରଣ ପାଇଁ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲା । ଅନ୍ୟପଟେ ବିଭାଗୀୟ ନିର୍ବାହୀ ନିର୍ଦ୍ଦେଶକ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ,ଜିଲା ସାଧାରଣ ସମ୍ପାଦକଙ୍କ ସମେତ ଭାଜପା ଜିଲା ପ୍ରତିନିଧି ମଣ୍ଡଳର ବହୁସଂଖ୍ୟକ ନେତା ଓ କର୍ମୀ ସାମିଲ ଥିଲେ।



ଭାଜପା ପକ୍ଷରୁ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଅଭିଯୋଗପରେ ମରାମତି ହେଲା ଷ୍ଟ୍ରିଟ୍ ଲାଇଟ୍

ରାଉରକେଲା,୧୭।୭(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ୱାର୍ଡ ନମ୍ବର ୨୧ ବିବେକାନନ୍ଦପାଲିରେ ପୂର୍ବରୁ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଜଳୁଥିଲା। ଗତ କିଛି ଦିନ ହେବ ଏଗୁଡିକ ଜଳୁ ନ ଥିଲା। ଏ ନେଇ ବସ୍ତିବାସୀ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବସ୍ତି ପାହାଡ଼ ନିକଟରେ ଥିବା ଯୋଗୁ ବର୍ଷା ଦିନରେ ସରୀସୃପ ବାହାରୁଥିଲେ। ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ହେବାର ଆଶଙ୍କା ମଧ୍ୟ ରହିଛି। ମଙ୍ଗଳବାର ବିକାଶ ଜେନା ଓ ଶତାଧିକ ବସ୍ତିବାସୀ ଆର୍‌ଏମ୍‌ସି କନିଷ୍ଠ ଯନ୍ତ୍ରୀ ମାନସ ବିଶ୍ୱାଳଙ୍କ ସହ ଭେଟି ଆଲୋଚନା କରିଥିଲେ। ଅପରାହ୍ନରେ ୧୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଇଥିଲା।

# ଭିନ୍ନକ୍ଷମ ନାବାଳକଙ୍କୁ ମିଳୁନି ସରକାରୀ ସୁବିଧା

ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆର୍‌ଏମ୍‌ସି ଅଧୀନ ୪ନଂ. ୱାର୍ଡ ବାଲୁଘାଟ ତରେକେଲାରେ ରହୁଥିବା ଜଣେ ଭିନ୍ନକ୍ଷମ ନାବାଳକଙ୍କୁ ମିଳୁନି ସରକାରୀ ସୁବିଧା। ଭିନ୍ନକ୍ଷମ ହେବାର ସମସ୍ତ ମାନଦଣ୍ଡ ଥାଇ ମଧ୍ୟ ନା ତାଙ୍କୁ ମିଳିପାରୁଛି ଭିନ୍ନକ୍ଷମ ଭତ୍ତା ନା ରାଶନ ସାମଗ୍ରୀ। ସେ ହେଲେ ଆଲୋକ ମି(୯)। ଆଲୋକଙ୍କ ବାମହାତ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ତାଙ୍କର ପରିବାର କହିଲେ ବାପା ମୀନ ମି(୫୦), ବଡ଼ଭାଇ ଅରମାନ ମି(୧୬) ଓ ଆଈ ଶୁକ ମି(୭୦)। ୨ବର୍ଷ ତଳେ ଜ୍ୱରରେ ଆକ୍ରାନ୍ତ ହୋଇ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ମୃତ୍ୟୁ ଯୋଗୁ ମୀନ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲେ। ନାବାଳକ ଭିନ୍ନକ୍ଷମଙ୍କ ଲାଳନପାଳନ ଭାର ବୁଢ଼ୀ ଆଈ ଉପରେ ସମ୍ପୂର୍ଣ୍ଣ ଅଜାଡି ହୋଇପଡିଲା। ତୁରନ୍ତ ଆଲୋକଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ରାଉରକେଲା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସ ଓୖଲଙ୍କୁ ପଚାରିବାରୁ, ଭିନ୍ନକ୍ଷମ ଭତ୍ତା ପ୍ରଦାନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ପରିବାର ଲୋକେ ଯେପରି ସମସ୍ତ ସରକାରୀ ଯୋଜନାର ଲାଭ ପାଇବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ।


ଭିନ୍ନକ୍ଷମ ନାବାଳକଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ।

# ଅଞ୍ଚଳବାସୀଙ୍କୁ ଭରସା ଅସ୍ଥାୟୀ ପୋଲ

ରାଉରକେଲା,୧୭।୭(ସଙ୍ଗୀତା ଜେନା)

ରାଉରକେଲାରୁ ବିଶ୍ରା ଓ ନୂଆଗାଁ ବ୍ଲକକୁ ସଂଯୋଗ କରୁଥିବା ତଥା ରାଉରକେଲା ସ୍ମାର୍ଟସିଟିରୁ ପ୍ରାୟ ୨ କି.ମି ଦୂରରେ ଥିବା ମିଟକୁନ୍ଦରୀ ସ୍ଥିତ ଦେଓନଦୀରେ ସେତୁ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇପାରିଲାନାହିଁ। ୨୦୧୮ରୁ ଆରମ୍ଭ ହୋଇଥିବା ଏହି ସେତୁକୁ ୬ ବର୍ଷ ପୂରିଲା। ଏହି ଅର୍ଦ୍ଧନିର୍ମିତ ସେତୁ ନିର୍ମାଣ ପାଇଁ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ମଧ୍ୟ ସୁଫଳ ହେଲାନି। ବାରମ୍ବାର ପ୍ରଶାସନ ଅଧିକାରୀଙ୍କ ଉକ୍ତ ସେତୁ ପରିଦର୍ଶନ ଓ ପ୍ରତିଶ୍ରୁତି ମଧ୍ୟ କାମ କଲାନି। ୩୦ ଫୁଟ୍ ଶିଡ଼ି ଚଢ଼ି ଲୋକେ ନଦୀ ଅତିକ୍ରମ କରୁଥିଲେ। ତାକୁ ମଧ୍ୟ ହଟାଇ ଦିଆଗଲା। ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ କଚ୍ଚା ରାସ୍ତା ତିଆରି କରାଗଲା। ହେଲେ ତାହା ମଧ୍ୟ ଅଧିକ ଜଳସ୍ରୋତରେ ଭାସିଗଲା। ଲୋକେ ବାଧ ହୋଇ ପ୍ରାୟ ୩୦ କି.ମି ବୁଲାଣି ଦେଇ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, କୋର୍ଟକଚେରୀ ଆସିବାକୁ ବାଧ ହେଲେ। ଏହାକୁ ଦୃଷ୍ଟିରେ ରଖି ଲୁହା ରଡ୍, ଏଙ୍ଗଲ୍ ଓ ଲୁହା ପାତରେ ଏକ ୪୦ ଫୁଟ୍‌ର ଅସ୍ଥାୟୀ ପୋଲ ନିର୍ମାଣ କରାଗଲା। ବିରମିତ୍ରପୁର ବିଧାୟକଙ୍କ ସୌଜନତାରେ ତିଆରି ହୋଇଥିବା ଉକ୍ତ ଅସ୍ଥାୟ ପୋଲରେ ଲୋକେ ୨ଚକିଆ ବାଇକ ଆଦି ନେବା ଆଣିବା କରୁଛନ୍ତି। ତାହା ବିପଦ ସୃଷ୍ଟି କରିବା ଆଶଙ୍କାରେ ବୁଧବାର ବିରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତୀର୍କୀ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ତୀର୍କୀ କହିଥିଲେ, ଲୋକଙ୍କ ଅସୁବିଧାକୁ ଦେଖି ଏହାକୁ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲୁ। ଏ ନେଇ ଜିଲାପାଳଙ୍କ ସହ ଭେଟି ଏହାର ସମାଧାନ ପାଇଁ ଆଲୋଚନା ମଧ୍ୟ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ଆପ୍ରୋଚ ରୋଡ ଓ ଜମି ପାଇଁ ଟଙ୍କା ଆସିଯାଇଛି। ପ୍ରାୟ ୩ରୁ ୪ ମାସରେ ଏହି ସେତୁ ନିର୍ମାଣ ଶେଷ ହେବାନେଇ ସେ ଆଶା ରଖିଛନ୍ତି। ସୂଚନାଯୋଗ୍ୟ, ନୂଆଗାଁ, ବିଶ୍ରା, ଲହଣ୍ଡା, ସିମେରତା, କଦଳୀବାହାର, କେମାଙ୍ଗ, ଲାଙ୍କୋଇ, ଅଙ୍କୁରପାଲୀ, କାରୀଛାପର, ପସରା, ଝାରବେଡ଼ା,ରିଝୁ ଭଳି ୧୨ ଟି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସେତୁ ଉପରେ ନିର୍ଭର କରିଥାନ୍ତି। ଦେବନଦୀ ଖରାଦିନେ ଶୁଖିଲା ରହୁଥିବାରୁ ଅସ୍ଥାୟୀ କଚ୍ଚାରାସ୍ତା ତିଆରି କରି ଗ୍ରାମବାସ ଯାତାୟାତ କରିଥାନ୍ତି। ହେଲେ ବର୍ଷା ଋତୁରେ ଏହା ସମ୍ଭବ ହୋଇ ନ ଥାଏ। ଫଳରେ ଲୋକେ ବିରମିତ୍ରପୁର ଓ ଖୁଣ୍ଟଗାଁ ଦେଇ ରାଉରକେଲା ଅସିବାକୁ ବାଧ ହୋଇଥାନ୍ତି। ଦେଓନଦୀ ଉପରେ ୨୦୧୮ ଜୁନ୍ ୩୦ରେ ୯୫୯.୦୮ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାହା ୨୦୨୦ ଜୁନ୍ ୨୯ ତାରିଖ ସୁଦ୍ଧା କାମ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ସେତୁରେ ୫ଟି ପିଲାର (ସ୍ତମ୍ଭ) ନିର୍ମାଣ ଓ ସ୍ଲାବିଂ ହୋଇଥିଲା। ଏହାର ଆଉ ଗୋଟିଏ ପିଲାର ଓ ଆପ୍ରୋଚ ରୋଡ ତିଆରି ସମୟରେ ଉକ୍ତ ଜମିକୁ ବ୍ୟକ୍ତିଗତ ଦର୍ଶାଇ କିଛି ସ୍ଥାନୀୟ ଲୋକ କାର୍ଯ୍ୟ ବନ୍ଦ କରିଦେଇଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ବନ୍ଦ ରହିଛି।


ଅସ୍ଥାୟୀ ପୋଲରେ ଅଞ୍ଚଳବାସୀ ଯାତାୟତ କରୁଛନ୍ତି।

## ଦେଓନଦୀରେ ନିର୍ମାଣ ହୋଇପାରୁନି ସେତୁ



ବୁଧବାର ସମ୍ବଲପୁର ମୁଦିପଡ଼ା ଠାକୁରଙ୍କ ସୁନାବେଶ।



ସୁନାବେଶରେ ଝାଡ୍ରୁଆପଡ଼ା ବ୍ରହ୍ମପୁରା ଠାକୁର ।



କ୍ଷେତରାଜପୁର ଠାକୁରଙ୍କ ସୁନାବେଶ ।

# ଭକ୍ତ ଦର୍ଶନକଲେ ଠାକୁରଙ୍କ ସୁନାବେଶ



ଧନୁପାଲି ଗୋପାଳଜୀ ଠାକୁରଙ୍କ ସୁନାବେଶ ।



ସୁନାବେଶରେ ସାକ୍ଷୀଗୋପୀନାଥ ରାଧାମଦନଗୋପାଳ ଠାକୁର ।

**ସମ୍ବଲପୁର,୧୭।୭(ବି.ଶଙ୍କର)**

ପବିତ୍ର ହରିଶୟନ ଏକାଦଶୀ ତିଥିରେ ସମ୍ବଲପୁର ସହର ଝାଡ୍ରୁଆପଡା ସ୍ଥିତ ବ୍ରହ୍ମପୁରା, ଧନୁପାଲି ଗୋପାଳଜୀ, ସାକ୍ଷୀପଡ଼ା ରାଧାମୋହନ ଗୋପାଳ ଠାକୁର, ମୁଦିପଡା ଓ କ୍ଷେତରାଜପୁର ଜଗନ୍ନାଥ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ବୁଧବାର ଭକ୍ତମାନେ ରଥାରୂଢ଼ ଠାକୁରଙ୍କ ସୁନା ବେଶ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଏଥିସହ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ କଳାକାରମାନେ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ଜୟ ଜଗନ୍ନାଥ, ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା୍ ବୁଧବାର ସକାଳ ୮ଟା ୩୦ରେ ସମ୍ବଲପୁର ମୁଦିପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୂଢ଼ ଠାକୁରଙ୍କ ଧୂପନୀତି ହୋଇଥିଲା । ଏହାପରେ ୯ଟା ପର୍ଯ୍ୟନ୍ତ ସେବାୟତମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ବିଭିନ୍ନ ଅଳଙ୍କାରରେ ଠାକୁରମାନେ ଆଭୂଷିତ ହୋଇଥିଲେ। ଏହି ମନଲୋଭା ବେଶ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥିବା ଲୋକକଥା କଥା ରହିଛି। ସମ୍ବଲପୁର ମୁଦିପଡା ଜଗନ୍ନାଥ ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ପୂର୍ବାହ୍ନ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ଭକ୍ତମାନେ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ। ଗୁରୁବାର ମଧ୍ୟ ଠାକୁର ସୁନା ବେଶରେ ଦର୍ଶନ ଦେବା ନୀତି ରହିଛି। ପଣ୍ଡିତ ଜୟଗୋପାଳ ସୁଆର, ଅବିନାଶ ପଣ୍ଡା, ରାଜା ସ୍ୱାଇଁ, କୁଲୁ ଶର୍ମା, ତାପସ ପରିଡା ଠାକୁରଙ୍କୁ ବେଶ କରିଥିଲେ। ସନ୍ଧ୍ୟା ୭ଟାରୁ ମୁଦିପଡା ରଥ ଯାତ୍ରା କମିଟି ପକ୍ଷରୁ ବୀରେନ୍ଦ୍ର କର୍ଣ୍ଣଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା ହୋଇଥିଲା। କଣ୍ଠଶିଳ୍ପୀ ମାନସ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କଣ୍ଠଶିଳ୍ପୀ ରାଜକୁମାର ଗୁପ୍ତା, ପ୍ରଦୀପ ପତି, କମଳ ରାଉତ, ସତ୍ୟନାରାୟଣ ତ୍ରିପାଠୀ ଓ ସାଥୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଭାଗୀରଥି ସିଂଦେଓ, ପାରସ ହରିପାଲ ଓ ଗୌରହରି ଗୁରୁ ସହଯୋଗ କରିଥିଲେ। ଗୁରୁବାର ରାତି ୭ଟାରେ ଅଧରପଣା ନୀତି, ୯ଟାରେ ଲକ୍ଷ୍ମୀନାରାୟଣ କଳି କାର୍ଯ୍ୟକ୍ରମ, ୧୦ଟାରେ ଭିତିରି ବିଜେ ନୀତି, ୧୦ଟା ୩୦ ମିନିଟରେ ଠାକୁରଙ୍କ ପ୍ରତିଷ୍ଠା ଏବଂ ୧୧ଟାରେ ସିଂହାସନ ବିଜେ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କର୍ତ୍ତୃପକ୍ଷ ସୂଚିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୯୨ ମସିହାରୁ ସମ୍ବଲପୁର ସହର ସ୍ଥିତ ମୁଦିପଡା ଠାକୁରଙ୍କ ସୁନା ବେଶ ନୀତି ହୋଇଆସୁଛି। ଅପରପକ୍ଷେ କ୍ଷେତରାଜପୁର ଜଗନ୍ନାଥଙ୍କ ସୁନାବେଶ ଦର୍ଶନ କରିବାକୁ ସମ୍ବଲପୁର ମହାନଗର ନିଗମ ସମେତ ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। କ୍ଷେତରାଜପୁର ଜଗନ୍ନାଥ ମନ୍ଦିର ପୂଜକ ରବି ପୂଜାରୀଙ୍କ ତତ୍ତ୍ୱାବଧାନରେ ସୁନାବେଶ ନୀତି ହୋଇଥିଲା । ସେବାୟତ ସଞ୍ଜୟ କୁମାର ଷଡ଼ଙ୍ଗୀ, ପ୍ରଭାସ ପୂଜାରୀ, ଆଶୁତୋଷ କର, ପ୍ରଦୀପ ବିଶି ଠାକୁରଙ୍କ ବେଶ କରିଥିଲେ। ମନ୍ଦିର ପରିଚାଳନା କମିଟିର ଶମ୍ଭୁ ବରେଲିଆ, ପ୍ରବୀଣ ଦୀକ୍ଷିତ, ଦିଲି ଚୌବେ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ସନ୍ଧ୍ୟାରେ ରଥ ଉପରେ ଅଧରପଣା ଲାଗି ହେବ। ଶୁକ୍ରବାର ସନ୍ଧ୍ୟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ନୀଳାଦ୍ରି ବିଜେ ଏବଂ ସାମୂହିକ ପ୍ରସାଦ ସେବନ କର୍ଯ୍ୟକ୍ରମ ରହିଛି।

**ଆଜି ଅଧରପଣା ନୀତି**

## ଗୁହାଳରୁ ଅଜଗର ଉଦ୍ଧାର

**ପଡିଆବାହାଲ,୧୭।୭(ରାଧାମୋହନ ଷଡଙ୍ଗୀ)**

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ବିନାୟକ ଡେରାଠାରେ ମଙ୍ଗଳବାର ରାତିରେ ଜଣେ ବ୍ୟକ୍ତିଙ୍କ ଗୁହଳରେ ଏକ ବିରାଟକାୟ ଅଜଗର ଥିବା ଦେଖିବାକୁ ମିଳିଥିଲା। ଗୁହଳ ମାଲିକ ସୁଶାନ୍ତ ନାୟକ ଏ ନେଇ ପଡିବାହାଲ ରେଞ୍ଜ ବନବିଭାଗ କର୍ମୀଚାରୀଙ୍କୁ ଏ ନେଇ ଜଣାଇଥିଲେ। ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଆସି ଅଜଗରକୁ ନେଇଯାଇଥିଲେ। ବିବରଣୀ ମତେ ରାତିରେ ଗାଈଙ୍କ ହମ୍ବାରଡ଼ି ଶୁଣି ଗୋପାଳକ ସୁଶାନ୍ତ ଗୁହାଳକୁ ଯାଇଥିଲେ। ସେତେବେଳେ ଅଜଗରଟି ଗୁହାଳ ଭିତରେ ପଶୁଥିବା ଦେଖିଥିଲେ।

## ଅଣଗେଜେଟେଡ୍ ବନକର୍ମଚାରୀ ସଂଘ ବୈଠକ

**କୁଚିଣ୍ଡା,୧୭।୭(ବିରଞ୍ଚି ଦର୍ଢା)**

**ଡିଭିଜନସ୍ତରୀୟ କର୍ମକର୍ତ୍ତା ନିର୍ବାଚନ**

ସମ୍ବଲପୁର ଜିଲା କୁଚିଣ୍ଡାରେ ଓଡ଼ିଶା ଅଣଗେଜେଟେଡ୍ ବନ କର୍ମଚାରୀ ସଂଘ(କେନ୍ଦୁପତ୍ର)ର ଡିଭିଜନସ୍ତରୀୟ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଯଶୋବନ୍ତ ରଣବିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୁଚିଣ୍ଡା ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା ମୁଖ୍ୟ ଅତିଥି, ଓଡ଼ିଶା ଅଣ ଗେଜେଟେଡ ବନ କର୍ମଚାରୀ ସଂଘ ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ନିଷ୍ପତ୍ତି ଅନୁଯାୟୀ ଜୋନ ପୁନର୍ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ମନୋନୟନ ପଦ୍ଧତିରେ କୁଚିଣ୍ଡା ଡିଭିଜନସ୍ତରୀୟ ଗଠନ କରାଯାଇଥିଲା। ଏଥିରେ ରଞ୍ଜିତା ସାହୁ ସଭାପତି, ବିଦ୍ୟୁତ୍ କୁମାର ପାଣ୍ଡେ ଉପସଭାପତି, ରୋହିତାଶ ପ୍ରଧାନ ସମ୍ପାଦକ, ରାଧେଶ୍ୟାମ ବାଘ ଯୁଗ୍ମସମ୍ପାଦକ, ସଦାନନ୍ଦ ପଟେଲ ସହସମ୍ପାଦକ, ମିନତିମହାପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ପାତ୍ର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ବୈଠକରେ ଡେପୁଟି ରେଞ୍ଜର ପ୍ରଶାନ୍ତ କୁମାର ହନୁମାନ, ସଞ୍ଜୀବ କୁମାର ସେଠୀ, ଉତ୍ତମ କୁମାର ସାହୁ, ଅମିତ କୁମାର ପଟେଲ, ସୁସ୍ମିତା ପଟେଲଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଫରେଷ୍ଟର ଓ ଗାର୍ଡ ଯୋଗଦେଇଥିଲେ। ଶେଷରେ ନବନିର୍ବାଚିତ ସଭାପତି ରଞ୍ଜିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ମୁଖ୍ୟ ଅତିଥି ଓ ରାଜ୍ୟ ସଭାପତିଙ୍କ ସହ ଅନ୍ୟମାନେ।

## ତୃତୀୟ ଥର ପାଇଁ ଜୟକୃଷ୍ଣ ମିକ୍ସଡ୍ ଡବଲ୍ସ ଚାମ୍ପିୟନ

**କୁଚିଣ୍ଡା,୧୭।୭(ବିରଞ୍ଚି ଦର୍ଢା)**

**ଅଲ୍ ଓଡ଼ିଶା ସବ୍‌ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା**

ସମ୍ବଲପୁରଠାରେ ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନ ସନରାଇଜ ପକ୍ଷରୁ ଚାଲିଥିବା ଅଲ୍ ଓଡ଼ିଶା ସବ୍ ଜୁନିୟର(୧୭ବର୍ଷ) ପ୍ରତିଯୋଗିତାର ମିକ୍ସଡ୍ ଡବଲ୍ସ ଫାଇନାଲରେ ତୃତୀୟ ଥର ପାଇଁ ଚାମ୍ପିୟନ ହୋଇଛନ୍ତି ଜୟକୃଷ୍ଣ ଗର୍ଡିଆ। ଜୟକୃଷ୍ଣ ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଗୁଦରାପଡା ଗ୍ରାମର ସୁଶାନ୍ତ ଗର୍ଡିଆଙ୍କ ପୁଅ। ସେ ଭୋଜପୁର ଏସଏସଡି ହାଇସ୍କୁଲରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱର ସାଇ ରିଜିଓନାଲ ଏକାଡେମୀରେ ବ୍ୟାଡମିଣ୍ଟନ ଶିକ୍ଷାଲାଭ କରୁଛନ୍ତି। ସୂଚନା ଅନୁଯାୟୀ, ୟୋନେକସ ପକ୍ଷରୁ ସମ୍ବଲପୁରଠାରେ ଗତ ୧୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୭ବର୍ଷରୁ କମ୍ ଓଡ଼ିଶା ରାଜ୍ୟ ସବ୍ ଜୁନିୟର ବ୍ୟାଡମିଣ୍ଟନ ର୍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ମିକସ୍ଡ ଡବଲରେ ଜୟକୃଷ୍ଣ ଗର୍ଡିଆ ଓ ଜେସିକା ସାହୁ ଯୋଡି ତୃତୀୟଥର ଚମ୍ପିୟନ ହୋଇଛନ୍ତି। ତାଙ୍କୁ ଟ୍ରଫି ସହ ଚେକ ମାଧ୍ୟମରେ ଅର୍ଥରାଶି ପ୍ରଦାନ କରାଯାଇଛି। ଜୟକୃଷ୍ଣଙ୍କ ଏଭଳି ସଫଳତା ଖବର ପାଇ ଗୁଦରାପଡା ଗ୍ରାମରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସେ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ବହୁ କ୍ରୀଡାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଥାଉକି, ଜୟକୃଷ୍ଣ ଓ ଜେସିକା ଯୋଡି ପୂର୍ବରୁ କଟକ ଓ ଭଦ୍ରକଠାରେ ହୋଇଥିବା ରାଜ୍ୟସ୍ତରୀୟ ସବ୍ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ।




ବ୍ୟାଡମିଣ୍ଟନ ମିକ୍ସଡ୍ ଡବଲ୍ସ ଚାମ୍ପିୟନ ଜୟକୃଷ୍ଣ ଗର୍ଡିଆ ଓ ଜେସିକା ସାହୁ।

# ରାଷ୍ଟ୍ର ନିର୍ମାଣରେ ବ୍ରତୀହେବାକୁ ଆହ୍ୱାନ

**ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

**ସମ୍ବଲପୁର,୧୭।୭(ପ୍ରମୋଦ ବହିଦାର)**

୨୦୪୭ ମସିହାରେ ଭାରତ ସ୍ୱାଧୀନତାର ଶହେବର୍ଷ ପୂର୍ତ୍ତି ପାଳନ କରିବ। ଏହି ସମୟ ମଧ୍ୟରେ ଭାରତ ବିଶ୍ୱ ଅର୍ଥନୀତିରେ ସର୍ବଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲରେ ଛାତ୍ରୀମାନଙ୍କ ଭୂମିକା ନିର୍ଣ୍ଣାୟକ ହେବ। ବୁଧବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ୬୬ ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବକ୍ତବ୍ୟ ରଖି ପୂଜାରୀ କହିଥିଲେ, ଏହି ମହାବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଶା ସରକାରଙ୍କ ଝିଅ। ଏଠାରେ ସେମାନଙ୍କ କୌଣସି ଅସୁବିଧା ହେବନାହିଁ। ସେ ନିଜେ ନିୟମିତଭାବେ ସେମାନଙ୍କ ସୁବିଧା ଅସୁବିଧାର ତର୍ଜମା କରିବେ। ଏହାର ପ୍ରତିବଦଳରେ ସେମାନେ ନିଜକୁ ରାଷ୍ଟ୍ର ନିର୍ମାଣରେ ବ୍ରତୀ କରାନ୍ତୁ।

ମହାବିଦ୍ୟାଳୟ ପାଇଁ ଆବଶ୍ୟକ ହେଉଥିବା ଜମି ସମ୍ପର୍କରେ ମନ୍ତ୍ରୀ ପୂଜାରୀ କହିଥିଲେ ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ମହାବିଦ୍ୟାଳୟ ଦଖଲରେ ଥିବା ସମ୍ମୁଖ ଭାଗ ଖେଳପଡ଼ିଆର ପଟ୍ଟା ମହାବିଦ୍ୟାଳୟ ନାମରେ କରିଦିଆଯିବ। ମହାବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଥିବା ମାନେଶ୍ୱରରେ ଥିବା ସାଢ଼େ ୩ ଏକର ପରିମିତ ଜମିକୁ ମଧ୍ୟ ବିଦ୍ୟାଳୟ ଓ ଶିକ୍ଷା ବିଭାଗ ନାମରେ ପଟ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଏହି ସରକାରୀ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ଏଠାରେ ଆବଶ୍ୟକ ଆନୁଷଙ୍ଗିକ ବିକାଶ କରାଯିବ। ଏଥିରେ ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ।

ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ଏଠାରେ ଆୟୋଜିତ ସଭାରେ ମୁଖ୍ୟବକ୍ତାଭାବେ ଯୋଗଦେଇ ବୁର୍ଲା ଭିମସାରର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ ସମାଜ ଏବେ ଉଚ୍ଚଶିକ୍ଷିତ ଜ୍ଞାନୀଗୁଣୀ ଧନୀମାନୀ ବ୍ୟକ୍ତି ଅପେକ୍ଷା ଜଣେ ଉତ୍ତମ ମଣିଷ ଆବଶ୍ୟକ କରେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ଯୋଗଦେଇ କେବଳ ଶିକ୍ଷା ନୁହେଁ ବରଂ ଯେକୌଣସି କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରତିପାଦନ କରି ନିଜ ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତୀୟ ଅଭିଭାଷଣରେ ଶିକ୍ଷାନୁଷ୍ଠାନର ଇତିହାସ ବ୍ୟାଖ୍ୟାନ କରିବା ସହ ଏଠାରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ପ୍ରତିକାର କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିବା ସହ ଏହାର ଦାୟିତ୍ୱ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କ ଉପରେ ନ୍ୟସ୍ତ କରିଥିଲେ। ସେ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଙ୍କ ଭୂମିକା ବର୍ଣ୍ଣନା କରି ଉପସ୍ଥିତ ଛାତ୍ରୀମାନଙ୍କୁ ଗାନ୍ଧାରୀ, କୁନ୍ତୀ, ଦ୍ରୌପଦୀ, ଜିଜାବାଈଙ୍କ ଉଦାହରଣ ଦେଇ ସମାଜର ବିକାଶରେ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇଙ୍କ ରଚିତ ମହାବିଦ୍ୟାଳୟର ସଙ୍ଗୀତକୁ ଉଦ୍‌ଘାଟନ କରିଥିଲେ। ସେହିପରି ଚଳିତ ବର୍ଷପାଇଁ ଶିକ୍ଷାନୁଷ୍ଠାନର ଯୁକ୍ତ ୨, କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଲିଭା ବେହେରା, ସୁଶ୍ରୀ ସମୀକ୍ଷା ପ୍ରଧାନ ଏବଂ ସୋନାଲୀ ଗର୍ଡିଆ ପ୍ରମୁଖ ପାଞ୍ଚଜଣ ଛାତ୍ରୀଙ୍କୁ ଇଞ୍ଜିନିୟର କରୁଣାକର ସୁପକାରଙ୍କ ସହାୟତା ଅର୍ଥରାଶିରେ ପ୍ରତିଷ୍ଠିତ ଜନାର୍ଦ୍ଦନ ସୁପକାର ସ୍ମାରକୀ ପୁରସ୍କାର ସ୍ୱରୂପ ୫ହଜାର ଟଙ୍କା ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା କଳ୍ପନା ମେହେର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଭୋଜରାଜ ରୋହିଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରୀମାନେ ଅଧ୍ୟାପିକା ସମିତା ଆଚାର୍ଯ୍ୟ ଓ ଭାରତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ, ସମ୍ବଲପୁରୀ ଏବଂ ବଲିଉଡ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିପୂର୍ବରୁ ରାଜସ୍ୱ ମନ୍ତ୍ରୀ ପୂଜାରୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ମହାବିଦ୍ୟାଳୟ ଖେଳପଡ଼ିଆ, ପାନୀୟ ଜଳ ଯୋଗାଣ, ଷ୍ଟାଫ କ୍ୱାର୍ଟର୍ସ ଓ ଅଡିଟୋରିୟମ ନିର୍ମାଣ ଆଦି ପ୍ରସଙ୍ଗରେ ସମୀକ୍ଷା କରିଥିଲେ। ଉତ୍ସବରେ ପ୍ରାକ୍ତନ ଅଧ୍ୟାପିକା, ଅଧ୍ୟାପକ, ଅଧ୍ୟକ୍ଷ, କର୍ମଚାରୀ, ପୂର୍ବତନ ଛାତ୍ରୀ ଉପସ୍ଥିତ ଥିଲେ।




ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀ।

**ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ: ରାଜସ୍ୱ ମନ୍ତ୍ରୀ**

# ଚଳିତ ଆର୍ଥିକ ବର୍ଷରେ ୨୦,୦୦୦ କୋଟିର ପୁଞ୍ଜି ନିବେଶ କରିବ ଟାଟା ପାୱାର

■ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ଏବଂ ଡିସ୍କମ୍ ସମ୍ପ୍ରସାରଣ ସୁଯୋଗର ଅନୁସନ୍ଧାନ

■ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଉପଭୋକ୍ତା ବ୍ୟବସାୟ ଉପରେ ବର୍ଦ୍ଧିତ ଗୁରୁତ୍ୱ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ପାୱାର (ଭାରତର ଅନ୍ୟତମ ଅଗ୍ରଣୀ ସମନ୍ୱିତ ଶକ୍ତି କମ୍ପାନୀ ଟାଟା ପାୱାର)ର ୧୦୫ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅଂଶୀଦାରମାନଙ୍କ ଏଜିଏମ୍ ମଧ୍ୟ ଆୟୋଜନ କରିଛି। ଏହି ପରିପ୍ରେକ୍ଷୀରେ ଟାଟା ପାୱାରର ଅଧ୍ୟକ୍ଷ ନଟରାଜନ ଚନ୍ଦ୍ରଶେଖରନ ଅଂଶୀଦାରମାନଙ୍କୁ ଦେଇଥିବା ଅଭିଭାଷଣରେ କହିଛନ୍ତି, କମ୍ପାନୀର ସୁଦୃଢ଼ ଆର୍ଥିକ ଓ ପରିଚାଳନାଗତ ପ୍ରଦର୍ଶନ,ନିରନ୍ତର ଅଭିବୃଦ୍ଧି, ଆର୍ଥିକ ସଚେତନତା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ଉତ୍କର୍ଷ ଦିଗରେ ଏହାର ପ୍ରତିବଦ୍ଧତାର ସଙ୍କେତ। ଏ ସମ୍ପର୍କରେ ଟାଟା ପାୱାରର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ କହିଛନ୍ତି, ଟାଟା ପାୱାର ଚଳିତ ଆର୍ଥିକ ବର୍ଷରେ ୨୦,୦୦୦କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଯୋଜନା ରଖିଛି। ଏହା ୨୦୨୩-୨୪ ଆର୍ଥିକ ବର୍ଷରେ ନିବେଶ କରାଯାଇଥିବା ୧୨,୦୦୦କୋଟି ଟଙ୍କାଠାରୁ ଅଧିକ। ଏହାର ଏକ ବଡ଼ ଅଂଶ କମ୍ପାନୀର ଅକ୍ଷୟ ଶକ୍ତି ପୋର୍ଟଫୋଲିଓକୁ ତ୍ୱରାନ୍ୱିତ କରିବା ଏବଂ ସଞ୍ଚରଣ ଏବଂ ବିତରଣ ବ୍ୟବସାୟରେ ସନ୍ତୁଳନ ରକ୍ଷା କରିବାରେ ଖର୍ଚ୍ଚହେବ। ସରକାରଙ୍କ ନୀତି ଅନୁଯାୟୀ ଏହି ସୁଯୋଗ ସୃଷ୍ଟି ହେଲେ ସରକାର ଅନ୍ୟ ରାଜ୍ୟରେ ନୂତନ ବିତରଣ ସମ୍ପ୍ରସାରଣ ସୁଯୋଗ ବ୍ୟତୀତ ଆବଶ୍ୟକ ଅନୁମତି ଦେବା ପରେ କମ୍ପାନୀ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟରରେ ଅଂଶଗ୍ରହଣ କରିବାକୁ ସୁଯୋଗର ଅନୁସନ୍ଧାନ କରିବ। କମ୍ପାନୀ ବିଶେଷକରି ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ଅକ୍ଷୟ ଶକ୍ତି ଯୋଗାଇବା ଉପରେ ଧ୍ୟାନଦେବା ସହ ଭାରତର ସବୁଜ ଶକ୍ତି ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ରହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଯୋଗୁ ବଜାର ଅଂଶ ବୃଦ୍ଧି ଲକ୍ଷ୍ୟ ରଖି ରୁଫ୍‌ଟପ୍ ସୌରଶକ୍ତିରେ ଅଭିବୃଦ୍ଧି ଘଟିଛି। ବର୍ତ୍ତମାନର ୧୨.୫ନିୟୁତ ଉପଭୋକ୍ତାଙ୍କଠାରୁ ବିତରଣ ବ୍ୟବସାୟ ସମ୍ପ୍ରସାରଣ ମାଧ୍ୟମରେ ୫୦ନିୟୁତ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି।

କମ୍ପାନୀର ସମନ୍ୱିତ ରାଜସ୍ୱ ୧୦% ବୃଦ୍ଧି ପାଇ ୬୧,୫୪୨କୋଟି ଟଙ୍କାରେ ପହଞ୍ଚିଛି। ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୨% ବୃଦ୍ଧି ପାଇ ୪,୨୮୦କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀ ଏହାର ବାଲାନ୍ସ ଶିଟ୍‌କୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିଛି ଏବଂ ଏହାର ଅଭିବୃଦ୍ଧି ଯୋଜନାକୁ ପାଣ୍ଠି ଯୋଗାଇବା ପରେ ମଧ୍ୟ ଇକ୍ୱିଟି ୧ରୁ କମ୍ ନିଟ୍ ଋଣ ବଜାୟ ରଖିଛି। ଉଭୟ ଆଗରୁ କାର୍ଯ୍ୟକ୍ଷମ ଥିବା ଏବଂ ଏବେ ଚାଲୁ ରହିଥିବା ପ୍ରକଳ୍ପରୁ ବର୍ତ୍ତମାନର ୯ ଗିଗାୱାଟ୍‌ରୁ ୫ ବର୍ଷ ମଧ୍ୟରେ ୧୫ଗିଗାୱାଟ ସ୍ୱଚ୍ଛ ଶକ୍ତି ପୋର୍ଟଫୋଲିଓ ପାଇଁ ଲକ୍ଷ୍ୟ ରଖାଯାଇଛି। ତାମିଲନାଡୁଠାରେ ନୂତନ ୪.୩ ଗିଗାୱାଟ ସୌର ସେଲ୍ ଏବଂ ମଡ୍ୟୁଲ ଉତ୍ପାଦନ କାରଖାନା ସ୍ଥାପନ କରାଯିବ। ୫୩୦ରୁ ଅଧିକ ସହରରେ ୫,୫୦୦ସାର୍ବଜନୀନ ଓ କ୍ୟାପ୍ଟିଭ୍ ଚାର୍ଜର ଏବଂ ୮୬,୦୦୦ରୁ ଅଧିକ ହୋମ୍ ଚାର୍ଜର୍ ଲଗାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ 'ଘର ଘର ସୌର' କାର୍ଯ୍ୟକ୍ରମ ମାଧ୍ୟମରେ ଘରକୁ ସୌରଶକ୍ତି ଯୋଗାଇବା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବର୍ତ୍ତମାନ ସୁଦ୍ଧା ୨ଗିଗାୱାଟରୁ ଅଧିକ ରୁଫ୍‌ଟପ୍ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଏବଂ ୨,୮୦୦କୋଟି ଟଙ୍କାର ବରାଦ ବୁକିଂ ରହିଛି।

ଏହାର ପ୍ରଦର୍ଶନକୁ ଆଧାରକରି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ୧ଟଙ୍କାର ଇକ୍ୱିଟି ଶେୟାର ପିଛା ୨ଟଙ୍କା ଲାଭାଂଶ ଦେବାକୁ ସୁପାରିସ କରିଛନ୍ତି।



ନଟରାଜନ ଚନ୍ଦ୍ରଶେଖରନ

# କେଏଫ୍‌ସିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ ତଥା କେଏଫ୍‌ସିର ନୂତନ ଉତ୍ପାଦ 'ଅଲ୍ ନ୍ୟୁ କେଏଫ୍‌ସି ରୋଲ୍‌ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ନୂତନ ତଥା ସ୍ୱାଦିଷ୍ଟ ସ୍ୱତନ୍ତ୍ର ରୋଲ୍‌ଗୁଡ଼ିକୁ ଗ୍ରାହକ କେଉଁଠାରେ ବି ଖାଇପାରିବେ। ଗ୍ରାହକ ଏହାକୁ ଥାଇ ସ୍ୱାଇସି, କୋରିଆନ ଟ୍ୟାଙ୍ଗି, ଆମେରିକାନ ନାସ୍‌ଭିଲ୍ଲେ, ଇଣ୍ଡିଆନ ତନ୍ଦୁରୀ ଓ ଇଣ୍ଡିଆନ ସ୍ୱାଇସି ଭେଜ୍ ସମେତ ୫ଟି ଆକର୍ଷଣୀୟ ରେଞ୍ଜ୍ ମଧ୍ୟରୁ ଚୟନ କରିପାରିବେ। ଉପଭୋକ୍ତାମାନେ କେବଳ ୯୯ଟଙ୍କାରେ ଯେକୌଣସି ନୂଆ କେଏଫ୍‌ସି ରୋଲ୍‌କୁ କ୍ରୟକରିପାରିବେ। ଏପରିକି କ୍ଲାସିକ୍ ଆମେରିକାନ ନାସ୍‌ଭିଲ୍ଲେ ରୋଲ୍ ମିଳିତ ଭାବେ ଏକ ଗରମ, ଫ୍ଲାକି ପରାଠାରେ ରାପ୍ ହୋଇଥିବା କ୍ରଂଚି ଚିକେଟ ଫିଲେଟ, ପିଆଜ, ସ୍ୱାଇସି ଗାର୍ଲିକ ଓ ନାସ୍‌ଭିଲ୍ଲେ ଚିଲ୍ଲୀ ପେପର ସସ୍ ସହ ଆସୁଥିବାବେଳେ ଥାଇ ସ୍ୱାଇସି ରୋଲ୍ ଜୁସି ଚିକେନକୁ ଭେଜିସ୍ ସହ ମିଶ୍ରଣ କରୁଛି ଏବଂ ଏହାକୁ ଥାଇ ସିରାଚା ଓ ଡାଇନାମାଇଟ ସସ୍‌ଗୁଡିକ ସହ ମିଶ୍ରଣ କରିଛି। ଯଦି ଉପଭୋକ୍ତାମାନେ କିଛି ଭିନ୍ନ ସ୍ୱାଦର ସନ୍ଧାନ କରୁଛନ୍ତି, ତେବେ କୋରିଆନ ଟ୍ୟାଙ୍ଗି ରୋଲ୍‌ର ଏକ ବାଇଟ୍‌ର ସ୍ୱାଦ ଚାଖନ୍ତୁ, ଯାହା କୋରିଆନ ସ୍ୱାଦ କିମ୍ଚି ସହ କେଏଫ୍‌ସିର ଫିଙ୍ଗର ଲିକିନ୍ ଟେଷ୍ଟକୁ ମିଶ୍ରଣ କରୁଛି।

# ବଜାରରେ ଓପୋର ନୂଆ ରେନୋ୧୨ ୫ଜି ସିରିଜ




ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ଓପୋ ଇଣ୍ଡିଆର ନୂଆ 'ରେନୋ୧୨ ୫ଜି ସିରିଜ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ବଜାରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଫୋନ୍‌ଗୁଡ଼ିକର ଉପଲବ୍ଧତାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରାଣ୍ଡର ଏହା ପ୍ରଥମ ପଦକ୍ଷେପ ହୋଇଥିଲାବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସମସ୍ତ ପ୍ରକାର ବୈଶିଷ୍ଟ୍ୟ ଏହି ସିରିଜରେ ଉପଲବ୍ଧ ରହିଛି। ଏପରିକି ଏହି ନୂତନ ସିରିଜରେ ଜଟିଳ ଫଟୋ ଏଡିଟିଂର ସମସ୍ୟା ବିନା ତ୍ରୁଟିହୀନ ଓ ମଜାଦାର ଫଟୋଗୁଡ଼ିକ ପାଇଁ ଏଆଇ ଇରେଜର ୨.୦, ଏଆଇ କ୍ଲିୟର ଫେସ୍, ଏଆଇ ବେଷ୍ଟ ଫେସ୍ ଓ ସ୍ମାର୍ଟ ଇମେଜ ମ୍ୟାଟିଂ ୨.୦ ଭଳି ଫିଚର ସାମିଲ ରହିଛି। ସେହିଭଳି ଏହି ଡିଭାଇସ୍‌ରେ ଗୁଗଲ ଜେମିନି ଏଲ୍‌ଏଲ୍‌ଏମ୍ ଦ୍ୱାରା ପରିଚାଳିତ ଏଆଇ ଟୁଲ୍‌ବକ୍ସ ମଧ୍ୟ ସାମିଲ ରହିଛି, ଯେଉଁଥିରେ ଦୈନନ୍ଦିନ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଏଆଇ ରାଇଟର,ଏଆଇ ସମରୀ ଓ ଏଆଇ ସ୍ପିକ୍ ଭଳି ଫିଚର ସାମିଲ ରହିଛି।

ଏ ସମ୍ପର୍କରେ ଓପୋ ଇଣ୍ଡିଆର ମୁଖ୍ୟ (ପ୍ରଡକ୍ଟ ଷ୍ଟ୍ରାଟେଜି ବିଭାଗ) ପିଟର ଡୋୟଙ୍ଗ୍ ଲି କହିଛନ୍ତି, ରେନୋ ୧୨ ସିରିଜ୍ ଓପୋ ପାଇଁ ଏକ ବଡ଼ ସଫଳତାକୁ ଚିହ୍ନିତ କରିଛି। କାରଣ ଆମେ ଏଆଇ ଫୋନ୍‌ର ଗ୍ରହଣୀୟତାକୁ ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଓପୋର ଆଡ୍‌ଭାନ୍ସଡ ଜେନ୍‌ଏଆଇ କ୍ଷମତା,ଫ୍ୟୁଚରିଷ୍ଟିକ୍ ଫ୍ଲୁଇଡ୍ ଡିଜାଇନ ଓ ଅତୁଳନୀୟ ଶକ୍ତି ଦକ୍ଷତାକୁ ପ୍ରଦର୍ଶିତ କରୁଥିବା ରେନୋ ୧୨ସିରିଜ୍ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ବେନେଲି-କିୱେର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ ବାଇକ୍ ବ୍ରାଣ୍ଡ 'ବେନେଲି-କିୱେ ଇଣ୍ଡିଆ'ର ଏକ୍ସକ୍ଲୁସିଭ ଆଉଟଲେଟ (ନୂତନ ଶୋ'ରୁମ୍) ନିକଟରେ ବ୍ରହ୍ମପୁରର ସାପୁଆନାଳଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ମେସର୍ସ ଚିଆରା ମୋଟର୍ସ ଆନୁକୂଲ୍ୟରେ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଏଠାରେ ବ୍ରାଣ୍ଡର ସେଲ୍‌ସ, ସର୍ଭିସ୍ ଓ ସ୍ପେୟାର (୩ ଏସ୍) ସୁବିଧା ମଧ୍ୟ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏହି ଅସରରେ ବେନେଲି-କିୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝବାଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଲର ପ୍ରିନ୍ସିପାଲ ତଥା ମେସର୍ସ ଚିଆରା ମୋଟର୍ସର ଏମ୍‌ଡି ଅକ୍ଷୟ କୁମାର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଡିଲର ପ୍ରିନ୍ସିପାଲ, ବେନେଲି -କିୱେ ବ୍ରହ୍ମପୁରଙ୍କ ଦ୍ୱାରା ୬୧ଟି ଟଚ୍ ପଏଣ୍ଟରେ ଏକ ଶକ୍ତିଶାଳୀ ନେଟ୍‌ୱର୍କ ପ୍ରତିଷ୍ଠା କରିଛି। ଏହି ଶୋ'ରୁମ୍‌ଟି ଏକ ଆକର୍ଷଣୀୟ ପରିସର ମଧ୍ୟରେ ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବିକାଶ ଝବାଖ, ପରିଚାଳନା ନିର୍ଦ୍ଦେଶକ, ବେନେଲି-କିୱେ ଇଣ୍ଡିଆ କହିଛନ୍ତି,ଏ ସମ୍ପର୍କରେ ବେନେଲି-କିୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝବାଖ କହିଥିଲେ, ଗ୍ରାହକଙ୍କ ନିକଟତର ହେବା ଲାଗି ଆମେ ସାରା ଭାରତରେ ଆମର ନେଟ୍‌ୱର୍କର ବିସ୍ତାର କରୁଛୁ। ଏପରିକି ଏହି ସମ୍ପ୍ରସାରଣ ଗ୍ରାହକଙ୍କୁ କେବଳ ବ୍ରାଣ୍ଡର ଅଗ୍ରଣୀ ସୁପରବାଇକ୍ ଅନୁଭବ କରିବାକୁ ଅନୁମତି ଦେଇ ନ ଥାଏ ବରଂ ଅତୁଳନୀୟ ଗ୍ରାହକ ସେବା ମଧ୍ୟ ପ୍ରଦାନ କରିଥାଏ। ସେହିଭଳି ଆମେ ମେସର୍ସ ଚିଆରା ମୋଟର୍ସ ସହିତ ସହଭାଗିତା କରି ବେଶ ଉତ୍ସାହିତ ଅଛୁ। ଏପରିକି ଆମେ ନିଶ୍ଚିତ ଯେ ମେସର୍ସ ଚିଆରା ମୋଟର୍ସର ସହାୟତାରେ ଆମେ ଗୁଣାତ୍ମକ ଗ୍ରାହକ ସେବା ପ୍ରଦାନ କରିବାକୁ ସକ୍ଷମ ହେବୁ। ସେହିପରି ବେନେଲି-କିୱେ ଇଣ୍ଡିଆର ଡିଲର ପ୍ରିନ୍ସିପାଲ ଅକ୍ଷୟ କୁମାର ଦାଶ କହିଛନ୍ତି, ଆମେ ବେନେଲି-କିୱେ ସହ ସାମିଲହୋଇ ଆନନ୍ଦିତ ଥିଲାବେଳେ ଆମର ଗ୍ରାହକ ଆଧାରିତ ଭିତ୍ତିଭୂମି ଓ ଆଭିମୁଖ୍ୟକୁ ନେଇ ଆମେ ସବୁ ବର୍ଗର ଗ୍ରାହକଙ୍କୁ ବ୍ରାଣ୍ଡର ପେସାଦାର ଭାବେ ଏକ ଅସୁବିଧାମୁକ୍ତ ପ୍ରିମିୟମ ବିକ୍ରୟ ଓ ସେବା ଅଭିଜ୍ଞତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏଠାରେ କିୱେ ରେଞ୍ଜର ୮ଟି ମଡେଲ ୧୨୫ସିସିରୁ ୩୦୦ସିସି ମଡେଲ ଯାହାର ମୂଲ୍ୟ ୧.୨୦ ଲକ୍ଷରୁ ୪.୨୯ ଲକ୍ଷ ଟଙ୍କାରେ ଉପଲବ୍ଧ ଥିଲାବେଳେ ବେନେଲିର ୪ଟି ମଡେଲ ୫୦୦ ସିସି ସେଗ୍‌ମେଣ୍ଟର ମୂଲ୍ୟ ୫.୬୦ ଲକ୍ଷରୁ ୬.୫୦ ଲକ୍ଷ ଟଙ୍କା ମଧ୍ୟରେ ଉପଲବ୍ଧ ରହିଛି।

# ପୁରୀ ରଥଯାତ୍ରା ମହୋତ୍ସବରେ ବେଦାନ୍ତର ନିଃଶୁଳ୍କ ସେବା

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ମହୋତ୍ସବରେ ସାମିଲ ହୋଇଥିଲା। ଏହି ଅବସରରେ କମ୍ପାନୀ ଅଗଣିତ ଭକ୍ତଙ୍କୁ ସେବା ଯୋଗାଇବା ସହ ମାଗଣା ପ୍ରସାଦ ଓ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରିଥିଲା। ଏପରିକି ଏହି ୯ଦିନିଆ ମହୋତ୍ସବରେ ଯୋଗଦେଇଥିବା ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ବିଭିନ୍ନ ପ୍ରକାର ନିଃଶୁଳ୍କ ସେବା କମ୍ପାନୀର ସ୍ୱେଚ୍ଛାସେବୀଙ୍କ ଜରିଆରେ ଯୋଗ ଦିଆଯାଉଛି। ସେହିଭଳି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପୁରୀ ବେଶ ପରିଚିତ ଥିଲାବେଳେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ହଜାର ହଜାର ଭକ୍ତ ପୁରୀ ବଡ଼ଦାଣ୍ଡରେ ଏକତ୍ରିତ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭଜନ ସନ୍ଧ୍ୟା ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ସହ ଓର୍‌ମାସ ଦ୍ୱାରା ଆୟୋଜିତ ପୁରୀ ପଲ୍ଲିଶ୍ରୀ ମେଳାରେ ଚୟନ ହୋଇଥିବା ପ୍ରକଳ୍ପଗୁଡିକୁ ମଧ୍ୟ କମ୍ପାନୀ ଉପସ୍ଥାପିତ କରିଥିଲା। ସେହିପରି ଏକା ସାଙ୍ଗରେ କମ୍ପାନୀ କର୍ମଚାରୀ,ବ୍ୟବସାୟିକ ଭାଗୀଦାରି ଓ ସେମାନଙ୍କ ପରିବାର ଉତ୍ସାହର ସହ ଯୋଗଦେଇ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ଠାରେ ଥିବା ଟାଉନଶିପ ଏବଂ ଛତିଶଗଡ଼ର କୋର୍ବାଠାରେ ମଧ୍ୟ ରଥଯାତ୍ରା ପାଳନ କରିଥିଲେ। ଅପରପକ୍ଷରେ ବେଦାନ୍ତର ଝାରସୁଗୁଡ଼ାସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ୧୯,୫୦୦ ବର୍ଗଫୁଟ ବିସ୍ତାର କରିଛି ଓ ଏଠାରେ ଅଗଣିତ ଭକ୍ତଙ୍କ ମହାସମାଗମ ହୋଇଥିଲା। ଏହା ବ୍ୟତୀତ କଳାହାଣ୍ଡିର ଲାଞ୍ଜିଗଡ଼ଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ ହୋଇଥିଲାବେଳେ ରଥଯାତ୍ରା ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି,ବେଦାନ୍ତ ଆଲୁମିନିୟମ ବହୁ ବର୍ଷ ଧରି ପୁରୀ ରଥଯାତ୍ରା ଉତ୍ସବରେ ଯୋଗଦେଇଆସିଛି। ଏପରିକି ପ୍ରତିବର୍ଷ କମ୍ପାନୀ ଲକ୍ଷ ଲକ୍ଷ ଭକ୍ତଙ୍କ ସେବା କରିବାର ସୌଭାଗ୍ୟ ଅର୍ଜନ କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟର ମୂଳଦୁଆ ସହ ବେଦାନ୍ତ ଆଲୁମିନିୟମ ସମ୍ପୃକ୍ତ ଅଞ୍ଚଳର ଜୀବନ୍ତ ସାଂସ୍କୃତିକ ଉତ୍ତରାଧିକାରୀଙ୍କୁ ପ୍ରୋତ୍ସାହିତ ତଥା ସଂରକ୍ଷିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି।

# ସ୍କାମରଙ୍କ ନଜରରେ ଆଇଟିଆର୍ ରିଫଣ୍ଡ

## ସତର୍କ କଲା ଆୟକର ବିଭାଗ

ଭୁବନେଶ୍ୱର୧୭।୭(ଅନୁରାଧା ମହାରଣା)

ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ପାଖେଇ ଆସୁଛି। ରିଟର୍ନ ଦାଖଲ କରିବା ପରେ ଅନେକ ଲୋକ ବର୍ତ୍ତମାନ ସେମାନଙ୍କ ରିଫଣ୍ଡ ପାଇଁ ଅପେକ୍ଷା କରିଛନ୍ତି। ଅନ୍ୟପଟେ ସାଇବର ଠକଙ୍କ ନଜର ଏହି ଶ୍ରେଣୀର ବ୍ୟକ୍ତିଙ୍କ ଉପରେ ରହିଛି। ଏନେଇ ଆୟକର ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆୟକର ବିଭାଗ ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ସୂଚନା ଦେଇଛି ଯେ ଟିକସଦାତାଙ୍କୁ ନକଲି ପପ-ଅପ ବାର୍ତ୍ତା ଠାରୁ ଦୂରେଇ ରହିବା ଉଚିତ୍। ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଚୋରି କରିବା ପାଇଁ ସାଇବର ଅପରାଧୀମାନେ ଆୟକର ରିଫଣ୍ଡକୁ ଅସ୍ତ୍ର ଭାବରେ ବ୍ୟବହାର କରିପାରନ୍ତି। ଅପରାଧୀମାନେ ନକଲି ମେସେଜ୍ ପଠାଇ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରିପାରନ୍ତି। ରିଫଣ୍ଡ ଠକେଇର ଅନେକ ମାମଲା ସାରା ଦେଶରେ ପଦାକୁ ଆସିବା ପରେ ଆୟକର ବିଭାଗ ଟିକସଦାତାଙ୍କୁ ପରାମର୍ଶ ଦେଇଛି। ଆୟକର ବିଭାଗ ଅନୁଯାୟୀ, ସାଇବର ଠକ ମାନେ ପଠାଉଥିବା ନକଲି ମେସେଜରେ ଆପଣଙ୍କ ରିଫଣ୍ଡ ଅନୁମୋଦନ ହୋଇଥିବା ଉଲ୍ଲେଖ ରହିଥାଏ। ଏହି ଟଙ୍କା ଶୀଘ୍ର ଉପଭୋକ୍ତାଙ୍କ ଆକାଉଣ୍ଟରେ ଜମା ହେବା ପାଇଁ ନିମ୍ନରେ ଦିଆଯାଇଥିବା ଲିଙ୍କ ପରିଦର୍ଶନ କରି ଆପଣ ଆପଣଙ୍କର ଆକାଉଣ୍ଟ ନମ୍ବର ଯାଞ୍ଚ କରିପାରିବେ କିମ୍ବା ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଅପଡେଟ କରିପାରିବେ ବୋଲି ଏଥିରେ ଦର୍ଶାଯାଇଥାଏ। ଏପରି ମେସେଜର ରିପ୍ଲାଏ ନକରିବା ପାଇଁ ବିଭାଗ ପରାମର୍ଶ ଦେଇଛି। ବିଭାଗ ଅନୁଯାୟୀ, ଏହି ଲିଙ୍କ ଟିକସଦାତାଙ୍କୁ ଏକ ନକଲି ୱେବସାଇଟକୁ ନେଇଥାଏ। ସେଠାରେ ଖାତା ଅପଡେଟ କରିବାବେଳେ, ଏକ ଓଟିପି ପଠାଯାଏ। ଓଟିପି ପ୍ରବେଶ କରିବା ମାତ୍ରେ ସ୍କାମରମାନେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନିଅନ୍ତି। ଆୟକର ବିଭାଗ ଏପରି କୌଣସି ମେସେଜ୍ କିମ୍ବା ଇ-ମେଲ ପଠାଇନଥାଏ ବରଂ ସିଧାସଳଖ ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ରିଫଣ୍ଡ ପଠାଯାଏ ବିଭାଗ କହିଛି।

ଫୁରସତ୍

# ବିନା ଦୁଗ୍ଧରେ ଲହୁଣି

## ଆମେରିକୀୟ ଷ୍ଟାର୍ଟଅପ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ

ୱାଶିଂଟନ୍



ଆମେରିକାର କାଲିଫର୍ନିଆସ୍ଥିତ ସାବୋର ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ କ୍ଷୀର କିମ୍ବା ଅନ୍ୟ କୌଣସି ଦୁଗ୍ଧ ଜାତୀୟ ଉତ୍ପାଦ ବ୍ୟବହାର ନ କରି ଲହୁଣି ପ୍ରସ୍ତୁତ କରିପାରୁଥିବା ନେଇ ଦାବି କରିଛି। ବାୟୁରୁ ଅଙ୍ଗାରକାମ୍ଳ, ଉଦ୍‌ଯାନ ଏବଂ ଅମ୍ଳଜାନର ମିଶ୍ରଣକୁ ବ୍ୟବହାର କରି ଏହି ଲହୁଣି ପ୍ରସ୍ତୁତ କରାଯାଉଛି ବୋଲି ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କ ସମର୍ଥିତ ଏହି ଷ୍ଟାର୍ଟଅପ୍ କମ୍ପାନୀ କହିଛି। ଉକ୍ତ ପ୍ରକ୍ରିୟାରେ ପ୍ରଥମେ ବାୟୁରୁ ଅଙ୍ଗାରକାମ୍ଳ ଗ୍ୟାସ ଓ ଜଳରୁ ଉଦ୍‌ଯାନ ଗ୍ୟାସ୍ ନିଆଯାଇ ଗରମ କରାଯାଇଥାଏ। ଏହା ପରେ ଫ୍ୟାଟି ଏସିଡ୍‌କୁ ଅଲଗା କରିବା ପାଇଁ ଉକ୍ତ ମିଶ୍ରଣକୁ ଅକ୍ସିଡାଇଜ୍ କରାଯାଏ। ଫଳରେ କ୍ଷୀର ଏହଂ ବିଭିନ୍ନ ଦୁଗ୍ଧ ଜାତୀୟ ପଦାର୍ଥ ଭଳି ଚର୍ବି ଉତ୍ପନ୍ନ ହୋଇଥାଏ, ଯାହା ଲହୁଣିକୁ ସ୍ୱାଦିଷ୍ଟ କରିଥାଏ ବୋଲି ସାବୋର ପକ୍ଷରୁ ଦାବି କରାଯାଇଛି। ସାବୋରର ମୁଖ୍ୟ କାର୍ଯ୍ୟ ନିର୍ବାହୀ କ୍ୟାଥ୍‌ଲିନ ଆଲେକ୍ସଜାଣ୍ଡର କହିଛନ୍ତି, ବଜାରରେ ବର୍ତ୍ତମାନ ସୁଦ୍ଧା ଏଭଳି ଲହୁଣି ବିକ୍ରି ହୋଇନାହିଁ। ଏହି ଦୁଗ୍ଧମୁକ୍ତ ଲହୁଣି ବିକ୍ରି ପାଇଁ ସରକାରଙ୍କଠାରୁ ଅନୁମୋଦନ ଆବଶ୍ୟକ, ତେଣୁ କମ୍ପାନୀ ପକ୍ଷରୁ ଏଦିଗରେ କାର୍ଯ୍ୟ କରାଯାଉଛି।

ସେପଟେ ଏହି ପଦକ୍ଷେପକୁ ସମର୍ଥନ କରି ବିଲ୍ ଗେଟ୍‌ସ କହିଛନ୍ତି, ବିନା ଦୁଗ୍ଧ ଜାତୀୟ ପଦାର୍ଥରେ ଲହୁଣୀ ଉତ୍ପାଦିତ ହେବା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଆଇସ୍‌କ୍ରିମ, ପନୀର, କ୍ଷୀର ଆଦି ବିଭିନ୍ନ ଦୁଗ୍ଧ ଜାତୀୟ ଖାଦ୍ୟକୁ ବ୍ୟବହାର ନ କରି ଲହୁଣି ଉତ୍ପାଦ କରିବା ପାଇଁ ସାବୋର ଦୀର୍ଘ ସମୟ ଧରି ପରୀକ୍ଷାନୀରିକ୍ଷା କରିଆସୁଛି। ଏହି ପ୍ରକ୍ରିୟାରେ କୌଣସି ଗ୍ରୀନ୍‌ହାଉସ୍ ଗ୍ୟାସ ରିଲିଜ୍ ହେଉ ନ ଥିବାରୁ ଦୁଗ୍ଧମୁକ୍ତ ଲହୁଣି ଉତ୍ପାଦନର ଅଭିନବ ଉପାୟ ପରିବେଶ ପାଇଁ ଲାଭଦାୟର ହୋଇପାରିବ ବୋଲି ବିଲ୍ ଗେଟ୍‌ସ କହିଛନ୍ତି। ସୂଚନାଯୋଗ୍ୟ, ଜାତିସଂଘ ରିପୋର୍ଟ ଅନୁଯାୟୀ ଆମେରିକାରେ ସବୁଜ ଗୃହ ବାଷ୍ପ ଉତ୍ସର୍ଜନର ୧୪.୫% ଅଂଶ ପାଇଁ ପଶୁପାଳନ ଶିଳ୍ପ ଦାୟୀ। ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟର ବ୍ୟବହାରକୁ ହ୍ରାସ କରାଗଲେ ପଶୁପାଳନ ଶିଳ୍ପ ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ହ୍ରାସ କରାଯାଇପାରିବ ବୋଲି ସାବୋର ପକ୍ଷରୁ କୁହାଯାଇଛି।

# ଶାନ୍ତି ପାଇଁ ଜୀବନ ଉତ୍ସର୍ଗ କରିଥିଲେ

## ଆଜି ଅନ୍ତର୍ଜାତୀୟ ମଣ୍ଡେଲା ଦିବସ



ସମଗ୍ର ବିଶ୍ୱରେ ଅନେକ ମହାନ ବ୍ୟକ୍ତି ଜନ୍ମ ନେଇଛନ୍ତି, ଯେଉଁମାନେ ସେମାନଙ୍କର କାର୍ଯ୍ୟ ଏବଂ ଚିନ୍ତାଧାରା ସହିତ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏପରି ଲୋକମାନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ନେଲସନ ମଣ୍ଡେଲା ଅନ୍ୟତମ। ସେ ନିଜର ସମଗ୍ର ଜୀବନକୁ ଶାନ୍ତି ତଥା ବର୍ଣ୍ଣବୈଷମ୍ୟ ବିରୋଧରେ ଉତ୍ସର୍ଗ କରିଥିଲେ। ଜୁଲାଇ ୧୮ରେ ମାଣ୍ଡେଲାଙ୍କ ଜନ୍ମଦିନକୁ ଅନ୍ତର୍ଜାତୀୟ ମଣ୍ଡେଲା ଦିବସ ଭାବରେ ପାଳନ କରାଯାଏ।

ଏହି ଦିବସ ପ୍ରଥମେ ଜୁଲାଇ ୧୮, ୨୦୧୦ରେ ପାଳନ କରାଯାଇଥିଲା। ଏହାପୂର୍ବରୁ ନଭେମ୍ବର ୨୦୦୯ରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ନେଲସନ ଅନ୍ତର୍ଜାତୀୟ ମଣ୍ଡେଲା ଦିବସ ପାଳନ କରିବାକୁ ଘୋଷଣା କରିଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ଜୁଲାଇ ୧୮ରେ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବରେ ପାଳନ କରାଯାଏ। ନେଲସନ ମଣ୍ଡେଲା ତାଙ୍କର ସମଗ୍ର ଜୀବନ ରଙ୍ଗଭେଦ ବିରୋଧରେ ଏବଂ ଶାନ୍ତି ପାଇଁ ଲଢିଥିଲେ। ଏହି ଦିନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଦାରିଦ୍ର, ସାଂସ୍କୃତିକ ବିବିଧତା, ଶାନ୍ତି ଏବଂ ସମନ୍ୱୟ ସହ ଲଢିବାକୁ ଉତ୍ସାହିତ କରିବା।

ସମଗ୍ର ବିଶ୍ୱରେ ଶାନ୍ତି ପାଇଁ ନେଲସନ ମଣ୍ଡେଲାଙ୍କ ଅକ୍ଳାନ୍ତ ଉଦ୍ୟମକୁ ଦୃଷ୍ଟିରେ ରଖି ୨୦୧୪ରେ ମିଳିତ ଜାତିସଂଘ ସାଧାରଣ ସଭା ମଧ୍ୟ ନେଲସନ ମଣ୍ଡେଲା ପୁରସ୍କାର ଦେବାକୁ ଘୋଷଣା କରିଥିଲା। ଏହି ପୁରସ୍କାର ପ୍ରତି ପାଞ୍ଚ ବର୍ଷରେ ଥରେ ଦିଆଯାଏ। ଯେଉଁମାନେ ମାନବିକତାର ସେବାରେ ନିଜର ସମସ୍ତ ଜୀବନକୁ ଉତ୍ସର୍ଗ କରିଛନ୍ତି ସେମାନଙ୍କ ସଫଳତାକୁ ଚିହ୍ନିବା ପାଇଁ ଏହି ପୁରସ୍କାର ଦିଆଯାଏ।

# ଇନ୍‌ଷ୍ଟାରେ ପ୍ରିନ୍ସେସ୍‌ଙ୍କ ୩ ତଲାକ୍

ଦୁବାଇ



ଶଇଖା ମହରା

ଦୁବାଇ ଶାସକଙ୍କ ଝିଅ ଶଇଖା ମହରା ବିଣ୍ଟ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକ୍‌ତୋଉମ୍ ଇନ୍‌ଷ୍ଟାଗ୍ରାମରେ ନିଜ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦ ବିନ୍ ରାଶିଦ୍ ବିନ୍ ଅଲ୍ ମକ୍‌ତୋଉମ୍‌ଙ୍କୁ ଛାଡ଼ପତ୍ର ଦେଇଛନ୍ତି। ପ୍ରିନ୍ସେସ୍ ମହରା ଏକ ପୋଷ୍ଟରେ ଲେଖିଛନ୍ତି, ଡିଅର୍ ହଜ୍‌ବ୍ୟାଣ୍ଡ। ତୁମେ ଅନ୍ୟ ସାଥୀମାନଙ୍କ ସହ ବ୍ୟସ୍ତ ରହୁଛ। ତେଣୁ ମୁଁ ତୁମକୁ ଛାଡ଼ପତ୍ର ଦେଉଛି। ଆଇ ଡିଭୋର୍ସ ୟୁ। ଆଇ ଡିଭୋର୍ସ ୟୁ। ଆଇ ଡିଭୋର୍ସ ୟୁ। ଟେକ୍ କେୟାର। ୟୋର୍ ଏକ୍ସ-ୱାଇଫ୍। ୨ ମାସ ତଳେ ନିଜ ପ୍ରଥମ ପିଲାକୁ ଜନ୍ମ ଦେଇଥିବା ମହରାଙ୍କ ଏହି ପଦକ୍ଷେପ ସୋସିଆଲ ମିଡିଆରେ ସେନ୍‌ସେଶନ୍ ସୃଷ୍ଟି କରିଛି। ଏହି କପଲ୍ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। ଏଥିସହ ନିଜ ନିଜ ପ୍ରୋଫାଇଲରେ ଥିବା ପରସ୍ପରର ଫଟୋକୁ ମଧ୍ୟ ଡିଲିଟ୍ କରିଛନ୍ତି। ପ୍ରକାଶ ଯେ, ୧୯୯୪ ଫେବୃୟାରୀ ୨୬ରେ ଜନ୍ମିତ ଶଇଖା ମହରା ହେଉଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭାଇସ୍ ପ୍ରେସିଡେଣ୍ଟ ଏବଂ ପ୍ରାଇମ୍ ମିନିଷ୍ଟର ତଥା ଦୁବାଇ ଶାସକଙ୍କ ଝିଅ। ସେ ୟୁଏଇରେ ମହିଳା ସଶକ୍ତୀକରଣ ପାଇଁ ସ୍ୱର ଉତ୍ତୋଳନ କରିଥାଆନ୍ତି। ବ୍ରିଟେନ୍‌ର ଏକ ୟୁନିଭର୍ସିଟିରୁ ଇଣ୍ଟରନ୍ୟାଶନାଲ ରିଲେଶନ୍ସରେ ଡିଗ୍ରୀ ହାସଲ କରିଛନ୍ତି। ୨୦୨୩ ଜୁନ୍‌ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।




କେରଳର ଥିରୁଭାନନ୍ତପୁରମ୍‌ରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ପ୍ରତିବାଦରେ ଯୁବକଂଗ୍ରେସ ପକ୍ଷରୁ ବୁଧବାର ବିକ୍ଷୋଭ ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ପାଣିମାଡ଼ କରୁଛି।

# ୫୦ ବିଧାୟକଙ୍କୁ ଦାୟିତ୍ୱ ଦେଲେ ନବୀନ

ଭୁବନେଶ୍ୱର, ୧୭।୭(ଅନିଲ ଦାସ)



## ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟ ଉପରେ ରଖିବେ ନଜର

ପ୍ରଥମ ଥର ପାଇଁ ବିଜୁ ଜନତା ଦଳ ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି। ଏକ ଦୃଢ଼ ବିରୋଧୀ ଦଳ ଭୂମିକା ନିର୍ବାହ କରିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଜନସାଧାରଣଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟ ଉପରେ କଡ଼ା ନଜର ରଖିବାକୁ ଦଳ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି । ସରକାରଙ୍କ ପ୍ରତ୍ୟେକ ବିଭାଗ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜଣେ ଲେଖାଏଁ ଏପରି କି ଗୋଟିଏ ଗୋଟିଏ ବିଭାଗର କାର୍ଯ୍ୟକଳାପ ଉପରେ ୨/୩ ଜଣ ବିଧାୟକଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ଦଳୀୟ ବିଧାୟକମାନଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି । ଗତ ନିର୍ବାଚନରେ ନବୀନଙ୍କୁ ମିଶାଇ ବିଜେଡିର ୫୧ ଜଣ ବିଧାୟକ ନିର୍ବାଚିତ ହୋଇଛନ୍ତି। ନବୀନଙ୍କ ବ୍ୟତୀତ ଦଳର ଅନ୍ୟ ସମସ୍ତ ୫୦ ବିଧାୟକଙ୍କୁ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରତିଟି କାର୍ଯ୍ୟ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରମିଳା ମଲ୍ଲିକଙ୍କୁ ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର, ବଦ୍ରି ନାରାୟଣ ପାତ୍ରଙ୍କୁ ମହିଳା ଓ ଶିଶୁ ବିକାଶ, ନିରଞ୍ଜନ ପୂଜାରୀଙ୍କୁ ଗୃହ ଓ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଅଶ୍ୱିନୀ ପାତ୍ରଙ୍କୁ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ, ପ୍ରତାପ କେଶରୀ ଦେବଙ୍କୁ ସାଧାରଣ ପ୍ରଶାସନ(କ୍ଷି) ଓ ସାଧାରଣ ଅଭିଯୋଗ, ଅରୁଣ କୁମାର ସାହୁଙ୍କୁ ଜଳସମ୍ପଦ, ସାରଦା ପ୍ରସାଦ ନାୟକଙ୍କୁ ଶିଳ୍ପ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅର୍ଥ ଓ ସାଧାରଣ ଉଦ୍ୟୋଗ ବିଭାଗ ଦାୟିତ୍ୱ ଦିଆଯାଇଛି। ସେହିପରି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଦିଆଯାଇଥିବା ବେଳେ ରାଜେନ୍ଦ୍ର ଢୋଲକିଆଙ୍କୁ ସ୍କୁଲ ଓ ଗଣଶିକ୍ଷା, ମନୋହର ରନ୍ଧାରୀ ଓ ଯୋଗେଶ କୁମାର ସିଂହଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ବ୍ୟୋମକେଶ ରାୟଙ୍କୁ ପୂର୍ତ୍ତ, ଦିବ୍ୟଶଙ୍କର ମିଶ୍ରଙ୍କୁ ଶକ୍ତି, ଗଣେଶ୍ୱର ବେହେରାଙ୍କୁ ଇସ୍ପାତ ଓ ଖଣି, ବର୍ଷା ସିଂ ବରିହାଙ୍କୁ ମିଶନ ଶକ୍ତି, ସନାତନ ମହାକୁଡ଼ଙ୍କୁ କୃଷି ଓ କୃଷକ ସଶକ୍ତୀକରଣ, ସଞ୍ଜୀବ କୁମାର ମଲ୍ଲିକଙ୍କୁ ଏମ୍‌ଏସ୍‌ଏମ୍‌ଇ, କଳିକେଶ ନାରାୟଣ ସିଂଦେଓଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ଆଇନ, ପ୍ରଦୀପ କୁମାର ଦିଶାରୀ ଓ ଚକ୍ରମଣି କହଁରଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଗ୍ରାମ୍ୟ ଉନ୍ନୟନ, ସୌଭିକ ବିଶ୍ୱାଳଙ୍କୁ ଏସ୍‌ଏସ୍‌ଇପିଡି, ପ୍ରଶାନ୍ତ ବେହେରାଙ୍କୁ ଅବକାରୀ, ଧ୍ରୁବଚରଣ ସାହୁଙ୍କୁ ପର୍ଯ୍ୟଟନ, ତୁଷାରକାନ୍ତି ବେହେରାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅନନ୍ତ ନାରାୟଣ ଜେନାଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ସୁଶାନ୍ତ କୁମାର ରାଉତଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର କାର୍ଯ୍ୟ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିଭୁତି ଭୂଷଣ ବଳବନ୍ତରାୟଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ରମେଶ ଚନ୍ଦ୍ର ବେହେରାଙ୍କୁ ଉଚ୍ଚଶିକ୍ଷା, ରୋହିତ ଯୋଶେଫ ତିର୍କୀଙ୍କୁ ସଂଖ୍ୟାଲଘୁ ବ୍ୟାପାର, ସୁଦର୍ଶନ ହରିପାଲଙ୍କୁ ହସ୍ତତନ୍ତ, ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଯୋଜନା, ଅଭିମନ୍ୟୁ ସେଠୀଙ୍କୁ ପୂର୍ତ୍ତ, ଗୌତମ ବୁଦ୍ଧ ଦାସଙ୍କୁ ସୂଚନା ଓ ଲୋକସମ୍ପର୍କ, ସୁବାସିନୀ ଜେନାଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ମାଧବ ଧାଡ଼ାଙ୍କୁ ବିଜ୍ଞାନ ଓ ବୈଷୟିକ, ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଶ୍ରମ ଓ କର୍ମଚାରୀ ବୀମା, ସୁଜାତା ସାହୁଙ୍କୁ ମିଶନ ଶକ୍ତି, ନଳିନୀକାନ୍ତ ପ୍ରଧାନଙ୍କୁ ଗୃହ ଓ ନଗର ଉନ୍ନୟନ, ମନୋରମା ମହାନ୍ତିଙ୍କୁ ମହିଳା ଓ ଶିଶୁ ବିକାଶ, ଅରବିନ୍ଦ ମହାପାତ୍ରଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ରମାକାନ୍ତ ଭୋଇଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାରଦା ପ୍ରସନ୍ନ ଜେନାଙ୍କୁ ସମବାୟ, ସୁନୀଲ କୁମାର ମହାନ୍ତିଙ୍କୁ ପର୍ଯ୍ୟଟନ, ନବ କିଶୋର ମଲ୍ଲିକଙ୍କୁ ଗ୍ରାମୀଣ ବିକାଶ, ପ୍ରଦୀପ କୁମାର ସାହୁଙ୍କୁ ଗୃହ ଓ ନଗର ଉନ୍ନୟନ ଏବଂ ରୁଦ୍ରେଶ କୁମାର ପାଣିଗ୍ରାହୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ ଦିଆଯାଇଛି। ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୁନ୍ଦିଷ୍ଟ ଭାବେ ଘେରିବା ପାଇଁ ବିଜେଡି ଏହି କୌଶଳ ଆପଣାଇଛି ବୋଲି ଚର୍ଚ୍ଚା ହେଉଛି। ବିଧାନସଭାରେ ବିରୋଧୀ ବିଜୁ ଜନତା ଦଳଙ୍କୁ ଅଧିକ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିବାରେ ଏହା ସହାୟକ ହେବ ବୋଲି ନବୀନ ଆଶା କରିଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ଖୋଳତାଡ଼ ହେବ: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)


ରବି ନାରାୟଣ ନାଏକ

ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ମିଳିଥିବା ଅନୁଦାନର ଖୋଳତାଡ଼ ହେବ। ରାଜ୍ୟର ଭାଜପା ସରକାର ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ମିଳିଥିବା ୫୦ ଲକ୍ଷ ଟଙ୍କା ଅନୁଦାନର ଖୋଳତାଡ଼ କରିବେ। ବୁଧବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ପ୍ରତି ପଞ୍ଚାୟତକୁ ଦିଆଯାଇଥିବା ୫୦ ଲକ୍ଷ ଟଙ୍କା ବିଷୟରେ ପଞ୍ଚାୟତିରାଜ ବିଭାଗରେ କୌଣସି ତଥ୍ୟ ନାହିଁ। ଏହି ଯୋଜନା ବାବଦରେ ବିଭାଗ ଅବଗତ ନାହିଁ। ସେତେବେଳେ ୩ୟ ମହଲା ମନିଟରିଂ କରୁଥିଲା, ବ୍ଲକ୍ ଓ ଡିଆର୍‌ଡିଏ ଏହାକୁ କାର୍ଯ୍ୟକାରୀ କରୁଥିଲେ। କିଏ କରୁଛି, କେତେ କାମ ହେଉଛି ବିଭାଗୀୟ ସଚିବ କିଛି ଜାଣୁ ନ ଥିଲେ। ରାମ ଭରସାରେ ଏହା ଚାଲିଥିଲା। ସମ୍ପୃକ୍ତ ବିଭାଗରେ ହୋଇଥିବା ଅନିୟମିତତାର ଖୋଳତାଡ଼ ହେବ ଏବଂ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯିବ। ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କୁ ଭେଟି ଓ ତାଙ୍କ ସହ ଆଲୋଚନାକରି ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମ ଆଗରେ ପଞ୍ଚାୟତିରାଜ ମନ୍ତ୍ରୀ ନାଏକ ଏହା କହିଛନ୍ତି। ଅକ୍ଟୋବର ୨୦୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଯୋଜନା ଆରମ୍ଭ ହେବାପରେ ସେଥିରେ ସ୍ପଷ୍ଟ କରାଯାଇଥିଲା ଯେ, ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଫଳରେ ସ୍ଥାନୀୟ ପଞ୍ଚାୟତର ସାଂସ୍କୃତିକ ଓ ପାରମ୍ପରିକ ଭିତ୍ତିଭୂମିର ବିକାଶ କରାଯିବ। ତାହା ମଧ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଭାଗବତ ଟୁଙ୍ଗିର ପୁନରୁଦ୍ଧାର, ସଭାଗୃହ କରିବା ଆଦି କାମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଏଥିରେ ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କୁ ଉପେକ୍ଷା କରାଯାଇଥିଲା। ସରକାରୀ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକଳ୍ପ ଚୟନ କରିବେ ଓ ତାଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଠିକାଦାରଙ୍କ ଜରିଆରେ ଏହି କାମ କରାଇବେ ବୋଲି ଉଲ୍ଲେଖ ଥିଲା। ଏହାକୁ ଜନପ୍ରତିନିଧିମାନେ ବିରୋଧ କରିବା ସହ ଆଇନର ଆଶ୍ରୟ ନେଇଥିଲେ। ବହୁ ଜନପ୍ରତିନିଧି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ସମଗ୍ର ରାଜ୍ୟରୁ ପ୍ରାୟ ୪୨ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ସହଭାଗିତାରେ ପ୍ରକଳ୍ପ ଚୟନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପ୍ରକଳ୍ପ କାର୍ଯ୍ୟକାରିତା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ କୋର୍ଟ ମନା କରିଦେଇଥିଲେ।

# ଦେବେ ଯଦି ଦେବେ, ନ ଦେଲେ ନାହିଁ: ବାହିନୀପତି

ଜୟପୁର, ୧୭।୭
(ପବନ ପାଣିଗ୍ରାହୀ)

କଂଗ୍ରେସ ଦଳରେ ବିଧାୟକ ଦଳ ନେତାଙ୍କ ନାମ ଏଯାଏ ଘୋଷଣା ହୋଇନାହିଁ। ଏନେଇ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଭୁବନେଶ୍ୱରରେ ଥିବା ବାହିନୀପତି କହିଛନ୍ତି, ବିଧାୟକ ଦଳର ନେତା କିଏ ହେବେ ତାହା ଏଆଇସିସି, ପିସିସି ସଭାପତି ନିଷ୍ପତ୍ତି ନେବେ। ତାଙ୍କ କାର୍ଯ୍ୟ ସମ୍ପର୍କରେ ଓଡ଼ିଶାବାସୀ ଓ କଂଗ୍ରେସ ଦଳ ଭଲ ଭାବରେ ଜାଣିଛନ୍ତି । ବିଧାୟକ ଦଳ ନେତା ପଦବୀ ଦେବେ ଯଦି ଦେବେ, ନ ଦେଲେ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବାହିନୀପତି ଜୟପୁରରୁ ୫ଥର ବିଧାୟକ ନିର୍ବାଚିତ ହେଲେଣି।

# କଂଗ୍ରେସ ଗଠନମୂଳକ ବିରୋଧୀ ଭୂମିକା ନେବ: ଶରତ




କଂଗ୍ରେସ ଭବନଠାରେ ଆୟୋଜିତ ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)

## ସଙ୍ଗଠନ ମୁଖ୍ୟଙ୍କୁ ନେଇ ବୈଠକ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମସ୍ତ ଜିଲା ସଭାପତି, ଛାମୁଆ ସଙ୍ଗଠନର ମୁଖ୍ୟ ତଥା ସମସ୍ତ ବିଭାଗର ମୁଖ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଆୟୋଜିତ ଏହି ବୈଠକରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଶାନ୍ତିପ୍ରିୟ ରାଜ୍ୟରେ ସରକାରକୁ ଆସିବାର ମାତ୍ର ମାସକ ମଧ୍ୟରେ ଯେଭଳି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଏବଂ ଭାଜପା ଦ୍ୱାରା ହିଂସାର ବାତାବରଣ ସୃଷ୍ଟି କରାଯାଉଛି ଏହାକୁ ସଭାରେ ସମସ୍ତେ ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଜଣେ କାର୍ଯ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ମାରି ଲହୁଲୁହାଣ କଲେ। ତଥାପି ରାଜ୍ୟପାଳ ଓ ଗୃହ ବିଭାଗକୁ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ନୀରବ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏ ସମ୍ପର୍କରେ ପୀଡ଼ିତ ଅଧିକାରୀ ଜଣଙ୍କ ଏତଲା ଦେଇଥିଲେ ମଧ୍ୟ ପୋଲିସ ହାତବାନ୍ଧି ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଏଏସ୍‌ଓଙ୍କୁ ବଦଳି କରି ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଇ ନୀରବଦ୍ରଷ୍ଟା ସାଜିଛନ୍ତି। ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ଚାଲିଥିବା ବେଳେ ନିରପକ୍ଷେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡଦେବା ଲାଗି କଂଗ୍ରେସ ଦାବି କରିଛି। ରାଜ୍ୟରେ ଭାଜପା ଓ ବିଜେଡିର ଭିତିରି ବୁଝାମଣା ରାଜ୍ୟବାସୀଙ୍କୁ ଅବଗତ। ତେଣୁ ଗଠନମୂଳକ ବିରୋଧୀ ଦଳ ଭାବେ କଂଗ୍ରେସ ସଂସଦ ଓ ବିଧାନସଭା ଭିତରେ ଏବଂ ରାଜରାସ୍ତାରେ ଭାଜପା ସରକାର ବିରୋଧରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜୋର୍‌ଦାର କରିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଶରତ କହିଛନ୍ତି। ସେ ଆହୁରି କହିଛନ୍ତି, କଂଗ୍ରେସ ହିଂସାରେ ବିଶ୍ୱାସ ରଖେ ନାହିଁ। କିନ୍ତୁ ଭାଜପା ଯେଭଳି ଆକ୍ରୋଶ ରଖି କଂଗ୍ରେସ କାର୍ଯ୍ୟାଳୟ ଓ ନେତାଙ୍କ ବିରୋଧରେ ଆଚରଣ କରୁଛି ଏହାକୁ ମଧ୍ୟ ଆଗାମୀ ଦିନରେ ଦୃଢ଼ ଭାବେ ଜବାବ ଦିଆଯିବ ବୋଲି ସେ କହିଛନ୍ତି। ବୈଠକରେ ନବନିର୍ବାଚିତ ବିଧାୟକ ଓ ଏମ୍‌ପିଙ୍କୁ ଧନ୍ୟବାଦ ଦେବା ସହ ଚଳିତ ନିର୍ବାଚନରେ ଯେଉଁଭଳି ସମସ୍ତ ବିପରୀତ ପରିସ୍ଥିତି ସତ୍ତ୍ୱେ ଦଳର କାର୍ଯ୍ୟକର୍ତ୍ତା, ବ୍ଲକ୍ ସଭାପତି, ଜିଲା ସଭାପତି, ଛାମୁଆ ସଙ୍ଗଠନ ସହ ସମସ୍ତ ବିଭାଗର କାର୍ଯ୍ୟକର୍ତ୍ତା ନିର୍ବାଚନ ଲଢ଼ିଲେ ସେମାନଙ୍କୁ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖାର୍ଗେ, ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କୁ ମଧ୍ୟ ନିର୍ବାଚନ ପରିଚାଳନାରେ ସମସ୍ତ ସହଯୋଗ ପାଇଁ ଧନ୍ୟବାଦ ଦିଆଯାଇଛି।

# ୫ ନୁହେଁ, ୨୫ ବର୍ଷ ପର୍ଯ୍ୟନ୍ତ ଶାସନ କରିବ ଭାଜପା: ଉସେଣ୍ଡି

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)


ଲତା ଉସେଣ୍ଡି

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୯ ଏବଂ ୨୦ରେ ଅନୁଷ୍ଠିତ ହେବ। ଏଥିରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯୋଗଦେବା କାର୍ଯ୍ୟକ୍ରମ ଥିବା ମଙ୍ଗଳବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭାଜପା ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି ବୁଧବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଭାଜପା ଦୀର୍ଘଦିନ ଶାସନ କରିବା ଲାଗି ରଣନୀତି ପ୍ରସ୍ତୁତ କରାଯାଇଛି। କେବଳ ୫ ବର୍ଷ ନୁହେଁ, ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଭାଜପା ରାଜ୍ୟରେ ଶାସନ କରିବ। ଏହା ଏକ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଯାହା ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶା ଲୋକଙ୍କ ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି। ଯାହା ପ୍ରତିଶ୍ରୁତି ଦଳ ପକ୍ଷରୁ ଦିଆଯାଇଥିଲା ତା'ର ପୂରଣ ଲାଗି ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରିବୁ ବୋଲି ଉସେଣ୍ଡି କହିଛନ୍ତି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 3853/P.S.C. Dt.16.07.24
(DR-IV) (2PS-02-2024-25)

No. D-93: It is for information of all concerned that written examination for recruitment to the post of **Mining Officer,** pursuant to Advertisement No. **11 of 2023-24** will be held on **11.08.2024 (Sunday)** commencing from 09.00 A.M. to 11.00 A.M. (09.00 A.M. to 11.40 A.M. for PWD Candidates) for Paper-I and 01.00 P.M. to 04.00 P.M. (01.00 P.M. to 05.00 P.M. for PWD Candidates) for Paper-II in different examination centres at Cuttack Zone.

The detailed programme of examination along with venue of examination centres will be notified shortly. The candidates are advised to visit **(www.opsc.gov.in)** the website of the Commission regularly for further information on examination related Notice(s).

OIPR-12002/11/0056/2425 Sd./- Secretary (I/C)



**OFFICE OF THE DEAN & PRINCIPAL SCB MEDICAL COLLEGE, CUTTACK**
Notice No.7593 Dt.16.07.24

**Walk-In-Interview**

**No.E-126:** Applications are invited from eligible candidates for two contractual posts of 'Project Technical Support-III' for the ICMR-NIE Extramural project entitled "Hospital Based Surveillance for Emerging Infectious Diseases in Medical College Hospitals in India", SCB Medical College, Cuttack, Odisha. The Walk-in-Interview will be held on Dt.23.07.2024, at 10.00 AM in the College Council Hall, SCB Medical College & Hospital, Cuttack, Odisha. For more details please visit https://scbmch.in/.

Sd./- Dean & Principal
SCB Medical College, Cuttack
OIPR-10039/11/0002/2425



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH**
No.2318/2024/Boudh Date:16.07.24

**TENDER CALL NOTICE**

**No.E-127:** Sealed tenders are invited from registered farms/authorized distributors for supply of Drugs & Medical Consumables, Pathological Items and Instruments & Equipments for Boudh District. The details are available in the district website: www.boudh.nic.in. The eligible bidders may submit their tender papers on or before dt.14.08.2024 by 5.00 P.M. through Registered Post or Speed Post or Courier Services only to the undersigned. The tender documents will be opened on dt.16.08.2024 at 11.00 A.M. in the District Training Unit, Boudh in presence/ absence of the bidders. The undersigned reserves the right to accept or reject any or all the tender without assigning any reason thereof.

OIPR-10107/11/0002/2425 Sd./- CDM & PHO, Boudh


# ଅଜିତ ପାୱାରଙ୍କ ଦଳରୁ ୪ ନେତାଙ୍କ ଇସ୍ତଫା

## ଶରଦ ପାୱାରଙ୍କ ଏନ୍‌ସିପିରେ ଯୋଗଦେବେ

ପୁଣେ, ୧୭।୭


ଅଜିତ ଗବହାନେ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନ୍ୟାଶନାଲ କଂଗ୍ରେସ ପାର୍ଟି (ଏନ୍‌ସିପି)ର ୪ ଜଣ ଶୀର୍ଷ ନେତା ବୁଧବାର ଦଳ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦଳର ପିମ୍ପ୍ରି-ଚିଞ୍ଚୱାଡ ୟୁନିଟ୍ ସଭାପତି ଅଜିତ ଗବହାନେ ଅଛନ୍ତି। ତାଙ୍କ ସମେତ ୪ ନେତା ଏନ୍‌ସିପି ସଭାପତି ସୁନୀଲ ଟାଟ୍‌କାରେଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ସେମାନେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିରେ ଯୋଗଦେବେ ବୋଲି ଗବହାନେ କହିଛନ୍ତି। ଦଳ ଛାଡ଼ିଥିବା ଅନ୍ୟ ନେତାମାନେ ହେଲେ ପିମ୍ପ୍ରି-ଚିଞ୍ଚୱାଡ ଛାତ୍ର ସଂଗଠନ ମୁଖ୍ୟ ୟାଶ ସାନେ, ପୂର୍ବତନ କର୍ପୋରେଟର ରାହୁଲ ଭୋସଲେ ଏବଂ ପଙ୍କଜ ଭାଲେକର। ଦଳର ପୂର୍ବତନ ସଦସ୍ୟମାନେ ଫେରିବାକୁ ଚାହିଁଲେ, ସେମାନଙ୍କୁ ସ୍ୱାଗତ କରାଯିବ ବୋଲି ଶରଦ ପାୱାର ପୂର୍ବରୁ ସୂଚନା ଦେଇଥିଲେ। ତେବେ ଯେଉଁମାନେ ଦଳକୁ ଦୁର୍ବଳ କରିବାକୁ ଚାହିଁଥିଲେ, ସେମାନଙ୍କୁ ନିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ। ଲୋକ ସଭା ନିର୍ବାଚନରେ ଅଜିତ ପାୱାରଙ୍କ ଦଳର ଶୋଚନୀୟ ପ୍ରଦର୍ଶନ ପରେ ଦଳରେ ଚାପ ବଢ଼ୁଛି। ଏହି ଦଳ ଗୋଟିଏ ଲୋକ ସଭା ଆସନ ଜିତିବାକୁ ସକ୍ଷମ ହୋଇଥିବାବେଳେ ଶରଦଙ୍କ ଦଳ ୮ଟି ଆସନରେ ବିଜୟୀ ହୋଇଥିଲା।


**OFFICE OF THE CDM&PHO-CUM-DISTRICT MISSION DIRECTOR, NUAPADA**
(District Programme Management Unit, NHM)
Telefax:06678-223908, E-mail:nhmnuapada@gmail.com
Letter No.2209, Date:16.07.24

**Request for Proposal (RFP) for outsourcing of different services under NIRMAL**

**No.E-124:** Sealed proposal as per prescribed RFP document are invited from interested eligible bidders for providing i) Mechanized laundry services, ii) Security services in different health institutions of Nuapada district. The eligibility criteria, the detailed requirement and formats for submission of proposals are set forth in the following RFP documents which can be downloaded from the district website **www.nuapada.odisha.gov.in.**

**RFP-1: Outsourcing of Security Services**
**RFP-2: Outsourcing of Mechanized Laundry Services.**

Interested bidders fulfilling the eligibility criteria may submit their proposal alongwith all required documents by speed post/ registered post/ courier only on or before 06.08.24 till 5 PM. The technical proposal shall be opened on as mentioned in bid. The undersigned reserves the right to reject any or all the proposals without assigning any reason thereof.

Sd./- CDM & PHO-cum-District Mission Director, Nuapada
OIPR-10055/11/0007/2425



**OFFICE OF THE MUKHIGUDA HIRMC**
No. H-05 At/P.O.: Jaipatna, Dist.: Kalahandi - 766018
Tender Call Notice No. 538 Dt.12.07.24

| Sl. No. | Item | Details |
|---|---|---|
| 1 | The Sub-Collector, Dharamgarh-cum-Chairman, Mukhiguda HIRMC invite percentage rate bids in Double cover system in ONLINE MODE only for work as details below; | |
| 2 | Nature of the Work | Construction of Infrastructures |
| 3 | No. of Work | 2 Nos. |
| 4 | Bid Cost | Rs.10,000/- (Online Transfer) |
| 5 | Class of Contractor | "A" Class |
| 6 | Availability of BID Documents in the website | 18.07.24 to 01.08.2024 |
| 7 | Last date/time of receipt of bids in the portal | 01.08.2024 at 5 P.M. |
| 8 | Date of Opening of Bid | 02.08.2024 at 11 A.M. |
| 9 | The bidder has to participate in online bidding only. Further details can be available in the website **https://tendersodisha.gov.in**. Any addendum/corrigendum/cancellation of the tender etc. can also be seen in the website. | |

Sd./- Sub-Collector, Dharamgarh-Cum-Chairman, Mukhiguda HIRMC
OIPR-24404/11/0001/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପନିକିରେ ବେକ କାଟି ଯୁବକଙ୍କ ଆତ୍ମହତ୍ୟା

**କେନ୍ଦୁଝର,୧୭।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳର ଜଣେ ଯୁବକ ପନିକିରେ ନିଜ ବେକ କାଟି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାଉରୀପଦା ପଞ୍ଚାୟତ ମୁକୁନା ଗ୍ରାମର ରଣଜିତ କୁମାର ନାଏକ(୩୫)। ରଣଜିତ ମଙ୍ଗଳବାର ରାତି ୧୦ଟାରେ ଘରେ ଏକା ଥିବା ବେଳେ ପନିକିରେ ନିଜ ବେକ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହିତ ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଣଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ଖବରପାଇ ସଦର ଥାନା ଏସ୍‌ଆଇ ଦିଲୀପ ମୁର୍ମୁ ମେଡିକାଲରେ ପହଞ୍ଚି ଏକ ମାମଲା(ନଂ.୪୫/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପୂର୍ବରୁ ମଧ ରଞ୍ଜିତ ବ୍ଲେଡ୍‌ରେ ବେକ କାଟିଥିବା ପରିବାର ଲୋକେ କହିଛନ୍ତି। ସେ କାହିଁକି ଆତ୍ମହତ୍ୟା କଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# କୋଏମ୍ବାଟୁରରେ ଓଡ଼ିଆ ଦାଦନ ଶ୍ରମିକ ମୃତ

**ପାତ୍ରପୁର,୧୭।୭(ଉମା ଚରଣ ନେପାକ)**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଚଲଣା ପାହାଡ଼ ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ କୋଏମ୍ବାଟୁର ଯାଇଥିବାବେଳେ ସେଠାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ସନ୍ତୋଷ ଜାନି (୨୮)। ତାଙ୍କୁ ଡେଙ୍ଗୁ ସହିତ ମ୍ୟାଲେରିଆ ହୋଇଥିବା ଡାକ୍ତରଖାନାରୁ ସୂଚନା ମିଳିଥିବା ସାଙ୍ଗମାନେ କହିଛନ୍ତି। କିଛି ଦିନ ପୂର୍ବରୁ ସନ୍ତୋଷ ଗାଁକୁ ଆସିଥିଲେ। ଗତ ୬ ତାରିଖରେ କୋଏମ୍ବାଟୁର ଯାଇ ଅନ୍ୟ କମ୍ପାନୀରେ କାମ ଖୋଜୁଥିବାବେଳେ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ୯ତାରିଖରେ ପ୍ରବଳ ଜ୍ୱର ହେବାରୁ ସାଙ୍ଗମାନେ ଚିକିତ୍ସା ପାଇଁ ନିକଟ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସରକାରୀ ଡାକ୍ତରଖାନାକୁ ୧୩ ତାରିଖରେ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଥିଲା। ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଅଣାଯାଉଥିବା ସୂଚନା ମିଳିଛି।

# ମାଛ ତରକାରି ପାଇଁ ମା'ଙ୍କ ତଣ୍ଟିଚିପି ମାରିଦେଲେ ପୁଅ

**ସିମୁଳିଆ,୧୭।୭(ସନ୍ତୋଷ ନାୟକ)**

## ସ୍ୱାମୀଙ୍କୁ ଫାଶୀ ଦେବାକୁ ଦାବି କଲେ ସ୍ତ୍ରୀ

ଅଧିକାଂଶ ସମୟ ନିଶାଗ୍ରସ୍ତ ଅବସ୍ଥାରେ ରହୁଥିବାରୁ ସ୍ତ୍ରୀ, ପିଲା, ଭାଇ ଅଲଗା ରହୁଛନ୍ତି। ମା'ଙ୍କ ପାଖରେ ଆଶ୍ରୟ ନେଇ ରହୁଥିଲେ। ହେଲେ ମା' ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କଲେ ନାହିଁ ବୋଲି ତାଙ୍କୁ ତଣ୍ଟି ଚିପି ହତ୍ୟା କରିଛନ୍ତି ଜଣେ ପୁଅ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ସିମୁଳିଆ ଥାନା କାଞ୍ଚପଡା ପଞ୍ଚାୟତ ତାଳପଦା ଅଞ୍ଚଳରେ। ମୃତ ମହିଳା ହେଲେ ବାସନ୍ତୀ ମହାନ୍ତି(୬୫)। ହତ୍ୟାକାରି ପୁଅ ହେଲେ ଅରୁଣ ମହାନ୍ତି(୩୯)। ସ୍ୱାମୀଙ୍କ ଏଭଳି କାର୍ଯ୍ୟରେ ଏତେମାତ୍ରାରେ ଅତିଷ୍ଠ ହୋଇଯାଇଛନ୍ତି ଯେ ତାଙ୍କୁ ଫାଶୀ ଦେବା ପାଇଁ ଖୋଦ୍ ସ୍ତ୍ରୀ କବିତା ଦାବି କରିଛନ୍ତି।

ପ୍ରକାଶ ଯେ, ଅରୁଣ ଅଧିକାଂଶ ସମୟରେ ମାତାଲ ଅବସ୍ଥାରେ ରହି ଘର ଲୋକଙ୍କୁ ମାରଧର କରି ବିଶୃଙ୍ଖଳା କରନ୍ତି। ଏହି କାରଣରୁ ତାଙ୍କ ସ୍ତ୍ରୀ ନିଜର ୪ ପିଲାଙ୍କ ସହିତ ଅଲଗା ରହିବା ସହିତ କାମ କରି ଭରଣପୋଷଣ କରନ୍ତି। ଅରୁଣଙ୍କ ସାନ ଭାଇ ଅଜୟ ମଧ ନିଜ ପରିବାର ସହିତ ଅଲଗା ରୁହନ୍ତି। ବାପା ଆନନ୍ଦଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ଅରୁଣ ନିଜ ମା'ଙ୍କ ପାଖରେ ଖିଆପିଆ କରନ୍ତି। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ଅରୁଣ ମାତାଲ ଅବସ୍ଥାରେ ମାଛ ତରକାରି ଖୋଜିଥିଲେ। ମା' କରି ନ ଥିବା କହିବାରୁ ଅରୁଣ ମା'ଙ୍କ ତଣ୍ଟି ଚିପି ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ସ୍ତ୍ରୀ କବିତା ଘଟଣାସ୍ଥଳକୁ ଦୌଡ଼ିଆସିବା ସହିତ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଅରୁଣଙ୍କ ନିକଟରୁ ତାଙ୍କ ଉଦ୍ଧାର କରିବା ପରେ ମା' ବାସନ୍ତୀ ଜୀବନ ବିକଳରେ ଦୌଡି ପଳାଇଯାଇ କିଛି ଦୂରରେ ପଡ଼ି ଯାଇଥିଲେ। ତୁରନ୍ତ ତାଙ୍କୁ ସିମୁଳିଆ ମେଡିକାଲକୁ ଅଣାଯାଇଥିଲା, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ଏକ ମାମଲା(ନଂ. ୧୯୮/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅରୁଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ମାଓବାଦୀ- ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ

**ରାଉରକେଲା, ୧୭।୭(ସଙ୍ଗୀତା ଜେନା)**

ଓଡ଼ିଶା -ଝାଡ଼ଖଣ୍ଡ ସୀମାନ୍ତ ଛୋଟନାଗପୁର ଦୋଲାଇଗଡ଼ ଜଙ୍ଗଲରେ ବୁଧବାର ଭୋର୍‌ରୁ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପ୍ରାୟ ଅଧଘଣ୍ଟା ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀମାନେ ଜଙ୍ଗଲ ମଧ୍ୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି। ଏଠାରୁ ଗୋଟିଏ ରାଇଫଲ୍, ୩ଟି ମାଗାଜିନ୍ , ୩୦୩ ରାଇଫଲ୍, ୯ଏମ୍‌ଏମ୍ ପିସ୍ତଲ, ୩୪ଟି ଡେଟୋନେଟର୍, ୧୭୪ ରାଉଣ୍ଡ ଏସ୍‌ଏଏ ଆର୍ ଗୁଳି, ମାଓବାଦୀ ବ୍ୟାନର, ପୋଷାକ ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ କୋଲହାନ୍ ଅଞ୍ଚଳରେ ମାଓବାଦୀ ନେତା ଅନ୍‌ମୋଲ, ଅଜୟ ମହତୋ, ଅଶ୍ୱିନ, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ସକ୍ରିୟ ଥିବା ସୁରକ୍ଷାକର୍ମୀ ଜାଣିବାକୁ ପାଇଥିଲେ। ଏନେଇ ଛୋଟନାଗପୁର ଓ ମନୋହରପୁର ଥାନା ସୀମାବର୍ତ୍ତୀ ଜଙ୍ଗଲରେ କୋମ୍ବିଂ ଅପରେଶନ୍ ଆରମ୍ଭ ହୋଇଥିଲା। ଉକ୍ତ ଅଭିଯାନରେ ସିଆର୍‌ପିଏଫ୍, କୋବ୍ରା ବାଟାଲିୟନ୍ ସାମିଲ ହୋଇଥିଲେ।



ଜବତ ହୋଇଥିବା ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ

# ରାଜଧାନୀରେ ଖଣ୍ଡା ବୁଲାଇ କାର୍ ଭାଙ୍ଗିବା ଘଟଣା: ଆଉ ଜଣେ ଗିରଫ

**ଭୁବନେଶ୍ୱର,୧୭।୭(ସତ୍ୟଜିତ୍ ରାଉତ)**

ରାଜଧାନୀ ବଡ଼ଗଡ ଥାନା ଅନ୍ତର୍ଗତ ବିଜେବି ନଗରସ୍ଥିତ ଗଧିଆଖାଲବସ୍ତି ଅରବିନ୍ଦ କଲୋନୀ ଅଞ୍ଚଳରେ ଗୁଳି ଫୁଟାଇବା ସହ ଖଣ୍ଡା ବୁଲାଇ ଆତଙ୍କରାଜ ସୃଷ୍ଟି କରିବା ଘଟଣାରେ କମିଶନରେଟ୍ ପୋଲିସ ଖୋଳତାଡ ଜାରି ରଖିଛି। ଏହି ଘଟଣାରେ ବନ୍ଧୁକ ଚଳାଇଥିବା ଜଣେ ଅଭିଯୁକ୍ତଙ୍କୁ ବଡ଼ଗଡ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଝରଣାସାହିରେ ରହୁଥିବା ଜଙ୍କିଆ ଅଞ୍ଚଳର ନରେଶ ଜେନା (୨୬)। ତାଙ୍କ ନିକଟରୁ ଏକ ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ଜଣେ ନାବାଳକଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରିଥିଲା। ଦାଦାବଟି ନ ଦେବାରୁ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇଥିଲେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ନିର୍ବନ୍ଧ ଶାଢ଼ି ପିନ୍ଧି ଯୁବତୀଙ୍କ ଆତ୍ମହତ୍ୟା

**ବୁଗୁଡ଼ା, ୧୭।୭(କାଳିଚରଣ ଦାଶ)**

ଗଞ୍ଜାମ ଜିଲା ବୁଗୁଡା ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିବା ରଶ୍ମିତା ବେହେରା(୨୫)ଙ୍କ ଝୁଲନ୍ତା ମୃତଦେହ ବୁଗୁଡ଼ା ଅରବିନ୍ଦନଗର ୨ୟ ଲାଇନ୍‌ରେ ଥିବା ଭଡ଼ାଘରୁ ପୋଲିସ ଜବତ କରିଛି। ରଶ୍ମିତାଙ୍କ ନିଜ ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ନିକଟସ୍ଥ ସୋରଣ ଗ୍ରାମରେ। ତାଙ୍କର ଦୁଇ ମାସ ପୂର୍ବରୁ କୁହୁଡି ଗ୍ରାମର ଜଣେ ଯୁବକଙ୍କ ସହ ନିର୍ବନ୍ଧ ହୋଇସାରିଥିବା ବେଳେ ଗତ ୧୨ ତାରିଖରେ ବାହାଘର ପାଇଁ ସ୍ଥିର ହୋଇଥିଲା। ତେବେ କୌଣସି କାରଣବଶତଃ ବାହାଘର ସ୍ଥଗିତ ହୋଇଥିଲା। ତେବେ ନିର୍ବନ୍ଧ ସମୟରେ ପୁଅଘର ପକ୍ଷରୁ ଦିଆଯାଇଥିବା ଶାଢ଼ି ଓ ଚୁଡ଼ି ପିନ୍ଧି ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ରଶ୍ମିତାଙ୍କ ୪ ପୃଷ୍ଠାର ଏକ ହାତଲେଖା ଡାଏରୀ ଜବତ କରିଛି।

ପଡ଼ୋଶୀଙ୍କ ସୂଚନା ଅନୁସାରେ ରଶ୍ମିତା ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ। ବୁଧବାର ଅପରାହ୍ଣ ୧ଟା ପର୍ଯ୍ୟନ୍ତ ତାଙ୍କ କବାଟ ଖୋଲା ନ ହେବାରୁ ପଡ଼ୋଶୀ ଘର କବାଟ ବାଡ଼େଇ ଡାକିଥିଲେ। ଏପରି କି ତାଙ୍କ ମୋବାଇଲକୁ କଲ୍ କରିଥିଲେ ହେଁ କୌଣସି ଉତ୍ତର ନ ମିଳିବାରୁ ସନ୍ଦେହ ହୋଇଥିଲା। ଫଳରେ ଘର ମାଲିକଙ୍କୁ ଡାକି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ କବାଟ ଭାଙ୍ଗି ଭିତରେ ପଶିବା ପରେ ରଶ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ବାପା ଗଙ୍ଗାଧର ବେହେରା ସନ୍ଧ୍ୟାରେ ପହଞ୍ଚିବା ପରେ ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାଯାଇଛି।

# ରେକର୍ଡ ନ ଦେବାରୁ ପୂର୍ବତନ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଥାନାରେ ମାମଲା

**ମାଲକାନଗିରି, ୧୭।୭ (ଦୁର୍ଯ୍ୟୋଧନ ପତ୍ର)**

ମାଲକାନଗିରି ଆଇଟିଡିଏ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରୁ ଗତ ମାର୍ଚ୍ଚରେ ବଦଳି ହେବାପରେ ସରକାରୀ ରେକର୍ଡ ଏବଂ ମାପ ପୁସ୍ତକ ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଅଫିସରେ ନ ଦେବାରୁ କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀଧର ବିହାରୀଙ୍କ ବିରୋଧରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ଥାନେ ମାଲକାନଗିରି ଆଦର୍ଶ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶଯେ, ଡିସେମ୍ବର ୨୦୧୮ରୁ ମାଲକାନଗିରି ଆଇଟିଡିଏରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟକରି ଆସୁଥିବା ବିହାରୀଙ୍କର ଚଳିତ ବର୍ଷ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗକୁ ବଦଳିହୋଇଛି। ତେବେ ସେ ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ସମସ୍ତ ରେକର୍ଡ ମଧ୍ୟରୁ କିଛି ରେକର୍ଡ ଫେରସ୍ତ କରି ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରାଇ ନ ଥିଲେ। ଏହାକୁ ନେଇ ଅବଶିଷ୍ଟ ରେକର୍ଡ ଏବଂ ମାପ ପୁସ୍ତକ ହସ୍ତାନ୍ତର କରିବାକୁ ପ୍ରାୟ ୩ ଥର ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ମଧ ସେ ତାହା ଫେରସ୍ତ କରି ନ ଥିଲେ। ଫଳରେ ଆଇଟିଡିଏର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ଥାନେ ଲିଖିତ ଭାବେ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଜଙ୍ଗଲକୁ କରଡ଼ି ପାଇଁ ଯାଇ ଯୁବକ ନିଖୋଜ

**ଦାମନଯୋଡ଼ି,୧୭।୭ (ମାନସ ରଞ୍ଜନ କର)**



ଲକ୍ଷ୍ମଣ ନାୟକ

କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମରିଚମାଳ ଗ୍ରାମର ଲକ୍ଷ୍ମଣ ନାୟକ (୨୫) ମଙ୍ଗଳବାର ଅପରାହ୍ଣରେ ନିକଟସ୍ଥ ବୁଢ଼ାପଣସ ଗ୍ରାମ ଜଙ୍ଗଲକୁ ବାଉଁଶ କରଡ଼ି ଆଣିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଅପରାହ୍ଣରେ ଏକ ବାଇକ୍‌ରେ ମରିଚମାଳ ଗ୍ରାମରୁ ଲକ୍ଷ୍ମଣଙ୍କ ସହ ୩ଜଣ ଯୁବକ ଯାଇଥିଲେ। ମାତ୍ର ଫେରିବା ବେଳେ ଦୁଇ ଜଣ ଆସିଥିଲେ। ତେବେ ଏହି ୨ ଯୁବକ ବାଟରେ ଦୁର୍ଘଟଣାର ଶିକାର ହୋଇ ଜଣେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଅନ୍ୟ ଜଣେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ଲକ୍ଷ୍ମଣଙ୍କୁ ବୁଧବାର ତାଙ୍କ ପରିବାର ଓ ଗ୍ରାମର କେତେଜଣ ଯୁବକ ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇନାହାନ୍ତି। ପରିବାର ଲୋକେ ଏ ସମ୍ପର୍କରେ ଦାମନଯୋଡ଼ି ଥାନାରେ ଜଣାଇଥିଲେ। ସନ୍ଧ୍ୟାରେ ପୋଲିସ ଉକ୍ତ ଅଞ୍ଚଳକୁ ଯାଇ ଖୋଜାଖୋଜି କରିଥିଲେ ମଧ ଲକ୍ଷ୍ମଣଙ୍କୁ ପାଇନାହିଁ।


# Classified Everyday
0674-2580101, 2549949



REAL ESTATE
SALE

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

ନଖରା ସମ୍ ହସ୍ପିଟାଲ-୨ ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**Plot for sale at Puri Konark Marine Drive (850/-per sqft.). Contact: 6371703010.** D-750

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-762

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ ବିକ୍ରୀ, ଗୃହ ନିର୍ମାଣ କରନ୍ତୁ- 8249422604। D-75977



Healthcare

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Newly open health benefits SPA special Offer @ 999 Bapujinagar. 8018429809. D-76134

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax refreshment body massage therapy by experience lady therapist. 7008773793. D-76133

Relax, refresh your body, mind by expert therapist. Contact: 9938843929. D-768

AFFIDAVIT

I, Benudhara Sahoo, S/o- Kahnucharana Sahoo, At- Samantarapur, P.O./ Dist.- Khordha, PIN- 752055, Odisha declare by this affidavit No.-5827 dtd. 16.07.2024 that now onwards I shall be known as BENUDHAR SAHOO For all future purposes. D-765

I, SEIKH ALTAB HOSSAIN, S/o- Late SK ABDUL ODUD, resident of At- Dang, P.O.- Bardol, P.S.- Bargarh, Dist.- Bargarh, Pin-768038, Odisha declare by this affidavit No.573 dtd.16.07.2024 that now onwards I shall be known as SK ALTAB HOSSAIN for all future purpose. D-767

Your classified advertisement published in Dharitri will be listed free in Dharitri online edition: **dharitriepaper.in**

By virtue of an affidavit sworn before the Notary Public, Loisingha, I Jhasanetri Chuhan, W/o Durgaprasad Chuhan, R/O- Village - Bhalupali, P.O.- Badibahal, Dist.- Balangir, Odisha declare that after marriage I have changed my name from Kousalya Mahala to Jhasanetri Chuhan. that both the names belong to one and same person. D-769

I, Abhiram Nayak (41), Rank- Naik No. 14667678N, S/o- Gopal Nayak, Vill.: Chasakhanda, P.S.: Chandbali, Dist.: Bhadrak, Odisha. My wife's name is Subhrarani Biswal mentioned in all of essential identity proof issued by the concerned authority. But in my service record my wife's name has been mentioned as Subhrarani Nayak instead of her correct name Subhrarani Biswal. By virtue of this affidavit kindly allowed to my wife's correct name in my service record. D-770

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ସତରତମ ଶ୍ରାଦ୍ଧବାର୍ଷିକୀ



✓ ଶ୍ରୀମତୀ ବିମଳିନୀ ଦାଶ୍ (କୁନି)
C/o - ନବକିଶୋର ଦାଶ୍, ପ୍ଲଟ୍ - ୨୧, ଭୌମନଗର, ୟୁନିଟ୍ - ୪, ଭୁବନେଶ୍ୱର
ମହାପ୍ରୟାଣ : ଆଷାଢ଼, ଶୁକ୍ଳପକ୍ଷ ଦ୍ୱାଦଶୀତିଥି (ତା. ୨୭.୦୭.୨୦୦୭)
ବୋଉ, ଓଁ ଯମଦ୍ୱାରେ ମହାଘୋରେ ଯତ୍ ସ୍ୟାତ୍ ମାତୃଣ୍ଣ ଶୋଚନମ୍ ତସ୍ୟ ନିସ୍ତରଣାର୍ଥାୟ ମାତୃପିଣ୍ଡ ଦଦାମ୍ୟହମ୍ ଓଁ ମାତ୍ରାଦିଭ୍ୟୋ ନମଃ - ଓଁ ମାତ୍ରାଦୟଃ କ୍ଷମଧ୍ୱମ୍।
ଆପଣଙ୍କର ଚିରଋଣୀ
ରଜନୀ, ରାନୁ, ଯାମିନୀ, ଜ୍ୟୋତ୍ସ୍ନା, ଲିନା ରିନା, ନିନା, ବାଦଲ, ୟୁରି
ଧ-୭୬୩

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସୁରମା ପାଢ଼ୀ
ଦେଉଳ ସାହି, ଢେଙ୍କାନାଳ, ଓଡ଼ିଶା
ଆବିର୍ଭାବ : ୧୫.୧୦.୧୯୪୫
ତିରୋଧାନ : ୦୭.୦୭.୨୦୨୪ (ଶ୍ରୀଗୁଣ୍ଡିଚା) ଦ୍ୱିତୀୟା ତିଥି
ହତଭାଗ୍ୟ ସ୍ୱାମୀ - ବିନୟ କୁମାର ପାଢ଼ୀ ; ପୁତ୍ର ଓ ପୁତ୍ରବଧୂ - ସରୋଜ, ମଳୟ, ସୁଜାତା, ମାମାଲୀ ; କନ୍ୟା ଓ ଜାମାତା - ଅରୁଣା, ଶକ୍ତିଶଙ୍କର (ମୁନା) ; ନାତି ଓ ନାତୁଣୀ - ଶିବୁ, ସୋମ, ଶୁଭମ୍, କୁକୁ ଓ ପିକୁ ଏବଂ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଧ-୭୭୨

## ଶ୍ରଦ୍ଧାଞ୍ଜଳି ସପ୍ତଦଶ ଶ୍ରାଦ୍ଧ ବାର୍ଷିକ



✓ କୃଷ୍ଣଚନ୍ଦ୍ର ସାହୁ
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ : ୦୫.୦୬.୧୯୭୪
ତିରୋଧାନ : ୧୮.୦୭.୨୦୦୭
ଆପଣଙ୍କର ଜୀବନ୍ତ ସ୍ମୃତି ଆଜିବି ଆମ ମନରେ ଅପାସୋରା। ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ
ଧର୍ମପତ୍ନୀ, ଗୁଡଲି, ଲାଡଲି ଓ ଆତ୍ମୀୟ ସ୍ୱଜନ
ଧ-୭୬୪

## ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



✓ ଦେବୀପ୍ରସନ୍ନ ସୂତାର
ଜଗଦଲପୁର, ପାଟପୁରା
ଆବିର୍ଭାବ : ୧୪.୧୧.୧୯୮୩
ତିରୋଧାନ : ୩୦.୦୬.୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ସୂତାର ପରିବାରବର୍ଗ
ଧ-୭୭୧

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ପ୍ରାର୍ଥନା।
-:ଶୋକସନ୍ତପ୍ତ:- ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୭୬୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେପକାନ୍ତି ଭିକି



ଭିକି

ଅଭିନୟରେ ପରଲୋକଗତ ଇରଫାନ୍ ଖାଁ କେତେ ଦକ୍ଷ ତାହା କହିବା ବାହୁଲ୍ୟ। ସେ ଅଭିନୟ କରିଥିବା ପ୍ରତିଟି ଫିଲ୍ମରେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ସୁରଜିତ ସିରକାର୍‌ଙ୍କର 'ସର୍ଦ୍ଦାର ଉଦ୍ଧାମ'ର ଟାଇଟଲ ଭୂମିକାରେ ସେ ଅଭିନୟ କରିଥାଆନ୍ତେ। ଏହି ଭୂମିକା ପାଇଁ ଇରଫାନଙ୍କ କଥା ସୁରଜିତଙ୍କ ମନକୁ ଆସିସାରିଥିଲା। କିନ୍ତୁ ସେ ଦୀର୍ଘଦିନ ଧରି ଅସୁସ୍ଥ ରହିବା ଏବଂ ଶେଷରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଫଳରେ ଏ ନେଇ ପୁଣି ଥରେ ତାଙ୍କୁ ଚିନ୍ତା କରିବାକୁ ପଡ଼ିଥିଲା। ଶେଷରେ ଭିକି କୌଶଲଙ୍କୁ ଯୋଗାଯୋଗ କରିବାକୁ ସ୍ଥିର କରିଥିଲେ। ବାସ୍,ଏପରି ଅଫର ପାଇବା ପରେ ଚିନ୍ତା ନ କରି ହଁ ଭରିଥିଲେ ଭିକି। ଏ ସମ୍ପର୍କରେ ଭିକି କହନ୍ତି, 'ଏହି ଫିଲ୍ମ ପାଇଁ ପୂର୍ବରୁ ଇରଫାନଙ୍କ ପରି ଅଭିନେତାଙ୍କୁ ନେବାକୁ ଚିନ୍ତା କରାଯାଇଥିଲା, ହେଲେ ସେ ପରଲୋକ ଗମନ ପରେ ଅଫରଟି ମୋତେ ମିଳିଛି। ତେଣୁ ଏ ନେଇ କିଛି ଚିନ୍ତା ନ କରି ହଁ ଭରିଥିଲି। ଇରଫାନ ସାହେବ ହେଉଛନ୍ତି ମୋ ରୋଲ୍ ମଡେଲ୍।' ଚଳିତ ମାସ ୧୯ରେ ରିଲିଜ ହେଉଛି 'ବ୍ୟାଡ୍ ନ୍ୟୁଜ୍'। ଏଥିରେ ଭିକି କୌଶଲ ନାୟକ ଭୂମିକାରେ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ତ୍ରିପ୍ତି ଡିମ୍ରି। ଆନନ୍ଦ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଭିକି।

# ଯାହା ଚାହୁଁଥିଲେ ସମ୍ବିତ..

ଅଭିନେତା ସମ୍ବିତ ରିଲିଜ୍ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'ହେ ରାମ : କର୍ମ ହିଁ ଭଗବାନ'ର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି। କେବଳ ସେତିକି ନୁହେଁ, ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଭୂମିକାଟିଏ ମଧ୍ୟ ସେ ଖୋଜି ବୁଲୁଥିଲେ, ଯାହା ତାଙ୍କୁ ଏଥିରେ ମିଳିଯାଇଛି। ବିଦିସା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ଫିଲ୍ମଟିକୁ ନେଇ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ଏଥିରେ ତାଙ୍କୁ ଦର୍ଶକ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଡିଫରେଣ୍ଟ।' ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡ୍ଡୁ,ଜଗନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।



ସମ୍ବିତ

ଅପେରା ହାଲ୍‌ଚାଲ୍

# ଗୁରୁଙ୍କ ଘର ବାହୁଡାଣି



ଗୁରୁ

ପିଲାଟି ଦିନରୁ ଅଭିନୟ ମାୟାରେ ପଡିଯାଇଥିଲେ ସେ। ପରବର୍ତ୍ତୀ ସମୟରେ ଥିଏଟର ଏବଂ ଧାରାବାହିକରେ ଆକ୍ଟିଂ କରିବା ପରେ ଯାତ୍ରା ରଙ୍ଗମହଲରୁ ସେ ଆରମ୍ଭ କରିଥିଲେ ନିଜର ଅପେରା କ୍ୟାରିୟର। ଗତ ଯାତ୍ରା ସିଜନରେ ସେ ବିଶ୍ୱ ଦରବାରରେ ଅଭିନୟ ଜାରି ରଖିଥିଲେ। ହେଲେ ଏଥର ପୁଣି ଥରେ ତାଙ୍କୁ ରଙ୍ଗମହଲରେ ଦେଖିବାକୁ ମିଳିବ। ଆଉ ନିଜର ଘର ବାହୁଡା ନେଇ ବେଶ୍ ଖୁସ୍ ଅଛନ୍ତି ଯୁବ କମେଡିଆନ୍ ଗୁରୁ ପୃଷ୍ଟି। ତାଙ୍କ ଅଭିନୀତ ଚର୍ଚ୍ଚିତ ନାଟକଗୁଡିକ ମଧ୍ୟରେ ରହିଛି, 'ଚାଲିବା ଆଗରୁ ବାଟ ସରିଲା' (ଧୂମାଳ), 'ବଡ଼ ଦାଣ୍ଡର ଭିକାରୀ' (ଗିରିଆ), 'ଭୁଲ ତୋର ଭୋଗୁଛି ମୁଁ' (ଗୁରୁ), ଏବଂ 'ବଡ଼ ଦାଣ୍ଡର ଭିକାରୀ'। କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ଗ୍ରାମରେ ଜନ୍ମିତ ଗୁରୁ ଏ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କମେଡି ଭୂମିକାରେ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। 'କମେଡି ଭୂମିକା ତୁଲାଇବା ଏତେ ସହଜ ନୁହେଁ। ତେବେ ନିଜ ରୋଲ୍‌କୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ଯଥାସମ୍ଭବ ଉଦ୍ୟମ କରିଥାଏ ବୋଲି କହନ୍ତି ଗୁରୁ।' ଆସନ୍ତା ଯାତ୍ରା ସିଜନରେ ସେ ଅଭିନୟ କରୁଥିବା ନୂଆ ନାଟକଗୁଡିକ ହେଉଛି 'ଧନ ମରିଯିବି ତୋ ବିନା', 'ଦୁଃଖ ଭୁଲିଯିବି ତୋ ମୁହଁ ଚାହିଁ' ଏବଂ 'ପାପ ଜାଣିନି କି ପୁଣ୍ୟ ଜାଣିନି'। ତେବେ ଆସନ୍ତା ସିଜନରେ ଗୁରୁ ନିଜ ଭୂମିକାରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଭାଗ୍ୟବତୀ ମୃଣାଳ



ମୃଣାଳ

ସତରେ, ଯାକୁ ହିଁ କହନ୍ତି, ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି ଭାଗ୍ୟଦେବୀ କେମିତି ମୃଣାଳ ଠାକୁରଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି। ଏବେ ତାଙ୍କ ହାତରେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଅଫର ରହିଛି। ଯେହେତୁ ଏ ନେଇ ଆଲୋଚନା ଚାଲିଛି ତେଣୁ ବିସ୍ତୃତ ସୂଚନା ଦେବାକୁ ଉଚିତ ମଣିନାହାନ୍ତି ସେ। ଏଭଳି ସୁଯୋଗ ବିଷୟରେ ସେ କହନ୍ତି, 'ବର୍ତ୍ତମାନ ସବୁକିଛି ଆଲୋଚନା ପର୍ଯ୍ୟାୟରେ ଅଛି। ତେଣୁ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ। ସବୁକିଛି ଫାଇନାଲ ହେବା ପରେ ଏ ବିଷୟରେ ମୋ ପଟରୁ ମୁଁ ସୂଚନା ଦେବି।'

ମୃଣାଳ ଏବେ ମାଇଣ୍ଡ ଫ୍ରେସ୍ କରିବାକୁ ଲଣ୍ଡନ ଯାଇଛନ୍ତି। ସେଠାରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି। ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି।

# ଅପେକ୍ଷାରେ ଦୀପକ

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟ୍‌ଲର'। ଏହି ଚିତ୍ରଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ସେହି ଶୁଭ ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଥିବା ଦୀପକ। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା । 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା 'ହିଟଲର' ଫିଲ୍ମଟି ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଏହାର ପ୍ରଯୋଜକ।



ଦୀପକ-ଅର୍ଲିନ

# ଦୃଢ଼ମନା ଶ୍ରଦ୍ଧା

ଶ୍ରଦ୍ଧା କପୁର ଏଣିକି ଅଧିକ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଶ୍ରଦ୍ଧା କହନ୍ତି, 'ଯା ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖି ସାରିଛି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଶ୍ରଦ୍ଧାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।



ଶ୍ରଦ୍ଧା

# ଟେନ୍‌ସନରେ ତାରା



ତାରା

ତାରା ସୁଟାରିଆଙ୍କ ଟେନ୍‌ସନ ଏବେ ବଢ଼ିଯାଇଛି। କାରଣ ଯେଉଁ କଥାଟି ଶୀଘ୍ର ଫାଇନାଲ ହୋଇଯିବ ବୋଲି ସେ ଆଶା ରଖିଥିଲେ ତାହା ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିଛି। କଥା କ'ଣ କି ସେ ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। କିନ୍ତୁ ତା' ଭିତରେ ଟିକେ କେଁ ରହିଯାଇଛି। ଏହାର ଶୁଟିଂକୁ ନେଇ ଟେନ୍‌ସନରେ ଅଛନ୍ତି ତାରା। ଏ ନେଇ ସେ କହନ୍ତି, 'ଏବେ ମୋର କେତୋଟି ବ୍ୟକ୍ତିଗତ କାମ ମୋତେ ଯେମିତି ହେଲେ ଶେଷ କରିବାକୁ ପଡ଼ିବ। ସେପଟେ ଯଦି ୱେବ୍ ସିରିଜ୍‌ରେ ଶୁଟିଂ ଆରମ୍ଭ ହୋଇଯାଏ ତେବେ ସବୁ କିଛି ଅଡୁଆ ହୋଇଯିବ। ତେଣୁ ଏହାର ଶୁଟିଂକୁ ପାଖାପାଖି ଦୁଇ ସପ୍ତାହ ପରେ ଆରମ୍ଭ କରିବାକୁ ମୁଁ ପ୍ରଯୋଜନା ସଂସ୍ଥାକୁ ଅନୁରୋଧ କରିଛି। ଯଦି ସେମାନେ ମୋ କଥା ରଖନ୍ତି ତେବେ ଭଲ। ନ ହେଲେ ବାଧ୍ୟ ହୋଇ ସେହି ଅନୁସାରେ ମୋତେ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏପଟେ ଶୁଣୁଛି ଯେ, ମୁଁ କୁଆଡ଼େ ଏହି ୱେବ୍ ସିରିଜ୍‌ରେ ଅଭିନୟ କରିବି ନାହିଁ। ଏକଥା ସମ୍ପୂର୍ଣ୍ଣ ମିଛ। କେହି ମୋତେ ଅଯଥା ବଦନାମ କରିବାକୁ ଅପପ୍ରଚାର ଚଳାଇଛି।

# ସୁଜୟଙ୍କ ପ୍ରଶଂସାରେ ଜ୍ୟାକ୍‌ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ମୁକୁଟ ପିନ୍ଧିଥିବା ଜ୍ୟାକଲିନ୍ ଫର୍ନାଣ୍ଡିସ୍ ପରବର୍ତ୍ତୀ ସମୟରେ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିଥିଲେ। ନାୟିକା ଭାବରେ ତାଙ୍କୁ ବଡ଼ପରଦାରେ ବ୍ରେକ୍ ଦେଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ସୁଜୟ ଘୋଷ। ଆଉ ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ୍'। ସୌଭାଗ୍ୟବଶତଃ ତାଙ୍କ ଅଭିନୀତ ପ୍ରଥମ ସିନେମା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏ ନେଇ ଜ୍ୟାକଲିନ୍ କହନ୍ତି, 'ମୋର ପ୍ରଥମ ହିନ୍ଦୀ ସିନେମାକୁ ନେଇ ମୋର ଢେର ଆଶା ଥିଲା। ଫିଲ୍ମଟି ହିଟ୍ ହେବା ପରେ ମୋ ଖୁସିର ସୀମା ରହି ନ ଥିଲା। ତା'ପରେ ମୁଁ ଗୋଟିଏ ପରେ ଗୋଟିଏ ଫିଲ୍ମରେ ଅଭିନୟ କରିଚାଲିଛି। ଯଦି ମୋର ପ୍ରଥମ ସିନେମା ଫ୍ଲପ୍ ହୋଇଥାଆନ୍ତା, ତେବେ ମୁଁ ଆଜି ଜଣେ ଅଭିନେତ୍ରୀ ଭାବରେ ପରିଚିତ ହୋଇପାରି ନ ଥାନ୍ତି।' ଅବସର ମିଳିବା ମାତ୍ରେ ସେ ଯାଆନ୍ତି ତାଙ୍କର ମିନି ଚିଡ଼ିଆଖାନାକୁ। ଜ୍ୟାକଲିନ୍ ଯେତେବେଳେ ମିସ୍ ଶ୍ରୀଲଙ୍କା ଟାଇଟଲ ଜିତିଲେ ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ।



ଜ୍ୟାକ୍‌ଲିନ୍

# ୧୧୭ ଆଥ୍‌ଲେଟ, ୧୪୦ ସପୋର୍ଟ ଷ୍ଟାଫ୍

**ନୂଆଦିଲ୍ଲୀ, ୧୭।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତର ୧୧୭ ଆଥ୍‌ଲେଟ ପ୍ରତିନିଧିତ୍ୱ କରିବେ। ସେମାନଙ୍କ ସହ ୧୪୦ ସପୋର୍ଟ ଷ୍ଟାଫ୍ ଓ ଅଫିସିଆଲ ରହିବେ। ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ) ପକ୍ଷରୁ ପ୍ରସ୍ତୁତ ଭାରତୀୟ ପ୍ରତିନିଧି ଦଳର ଏହି ତାଲିକାକୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମୋଦନ କରିଛି। ଏମାନଙ୍କ ମଧ୍ୟରୁ ୭୨ ଜଣଙ୍କର ଖର୍ଚ୍ଚ ସରକାର ବହନ କରିବେ। ଖେଳାଳିଙ୍କ ସହ ସେମାନେ ଯିବା ପାଇଁ ଆବଶ୍ୟକତା ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଯୋଗ୍ୟତା ଅର୍ଜନ କରିଥିବା ଆଥ୍‌ଲେଟଙ୍କ ମଧ୍ୟରେ କେବଳ ଶଟ୍-ପୁଟର ଆଭା ଖଟୁଆଙ୍କ ନାମ ନାହିଁ। ବିଶ୍ୱ ର‌୍ୟାଙ୍କିଂ କୋଟା ଅନୁଯାୟୀ ଖଟୁଆ ଅଲିମ୍ପିକ୍ସ କୋଟା ହାସଲ କରିଥିଲେ। ତେବେ ତାଙ୍କୁ କାହିଁକି ସାମିଲ କରାଯାଇନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ସେ ଆହତ ସମସ୍ୟାରେ ଅଛନ୍ତି କିମ୍ବା ଡୋପିଂ ବିବାଦ ବା ଅନ୍ୟକିଛି ତାହା ପ୍ରକାଶ କରାଯାଇନି। କିଛିଦିନ ପୂର୍ବରୁ ଅଲିମ୍ପିକ୍ସ ପାଇଁ ପ୍ରକାଶିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଲିଷ୍ଟରେ ମଧ ତାଙ୍କ ନାମ ନ ଥିଲା। ପ୍ୟାରିସ ଅଲିମ୍ପିକ୍ସ ଚଳିତ ମାସ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଗଗନ ନାରଙ୍ଗ ଭାରତୀୟ ଦଳର ଚିଫ୍-ଡି-ମିଶନ ନିଯୁକ୍ତ ହୋଇଛନ୍ତି। ସେ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ)ର ଉପ ସଭାପତି ମଧ ଅଛନ୍ତି। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ୟାରିସ ଯାତ୍ରା କରିବ।



ପ୍ୟାରିସ ଅଲିମ୍ପିକ୍ସ ପାଇଁ ବିଦାୟୀ ଶୁଭେଚ୍ଛା ଜଣାଇବାକୁ ଆୟୋଜିତ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ ଭାବ ବିନିମୟ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ପ୍ରତିନିଧି ଦଳ ତାଲିକାକୁ କ୍ରୀଡ଼ା ମନ୍ତ୍ରଣାଳୟର ସ୍ୱୀକୃତି

## ଯୋଗ୍ୟତା ଅର୍ଜନ ସତ୍ତ୍ୱେ ଶଟ୍‌ପୁଟର ଆଭା ଖଟୁଆଙ୍କ ନାମ ନାହିଁ

### ହୋଟେଲରେ ରହିବେ ୭୨ ସପୋର୍ଟ ଷ୍ଟାଫ୍

''୨୦୨୪ ଅଲିମ୍ପିକ୍ ଗେମ୍ସ ପାଇଁ ଗଠିତ ପ୍ୟାରିସ୍ ଆୟୋଜକ କମିଟିର ନିୟମ ଅନୁସାରେ ୧୧ ଆଇଓଏ ଅଫିସିଆଲଙ୍କୁ ମିଶାଇ ଆକ୍ରିଡିଟେଶନଧାରୀ ୬୭ ସପୋର୍ଟ ଷ୍ଟାଫ୍ ଗେମ୍ସ ଭିଲେଜରେ ରହିପାରିବେ। ଏହା ମଧ୍ୟରେ ୫ ଜଣ ମେଡିକାଲ ଟିମ୍ ମେମ୍ବର ମଧ ସାମିଲ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିନିଧି ଦଳରେ ସାମିଲ କରାଯାଇଥିବା ଅନ୍ୟ ୭୨ ସପୋର୍ଟ ଷ୍ଟାଫଙ୍କ ଖର୍ଚ୍ଚ ସରକାର ବହନ କରିବେ। ସେମାନେ ଗେମ୍ସ ଭିଲେଜ ବାହାରେ ପାଖାପାଖି ହୋଟେଲରେ ରହିବେ'' ବୋଲି ଆଇଓଏ ସଭାପତି ପି.ଟି. ଉଷା ପ୍ରକାଶ କରିଛନ୍ତି।

### ଆଥ୍‌ଲେଟିକ୍ସରେ ସର୍ବାଧିକ ୨୯ ପ୍ରତିଯୋଗୀ

ଆଭା ଖଟୁଆଙ୍କ ଅନୁପସ୍ଥିତି ସତ୍ତ୍ୱେ ଆଥ୍‌ଲେଟିକ୍ସ ଇଭେଣ୍ଟରେ ଭାରତରୁ ସର୍ବାଧିକ ୨୯ (୧୧ ମହିଳା, ୧୮ ପୁରୁଷ) ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଶୁଟିଂରେ ୨୧ ଶୁଟର ଓ ହକିରେ ୧୯ ଖେଳାଳି ପ୍ରତିନିଧିତ୍ୱ କରିବେ। ଟେବୁଲ ଟେନିସରେ ୮ ଏବଂ ବ୍ୟାଡ୍‌ମିଣ୍ଟନରେ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁଙ୍କ ସମେତ ୭ ଜଣ ଭାଗନେବେ। ଏହା ବ୍ୟତୀତ ରେସ୍‌ଲିଂରେ ୬, ଆର୍ଚ୍ଚେରୀରେ ୬, ବକ୍ସିଂରେ ୬, ଗଲ୍ଫରେ ୪, ଟେନିସରେ ୩, ସୁଇମିଂରେ ୨, ସେଲିଂରେ ୨ ଏବଂ ଇକ୍ୱେଷ୍ଟ୍ରେନ, ଜୁଡୋ, ରୋଇଂ ଓ ଭାରୋତ୍ତୋଳନରେ ଜଣେ ଲେଖାଏ ପ୍ରତିନିଧିତ୍ୱ କରିବେ। ଭାରତୀୟ ଶୁଟିଂ ଦଳରେ ୧୧ ମହିଳା ଓ ୧୦ ପୁରୁଷ ସାମିଲ ଥିବାବେଳେ ଟେବୁଲ ଟେନିସର ଉଭୟ ମହିଳା ଓ ପୁରୁଷ ବର୍ଗରେ ୪ ଜଣ ଲେଖାଏ ଖେଳିବେ। ଟୋକିଓ ଅଲିମ୍ପିକ୍ ସିଲ୍‌ଭର ମେଡାଲିଷ୍ଟ ମୀରାବାଈ ଚାନୁ ଏକମାତ୍ର ଭାରୋତ୍ତୋଳିକା ଭାବେ ଭାରତୀୟ ପ୍ରତିନିଧି ଦଳରେ ସାମିଲ ଅଛନ୍ତି। ସେ ମହିଳା ୪୯ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଟୋକିଓ ଅଲିମ୍ପିକ୍ସରେ ଭାରତରୁ ୧୧୯ ଆଥ୍‌ଲେଟ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୭ ପଦକ ଅର୍ଜନ କରିଥିଲା। ଏହା ମଧ୍ୟରେ ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ପଦକ ସାମିଲ ଥିଲା। ପ୍ୟାରିସରେ ନୀରଜ ନିଜ ସ୍ୱର୍ଣ୍ଣ ପଦକ ଡିଫେଣ୍ଡ କରିବା ପାଇଁ ଚେଷ୍ଟା କରିବେ।

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ମୋଟ ୨୧ କଣ୍ଟିଜେଣ୍ଟ ଅଫିସିଆଲ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧ ଜଣ ଗେମ୍ସ ଭିଲେଜରେ ରହିବେ। ସେମାନଙ୍କ ମଧ୍ୟରେ ନାରଙ୍ଗ, ୨ ଜଣ ଡେପୁଟି ଚିଫ୍ ଡି ମିଶନ, ପ୍ରେସ୍ ଆଟାଚ୍, ୨ ହେଡ୍ କ୍ୱାର୍ଟର ଅଫିସିଆଲ୍ସ ଏବଂ ୫ ମେଡିକାଲ ଟିମ୍ ମେମ୍ବର ସାମିଲ। ଅବଶିଷ୍ଟ ୧୦ ଅଫିସିଆଲ୍ (୮ ମେଡିକାଲ ଟିମ୍ ମେମ୍ବର, ସୋସିଆଲ୍ ମିଡିଆ ଆଟାଚ୍ ଓ ଜଣେ ଟିମ୍ ଅଫିସିଆଲ୍) ଗେମ୍ସ ଭିଲେଜ ନିକଟରେ ଥିବା ହୋଟେଲରେ ରହିବେ। ଏମାନଙ୍କ ଖର୍ଚ୍ଚ ସରକାର ବହନ କରିବେ। ଶୁଟିଂରେ ସର୍ବାଧିକ ୧୮ ଜଣ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ଓ ୬ କୋଚ୍ ଗେମ୍ସ ଭିଲେଜରେ ରହିବେ। ଅବଶିଷ୍ଟ ୧୧ (୪ କୋଚ୍, ୪ ଫିଜିଓ, ୨ ମନସ୍ତତ୍ତ୍ୱବିତ୍, ଜଣେ ଷ୍ଟ୍ରେଙ୍ଗ୍ଥ ଆଣ୍ଡ କଣ୍ଡିଶନିଂ ଏକ୍ସପର୍ଟ) ହୋଟେଲରେ ଅବସ୍ଥାନ କରିବେ। ଆଥ୍‌ଲେଟିକ୍ସରେ ୧୭, ରେସଲିଂରେ ୧୨, ବକ୍ସିଂରେ ୧୧, ହକିରେ ୧୦, ଟେବୁଲ ଟେନିସରେ ୯, ବ୍ୟାଡ୍‌ମିଣ୍ଟନରେ ୯, ଗଲ୍ଫରେ ୭, ଇକ୍ୱେଷ୍ଟ୍ରେନରେ ୫, ଆର୍ଚ୍ଚେରୀରେ ୪, ସେଲିଂରେ ୪, ଭାରୋତ୍ତୋଳନରେ ୪, ଟେନିସରେ ୩, ସୁଇମିଂରେ ୨ ଓ ଜୁଡୋରେ ଜଣେ ସପୋର୍ଟ ଷ୍ଟାଫ୍ ରହିବେ।





### ଭିଲେଜରେ ରହିବେନି ଗଲ୍ଫ ଟିମ୍

ଅଲିମ୍ପିକ୍ସର ଗଲ୍ଫ ପ୍ରତିଯୋଗିତା ସେଣ୍ଟ-କ୍ୱେଣ୍ଟିନ-ଏନ୍-ୟେଭେଲିନ୍ସର ଗୁୟାନକୋର୍ଟସ୍ଥିତ ଲି ଗଲ୍ଫ ନ୍ୟାଶନାଲରେ ଅନୁଷ୍ଠିତ ହେବ। ଏହା ପ୍ୟାରିସଠାରୁ ୪୨ କିଲୋମିଟର ଦୂର। ଭ୍ରମଣ ସମସ୍ୟା ଏଡ଼ାଇବା ପାଇଁ ଭାରତୀୟ ଗଲ୍ଫ ପ୍ରତିନିଧି ଦଳ ଗେମ୍ସ ଭିଲେଜରେ ନ ରହି ଭେନ୍ୟୁ ନିକଟସ୍ଥ ହୋଟେଲରେ ରହିବେ। ଗଲ୍ଫ ଖେଳାଳି ଓ ଇଣ୍ଡିଆନ ଗଲ୍ଫ ୟୁନିୟନର ଅନୁରୋଧକ୍ରମେ ଖେଳାଳି, କୋଚ୍, ଫିଜିଓ ଓ କାଡି (ଗଲ୍ଫ ଖେଳାଳିଙ୍କ ସରଞ୍ଜାମ ବୋହିବାକୁ ଉଦ୍ଦିଷ୍ଟ ବ୍ୟକ୍ତି)ଙ୍କୁ ମିଶାଇ ପୂରା ଗଲ୍ଫ ଟିମ୍‌ର ରହିବା ବ୍ୟବସ୍ଥା ପ୍ରତିଦ୍ୱନ୍ଦ୍ୱିତା ଭେନ୍ୟୁର ନିକଟ ହୋଟେଲରେ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ୟାରିସ୍ ଆୟୋଜକ କମିଟି ଭାରତୀୟ ପ୍ରତିନିଧି ଦଳ ପାଇଁ ଡ୍ରାଇଭରଙ୍କ ବିନା ୩ଟି କାର୍ ଯୋଗାଇଦେବ। ଏହି କାର୍ ପାଇଁ ଅସ୍ଥାୟୀ ଡ୍ରାଇଭର ଦେବାକୁ ପ୍ୟାରିସରେ ଥିବା ଭାରତୀୟ ଦୂତାବାସକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ପୂର୍ବତନ କ୍ରିକେଟରଙ୍କୁ ଗୁଳିକରି ହତ୍ୟା

**କଲମ୍ବୋ,୧୭।୭**



ଶ୍ରୀଲଙ୍କାର ପୂର୍ବତନ ୧୯ ବର୍ଷରୁ କମ୍ କ୍ରିକେଟ ଦଳର ଅଧିନାୟକ ଧାମିକା ନିରୋଶାନାଙ୍କୁ ବୁଧବାର ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ଗାଲେ ଜିଲାର ଆମ୍ବାଲାଙ୍ଗୋଡାସ୍ଥିତ ନିଜ ଘରେ ଥିବାବେଳେ ଏହି ଘଟଣା ଘଟିଥିଲା। ଶ୍ରୀଲଙ୍କା ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ୨୦୦୪ରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିବା ୪୧ ବର୍ଷୀୟ ଧାମିକାଙ୍କ ପତ୍ନୀ ଓ ୨ ଜଣ ଛୁଆ ଅଛନ୍ତି। ଜଣେ ଦ୍ରୁତ ବୋଲର ଓ ନିମ୍ନକ୍ରମରେ ଉପଯୋଗୀ ବ୍ୟାଟିଂ କରିବାର ଦକ୍ଷତା ରଖନ୍ତି ଧାମିକା। ୨୦୦୦ ମସିହାରେ ପଦାର୍ପଣ କରିଥିଲେ ଧାମିକା। ବିଭିନ୍ନ ବୟସ ବର୍ଗରେ ଖେଳିବା ସହ ୨୦୦୨ରେ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ରହିଥିଲେ। ଆଞ୍ଜେଲୋ ମାଥ୍ୟୁସ, ପରଭେଜ୍ ମହାରୁଫ୍ ଓ ଉପୁଲ ଥରଙ୍ଗାଙ୍କ ପରି ଖେଳାଳି ତାଙ୍କ ସହିତ ଏକାଠି କ୍ରିକେଟ ଖେଳିଥିଲେ। ପ୍ରଥମେ ଚିଲାଓ୍ୱ ମାରିଆନ୍ସ ସିସି ଓ ପରେ ଗାଲେ ସିସି ପକ୍ଷରୁ ସେ ଖେଳିଥିଲେ। ସେ ୧୨ ପ୍ରଥମ ଶ୍ରେଣୀ ଓ ୮ ଲିଷ୍ଟ ଏ ମ୍ୟାଚ୍ ଖେଳି ୩୦୦ରୁ ଅଧିକ ରନ୍ ସ୍କୋର କରିବା ସହ ୧୯ ଉଇକେଟ ଅକ୍ତିଆର କରିଥିଲେ।





# ଭାରତୀୟ ଦଳରେ କିଟ୍‌ରୁ ୨, ଉତ୍କଳରୁ ୧



ଅତିଥିଙ୍କ ସହ ଇଣ୍ଡିଆନ ୟୁନିଭର୍ସିଟିଜ୍ ବାସ୍କେଟବଲ ଦଳ।

**ଏସୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ)**

ଏସୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ (ପୁରୁଷ) ଚାମ୍ପିୟନଶିପ୍‌ର ୭ମ ସଂସ୍କରଣ ତାଇପେଠାରେ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳରେ କିଟ୍‌ରୁ ୨ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜଣେ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ କିଟ୍‌ର ନିପୁନ ଅସୱାଲ ଓ ୟୁସୁଫ ମାସିୱି ଏବଂ ଉତ୍କଳର ଅଭିଷେକ ପଣ୍ଡା। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ଦିଆଯାଇଥିଲା। ଚଳିତ ମାସ ୧୨ ଓ ୧୩ତାରିଖରେ ହୋଇଥିବା ଟ୍ରାଏଲ୍ସରେ ୧୯ଟି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୪୫ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। କିଟ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ମନୋନୀତ ଖେଳାଳିଙ୍କୁ ନେଇ କିଟ୍ ପରିସରରେ ଅଗଷ୍ଟ ୧୬ରୁ ଏକ କୋଚିଂ କ୍ୟାମ୍ପ ଆରମ୍ଭ ହେବ। ୩୧ ତାରିଖରେ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳ ଚାଇନିଜ୍ ତାଇପେ ଯାତ୍ରା କରିବ। ଚୟନ ଟ୍ରାଏଲ୍ସର ସୁପରିଚାଳନାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ଏଆଇୟୁ ଯୁଗ୍ମ ସମ୍ପାଦକ(ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଳଜିତ ସିଂ ସେଖୋନ। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ସିନ୍ ନଦୀରେ ପହଁରିଲେ ପ୍ୟାରିସ୍ ମେୟର

**ପ୍ୟାରିସ୍,୧୭।୭ (ପି.ଟି.):** ଅଲିମ୍ପିକ୍ସ ୨୦୨୪ ପୂର୍ବରୁ ସିନ୍ ନଦୀର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ନଦୀରେ ସନ୍ତରଣର ଟ୍ରାୟାଥ୍ଲନ ଓ ମାରାଥନ ଇଭେଣ୍ଟ ମଧ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସିନ୍ ନଦୀର ପ୍ରଦୂଷିତ ପାଣି କାରଣରୁ ଶହେ ବର୍ଷ ହେଲାଣି ଏଠାରେ ସନ୍ତରଣ ଉପରେ ବ୍ୟାନ୍ ଲାଗିଛି। ତେବେ ବୁଧବାର ସମସ୍ତଙ୍କୁ ଭୁଲ ପ୍ରମାଣିତ କରି ଏହି ନଦୀରେ ସନ୍ତରଣ କରିଛନ୍ତି ପ୍ୟାରିସ ମେୟର ଆନ୍ନି ହିଡାଲଗୋ। ଆନ୍ନି, ପ୍ୟାରିସ୍ ୨୦୨୪ ମୁଖ୍ୟ ଟୋନି ଏଷ୍ଟାନଗୁଏଟ ଓ ଜଣେ ସରକାରୀ ଅଧିକାରୀ ମାର୍କ ଗୁଇଲାମେ ଓ ଅନ୍ୟମାନେ ସନ୍ତରଣ କରିଥିଲେ। ସିଟି ହଲ୍‌ରୁ ସେ ସନ୍ତରଣ କରି ନଟ୍ରେ ଡେମ୍ କ୍ୟାଥେଡ୍ରାଲରେ ପହଞ୍ଚିଥିଲେ। ନଦୀରୁ ବାହାରିବା ପରେ ସେ ପାଣି ବେଶ୍ ପରିଷ୍କାର ଥିବା କହିଛନ୍ତି। ପାଣି ସାମାନ୍ୟ ଥଣ୍ଡା ଥିଲେ ମଧ ଏହାର ସ୍ୱଚ୍ଛତା ଠିକ୍ ରହିଛି ବୋଲି ସେ କହିଥିଲେ। ଏହି ନଦୀକୁ ସଫା କରିବା ପାଇଁ ଫ୍ରାନ୍ସ ସରକାର ୧.୫ ବିଲିୟନ ଡଲାର ଅର୍ଥ ମଧ ବ୍ୟୟ କରି ଏକ ଭୂତଳ ଜଳଭଣ୍ଡାର ନିର୍ମାଣ କରିଥିଲେ।



ଆନ୍ନି ହିଡାଲଗୋ

# ଲୋବେରାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ଭୁବନେଶ୍ୱର,୧୭।୭(ସରୋଜ ଜେନା)**

୨୫ ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି) ପକ୍ଷରୁ ବୁଧବାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢାଇ ଦିଆଯାଇଛି। ପୂର୍ବରୁ ଲୋବେରାଙ୍କ ସହ ଓଏଫ୍‌ସି ୨ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲା। ୨୦୨୬ ଶେଷ ଯାଏ ଲୋବେରା କ୍ଲବର ମୁଖ୍ୟ କୋଚ୍ ଦାୟିତ୍ୱରେ ରହିବେ। ଲୋବେରାଙ୍କ ଅଧୀନରେ ଓଏଫ୍‌ସି ସମୁଦାୟ ୩୮ ମ୍ୟାଚ୍ ଖେଳି ୨୧ ବିଜୟ ସହ ୭ଟି ଡ୍ର ରଖିଛି। ଏହା ସହ ଦଳ ଆଇଏସ୍‌ଏଲ୍‌ରେ ସର୍ବୋଚ୍ଚ ଚତୁର୍ଥ ସ୍ଥାନ ମଧ ହାସଲ କରିଥିଲା। କ୍ରମାଗତ ୧୫ ମ୍ୟାଚ୍‌ରେ ଅପରାଜେୟ ରହିବା ସହ ଦଳ ଏଏଫ୍‌ସି କପ୍ ପାଇଁ ମଧ ଯୋଗ୍ୟତା ଅର୍ଜନ କରିଥିଲା। ଓଏଫ୍‌ସିର ଦୀର୍ଘସୂତୀ ଯୋଜନାରେ ସାମିଲ ହୋଇଥିବା କାରଣରୁ ଲୋବେରା ଖୁସି ଜାହିର କରିଛନ୍ତି। କ୍ଲବ ତାଙ୍କ ଉପରେ ଆଉଥରେ ଭରସା ଜାହିର କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶା ପାନ୍ଥର୍ସଙ୍କୁ ତୃତୀୟ ସ୍ଥାନ

**ଓଡ଼ିଶା କ୍ରିକେଟ ଲିଗ୍**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ତୃତୀୟ ସ୍ଥାନପାଇଁ ପ୍ଲେ-ଅଫ୍ ବୁଧବାର ଅନୁଷ୍ଠିତ ହୋଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଚିତାସକୁ ଡକ୍‌ୱର୍ଥ ଲୁଇସ ନିୟମ (ଡିଏଲ୍‌ଏସ୍)ରେ ୪ ରନରେ ହରାଇ ଓଡ଼ିସା ପାନ୍ଥର୍ସ ତୃତୀୟ ସ୍ଥାନ ହାସଲ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଚିତାସ୍ ଆର୍ଯ୍ୟଶ୍ରୀ ଡି. ଭଞ୍ଜଙ୍କ ଦ୍ରୁତ ଅପରାଜିତ ଶତକ (୫୩ ବଲ୍‌ରୁ ୧୦୦ ରନ) ସହାୟତାରେ ୨୦ ଓଭରରେ ୨ ଉଇକେଟ ହରାଇ ୧୯୯ ରନ କରିଥିଲା। ଶ୍ରେୟାଂଶ ଭରଦ୍ୱାଜ ୬୮ ରନକରି ଅପରାଜିତ ରହିଥିଲେ। ଜବାବରେ ପାନ୍ଥର୍ସ ୧୦ ଓଭରରେ ୧ ଉଇକେଟ ହରାଇ ୯୧ ରନ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ ବନ୍ଦ ରହିଥିଲା। ଫଳାଫଳ ପାଇଁ ଡିଏଲ୍‌ଏସ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ପାନ୍ଥର୍ସ ବିଜୟୀ ହୋଇଥିଲା। ଖେଳ ବନ୍ଦ ରହିବାବେଳକୁ ରାଜେଶ ଧୂପର ୩୭ ଓ ସମ୍ବିତ ସାହୁ ୨୫ ରନରେ ଅପରାଜିତ ରହିଥିଲେ। ଚିତାସ ପରାଜିତ ହୋଇଥିଲେ ହେଁ ଶତକ ହାସଲକାରୀ ଆର୍ଯ୍ୟଶ୍ରୀ ଭଞ୍ଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଓସିଏ ସଦସ୍ୟ ସରୋଜ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।





ଅତିଥିଙ୍କଠାରୁ ଆର୍ଯ୍ୟଶ୍ରୀ ଭଞ୍ଜ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆର୍ଜେଣ୍ଟିନା ଖେଳାଳିଙ୍କ ନାମରେ ଜାତିଆଣ ଅଭିଯୋଗ

**ପ୍ୟାରିସ୍, ୧୭।୭ (ପି.ଟି.):** କୋପା ଆମେରିକା ୨୦୨୪ ବିଜୟୀ ହୋଇଥିବା ଆର୍ଜେଣ୍ଟିନା ଦଳର ଖେଳାଳିଙ୍କ ନାମରେ ଜାତିଆଣ ଅଭିଯୋଗ ଆଣିଛି ଫ୍ରେଞ୍ଚ ସକର ଫେଡେରେଶନ। ଟାଇଟଲ ଜିତିବା ପରେ କିଛି ଆର୍ଜେଣ୍ଟିନା ଖେଳାଳି ଫ୍ରାନ୍ସ ଫୁଟ୍‌ବଲ ଖେଳାଳିଙ୍କୁ ଜାତିଆଣ ଓ ବ୍ୟକ୍ତିଗତ ଆକ୍ଷେପ କରିଥିବା ନେଇ ଫିଫା ନିକଟରେ ଅଭିଯୋଗ ହୋଇଛି। ରବିବାର ମାୟାମି ଗାର୍ଡେନ୍ସରେ ଅନୁଷ୍ଠିତ ଫାଇନାଲରେ କଲମ୍ବିଆକୁ ୧-୦ ଗୋଲରେ ପରାସ୍ତ କରିଥିଲା ଆର୍ଜେଣ୍ଟିନା। ଏହି ବିଜୟ ପରେ ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର ଏଞ୍ଜୋ ଫର୍ନାଣ୍ଡେଜ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଥିଲେ। 'ଏକ୍ସ'ରେ ଏହି ଭିଡିଓଟି ପରବର୍ତ୍ତୀ ମୁହୂର୍ତ୍ତରେ ବେଶ୍ ଭାଇରାଲ ହୋଇଥିଲା। ଏହି ଭିଡିଓରେ ଆର୍ଜେଣ୍ଟିନା ଦଳର ସମସ୍ତ ଖେଳାଳି ଫ୍ରାନ୍ସ ଖେଳାଳି ଯେଉଁମାନେ ଆଫ୍ରିକୀୟ ବଂଶଜ ସେମାନଙ୍କ ଉଦ୍ଦେଶ୍ୟରେ ଗୀତ ଗାଇଥିଲେ। ଚେଲ୍‌ସୀ ପକ୍ଷରୁ ଖେଳୁଥିବା ଫର୍ନାଣ୍ଡେଜ ଏହାକୁ ଶେୟାର କରିବା ପରେ ବିବାଦ ଦେଖା ଦେଇଥିଲା।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୩ ରୌପ୍ୟ, ୭ ବ୍ରୋଞ୍ଜ

**ଜାତୀୟ ଜୁନିୟର ପାରା ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୧୭।୭ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ୧୩ଶ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ମୋଟ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ମିଳିଛି। ଅନ୍ତିମ ଦିବସରେ ରାଜ୍ୟର ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରଥମ ଦିବସରେ ୧ ସ୍ୱର୍ଣ୍ଣ ଓ ଦୁଇ ବ୍ରୋଞ୍ଜ୍ ପଦକ ମିଳିଥିଲା।



କୋଚ୍ ଓ କର୍ମକର୍ତ୍ତାଙ୍କ ସହ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

# ବିଶ୍ୱ ଜୁନିୟର ସ୍କ୍ୱାଶରେ ବାୱାଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୧୭।୭ (ପି.ଟି.):** ଭାରତୀୟ ଖେଳାଳି ସୌର୍ଯ୍ୟ ବାୱା ବିଶ୍ୱ ଜୁନିୟର ସ୍କ୍ୱାଶରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେମିଫାଇନାଲରେ ଟପ୍ ସିଡ୍ ଇଜିପ୍ଟର ମହମ୍ମଦ ଜାକାରିଆଙ୍କଠାରୁ ପରାଜିତ ହେବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଗତ ସଂସ୍କରଣର ରନର ଅପ୍ ରହିଥିବା ମହମ୍ମଦ ଜାକାରିଆଙ୍କଠାରୁ ବାୱା ୫-୧୧, ୫-୧୧ ଓ ୯-୧୧ ସେଟ୍‌ରେ ହାରି ଯାଇଥିଲେ। ଏହି ମ୍ୟାଚ୍‌ଟି ମାତ୍ର ୪୧ ମିନିଟ ଧରି ଚାଲିଥିଲା। ଦ୍ୱିତୀୟ ଭାରତୀୟ ପୁରୁଷ ଖେଳାଳି ଭାବେ ସୌର୍ଯ୍ୟ ବିଶ୍ୱ ଜୁନିୟର ସ୍କ୍ୱାଶରେ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ୨୦୧୪ରେ କୁଶ କୁମାର ପ୍ରଥମ ଖେଳାଳି ଭାବେ ସେମି ଫାଇନାଲରେ ପ୍ରବେଶ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ